
ଧରିତ୍ରୀ
DHARITRI
ବାଲେଶ୍ୱର, ଗୁରୁବାର, ଅଗଷ୍ଟ ୧/୨୦୧୯ (୨୦ ପୃଷ୍ଠା) | Balasore, Thursday, August 1/2019 | ★★★★
୪୫ଶ ଭାଗ ୨୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
PAN MASALA
Watch at:
YouTube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। ୦% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଅଗଷ୍ଟ ୧/୨୦୧୯ | Balasore, Thursday, August 1/2019 | ପୃଷ୍ଠା-୧




**ସ୍ୱାମୀଙ୍କ ପ୍ରଶଂସକ ସୋନମ୍**

ସ୍ୱାମୀ ଆନନ୍ଦ ଆହୁଜାଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ସୋନମ୍ କପୁର । ଆନନ୍ଦ କୁଆଡ଼େ ତାଙ୍କ ପାଇଁ କାଇଣ୍ଡେଷ୍ଟ ଆଣ୍ଡ ନୋବେଲେଷ୍ଟ ।

୧୪

୧୭

**ନେତୃତ୍ୱକୁ ନେଇ ଉଲ୍ଲସିତ ହରମନପ୍ରୀତ**

୨୦୨୦ ଟୋକିଓ ଅଲିମ୍ପିକ୍ସ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟ ପାଇଁ ଭାରତ ପ୍ରସ୍ତୁତ ବୋଲି କହିଛନ୍ତି ଦଳର ନୂଆ ଅଧିନାୟକ ହରମନପ୍ରୀତ ସିଂ ।





ଭୁବନେଶ୍ୱରରେ ଲଗାତର ଲୁଟ୍ ଘଟଣାକୁ ନେଇ ରସୁଲଗଡ଼ ଛକଠାରେ ବୁଧବାର ସ୍ଥାନୀୟ ଲୋକେ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରୁଛନ୍ତି ।

■ ଭୁବନେଶ୍ୱରରେ ୨୪ ଘଣ୍ଟାରେ ୪ ବଡ଼ ଲୁଟ୍ ଘଟଣା

# କୋମାରେ କମିଶନରେଟ୍ ପୋଲିସ

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

କୋମା ସ୍ଥିତିକୁ ଚାଲିଗଲାଣି କମିଶନରେଟ ପୋଲିସ। ରାଜଧାନୀ ଭୁବନେଶ୍ୱରରେ ଲୁଟେରା ରାଜ୍ କଲେଣି। ସକାଳୁ ରାତି ପର୍ଯ୍ୟନ୍ତ ଫୁଟୁଛି ଗୁଳି, ବୁଲୁଛି ଖଣ୍ଡା ଭୁଜାଲି। ସହରରେ ପ୍ରତିଦିନ ଘଟିଚାଲିଛି ଲୁଟ୍‌ପାଟ ଓ ଡକାୟତି। ମଙ୍ଗଳବାର ଗୋଟିଏ ଥାନାଞ୍ଚଳରେ ୪ରୁ ଊର୍ଦ୍ଧ୍ୱ ବଡ଼ ଘଟଣା ଘଟାଇବା ପରେ ସହରବାସୀ ଆତଙ୍କିତ ହୋଇପଡ଼ିଲେଣି। ଲୁଟେରାମାନେ ବାଇକ୍‌ରେ ଗୋଟିକ ପରେ ଗୋଟିଏ ଘଟଣା ଘଟାଇ ଚାଲିଥିବାବେଳେ ଅତ୍ୟାଧୁନିକ ବ୍ୟବସ୍ଥା ସହ ଥିବା ପୋଲିସ ସତେ ଯେମିତି ଶୋଇଯାଇଥିଲା। ରାଜଧାନୀର ଏପରି ଅସୁରକ୍ଷିତ ସ୍ଥିତିକୁ ନେଇ ବୁଧବାର ସକାଳେ ଉତ୍ତ୍ୟକ୍ତ ଲୋକେ ରାଜରାସ୍ତାକୁ ଓହ୍ଲାଇଥିଲେ। ପୋଲିସ ବିରୋଧରେ ରାଜଧାନୀ ରାଜପଥରେ ଜଳିଥିଲା ନିଆଁ। ଅପାରଗ ପୋଲିସ ଅଧିକାରୀଙ୍କୁ ବଦଳି ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ସାଧାରଣ ଲୋକେ। ଫଳରେ ରସୁଲଗଡ଼ ଛକରେ ଦୀର୍ଘ ସମୟ ଧରି ଯାତାୟାତ ଠପ୍ ହୋଇଯାଇଥିଲା।

ମଙ୍ଗଳବାର ଭୋର୍‌ରୁ ଲୁଟେରା ଗ୍ୟାଙ୍ଗ୍ ପୋଲିସକୁ ଚ୍ୟାଲେଞ୍ଜ କରି ଆରମ୍ଭ କରିଥିଲେ ଅପରେଶନ। ସକାଳ ପ୍ରାୟ ୫ଟାରେ ପ୍ରଥମେ ଗାଡ଼କଣ ଆଦିମାତା କଲୋନୀରେ ରେଲ୍‌ୱେ କର୍ମଚାରୀ ଉମାକାନ୍ତ ମିଶ୍ର ଓ ତାଙ୍କ ପରିବାର ସଦସ୍ୟଙ୍କଠାରୁ ବନ୍ଧୁକ ଦେଖାଇ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲେ। ଏହାର ଅଧଘଣ୍ଟା ପରେ ଉକ୍ତ କଲୋନୀରେ ରହୁଥିବା ବରିଷ୍ଠ ନାଗରିକ ଦମ୍ପତି ତଥା ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜର ସଦାନନ୍ଦ ବିଶ୍ୱାଳଙ୍କୁ ଲୁଟେରାମାନେ ଭୁଜାଲି ଦେଖାଇ ଘରେ ପଶିଥିଲେ। ଆଲମାରିରୁ ୪ଲକ୍ଷ ଟଙ୍କାର ସୁନା ମୁଦି ଓ ଚେନ୍ ନେଇ ଫେରାର ହୋଇଯାଇଥିଲେ। ତୃତୀୟ ଘଟଣା ଘଟିଥିଲା କଟକ-ପୁରୀ ବାଇପାସ୍ ଜଗନ୍ନାଥ ସଡ଼କରେ। ମହିମା ମୋଟର୍ସ ନାମକ ଏକ ବ୍ୟବହୃତ କାର୍ ଶୋ'ରୁମ୍‌ରେ ଲୁଟେରାମାନେ ପହଞ୍ଚି ଆତଙ୍କ ଖେଳାଇଥିଲେ। ମାଲିକ ତାପସ କୁମାର ପରିଡ଼ା ଓ ଜଣେ ଗ୍ରାହକ ଭିକି ଶର୍ମାଙ୍କୁ ଭୁଜାଲିରେ ହାଣି ସୁନା ଚେନ୍ ସହ ୨ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଆକ୍ରମଣରେ ବହୁ ଆହତ ହୋଇଥିବାବେଳେ ତାପସ ଓ ଭିକିଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚତୁର୍ଥ ଘଟଣା ଘଟିଥିଲା ରାତି ପ୍ରାୟ ସାଢ଼େ ୧୨ଟାରେ। ମଞ୍ଚେଶ୍ୱର ଥାନା ନିକଟରେ ଥିବା ତୃପ୍ତି ହୋଟେଲର ମାଲିକ ବୁଲୁ ସାମନ୍ତରାୟ ବାଇକରେ ଘରକୁ ଫେରୁଥିବାବେଳେ ରସୁଲଗଡ଼ ପାଲାମଣ୍ଡପ ନିକଟରେ ଲୁଟେରାମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଭୁଜାଲିରେ ହାଣିବା ସହ ସେ ପିନ୍ଧିଥିବା ୫ଲକ୍ଷ ଟଙ୍କାର ସୁନାଚେନ୍ ଓ ବ୍ରେସ୍‌ଲେଟ୍ ଲୁଟିନେଇଥିଲେ।



■ ଲୁଟେରାଙ୍କ ପତ୍ତା ପାଇଲାନି ପୋଲିସ

■ ପ୍ରତିବାଦରେ ଜାତୀୟ ରାଜପଥ ଅବରୋଧ, ପୋଡ଼ାଜଳା

■ ଅପାରଗ ପୋଲିସ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଏହି ଘଟଣାକୁ ନେଇ ବୁଧବାର ସକାଳ ୯ଟାରେ ସ୍ଥାନୀୟ ବାସିନ୍ଦା ରସୁଲଗଡ଼ ଛକରେ ଧାରଣା ଦେବା ସହ ଟାୟାର ଜାଳି ପ୍ରତିବାଦ କରିଥିଲେ। ପୋଲିସ ଡାଉନ୍ ଡାଉନ୍ ଆଦି ନାନା ନାରାବାଜି ଦେବା ସହ ସହରବାସୀଙ୍କ ଜନଜୀବନର ସୁରକ୍ଷା ଓ ଅପରାଧୀଙ୍କୁ ଗିରଫ ଦାବି କରିଥିଲେ। ଫଳରେ ପ୍ରାୟ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗାଡିମୋଟର ଅଟକି ରହିଥିଲା। ମଞ୍ଚେଶ୍ୱର ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀ ଓ ଜୋନ୍ ଏସିପି ଅନିଲ କୁମାର ମିଶ୍ର ଲୋକଙ୍କୁ ବୁଝାଶୁଝା କରି ବିଫଳ ହେବା ପରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଏବଂ ଡିସିପି ଅନୁପ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ପେଶାଲ ସ୍କ୍ୱାଡ୍ ଘଟଣାର ତଦନ୍ତ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ କମିଶନର ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି କହିବା ପରେ ଲୋକେ ଆନ୍ଦୋଳନରୁ ହଟିଥିଲେ।

ଅନ୍ୟପକ୍ଷରେ ଅପରାହ୍ନରେ ଡିସିପିଙ୍କ କାର୍ଯ୍ୟାଳରେ ରସୁଲଗଡ଼ ବାସିନ୍ଦାଙ୍କୁ ନେଇ ପୋଲିସ ପକ୍ଷରୁ ଏକ ବୈଠକ ବସିଥିଲା। ଅପରାଧୀଙ୍କୁ ଧରିବା ସହ ଅପରାଧ ରୋକିବାରେ ପୋଲିସ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ପେସାଦାର ଅପରାଧୀ ଓ ନିଶା ବେପାରୀଙ୍କୁ ଚିହ୍ନଟ କରିବାରେ ଯୁବକମାନେ ସହଯୋଗ କରିବେ ବୋଲି କହିଥିଲେ। ହେଲେ ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ କମିଶନରେଟ ପୋଲିସ କୌଣସି ଲୁଟେରାଙ୍କୁ ଧରିପାରିନି। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ନିଶା କାରବାର ଓ ଲୁଟପାଟ ବଢ଼ିବା ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଯଦି ପୋଲିସ ଯେସାକୁ ତେସା ନୀତି ଆପଣାଇବ ତେବେ ଆଗାମୀ ପରିସ୍ଥିତି ଭୟଙ୍କର ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

■ କ୍ୟାବିନେଟ ମଞ୍ଜୁରୀ

## ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ୩୩କୁ ବୃଦ୍ଧି

**ନୂଆଦିଲ୍ଲୀ,୩୧।୭**

କେନ୍ଦ୍ର କ୍ୟାବିନେଟ ବୁଧବାର ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୩୩କୁ ବୃଦ୍ଧି କରିଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ବାଦ୍ ଦେଇ ଏହି ସଂଖ୍ୟା ପୂର୍ବରୁ ୩୦ ଥିବାବେଳେ ଏବେ ଏଥିରେ ଆଉ ୨ ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟର ଅନୁମୋଦନ ମିଳିଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି। କ୍ୟାବିନେଟ ବୈଠକ ପରେ ଗଣମାଧ୍ୟମକୁ ଜାଭଡେକର କହିଛନ୍ତି, ସୁପ୍ରିମକୋର୍ଟରେ ସିଜେଆଇଙ୍କ ସମେତ ୩୧ ବିଚାରପତି କାର୍ଯ୍ୟରତ ଅଛନ୍ତି। ବିଚାରପତି ବୃଦ୍ଧି ପାଇଁ ଉଦ୍ଦିଷ୍ଟ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେଲେ ଏହି ସଂଖ୍ୟା ୩୪ (ସିଜେଆଇଙ୍କୁ ମିଶାଇ)କୁ ବୃଦ୍ଧି ପାଇବ। ବିଚାରପତିଙ୍କ ସଂଖ୍ୟା ୨୫ରୁ ୩୦କୁ ବୃଦ୍ଧି କରିବା ପାଇଁ ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ଆଇନ, ୧୯୫୬ ଶେଷଥର ଲାଗି ୨୦୦୯ରେ ସଂଶୋଧନ ହୋଇଥିଲା। ସିଜେଆଇ ରଞ୍ଜନ ଗୋଗୋଇ ସର୍ବୋଚ୍ଚ ଅଦାଲତରେ ଅଧିକ ସଂଖ୍ୟ ବିଚାରପତିଙ୍କୁ ନିଯୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ବିଚାରପତି ନିଯୁକ୍ତିରେ ମନ୍ଥରତା ଯୋଗୁ ବହୁ ମାମଲା ଗଦୁଛି ବୋଲି ସେ ଦର୍ଶାଇଥିଲେ। ଏହା ପରେ କ୍ୟାବିନେଟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ପ୍ରକାଶ ଯେ, ସୁପ୍ରିମକୋର୍ଟରେ ୧୧,୫୯,୩୩୧ ମାମଲା ଗଦୁଛି ବୋଲି ରାଜ୍ୟ ସଭାରେ ଜୁଲାଇରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଉତ୍ତର ରଖାଯାଇଥିଲା।

■ ନଦୀ ଜଳ ବିବାଦ ବିଚାର ପାଇଁ ବିଲ୍ ଲୋକ ସଭାରେ ଗୃହୀତ

# ଗୋଟିଏ ଟ୍ରିବ୍ୟୁନାଲରେ ସବୁ ବିବାଦର ସମାଧାନ

**ନୂଆଦିଲ୍ଲୀ,୩୧।୭ (ପି.ଟି./ଆଇଏଏନ୍‌ଏସ୍)**

ଆନ୍ତଃ ରାଜ୍ୟ ନଦୀଜଳ ବିବାଦର ବିଚାରକୁ ସରଳ ଓ ସୁସଙ୍ଗତ କରିବା ପାଇଁ ଉଦ୍ଦିଷ୍ଟ ଇଣ୍ଟର ଷ୍ଟେଟ୍ ରିଭର ୱାଟର ଡିସ୍‌ପ୍ୟୁଟ୍ (ଆମେଣ୍ଡମେଣ୍ଟ) ବିଲ୍, ୨୦୧୯ ବିଲ୍ ବୁଧବାର ଲୋକ ସଭାରେ ଗୃହୀତ ହୋଇଛି। ଏହି ବିଧେୟକରେ ବିଭିନ୍ନ ଶାଖାକୁ ନେଇ ଏକକ ଟ୍ରିବ୍ୟୁନାଲ ଗଠନ ପାଇଁ ପ୍ରସ୍ତାବ ରହିଛି। ଗୃହରେ ବିତର୍କ ବେଳେ କଂଗ୍ରେସ ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଲ୍‌କୁ ବିରୋଧ କରି ପ୍ରସ୍ତାବିତ ଆଇନରେ ରାଜ୍ୟଗୁଡ଼ିକ ମଧ୍ୟରେ ବିଚାରବିମର୍ଶର ବ୍ୟବସ୍ଥା ନାହିଁ ଏବଂ ଏହା ସଂଘୀୟ ଢାଞ୍ଚା ଉପରେ ଆକ୍ରମଣ ବୋଲି ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ବିଜେଡି ପୂର୍ବରୁ ଏହି ବିଲ୍‌କୁ ବିରୋଧ କରିଥିଲେ ହେଁ ଏବେ ଆଭିମୁଖ୍ୟ ବଦଳାଇ ଏହାକୁ ସମର୍ଥନ କରିଛି।

ଆନ୍ତଃ ନଦୀ ଜଳ ବିବାଦ ଆଇନ, ୧୯୫୬ରେ ସଂଶୋଧନ ଆଣିବା ପାଇଁ ଉଦ୍ଦିଷ୍ଟ ବିଲ୍ ନିମ୍ନ ସଦନରେ ଧ୍ୱନିମତରେ ପାସ୍ ହୋଇଛି। ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ସଂଶୋଧନ ବିଲ୍‌କୁ ଆଗତ କରି ସବୁ ରାଜନୈତିକ ଦଳର ସମର୍ଥନ ଲୋଡ଼ିଥିଲେ। ସେ କହିଥିଲେ, ଏପରି ଉଦାହରଣ ରହିଛି ଯେଉଁଠି ଟ୍ରିବ୍ୟୁନାଲ ୩୩ ବର୍ଷ ଧରି ଗୋଟିଏ ନଦୀ ଜଳ ବିବାଦର ସମାଧାନ କରିପାରି ନାହିଁ। ଡିସ୍‌ପ୍ୟୁଟ୍ ରିଜୋଲ୍ୟୁଶନ୍ କମିଟି (ଡିଆରସି) ଜରିଆରେ ସମସ୍ତ ଜଳ ବିବାଦର ସମାଧାନ ଗୋଟିଏ ବ୍ୟବସ୍ଥାରେ କରାଇବା ହେଉଛି ଏହି ଚିଠା ଆଇନର ଉଦ୍ଦେଶ୍ୟ। ଜଳ ବିବାଦ ମାମଲା ଟ୍ରିବ୍ୟୁନାଲ୍‌କୁ ପଠାଇବା ପୂର୍ବରୁ କେନ୍ଦ୍ର ସରକାର ସମ୍ପୃକ୍ତ କ୍ଷେତ୍ରଗୁଡ଼ିକର ବିଶେଷଜ୍ଞମାନଙ୍କୁ ନେଇ ଡିଆର୍‌ସି ଗଠନ କରିବେ। ବକ୍ତବ୍ୟ ଶେଷରେ ସେ କହିଥିଲେ, ଚାହିଦା ପୂରଣ ପାଇଁ ମାତ୍ର ୪% ଜଳ ପୁଣି ପୂରଣ ହୋଇପାରିବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଜଳବାୟୁ ପରିବର୍ତ୍ତନ ଯୋଗୁ ସଙ୍କଟ ବଢ଼ିଚାଲିଥିବାବେଳେ ଜଳ ପରିଚାଳନା ନେଇ ଚିନ୍ତାକରିବା ସମୟର ଆହ୍ୱାନ। ଆମେ ଉଭୟ ଚାହିଦା ଓ ଯୋଗାଣ ଉପରେ ବିଚାର କରିବା ଜରୁରୀ। ଅନ୍ୟଥା ଏପରି ଏକ ସମୟ ଆସିବ, ଯେତେବେଳେ ଆମକୁ ଏହି ପ୍ରସଙ୍ଗ ଉପରେ ବାଧହୋଇ କାମ କରିବାକୁ ପଡ଼ିବ। ରାଜ୍ୟଗୁଡ଼ିକରେ ଜଳର ଚାହିଦା ବୃଦ୍ଧି ଓ ଆନ୍ତଃ ରାଜ୍ୟ ନଦୀଜଳ ବିବାଦ ବଢ଼ିବାରେ ଲାଗିଥିବାରୁ ଆନ୍ତଃ ରାଜ୍ୟ ନଦୀ ଜଳ ବିବାଦ ଆଇନ, ୧୯୫୬ରେ ସଂଶୋଧନ ଆଣିବା ପାଇଁ ଏହି ବିଲ୍ ଆଗତ କରାଯାଇଛି ବୋଲି ମନ୍ତ୍ରୀ ଶେଖାୱତ୍ କହିଥିଲେ। ଉଭୟ ଶାସକ ଓ ବିରୋଧୀ ପକ୍ଷର ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏନେଇ ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଲ୍‌ରେ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ। ଭାଜପାର ବରୁଣ ଗାନ୍ଧୀ ବିତର୍କରେ ଭାଗନେଇ କହିଥିଲେ, ଜଳକୁ କ୍ଷେତ୍ରୀୟ ଦୃଷ୍ଟିକୋଣରୁ ଦେଖିଲେ ଦେଶ କ୍ଷତିଗ୍ରସ୍ତ ହେବ। ତେଣୁ ଏହାକୁ ଜାତୀୟ ପୃଷ୍ଠଭୂମିରେ ବିଚାର କରାଯାଉ। ଆନ୍ତ ନଦୀଜଳ ବିବାଦର ଆଇନଗତ ସମାଧାନ ବଦଳରେ ରାଜନୈତିକ ସମାଧାନର ଆବଶ୍ୟକତା ରହିଛି। କାବେରୀ ତ୍ରିକୋଣ ଭୂମିରେ କୃଷିର ସବୁଠୁ କମ୍ ଅଭିବୃଦ୍ଧି ହୋଇଛି। ୫୦%ରୁ ଊର୍ଦ୍ଧ୍ୱ ନାମମାତ୍ର ଚାଷୀ କୃଷିକାର୍ଯ୍ୟ ଛାଡ଼ିଦେଇଛନ୍ତି। ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ଜୁଲାଇରେ ବିଲ୍ ଆଗତ ବେଳେ ରାଜ୍ୟଗୁଡ଼ିକର ପରାମର୍ଶ ନିଆଯାଇ ନ ଥିବାରୁ ତାଙ୍କ ଦଳ ଏହାକୁ ବିରୋଧ କରିଥିଲା। କିନ୍ତୁ ବିଚାରରେ ଉନ୍ନତି ଆସିବ ବୋଲି ଏଥିରେ ପ୍ରତିଶ୍ରୁତି ଦିଆଯାଇଛି। ଏବେ ସେ ବିଲ୍‌କୁ ସମର୍ଥନ କରୁଛନ୍ତି। ବିଲ୍ ଆଗତ ବେଳେ ସେ ଉଠାଇଥିବା କେତେକ ଦିଗ ପ୍ରତି ସରକାର ଯତ୍ନବାନ ହୋଇଛନ୍ତି। ତେବେ କେତେକ ପ୍ରଶ୍ନ ଅନୁତ୍ତରିତ ରହିଛି। ଟ୍ରିବ୍ୟୁନାଲ୍ସ ଆୱାର୍ଡକୁ କାର୍ଯ୍ୟକାରୀ କରିବା ବେଳେ ଆସୁଥିବା ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ଏଥିରେ କି ପ୍ରକାର ବ୍ୟବସ୍ଥା ରହିଛି ବୋଲି ଭର୍ତ୍ତୃହରି ପ୍ରଶ୍ନ କରିଥିଲେ।


☞ପୃଷ୍ଠା-୨

**ବିଜେଡିର ୟୁ-ଟର୍ନ: ପ୍ରଥମେ ବିରୋଧ, ଏବେ ସମର୍ଥନ**

■ ସିସିଡି ପ୍ରତିଷ୍ଠାତା ସିଦ୍ଧାର୍ଥଙ୍କ ମୃତଦେହ ଉଦ୍ଧାର

## ଋଣ ଯୋଗୁ ଚାଲିଗଲା ଜୀବନ

**ନୂଆଦିଲ୍ଲୀ,୩୧।୭**



ଦେଶର ସର୍ବବୃହତ କଫି ଚେନ୍ କ୍ୟାଫେ କଫି ଡେ (ସିସିଡି)ର ପ୍ରତିଷ୍ଠାତା ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍. ଏମ୍. କ୍ରିଷ୍ଣାଙ୍କ ଜାମାତା ଭି. ଜି. ସିଦ୍ଧାର୍ଥ (୬୦)ଙ୍କ ମୃତଦେହ ବୁଧବାର ସକାଳେ ମାଙ୍ଗାଲୁରର ନେତ୍ରବତୀ ନଦୀରୁ ଉଦ୍ଧାର କରାଯାଇଥିଲା। ମତ୍ସ୍ୟଜୀବୀମାନେ ଉଲ୍ଲାର ପୋଲ ଠାରୁ ଅଳ୍ପ ଦୂରରେ ତାଙ୍କର ମୃତଦେହକୁ ଠାବ କରିଥିଲେ। ଏହାପରେ ତାଙ୍କ ପରିବାର ଓ ବନ୍ଧୁବାନ୍ଧବ ସିଦ୍ଧାର୍ଥଙ୍କ ଶବକୁ ଚିହ୍ନଟ କରିଥିଲେ। ସୋମବାର ରାତିରୁ ଉକ୍ତ ପୋଲ ଠାରୁ କିଛି ଦୂରରୁ ସେ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଖୋଜିବା ଲାଗି ପ୍ରାୟ ୨୦୦ ଲୋକଙ୍କୁ ନିୟୋଜିତ କରାଯାଇଥିଲା। ଦୀର୍ଘ ୩୬ ଘଣ୍ଟାର ପରିଶ୍ରମ ପରେ ଉଦ୍ଧାର ମୃତଦେହର ବ୍ୟବଚ୍ଛେଦ କରାଯାଇଥିଲା। ବଜାରରେ ଅତ୍ୟଧିକ ଋଣ କରିଥିବାବେଳେ ଏହାକୁ ପରିଶୋଧ କରିବାକୁ ସେ ସମର୍ଥ ହୋଇ ନ ପାରିବାରୁ ଶେଷରେ ସେ ଆତ୍ମହତ୍ୟା ପନ୍ଥା ବାଛି ନେଇଥିଲେ। ତାଙ୍କର ପାର୍ଥିବ ଶରୀରକୁ ନିଜ ଜିଲା ଚିକମଙ୍ଗଲୁରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଭୋକାଲିଗା ସମ୍ପ୍ରଦାୟର ପ୍ରଥା ଅନୁଯାୟୀ ତାଙ୍କର ଅନ୍ତ୍ୟେଷ୍ଟି ସମ୍ପନ୍ନ ହୋଇଥିଲା ବେଳେ ପୁତ୍ର ଅର୍ମତ୍ୟ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍.ୟେଦ୍ୟୁରପ୍ପା, ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ.ଡି.କୁମାରସ୍ୱାମୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷକୃତ୍ୟ ସମ୍ପନ୍ନ ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଏମ୍.କ୍ରିଷ୍ଣା ତଥା ତାଙ୍କ ସ୍ତ୍ରୀ ପ୍ରେମା ଶୋକରେ ଭାଙ୍ଗି ପଡିଥିଲେ। ସୂଚନାଥାଉ କି, ଋଣବୋଝର ଚାପ ସହ୍ୟ କରି ନ ପାରି ସିଦ୍ଧାର୍ଥ ଶେଷରେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ।

■ ଆଜି ମହାପ୍ରଭୁଙ୍କ ଚିତାଲାଗି

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ, ୩୧।୭**

ଗୁରୁବାର ଚିତାଲାଗି ଅମାବାସ୍ୟା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚିତା ଲାଗି ନୀତି ସମ୍ପନ୍ନ ହେବ। ତିନିଠାକୁରଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରାଇବେ। ଏହି ସ୍ୱତନ୍ତ୍ର ନୀତି ପାଇଁ ପ୍ରଥମ ଭୋଗମଣ୍ଡପ ପରଠାରୁ ଅର୍ଥାତ୍ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪ଘଣ୍ଟା ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ସୂଚନାଥାଉ କି, ମହାପ୍ରଭୁ ଅଣସର ପିଣ୍ଡିକୁ ବିଜେ କରିବାବେଳେ ରତ୍ନ ଚିତା ଓଲାଗି କରାଯାଇଥିଲା। ରଥରେ ମହାପ୍ରଭୁ ସୋଲ ଚିତା ଲାଗି ହୋଇଥିଲେ। ପରମ୍ପରା ମୁତାବକ ଚିତାଲାଗି ଅମାବାସ୍ୟାରେ ଠାକୁରଙ୍କୁ ରତ୍ନଚିତା ଲାଗି କରାଯିବ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ୱେତ ହୀରା ଖଚିତ ସୁବର୍ଣ୍ଣ ଚିତା, ବଡଠାକୁର ମାଣିକ୍ୟ ଏବଂ ଦେବୀ ସୁଭଦ୍ରା ଲୀଳା ଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ।

**ପୁଣି କିରୋସିନ କୋଟା କମିଲା**

**ଅଗଷ୍ଟରୁ ମିଳିବ ୨ ଲିଟର**

........୨........

**ଆଜିର ସମ୍ପାଦକୀୟ**

**ଚତୁର କୁଆ**

**ଆଜିର ମନ୍ତବ୍ୟ**

" ଭାରତର ସେବା କରିବା ପାଇଁ ଛାତ୍ରୀଛାତ୍ର ସ୍ୱେଚ୍ଛାସେବୀ ଦରକାର।
-ରମେଶ ପୋଖରିୟାଲ୍ 'ନିଶଙ୍କ', ମାନବ ସମ୍ବଳ ବିକାଶ ମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 31.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 63 | 110 | 120 |
| BDK | 66 | 114 | 124 |
| BLS | 67 | 115 | 125 |
| ANG | 64 | 111 | 121 |
| BHM | 62 | 109 | 119 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers





## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ସୋନାକ୍ଷୀ
ପରିବାରବର୍ଗ


ଶୁଭସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀଠାରୁ ଜୁଲାଇ ମାସ ମଧ୍ୟରେ ଦେଶ ମଧ୍ୟରୁ ୨.୩୮ ଲକ୍ଷ ଟନ୍ କଫି ରପ୍ତାନି ହୋଇଛି।

-କଫି ବୋର୍ଡ

### ନୀତି ଆୟୋଗର ଏସିଆଇସି ସେଣ୍ଟର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର

# ସୃଜନଶୀଳତା କ୍ଷେତ୍ରରେ ନୂଆ ଅଧ୍ୟାୟ ଯୋଡ଼ିବ

ଭୁବନେଶ୍ୱର, ୩୧।୭(ବ୍ୟୁରୋ)

ଅଟଳ କମ୍ୟୁନିଟି ଇନୋଭେସନ ସେଣ୍ଟର (ଏସିଆଇସି) ଦେଶର ସୃଜନଶୀଳତା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଅଟଳ କମ୍ୟୁନିଟି ଇନୋଭେସନ ସେଣ୍ଟର ଏପରି ଏକ ମଞ୍ଚ ଯେଉଁଠି ଏକ ପରମ୍ପରାଗତ ସୃଜନଶୀଳ ବ୍ୟକ୍ତିଙ୍କ ନୂତନ ଚିନ୍ତାଧାରାକୁ ଆଧୁନିକତାର ମାର୍କେଟ୍ ସହ ଯୋଡିବାର ବ୍ୟବସ୍ଥା କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ନୀତି ଆୟୋଗର ଏସିଆଇସିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ଏହି ସେଣ୍ଟର ଦେଶର ଅର୍ଥନୀତି ଓ ରୋଜଗାରକୁ ବଢ଼ାଇବାରେ ବହୁତ ବଡ଼ ମାଧ୍ୟମ ହେବ। ବିନା ଅଟଳ କମ୍ୟୁନିଟି ସେଣ୍ଟରରେ ଭାରତ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ ହୋଇପାରିବ ନାହିଁ। ଉର୍ଜା ସଂରକ୍ଷଣରେ ଘରୋଇ ଇନୋଭେସନ ଥିବାବେଳେ ଏଥିରେ ରହିଥିବା ନୀତିଗତ ସଂସ୍କାରରେ ସୁଧାର ଆଣିଲେ ଦେଶର ରୋଜଗାର, ଆମଦାନୀ ଓ ପର୍ଯ୍ୟାବରଣରେ ପରିବର୍ତ୍ତନ ଆସିପାରିବ। ସବୁ ପଞ୍ଚାୟତରେ ଏହି ଏସିଆଇସି ସେଣ୍ଟର ହେବାର ଆବଶ୍ୟକତା ରହିଛି। ଆସନ୍ତା ୨୦ ବର୍ଷରେ ଉର୍ଜା ବ୍ୟବହାର କ୍ଷେତ୍ରରେ ଭାରତ ବିଶ୍ୱର ୧ ନମ୍ବର ଦେଶ ହେବ। ସେହି ସମୟରେ ବିକଳ୍ପ ଉର୍ଜାର ସମ୍ବଳ କ'ଣ ଏବଂ କେଉଁଥିରୁ ଉତ୍ପାଦନ ହୋଇପାରିବ ସେନେଇ ଏହି ସେଣ୍ଟର ଅଭିନବ କୌଶଳ ମାଧ୍ୟମରେ ବାହାର କରିବାର ଆବଶ୍ୟକତା ରହିଛି। ଦେଶରେ ୬ ଶହ ମିଲିୟନ ମେଟ୍ରିକ୍ ଟନ ନନ୍ ଫସିଲାଇଜଡ୍ ବାୟୋମାସ କାର୍ବନ ରହିଥିବାବେଳେ ଏହି କମ୍ୟୁନିଟି ସେଣ୍ଟର ନୂତନ ପଦ୍ଧତି ଜରିଆରେ ଏହି ଉର୍ଜାକୁ ବାହାର କରିପାରିବ। ଭାରତରେ ପାଖାପାଖି ୧ କୋଟି ଲୋକ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥାଆନ୍ତି। ଏହି କମ୍ୟୁନିଟି ସେଣ୍ଟର ସେମାନଙ୍କୁ ଯଦି ମାର୍କେଟ ସହ ଯୋଡିବାର ପ୍ରଶିକ୍ଷଣ ବା ଶିକ୍ଷା ପ୍ରଦାନ କରିବ ତେବେ ସେମାନେ ବିକୁଥିବା ୩୦ ଟଙ୍କାର ଦ୍ରବ୍ୟ ୨ଶହ ଟଙ୍କାରେ ବିକାଯାଇପାରିବ। ଫଳରେ ସେମାନେ ଲାଭବାନ ହୋଇପାରିବେ ବୋଲି ସେ କହିଛନ୍ତି। ଗରିବ ଶ୍ରେଣୀର ଲୋକଙ୍କୁ ଏହି ସେଣ୍ଟରରେ ଯୋଡ଼ିବା ନେଇ ନୀତି ଆୟୋଗର ଅଭିନବ ପଦକ୍ଷେପକୁ ଧର୍ମେନ୍ଦ୍ର ଭୂୟସୀ ପ୍ରଶଂସା କରିଛନ୍ତି।



ନୂଆଦିଲ୍ଲୀଠାରେ ନୀତି ଆୟୋଗର ଏସିଆଇସିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ।

### ପ୍ରଥମ ପୃଷ୍ଠାରୁ...

## ଗୋଟିଏ ଟ୍ରିବ୍ୟୁନାଲ୍‌ରେ ....

କାବେରୀ ଜଳ ଟ୍ରିବ୍ୟୁନାଲ ଆୱାର୍ଡ ୨୦୦୭ରେ ପ୍ରଦାନ କରାଯାଇଥିବାବେଳେ ଏଯାଏ କାର୍ଯ୍ୟକାରୀ କରାଯାଇ ନ ଥିବା ସେ କହିଥିଲେ।

ଅନ୍ୟପକ୍ଷରେ ସିପିଆଇଏମ୍‌ର ମଜିଦ୍ ଆରିଫ୍ ବିଲ୍‌କୁ ବିରୋଧ କରି ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ଗନ୍ଧ ବାରିଥିଲେ। ଏହାସହ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନେଇ ପ୍ରସ୍ତାବିତ ଚିଠା ଆଇନରେ କିଛି ନାହିଁ ବୋଲି କହିଥିଲେ। ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ ସବୁଠୁ ବେଶି ଜଳ ବିବାଦ ରହିଥିବା କଂଗ୍ରେସର ଏଚ୍. ବସନ୍ତକୁମାର ପ୍ରକାଶ କରିଥିଲେ। ଟିଆର୍‌ଏସ୍ ସଦସ୍ୟ ନାମା ନାଗେଶ୍ୱର ରାଓ ଏକ ଜାତୀୟ ଜଳ ନୀତି ପ୍ରଣୟନ ଦାବି କରି କହିଥିଲେ, ସେ ଏହି ବିଲ୍‌କୁ ସମର୍ଥନ କରୁଛନ୍ତି। କିନ୍ତୁ ଜଳ ବିବାଦ ସମାଧାନ କରିବାରେ ଏହା ସମ୍ପୂର୍ଣ୍ଣ ଭାବେ ସକ୍ଷମ ନୁହେଁ। ସାରା ଦେଶରେ ଚାଷକାର୍ଯ୍ୟରେ ସେଚନ ପାଇଁ ୪୦,୦୦୦ ଟିଏମ୍‌ସି ଏବଂ ପିଇବା ଓ ଶିଳ୍ପ ପାଇଁ ୧୦,୦୦୦ ଟିଏମ୍‌ସି ଜଳ ଆବଶ୍ୟକ ଥିବାବେଳେ ୭୦,୦୦୦ ଟିଏମ୍‌ସି (୨,୦୦୦ ମିଲିୟନ୍ କ୍ୟୁବିକ୍) ଜଳ ସମୁଦ୍ରକୁ ଯାଉଛି। ତେଣୁ ଏକ ଉତ୍ତମ ଜଳନୀତି ପ୍ରଣୟନ କରାଯାଉ। ୱାଇଏସ୍‌ଆର କଂଗ୍ରେସ ସଦସ୍ୟ ମିଥୁନ ରେଡ୍ଡୀ ବିଲ୍‌କୁ ସମର୍ଥନ କରି ନଦୀ ଜଳ ବିବାଦର ସମାଧାନ ୬ ମାସ ମଧ୍ୟରେ କରାଯାଉ ବୋଲି ଦାବି କରିଥିଲେ। ଜେଡିୟୁର ମହାବଳୀ ସିଂ ଜଳାଶୟଗୁଡ଼ିକ ନିର୍ମାଣ କରି ସେଗୁଡ଼ିକର ରକ୍ଷାବେକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ସେ ଟ୍ରିବ୍ୟୁନାଲଗୁଡ଼ିକ ରାଜ୍ୟଗୁଡ଼ିକର କଥା ନ ଶୁଣିଲେ କ'ଣ କରାଯିବ ସେନେଇ ବିଲ୍‌ରେ କିଛି ଉଲ୍ଲେଖ କରାଯାଇନାହିଁ ବୋଲି କହିଥିଲେ।

ପ୍ରକାଶ ଯେ, ପ୍ରସ୍ତାବ ଅନୁସାରେ ଅନେକ ଟ୍ରିବ୍ୟୁନାଲ ବଦଳରେ (ସମସ୍ତ ଶାଖାକୁ ନେଇ) ଗୋଟିଏ ଟ୍ରିବ୍ୟୁନାଲ ଗଠନ କରାଯିବ। ଏଥିରେ ଜଣେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ରହିବେ। ସଦସ୍ୟଙ୍କ ସଂଖ୍ୟା ୬ରେ ସୀମିତ ରହିବ। ସେମାନଙ୍କ ମଧ୍ୟରୁ ୩ ବିଚାରବିଭାଗୀୟ ଓ ୩ ବିଶେଷଜ୍ଞ ରହିବେ। ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ କାର୍ଯ୍ୟକାଳ ୫ ବର୍ଷ କିମ୍ବା ସେମାନଙ୍କୁ ୭୦ ବର୍ଷ ହେବା ପର୍ଯ୍ୟନ୍ତ (ଯେଉଁଟା ପ୍ରଥମେ ହେବ) ରହିବ। ଟ୍ରିବ୍ୟୁନାଲକୁ ବୈଷୟିକ ସହାୟତା ପ୍ରଦାନ ପାଇଁ ଆସେସର ନିଯୁକ୍ତ ହେବେ। କେନ୍ଦ୍ରୀୟ ଜଳ ଇଞ୍ଜିନିୟରିଂ ସେବାରେ କାର୍ଯ୍ୟରତ ମୁଖ୍ୟଯନ୍ତ୍ରୀ ପାହ୍ୟାର ବିଶେଷଜ୍ଞଙ୍କ ମଧ୍ୟରୁ ଜଣେ ଅଧିକାରୀଙ୍କୁ ଆସେସର ନିଯୁକ୍ତ କରାଯିବ। ଏଥିରେ ନଦୀଜଳ ବିବାଦର ବିଚାର ପାଇଁ ସର୍ବାଧିକ ସାଢ଼େ ଚାରିମାସ ସମୟ ଧାର୍ଯ୍ୟ କରାଯାଇଛି। ଟ୍ରିବ୍ୟୁନାଲ ଖଣ୍ଡପୀଠଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ଓ ତାକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକ ମାନିବା ପାଇଁ ବାଧ୍ୟ ହେବେ। ଏହା ବ୍ୟତୀତ କୋର୍ଟ ବାହାରେ ବିବାଦର ସମାଧାନ ବ୍ୟବସ୍ଥା ମଧ୍ୟ ପ୍ରସ୍ତାବିତ ଆଇନରେ ରହିଛି।

### ପୁଣି କିରୋସିନ କୋଟା କମିଲା

# ଅଗଷ୍ଟରୁ ମିଳିବ ୨ ଲିଟର

ଭୁବନେଶ୍ୱର,୩୧।୭(ବ୍ୟୁରୋ)

କେନ୍ଦ୍ର ସରକାର ରାଜ୍ୟ ପାଇଁ ଥିବା କିରୋସିନ କୋଟାକୁ ହ୍ରାସ କରିଚାଲିଛନ୍ତି। ରାଜ୍ୟକୁ କେନ୍ଦ୍ର ସରକାର ୨୦୧୧-୧୨ରେ ବର୍ଷକୁ ୪ ଲକ୍ଷ ୯୪୪ କିଲୋଲିଟର କିରୋସିନ ଦେଉଥିବା ବେଳେ ୨୦୧୨-୧୩ରେ ୩ ଲକ୍ଷ ୯୯ହଜାର କିଲୋଲିଟରକୁ ହ୍ରାସ କରିଥିଲେ। ସେହିପରି ୨୦୧୩-୧୪ରେ କିରୋସିନ କୋଟା ବର୍ଷକୁ ୩ ଲକ୍ଷ ୯୮ହଜାର ୯୮୮ କିଲୋଲିଟରକୁ ହ୍ରାସ କରାଯାଇଥିବା ବେଳେ ୨୦୧୪-୧୫ରେ ୩ ଲକ୍ଷ ୮୯ହଜାର, ୨୦୧୫-୧୬ରେ ୨ଲକ୍ଷ ୯୨ହଜାର, ୨୦୧୬-୧୭ରେ ୨ଲକ୍ଷ ୪୮ହଜାର, ୨୦୧୭-୧୮ରେ ୨ଲକ୍ଷ ୪୮ହଜାର ଏବଂ ୨୦୧୯-୨୦ରେ ୨ଲକ୍ଷ ୯ହଜାର କିଲୋଲିଟରକୁ ହ୍ରାସ କରିଛନ୍ତି। ତେବେ ଜୁଲାଇ ମାସ ସୁଦ୍ଧା ପ୍ରତ୍ୟେକ ମାସରେ କେନ୍ଦ୍ର ସରକାର ରାଜ୍ୟକୁ ୨୦ହଜାର ୭୦୦ କିଲୋଲିଟର କିରୋସିନ ଯୋଗାଇ ଦେଉଥିବା ବେଳେ ଅଗଷ୍ଟ ମାସରେ ଏହାକୁ ୧୬ ହଜାର ୩୮୪ କିଲୋଲିଟରକୁ ଖସାଇ ଦେଇଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ କାର୍ଡ ପାଇଥିବା ହିତାଧିକାରୀଙ୍କୁ କାର୍ଡ ପିଛା ୨.୫ ଲିଟର କିରୋସିନ ଦିଆଯାଉଥିଲା। ଏଣିକି ଅଗଷ୍ଟ ମାସରୁ ହିତାଧିକାରୀମାନଙ୍କୁ ୧.୮୯ ଲିଟର ଅର୍ଥାତ ୨ ଲିଟର କିରୋସିନ ଯୋଗାଇ ଦିଆଯିବ। ବୁଧବାର ପ୍ରଶ୍ନୋତ୍ତର ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି , ରାଜ୍ୟର ୪ଟି ଜିଲା କଟକ, ଖୋର୍ଦ୍ଧା, ସମ୍ବଲପୁର ଓ ସୁନ୍ଦରଗଡ଼କୁ ଅଣସବ୍‌ସିଡି କିରୋସିନ ଯୋଗାଇ ଦିଆଯାଉଛି। ଅନ୍ୟ ଜିଲାଗୁଡ଼ିକରେ କେତେ ଅଣସବ୍‌ସିଡି କିରୋସିନ ଦରକାର ସେ ନେଇ ଏକ ତାଲିକା ଦେବା ଲାଗି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୂଳ ପ୍ରଶ୍ନକର୍ତ୍ତା ବିଜେଡି ସଦସ୍ୟ ମୀନାକ୍ଷୀ ମହାନ୍ତ ପଚାରିଥିଲେ ଯେ, ଖଣି ଓ ଶିଳ୍ପ ଅଞ୍ଚଳକୁ କାର୍ଯ୍ୟ ଅନ୍ୱେଷଣରେ ଆସି ରହୁଥିବା ପରିବାରର ଖାଉଟି କାର୍ଡ ନାହିଁ। ସେମାନଙ୍କୁ ବିନା କାର୍ଡରେ କିରୋସିନ ଯୋଗାଇଦେବାକୁ ସରକାର କି ବ୍ୟବସ୍ଥା କରିଛନ୍ତି। ମନ୍ତ୍ରୀ କହିଥିଲେ, କେନ୍ଦ୍ର ସରକାରଙ୍କ ଦ୍ୱାରା ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଥିବା କିରୋସିନ କେବଳ ରାଶନ କାର୍ଡଧାରୀଙ୍କୁ ମିଳିପାରିବ। ରାଜ୍ୟର ୪ଟି ଜିଲାରେ ବିନା କାର୍ଡଧାରୀଙ୍କୁ ଅଣସବ୍‌ସିଡି କିରୋସିନ ଯୋଗାଇ ଦିଆଯାଉଛି। ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ଅତିରିକ୍ତ ପ୍ରଶ୍ନରେ ବର୍ଷାଦିନେ ବିଦ୍ୟୁତ୍ କାଟ୍ ହେଉଥିବାରୁ କିରୋସିନର ଆବଶ୍ୟକତା ରହିଛି। ଜିଲାପାଳଙ୍କୁ ତାଗିଦ କରି କିରୋସିନ ଯୋଗାଇ ଦେବା ବ୍ୟବସ୍ଥା କରିବେ କି ବୋଲି ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ବିଜେଡି ସଭ୍ୟ ବିଷ୍ଣୁବ୍ରତ ରାଉତରାୟ, ମଞ୍ଜୁଲା ସ୍ୱାଇଁ, ପ୍ରତାପ କେଶରୀ ଦେବ, ଉମାକାନ୍ତ ସାମନ୍ତରାୟ ଏବଂ କଂଗ୍ରେସ ସଦସ୍ୟ ମହମ୍ମଦ ମୋକିମ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ କେନ୍ଦ୍ର ସରକାର ୱାନ୍ ନେଶନ ଏବଂ ୱାନ ରାଶନ କାର୍ଡ ବ୍ୟବସ୍ଥା ପ୍ରଚଳନ କରିବାକୁ ଯାଉଛନ୍ତି। ରାଜ୍ୟରେ ସେହିପରି ବ୍ୟବସ୍ଥା ଭବିଷ୍ୟତରେ ହେବ କି। କଟକ ସହରରେ ଅନେକ ଲୋକ କିରୋସିନ ପାଉନାହାନ୍ତି। ସେମାନଙ୍କୁ ତୁରନ୍ତ ଯୋଗାଇଦେବା ବ୍ୟବସ୍ଥା କରିବେ କି। ୨୦୧୪ରୁ ୨୦୧୯ ମଧ୍ୟରେ ରାଜ୍ୟକୁ କେତେ କିରୋସିନ ଯୋଗାଇଛନ୍ତି। ଏନ୍‌ଏଫ୍‌ଏସ୍‌ଏ କାର୍ଡ ପାଇଁ ଅନେକ ଲୋକ ଅପେକ୍ଷା କରି ରହିଛନ୍ତି। କେବେ ସୁଦ୍ଧା କାର୍ଡ ଯୋଗାଇ ଦିଆଯିବ। ମନ୍ତ୍ରୀ କହିଥିଲେ ଯେ, ୱାନ୍ ନେଶନ ଓ ୱାନ୍ କାର୍ଡ ଏକ ଭଲ ଆଇଡିଆ। ରାଜ୍ୟ ସରକାର ମଧ୍ୟ ଏ ନେଇ ଭବିଷ୍ୟତରେ ପଦକ୍ଷେପ ନେବେ। କଟକ ଜିଲାକୁ କିରୋସିନ ଯୋଗାଇ ଦିଆଯାଉଛି। ଅଧିକ ଆବଶ୍ୟକ ହେଲେ ଜିଲାପାଳ ଜଣାଇବା ପରେ ପଦକ୍ଷେପ ନିଆଯିବ। ବାତ୍ୟା ପରେ ପୁରୀ ଜିଲାରେ ବିଦ୍ୟୁତ୍ ନ ଆସିବା ଯାଏ କିରୋସିନ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୨ ଥର ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ନେଇ ଅଭିଳଷିତ କାର୍ଯ୍ୟ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଦୋକାନବାଡି, ସତ୍‌ସଙ୍ଗ, ଆଲୋଚନା ତଥା ଭ୍ରମଣରେ ଲକ୍ଷ୍ୟ ପୂରଣ ହେବ। କିନ୍ତୁ ସାହିପଡ଼ିଶା, ବନ୍ଧୁବାନ୍ଧବ, ସହକର୍ମୀ, କରଜ ପ୍ରଭୃତିକୁ କେନ୍ଦ୍ରକରି କଳହ ଲାଗିପାରେ।

**ବୃଷ** ଉପରିସ୍ଥ କର୍ମଚାରୀଙ୍କ ସାହାଯ୍ୟ ନେଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ପରିବାରରେ ଅସାବଧାନତାବଶତଃ ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଯାତ୍ରା ସମୟରେ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ ଆଦି ଆନୁଷ୍ଠାନିକ କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ମିଥୁନ** ଆଜି ବନ୍ଧୁମିଳନ ସାଙ୍ଗକୁ ଅର୍ଥ ସମ୍ପର୍କିତ କୌଣସି କାର୍ଯ୍ୟରେ ବ୍ୟସ୍ତ ରହିବେ। ସତର୍କ ନ ରହିଲେ ପ୍ରତ୍ୟେକ କ୍ଷେତ୍ରରେ ଭଲ କହିଲେ ମଧ୍ୟ ଅନ୍ୟମାନେ ତାହାକୁ ଭେଲ ବୁଝିପାରନ୍ତି। ସନ୍ତାନଙ୍କ ବୈବାହିକ ସମ୍ପର୍କ ସ୍ଥାପନ ସକାଶେ ଆଲୋଚନା କରିବା ପାଇଁ ଭଲ ଦିନଟିଏ। ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଅନ୍ୟମାନଙ୍କ ନିକଟତର ହେବା ମାନସରେ ସେମାନଙ୍କ ସେବାରେ ନିଜକୁ ନିୟୋଜିତ କରିପାରନ୍ତି। ଭ୍ରମଣ କାଳରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବେ। ପୂର୍ବାହ୍ନରେ ସାଧାରଣ କଥାକୁ ନେଇ ପରିବାରରେ ମତାନ୍ତର ଘଟିପାରେ।

**ସିଂହ** ଆକସ୍ମିକ ସମସ୍ୟାକୁ ପ୍ରତିହତ କରି କାର୍ଯ୍ୟକ୍ଷେତ୍ରରେ ସଫଳତା ଅର୍ଜନ କରିପାରିବେ। ଈର୍ଷାପରାୟଣ ବ୍ୟକ୍ତିବିଶେଷ ନିଜର ଦୋଷଦର୍ଶିତା ଗୁଣ ହେତୁ ସମାଲୋଚନା କରିପାରନ୍ତି। ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ। ଭାବପ୍ରବଣତାବଶତଃ ନିଜର ଅସଂଯତ କାର୍ଯ୍ୟକଳାପ ପାଇଁ ନିଜ ଲୋକମାନଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

**କନ୍ୟା** ଆଜିର କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ। ଅଧିକାଂଶ ସମୟରେ ବିରୋଧ କଥା କହୁଥିବା କାରଣରୁ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ଦେଖାଦେଇପାରେ।

**ତୁଳା** ଆଜି ଯେତେ ଚେଷ୍ଟା କଲେ ମଧ୍ୟ କାମଗୁଡିକ ଆଶାନୁରୂପ ନ ହେବା କାରଣରୁ ମନ ଭଲ ରହିବ ନାହିଁ। ଭୋଗବିଳାସରେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ କିନ୍ତୁ ଅଫିସ ଭିତରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଗୃହସୀମା, ଜମିଜମା ବିବାଦଜନିତ କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ବନ୍ଧୁଙ୍କ ଆହ୍ୱାନକ୍ରମେ ସକାଳୁ ସକାଳୁ ଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ପ୍ରତିଟି ପଦକ୍ଷେପରେ ଅନ୍ୟର ଉପକାର ଚିନ୍ତା କରିବେ କିନ୍ତୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ପ୍ରତିଶ୍ରୁତି ପାଇ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ** ପାରିବାରିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ କିନ୍ତୁ ବୟସ୍କଙ୍କ ଆଶ୍ୱାସନା ମନରେ ଆଶା ସଂଚାର କରିବ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀ ମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାର ସୂଚନା ରହିଛି। ଅଫିସ ସଂକ୍ରାନ୍ତୀୟ କୌଣସି ଶୁଭଖବର ପାଇ ଉଲ୍ଲସିତ ହେବେ। ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇଯିବ ।

**ମକର** ଆଜି ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ସଭାସମିତି, ନୂତନ କର୍ମାରମ୍ଭ ସକାଶେ ଦିନଟି ବହୁତ ଭଲ। କିନ୍ତୁ ମାଲିମକଦ୍ଦମା, ରୁଗ୍‌ଣ ସ୍ୱାସ୍ଥ୍ୟ ସକାଶେ ଦୁଶ୍ଚିନ୍ତା ବଢ଼ିଯାଇପାରେ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାର ଚିନ୍ତା ସୃଷ୍ଟି ହେବ। ଠିକଣା ସମୟରେ ଉଚିତ ପଦକ୍ଷେପ ନେବା ଠିକ୍ ହେବ।

**କୁମ୍ଭ** ସମସ୍ୟା ଲାଗିରହିଥିଲେ ମଧ୍ୟ କୌଣସି କାମ ବାଧାପ୍ରାପ୍ତ ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବନ୍ଧୁ ଓ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। କର୍ମକ୍ଷେତ୍ରରେ ଧୀର ପାଣି ପଥର କାଟିବା ନ୍ୟାୟରେ କାମକରି ପ୍ରଶଂସିତ ହୋଇପାରନ୍ତି।

**ମୀନ** ଆଜି ମନ ଯେମିତି ଚାହୁଁଛି ସେହି କ୍ରମରେ କାମ ଗୁଡିକ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବ ନାହିଁ । ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ। ଯେତେ ଭଲ କାମ କଲେ ମଧ୍ୟ ବନ୍ଧୁଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ଆଜିର ଆଲୋଚନାରେ କୌଣସି ନିଷ୍ପତ୍ତି ନେବାରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

ଆଜି ଚିତାଲାଗି ଅମାବାସ୍ୟା, ଦିବା ଘ୮ ।୫୪ମି. ପରେ ଶୁକ୍ଳ ପ୍ରତିପଦାରମ୍ଭ, ଶ୍ରୀମନ୍ଦିରରେ ଚିତ୍ରକପର୍ବ, ଶ୍ରୀଜୀଉଙ୍କ ସୁବର୍ଣ୍ଣ ଚିତାଲାଗି, ଅଗଷ୍ଟ ୧ ତାରିଖ, ଗୁରୁବାର, ବିଶ୍ୱ ସ୍ତନ୍ୟପାନ ସପ୍ତାହାରମ୍ଭ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ୧୧ ।୦୭ମି. ଗତେ ଘ୧୨ ।୪୬ମି. ମଧ୍ୟେ, ଘ୨ ।୨୫ମି. ଗତେ ଘ୪ ।୦୪ମି. ମଧ୍ୟେ ଅମୃତବେଳା। ସକାଳ ଘ୬ ।୪୯ମି. ମଧ୍ୟେ ଘ୨ ।୨୫ମି. ଗତେ, ଘ୩ ।୦୪ମି. ମଧ୍ୟେ ମାହେନ୍ଦ୍ରବେଳା।

## classifieds Everyday
0674-2580101, 2549302

**real estate**

**SALE**

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

Flat for sale of 2 & 3BHK at Patrapada (walkable distance from NH), Bhubaneswar. Contact: 9861882233, 9437231479. D-66166

**Ready to construction BDA yellowzone boundary electricity plot near VSS Nagar, Chakeisihani. 9861372130, 9938106166.** D-66745

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

**construction**

**Construct your dream home with pillar beam and interior design from the experts. Contact: 7008550473.** D-13651

**to-let**

Tolet service for bachelor, family, girls, all over Bhubaneswar. 6371209927. D-64982

3BHK 1800 sqft. house near ITER College, Dumduma. Phone-8179751075. D-66266

**Open space for rent at Jaipur Mauja near Pahala, Hanspala, about 18000 sqft. 9853631559, 9338562829.** D-13648

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-67325

Rejuvenate and ayurvedic full body massage by smart therapist: 9114402304. D-67324

Summer special mesmerizing offer expert therapeutic refreshing massage appointment: 9668374480. D-67322

Full body herbal massage with refreshment, expert therapist. 7381239385, 0674-2540855. D-67326

Experience full body massage with us (expert). Call: 7377048581, 0674-2597822. D-67327

Herbal full body massage by smart/expert therapist. Contact: 8338067247. D-67328

Ayurvedic full body massage ladies & gents smart therapist. 9040900385. D-66935

Kajal ayurvedic massage club fully relaxed by smart lady, home service available. 9937637219. D-66934

**business**

No investment, no marketing. VICTA-MIN Medicated foodର ଜିଲ୍ଲାସ୍ତରୀୟ ବ୍ୟବସାୟିକ ଅଭିବୃଦ୍ଧି ନିମନ୍ତେ ଯୋଗାଯୋଗ କରନ୍ତୁ। 9937095535, 7978874131, 41 PPL Colony, Khandagiri, Bhubaneswar. D-13674

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13662

**AFFIDAVIT**

By virtue of an affidavit before Executive Magistrate, Bhograi, Baleswar, my name has been changed from Purnashisha Patra to Purnashis Patra, Hence therefore, I shall be treated same and one person namely as Purnashis Patra for all purpose. D-13673

**ନିରୁଦ୍ଦିଷ୍ଟ**




**ମୃତ୍ୟୁଞ୍ଜୟ ପାତ୍ର**

ପିତା: ଶ୍ରୀ ଚରଣ ପାତ୍ର, ବୟସ ୨୮ ବର୍ଷ ଗ୍ରାମ:ଦେଭୋଗ,ଚାତ୍ରା, ଜଗତ୍‌ସିଂହପୁର ସେ ତା.୧୬।୦୬।୧୯ରିଖରୁ ନିଖୋଜ ହୋଇଯାଇଛନ୍ତି। ସେ ମୂକ, ବଧିର ସହିତ ପାଠ ପଢିନାହାନ୍ତି। ଯଦି କେହି ସନ୍ଧାନ ପାଆନ୍ତି ତେବେ ନିମ୍ନରେ ଦିଆଯାଇଥିବା ନମ୍ବରରେ ଜଣାଇବାକୁ ଅନୁରୋଧ। ଖୋଜି ଆଣିବା ସହୃଦୟ ବ୍ୟକ୍ତିଙ୍କୁ ୧୦,୦୦୦ ହଜାର ଟଙ୍କା ଉପହାର ଦିଆଯିବ।

**Contact:**
**7205460171, 8917327180, 7978465819, 9937093888**

ଧ-୧୩୬୭୯

**ଜନ୍ମଦିନ ଶୁଭେଚ୍ଛା**



**ଶୁଭସ୍ମିତା (ଇତି)**

ଆଜି ତୋର ଶୁଭ ଜନ୍ମଦିନ ଅବସରରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୋର ନିରାମୟ ତଥା ଦୀର୍ଘଜୀବନର ପ୍ରାର୍ଥନା କରୁଅଛୁ।

**ଶୁଭେଚ୍ଛା ସହ:**

ବାପା, ମମି, ମା, ପୁଅ, ଜ୍ୟୋତି, ସାନପିଉସୀ, ପିଉସା, ଗୁଲୀ, ମାମୁ, ମାଇଁ, ଆଇ, ବଡ଼ ମା, ବଡ଼ ପିଉସୀ, ପିଉସା, ବଣ୍ଟି, ପିଣ୍ଟୁ, ପିଙ୍କି, ବନ୍ଧୁ ଓ ପରିବାରବର୍ଗ।

ଧ-୧୩୬୭୬

**Birthday Wish**



**Sonakshi Padhy**
**Brahmapur**

Happy Birth Day Goodlee. May Lord Jagannath bless you with loads of success and prosperity in life. Keep smiling always.

**Best Wishes:**

**Bapa, Maa, Papa, Mama, Dada, Khudi, Goon, Shreya and Shubham.**

D-13675

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ରାଜ୍ୟରେ ଭାଜପା-ବିଜେଡି ସରକାର ଚାଲିଛି: ତାରା

ଭୁବନେଶ୍ୱର,୩୧।୭(ବ୍ୟୁରୋ)

କେନ୍ଦ୍ର ସରକାର ମଙ୍ଗଳବାର ପାର୍ଲାମେଣ୍ଟରେ 'ତିନି ତଲାକ୍ ବିଲ୍' ପାସ୍ କରିଛନ୍ତି। ଏହାକୁ ସମର୍ଥନ କରିବା ପାଇଁ ବିଜେଡି ହୁଇପ୍ ଜାରି କରିଥିଲା। ଏଠାରେ ଭାଜପା-ବିଜେଡି ସରକାର ଚାଲିଛି ନା କ'ଣ ସେ ବିଷୟରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ପ୍ରତ୍ୟେକ ବିଲ୍‌କୁ ସମର୍ଥନ କରିବା ସହିତ ରାଜ୍ୟ ସଭା ସଦସ୍ୟଙ୍କଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ବିଜେଡି ଭାଜପାକୁ ସମର୍ଥନ କରୁଛି। ନିର୍ବାଚନ ପୂର୍ବରୁ ପ୍ରତି କ୍ଷେତ୍ରରେ ଉଭୟ ଦଳ ପରସ୍ପରକୁ ସମାଲୋଚନା କରୁଥିଲେ। ମାତ୍ର ଏବେ ପରସ୍ପର କୋଳାକୋଳି ହେଉଛନ୍ତି। ବିଜେଡିର ଏଭଳି ଡବଲ ଷ୍ଟାଣ୍ଡାର୍ଡ ନୀତି କାହିଁକି ସେ ନେଇ ମୁଖ୍ୟମନ୍ତ୍ରୀ ଗୃହରେ ସ୍ପଷ୍ଟ କରନ୍ତୁ ବୋଲି ବୁଧବାର ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କହିବା ସହ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ତାରାଙ୍କ ଏଭଳି ଆକ୍ରମଣାତ୍ମକ ଭଙ୍ଗୀ ଦେଖି ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପଏଣ୍ଟ ଅଫ୍ ଅର୍ଡର ଜରିଆରେ କହିଲେ ଯେ, ବିଜେଡି ସବୁବେଳେ ସମଦୂରତା ରଖିଆସିଛି। ଜନହିତକର ବିଲ୍‌ରେ ଆମେ ସମର୍ଥନ ଦେବାରେ କୌଣସି ଅସୁବିଧା ନାହିଁ। ୨୦ ବର୍ଷ ହେବ ମତଦାତା ଆପଣଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ତାରାଙ୍କୁ ଇଙ୍ଗିତ କରି କହିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ସବୁବେଳେ ମହିଳା ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଉଛନ୍ତି। ସେହି ଦୃଷ୍ଟିରୁ ତିନି ତଲାକ୍ ବିଲ୍‌କୁ ପାର୍ଲାମେଣ୍ଟରେ ସମର୍ଥନ ଦିଆଯାଇଛି। ଏହାକୁ ରାଜନୀତି ସହ ଯୋଡ଼ିବା କଥା ନୁହେଁ। ବିଜେଡି ସବୁବେଳେ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇଥାଏ।

## ଧୋତି କଥା ଉଠାଇଲେ ନରସିଂହ

କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଶୂନ୍ୟକାଳରେ ଧୋତି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, ରସଗୋଲା କଥା ଉଠୁଛି। ଆରିସା ପିଠା କଥା ଉଠୁଛି। ମାତ୍ର ଧୋତି ପିନ୍ଧୁଥିବା ମହାନ୍ ବ୍ୟକ୍ତିଙ୍କୁ ସଦସ୍ୟମାନେ ଭୁଲିଗଲେଣି। ଏହି ଗୃହରେ ୪ ଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନେ କେହି ଧୋତି ପିନ୍ଧନ୍ତି ନାହିଁ। ସେମାନେ ଧୋତି ବିଷୟରେ କିଛି ଜାଣନ୍ତି କି ନାହିଁ ତାହା ବି ମୁଁ ଜାଣିନାହିଁ। ବିଜୁ ପଟ୍ଟନାୟକ, ମହାତ୍ମା ଗାନ୍ଧୀ ଧୋତି ପିନ୍ଧୁଥିଲେ। ଗୋପବନ୍ଧୁ ଦାସ ଧୋତି ପିନ୍ଧୁଥିଲେ। ଆଜି ଧୋତି ପିନ୍ଧୁଥିବା ନେତାଙ୍କ କଥା ସମସ୍ତେ ଭୁଲିଗଲେଣି ବୋଲି ନରସିଂହ କହିଥିଲେ।

ଟାପାରିଆ® AN ISO-9001 CO.
"ଟାପାରିଆ" ଟୁଲ୍ସ କିଣନ୍ତୁ।
ଆପଣା ହାତେ କରାମତି ଅନୁଭବ କରନ୍ତୁ
"ପ୍ରତ୍ୟେକ ବ୍ୟକ୍ତି ହସ୍ତ ଉପକରଣ ଆବଶ୍ୟକ କରନ୍ତି"

TAPARIA
"ଟାପାରିଆ" କାମ ଦେଇରାଲେ ସାରା ଜୀବନ।
ହ୍ୟାଣ୍ଡ ଟୁଲ୍ସ ମନୁଷ୍ୟ ହସ୍ତର ଏକ ସମ୍ପ୍ରସାରଣ ଅଟେ
କୋଲ୍‌କାତା ଦୂରଭାଷ. 033 - 2215 1850 ଇମେଲ୍ : suyogtrading@gmail.com
ଆମକୁ ଏଠାରେ ଦେଖନ୍ତୁ www.tapariatools.com
TJM/TTL/19/ORI

# ବିନା ପାଇଖାନାରେ ଚାଲିଛି ସ୍କୁଲ

ଭୁବନେଶ୍ୱର,୩୧।୭(ବ୍ୟୁରୋ)

- ୪୪୧ ବାଳିକା ବିଦ୍ୟାଳୟ, ୧୪୮୫ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଶୌଚାଳୟ ନାହିଁ
- ସବୁ ସ୍କୁଲରେ ପିଇବା ପାଣି ଅଛି: ମନ୍ତ୍ରୀ

ରାଜ୍ୟରେ ପିଲାମାନଙ୍କ ପାଇଁ ଶୌଚାଳୟ ନାହିଁ। ନିତ୍ୟକର୍ମ କରିବାକୁ ବାହାରକୁ ଯିବାକୁ ପଡୁଛି। ରାଜ୍ୟର ୪୪୧ଟି ବାଳିକା ବିଦ୍ୟାଳୟ ଏବଂ ୧୪୮୫ଟି ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଶୌଚାଳୟ ନାହିଁ। ୨୦୧୭-୧୮ ମସିହା ତଥ୍ୟ ଅନୁଯାୟୀ, ରାଜ୍ୟରେ ମୋଟ ୫୪,୨୯୮ଟି ସରକାରୀ ସ୍କୁଲ ମଧ୍ୟରୁ ୫୩,୭୬୩ ସ୍କୁଲରେ ବାଳିକା ଶୌଚାଳୟ ଏବଂ ୫୨,୫୨୧ ସ୍କୁଲରେ ବାଳକ ଶୌଚାଳୟ ରହିଛି। ଯେଉଁଠି ସ୍ଥାୟୀ ଶୌଚାଳୟର ବ୍ୟବସ୍ଥା ନାହିଁ ସେଠାରେ ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା କରାଯାଇଛି ଏବଂ ସମସ୍ତ ସ୍କୁଲରେ ପାନୀୟଜଳର ବ୍ୟବସ୍ଥା କରାଯାଇଛି। ବୁଧବାର ପ୍ରଶ୍ନୋତ୍ତର ବେଳେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଅନୁପସ୍ଥିତିରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି।

କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ରାଜ୍ୟର କେତେ ସ୍କୁଲରେ ପାନୀୟଜଳ ଓ ପାଇଖାନା ବ୍ୟବସ୍ଥା କରାଯାଇଛି ସେନେଇ ମୂଳ ପ୍ରଶ୍ନରେ ପଚାରିଥିଲେ। ଅତିରିକ୍ତ ପ୍ରଶ୍ନରେ ସେ କହିଥିଲେ ଯେ, ୨୦ ବର୍ଷ ହେଲା ସରକାର ଶାସନରେ ଅଛନ୍ତି। ପାଇଖାନାଟିଏ ସ୍କୁଲରେ ହୋଇପାରିଲା ନାହିଁ। ଯେଉଁଠି ପାଇଖାନା ନିର୍ମାଣ କରାଯାଇଛି ତାହା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ଗୃହ କମିଟି ଗଠନ କରାଯାଉ। କମିଟି ବୁଲି ପାଇଖାନାର ସ୍ଥିତି ଅନୁଧ୍ୟାନ କରନ୍ତୁ। ଦୁଇ ମାସ ମଧ୍ୟରେ ସରକାରଙ୍କୁ ରିପୋର୍ଟ ଦିଅନ୍ତୁ ବୋଲି କହିଥିଲେ। ବିଜେଡି ସଭ୍ୟ ଅରବିନ୍ଦ ଢାଲି, ସୁଧୀର ସାମଲ, ମହିଧର ରଣା, ରମେଶ ସାଇ, ଭାଜପା ସଭ୍ୟ ସୁକାନ୍ତ ନାୟକ ଓ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ଫନୀରେ ଯେଉଁ ସ୍କୁଲ ସବୁ ଭାଙ୍ଗିଛି ସେଠାରେ ଶୌଚାଳୟ କେବେ ହେବ। ଅପ୍‌ଗ୍ରେଡ୍ ହାଇସ୍କୁଲ, ବ୍ଲକ୍‌ଗ୍ରାଣ୍ଟ ସ୍କୁଲ ଓ ଯୁକ୍ତ ୨ ସ୍କୁଲଗୁଡ଼ିକରେ କେବେ ପାଇଖାନା ନିର୍ମାଣ ହେବ। ପାଇଖାନାଗୁଡ଼ିକର ରକ୍ଷଣାବେକ୍ଷଣ ଲାଗି ସରକାର କି ବ୍ୟବସ୍ଥା କରିଛନ୍ତି ବୋଲି ପଚାରିଥିଲେ।

ମନ୍ତ୍ରୀ କହିଥିଲେ, ବେସରକାରୀ ସ୍କୁଲରେ ପାଇଖାନା ନିର୍ମାଣ ଲାଗି କୌଣସି ବ୍ୟବସ୍ଥା ହୋଇନାହିଁ। କେବଳ ସରକାରୀ ସ୍କୁଲର ପ୍ରଥମ ଶ୍ରେଣୀରୁ ଦଶମ ପର୍ଯ୍ୟନ୍ତ ପାଇଖାନା ନିର୍ମାଣ ବ୍ୟବସ୍ଥା ରହିଛି। ପାଇଖାନାଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ ପଞ୍ଚାୟତ ହାତକୁ ଦିଆଯିବ। ଯେଉଁ ସ୍କୁଲରେ ପାଇଖାନା ହୋଇନାହିଁ ସେଠାରେ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ। ସରକାରଙ୍କ ସମେତ ଘରୋଇ ଉଦ୍ୟୋଗଗୁଡ଼ିକ ମଧ୍ୟ ସରକାରୀ ସ୍କୁଲରେ ପାଇଖାନା ନିର୍ମାଣ କରୁଛନ୍ତି। ପାଇଖାନା ନିର୍ମାଣ କରିବା ଲାଗି ୨୦୦୩-୦୪ରେ ୨୦ହଜାର ଟଙ୍କା ଦିଆଯାଉଥିବା ବେଳେ ୨୦୧୮-୧୯ରେ ଏହାକୁ ବଢ଼ାଇ ୧ ଲକ୍ଷ ୭୮ ହଜାର ଟଙ୍କା କରାଯାଇଛି। ବ୍ଲକ୍‌ଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ପାଇଖାନା ନିର୍ମାଣ କରିବା ନିମନ୍ତେ ସରକାର ନିଷ୍ପତ୍ତି ନେବେ। ଫନୀ କ୍ଷତିଗ୍ରସ୍ତ ସ୍କୁଲଗୁଡ଼ିକରେ ମଧ୍ୟ ପାଇଖାନା ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

No. 46-KK:
# ସରକାରୀ ପଲିଟେକ୍‌ନିକ୍, ସମ୍ବଲପୁର, ରେଙ୍ଗାଲି
!!! ଦ୍ୱିତୀୟ ପର୍ଯ୍ୟାୟ ଡିପ୍ଲୋମା -୨୦୧୯ ନାମଲେଖା ଚାଲୁଅଛି !!!
ଏ.ଆଇ.ସି.ଟି.ଇ ଦ୍ୱାରା ଅନୁମୋଦିତ ସିଟ୍ ସଂଖ୍ୟା (୨୦୧୯-୨୦)




| | | |
|---|---|---|
| ସିଭିଲ ଇଂଜିନିୟରିଙ୍ଗ | - ୬୦ | ମୋଟ ୨୭୦ ସିଟ୍ |
| ଇଲେକ୍ଟ୍ରିକାଲ ଇଂଜିନିୟରିଙ୍ଗ | - ୧୨୦ | |
| ଇଲେକଟ୍ରୋନିକ୍ସ ଇଂଜିନିୟରିଙ୍ଗ | - ୩୦ | |
| ମେକାନିକାଲ ଇଂଜିନିୟରିଙ୍ଗ | - ୬୦ | |

→ ୧୦୦% ପ୍ଲେସମେଣ୍ଟ ସୁବିଧା ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ
→ ଡିପ୍ଲୋମା ପାଇଁ ଯୋଗ୍ୟତା
• ୩ ବର୍ଷୀୟ ପାଠ୍ୟକ୍ରମ ପାଇଁ ଯୋଗ୍ୟତା - ମାଟ୍ରିକରେ ୩୫% ମାର୍କ।
→ କିପରି ଫର୍ମ ଦାଖଲ କରିବେ।
• ଆଗ୍ରହୀ ପ୍ରାର୍ଥୀମାନେ www.dtetorissa.gov.in ରେ ଅନ୍‌ଲାଇନ୍ ଆବେଦନ କରିପାରିବେ
• ଦ୍ୱିତୀୟ ଥର ଅନ୍‌ଲାଇନ୍ ଆବେଦନ ପୂରଣ ତାରିଖ ୦୪.୦୮.୨୦୧୯ ପର୍ଯ୍ୟନ୍ତ (୩ ବର୍ଷିୟ କୋର୍ସ ପାଇଁ)
• ଖାଲି ସିଟ ପାଇଁ ପଞ୍ଜିକୃତ କରିଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସ୍ପଟ୍ ଏଡ୍‌ମିସନ - ୧୪.୦୮.୨୦୧୯ ରୁ ୧୫.୦୮.୨୦୧୯ ପର୍ଯ୍ୟନ୍ତ
• ୨୦୦/- ଫି ଏସ୍.ଟି.ଏସ୍.ସି, ମହିଳା ଏବଂ ଦିବ୍ୟାଙ୍ଗ ପାଇଁ / ୩୦୦/- ସାଧାରଣ ବର୍ଗ ପୁରୁଷ ପାଇଁ
• ଅଧିକ ବିବରଣୀ ପାଇଁ http://www.dtetorissa.gov.in ରେ ଉପଲବ୍ଧ ଇନଫରମେସନ୍ ବ୍ରୋଚୋର ଦେଖି ପାରିବେ
ସମ୍ବଲପୁର ପଲିଟେକ୍‌ନିକରେ ନାମ ଲେଖାଇବା ପାଇଁ ନିମ୍ନଲିଖିତ ଫୋନ ନଂ ରେ ଯୋଗାଯୋଗ କରିପାରିବେ :-
(HOD, Elect.) - 8594824266
(HOD, Mech.) - 9937888486
(HOD, Civil) - 8249811257
(HOD, ETC) - 9438840794
(HOD, Math &Sc.) - 7978185470
14044/11/0003/1920
ଆମ ଠିକଣା- ରେଙ୍ଗାଲି, ସମ୍ବଲପୁର, ପିନ୍- ୭୬୮୨୧୨, ଫୋନ୍- ୦୬୬୩-୨୫୬୦୦୬୦, ଇ-ମେଲ : gpsambalpurprincipal@gmail.com, ୱେବସାଇଟ: gpsambalpur.com



## ଜିଲା ଚିଠି ଝାରସୁଗୁଡ଼ା

# ପର୍ଯ୍ୟଟନ ସ୍ଥଳର ବିକାଶ

ରାଜ୍ୟ ସରକାର ପର୍ଯ୍ୟଟନକୁ ଶିଳ୍ପର ମାନ୍ୟତା ପ୍ରଦାନ କରିଛନ୍ତି। ଏଥିପାଇଁ ବିଭିନ୍ନ ଜିଲାରେ ରହିଥିବା ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ପର୍ଯ୍ୟଟନ ବିକାଶ ନିଗମ ଗଠନ କରିଛନ୍ତି। ମାତ୍ର ଝାରସୁଗୁଡ଼ା ଜିଲାରେ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ଜିଲାର ଏକାଧିକ ପର୍ଯ୍ୟଟନ ସ୍ଥଳ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେହି ସ୍ଥାନର ଆବଶ୍ୟକ ଅନୁଯାୟୀ ବିକାଶ ହୋଇପାରିନାହିଁ। କିମ୍ବା ଉକ୍ତ ପର୍ଯ୍ୟଟନ କେନ୍ଦ୍ରର ସୁରକ୍ଷା ପାଇଁ କୌଣସି ଉଦ୍ୟମ ହେଉନାହିଁ। ବିଭାଗୀୟ ଅଧିକାରୀମାନେ ହାତବାନ୍ଧି ବସିଥିବା ବେଳେ ଜିଲା ପ୍ରଶାସନ ବି କୌଣସି ପଦକ୍ଷେପ ନେଇ ନ ଥିବା ସ୍ପଷ୍ଟ ହୋଇଛି। ଜିଲା ସଦର ମହକୁମାଠାରୁ ପ୍ରାୟ ୨୫ କି.ମି ଦୂର ତଥା ବେଲପାହାଡ଼-ସୁନ୍ଦରଗଡ଼ ରାସ୍ତା ପାର୍ଶ୍ୱରେ ଥିବା ଘଞ୍ଚ ଜଙ୍ଗଲରେ ୪୦୦ ଖ୍ରୀଷ୍ଟ ପୂର୍ବର ପ୍ରାଚୀନ ଗୁମ୍ଫା ବିକ୍ରମଖୋଲ ଅଛି। ଏହି ଗୁମ୍ଫାରେ ଆଦିମାନବମାନେ ବସବାସ କରୁଥିଲେ ବୋଲି ବିଶ୍ୱାସ ରହିଛି। ଗୁମ୍ଫାରେ ବ୍ରାହ୍ମିଲିପିରେ ଖୋଦିତ ଲେଖା ଓ ରେଖାଚିତ୍ର ମାନ ସେଦିନର କଥା ବଖାଣୁଛି। ଯାହାକୁ ନେଇ ଆଜି ମଧ୍ୟ ଗବେଷକମାନେ ଗବେଷଣା ଜାରି ରଖିଛନ୍ତି। ହେଲେ ଏହି ଗୁମ୍ଫାର ସୁରକ୍ଷା ଓ ବିକାଶ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଉଦ୍ୟମ ହୋଇନାହିଁ। ଗୁମ୍ଫାର ଶିଳାଲିପି ଦିନକୁ ଦିନ ଅସ୍ପଷ୍ଟ ହେବାରେ ଲାଗିଛି। ୨୦ ବର୍ଷ ତଳେ ଯେଉଁ ଶିଳାଲେଖା ସ୍ପଷ୍ଟ ଦେଖାଯାଉଥିଲା,ଏବେ ତାହା ବିକୃତ ହେବାରେ ଲାଗିଛି। ଆଉ କିଛି ବର୍ଷ ପରେ ହୁଏତ ଶିଳାଲିପି ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଯିବାର ଆଶଙ୍କା ରହିଛି। ଗୁମ୍ଫା ନିକଟକୁ ଯାନବାହନରେ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ସେହିପରି ଲଖନପୁର ବ୍ଲକ ପିପିଲିମାଲ ପଞ୍ଚାୟତର ଉଲାପ ଗାଁ ନିକଟ ଘଞ୍ଚ ଜଙ୍ଗଲରେ ଏକ ଐତିହାସିକ ଦୁର୍ଗ ରହିଛି। ଏହି ଦୁର୍ଗ ଉଲାପଗଡ଼ ନାମରେ ପରିଚିତ। ଦୁର୍ଗର ଉପରି ପୃଷ୍ଠରେ ପ୍ରଶସ୍ତ ପଥର ଚଟାଣ ରହିଛି। ଏହି ଚଟାଣରେ ଅନେକ ଗୋଲାକାର ଓ ଚାରିକୋଣିଆ ଗାତ ମାନ ରହିଛି। ଏହି ଗାତରେ ସୈନ୍ୟମାନେ ବାଉଁଶ ପୋତି ଛାଉଣୀ ନିର୍ମାଣ କରୁଥିଲେ ଏବଂ ଯୁଦ୍ଧ ସମୟରେ ଆଶ୍ରୟ ନେଉଥିଲେ ବୋଲି ଗବେଷକମାନେ ମତ ଦେଇଛନ୍ତି। ଦୁର୍ଗ ନିମ୍ନ ଭାଗରେ ଏକ ଶିବଲିଙ୍ଗ ମଧ୍ୟ ରହିଛି। ରକ୍ଷଣାବେକ୍ଷଣ ଅଭାବ ଯୋଗୁ ନାଗ ବଂଶର ରାଜାଙ୍କ ସ୍ଥାପିତ ଏହି ଐତିହାସିକ ଦୁର୍ଗ ଧୀରେ ଧୀରେ ଅସ୍ତିତ୍ୱ ହରାଇବସିଛି। ଲଖନପୁର ବ୍ଲକର କୁସମେଲବାହାଲ ଗାଁ ନିକଟରେ ମନୋରମ କାଇଲିଘୁଘର ଜଳପ୍ରପାତ ରହିଛି। ଜଳପ୍ରପାତ ଉପର ପୃଷ୍ଠରେ ଏକ ପ୍ରାଚୀନ ଶୈବପୀଠ ରହିଛି। ଜଳପ୍ରପାତ ମଧ୍ୟରେ ଏକ ଅପରିଦ୍ରୁଷ୍ଟ ଶିବ ଲିଙ୍ଗ ରହିଛି। ସେଠାରେ ପ୍ରତିଦିନ ପୂଜା,ପିକ୍‌ନିକ ଓ ଜଳପ୍ରପାତ ଦର୍ଶନ ପାଇଁ ଲୋକଙ୍କ ସମାଗମ ହୋଇଥାଏ। ବିଶେଷ କରି ମହାଶିବରାତ୍ରୀ ମେଳାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ସେହିପରି ତିଳିଆ ପଞ୍ଚାୟତରେ ତଥା ଇବ୍ ନଦୀ କୂଳରେ ଗୁଜାପାହାଡ଼ ରହିଛି। ସେଠାରେ ଥିବା ଗୁମ୍ଫା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ପାହାଡ଼ ଦକ୍ଷିଣ ପାର୍ଶ୍ୱରେ ତଥା ହୀରାକୁଦ ଜଳଭଣ୍ଡାର ମଧ୍ୟରେ ଆଉ ଏକ ପାହାଡ଼ ରହିଛି। ଯେଉଁଠି ଶତାଧିକ ଅଣପାଳିତ ଗୋରୁଙ୍କୁ ଚାରଣ କରୁଥିବା ଦେଖିବାକୁ ମିଳେ। ଏତେସବୁ ଦର୍ଶନୀୟ ପର୍ଯ୍ୟଟନ ସ୍ଥଳୀ ଥାଇ ମଧ୍ୟ ଗମନାଗମନ ପାଇଁ ଭଲ ରାସ୍ତା,ଆଶ୍ରୟ ପାଇଁ ଯାତ୍ରୀଗୃହର ବ୍ୟବସ୍ଥା ଓ ପ୍ରଚାର ପାଇଁ ସରକାରଙ୍କ ପକ୍ଷରୁ ବିଶେଷ କିଛି ଉଦ୍ୟମ ହୋଇନାହିଁ। ଫଳରେ ଅନ୍ୟ ରାଜ୍ୟ ଓ ଦେଶ ବିଦେଶର ପର୍ଯ୍ୟଟକ ଯେଭଳି ଆସିବା କଥା ତାହା ହୋଇପାରୁନାହିଁ। ୨୦୧୦ ମସିହାରେ ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ବିକ୍ରମଖୋଲ,ଉଲାପଗଡ଼ ଓ କୁଇଲିଘୁଘରକୁ ପରିଦର୍ଶନ କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ସେ ସବୁ ସ୍ଥାନର କୌଣସି ଆଖିଦୃଶିଆ ବିକାଶ ହୋଇପାରିନି। ଗତ ଫେବୃୟାରୀ ମାସରେ ଜିଲା ବନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ଚିଠି (ସଂଖ୍ୟା ୨୨୯) ଅନୁଯାୟୀ ଝାରସୁଗୁଡ଼ା ଜିଲାପାଳ ଡ୍ରିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ ଫଣ୍ଡ (ଖଣିଜ ପାଣ୍ଠି)ରୁ ବିକ୍ରମଖୋଲ ପାଇଁ ୫୦ ଲକ୍ଷ, କୁଇଲିଘୁଘର ପାଇଁ ୫୦ ଲକ୍ଷ ଓ ଗୁଜାପାହାଡ଼ ଉନ୍ନତୀକରଣ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା ଅନୁଦାନ ରାଶି ସକାଶେ ପ୍ରଶାସନିକ ମଞ୍ଜୁରୀ କରିଛନ୍ତି। ମାତ୍ର ଆଜି ପର୍ଯ୍ୟନ୍ତ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏପରି ପରିସ୍ଥିତିରେ ସରକାରଙ୍କ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ସୁରକ୍ଷା କେବଳ ଘୋଷଣାରେ ସୀମିତ ହୋଇରହିଛି।

– ରଞ୍ଜନ ମହାପାତ୍ର

# ତିନି ତଲାକ ବିଲ୍ ପାସ୍‌କୁ ନେଇ ଭାଜପାର ଖୁସି

ଭୁବନେଶ୍ୱର, ୩୧।୭(ବ୍ୟୁରୋ)

ପାର୍ଲାମେଣ୍ଟରେ ତିନି ତଲାକ ବିଲ୍ ପାସ ହେବା ଏକ ଐତିହାସିକ ଘଟଣା। ମହିଳା ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ସବୁଠୁ ଦୃଢ ଓ ଐତିହାସିକ ନିଷ୍ପତ୍ତି। ଶାହାବାନୁ ମାମଲାରୁ ମୁସଲିମ ମହିଳା ସଶକ୍ତୀକରଣ ପାଇଁ ଆରମ୍ଭ ହୋଇଥିବା ମହା ଅଭିଯାନକୁ ପ୍ରଧାନମନ୍ତ୍ରୀ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ତିନି ତଲାକ ବିଲ ଲିଙ୍ଗଗତ ନ୍ୟାୟର ବିଜୟ, ଯାହା ସମାଜରେ ସମାନତା ଆଣିବ ଓ ବିଶେଷ ଭାବରେ ମୁସଲମାନ ସମ୍ପ୍ରଦାୟର ମହିଳାଙ୍କୁ ନ୍ୟାୟ ଦେବାରେ ସକ୍ଷମ ହେବ। ଏହାଦ୍ୱାରା ମଧ୍ୟଯୁଗୀୟ ପ୍ରଥାର ଅନ୍ତ ଘଟିଛି ଏବଂ ଏହାକୁ ଇତିହାସର ଡଷ୍ଟବିନକୁ ଫୋପାଡି ଦିଆଯାଇଛି। ମୁସଲିମ ମହିଳାଙ୍କ କ୍ଷେତ୍ରରେ ଏକ ଐତିହାସିକ ଭୁଲର ସଂଶୋଧନ କରାଯାଇଛି। ଭାରତ ପାଇଁ ଏହା ଉତ୍ସବର ବେଳ ବୋଲି ସେ କହିଛନ୍ତି। ଏଭଳି ପଦକ୍ଷେପ ନେଇଥିବାରୁ ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି ବୋଲି ଦଳର ସଂଖ୍ୟା ଲଘୁ ମୋର୍ଚ୍ଚା ଉପସଭାପତି ଅବଦୁଲ ସଲାମ କହିଛନ୍ତି।

# ଆଜି ଖୋଲିବ ଭିତରକନିକା




ରାଜନଗର, ୩୧।୭(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ଗୁରୁବାର ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। କୁମ୍ଭୀର ପ୍ରଜନନ ଋତୁ ପାଇଁ ଏହି ଜାତୀୟ ଉଦ୍ୟାନ ମେ ୧ରୁ ଜୁଲାଇ ୩୧ ଯାଏଁ ବନ୍ଦ ରଖାଯାଇଥିଲା। ବଉଳାକୁମ୍ଭୀରମାନେ ପ୍ରଜନନ ସମୟରେ ଅଧିକ ହିଂସ୍ର ହୋଇଥାନ୍ତି। ଏଣୁ ପର୍ଯ୍ୟଟକମାନଙ୍କ ସୁରକ୍ଷା ପାଇଁ ଏହା ବନ୍ଦ ରଖାଯାଇଥିଲା। ଆସନ୍ତାକାଲି ଭିତରକନିକା ଖୋଲୁଥିବାରୁ ଗୁପ୍ତି ଘାଟ ନିକଟରୁ ପର୍ଯ୍ୟଟକମାନଙ୍କୁ ଜଳପଥରେ ନେବା ଆଣିବା ପାଇଁ ବନବିଭାଗ ପକ୍ଷରୁ ୫ଟି ବୋଟ ଥିବା ବେଳେ ୨୩ଟି ଘରୋଇ ବୋଟ ସାମିଲ କରାଯାଇଛି। ଏହାବ୍ୟତୀତ ବ୍ୟୟବହୁଳ ନୌଯାତ୍ରା ପାଇଁ ୩ଟି ଛୋଟ ଓ ୪ଟି ବଡ ବୋଟ ରଖାଯାଇଛି। ଗୁପ୍ତିଘାଟ,ଖୋଳାଘାଟ ଓ ଚାନ୍ଦବାଲି ଘାଟରୁ ପର୍ଯ୍ୟଟକମାନେ ଭିତରକନିକାକୁ ଆସି ପାରିବେ। ପର୍ଯ୍ୟଟକମାନେ ଜାତୀୟଉଦ୍ୟାନରେ ପ୍ରବେଶ ପାଇଁ ଭୋଟ ପରିଚୟପତ୍ର ଓ ଲାଇଫ ଜ୍ୟାକେଟକୁ ବାଧ୍ୟତା ମୂଳକ କରାଯାଇଛି ବୋଲି ଏସିଏଫ ପ୍ରଦୋଷ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

DSPL-55
EMPOWER PARENTS ENABLE BREASTFEEDING
I.C.D.S
# ବିଶ୍ୱ ସ୍ତନ୍ୟପାନ ସପ୍ତାହ
୧ - ୭ ଅଗଷ୍ଟ, ୨୦୧୯
"ସଶକ୍ତ ମାତାପିତା ସକ୍ଷମ ସ୍ତନ୍ୟପାନ"



ଶିଶୁ ଜନ୍ମର ଏକଘଣ୍ଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରନ୍ତୁ
↓
୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଜାରି ରଖନ୍ତୁ
↓
ଶିଶୁକୁ ୬ ମାସ ପୂରିବା ମାତ୍ରେ ସ୍ତନ୍ୟପାନ ସହିତ ଅନ୍ୟ ଖାଦ୍ୟ ଦିଅନ୍ତୁ
↓
୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ଜାରି ରଖନ୍ତୁ
↓
ଉତ୍ତମ ଓ ଯଥେଷ୍ଟ ପରିମାଣର ମା' କ୍ଷୀର ପାଇଁ ମା'ର ସଠିକ୍ ପରିମାଣର ଖାଦ୍ୟ ଓ ବିଶ୍ରାମ ସୁନିଶ୍ଚିତ କରାନ୍ତୁ
33001/13/0004/1920
ପ୍ରଥମ କ୍ଷୀର- ହଳଦିଆ କଷକ୍ଷୀର ଶିଶୁ ପାଇଁ ଅତି ଉତ୍ତମ
ମା' କ୍ଷୀର ଶିଶୁର ମାନସିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ
ଏହା ଶିଶୁକୁ ଅପପୁଷ୍ଟି ଏବଂ ବିଭିନ୍ନ ରୋଗରୁ ରକ୍ଷା କରେ
ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

“ନିଶ୍ଚିତ ଥାଅ– ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ –ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ
–ଶ୍ରୀଅରବିନ୍ଦ



# ଚତୁର କୁଆ

## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

କିଛିଦିନ ତଳେ ବଡ଼ିଭୋରରୁ ମୁଁ ପ୍ରାତଃଭ୍ରମଣରେ ବାହାରିବା ବେଳେ ମୋ ଗେଟ୍ ଉପରେ ବସିଥିବା ଏକ କୁଆ ମୋତେ ଚାହିଁ ରାବିବାକୁ ଲାଗିଲା। ସେ ଖୁବ୍ ବ୍ୟସ୍ତ ଥିବା ପରି ମନେହେଲା ଏବଂ ମୁଁ ସେଠି ଠିଆହୋଇ ସେ କ'ଣ ଚାହୁଁଛି ବୁଝିବାକୁ ଚେଷ୍ଟା କଲି। ଦୁଇମିନିଟ୍ ପରେ ମୁଁ ପିଠି ବୁଲାଇ ପଛକୁ ଫେରିବାକୁ ଆରମ୍ଭ କଲି। କୁଆଟି ସଙ୍ଗେ ସଙ୍ଗେ ମୋ ମୁଣ୍ଡ ଉପରକୁ ଉଡ଼ିଆସି ମୋ ଚୁଟି ଟାଣିଲା। ମୁଁ ଦ୍ୱନ୍ଦ୍ୱରେ ପଡ଼ିଗଲି ଓ କ'ଣ କରିବି ଜାଣିପାରିଲିନି। ତା'ପରେ ମୁଁ ସେ କୁଆ ପାଇଁ କିଛି ବିସ୍କୁଟ ଓ ପାଣି ଆଣିଲି। ସେ ସେଥିରୁ ଖଣ୍ଡେ ନେଲା ଏବଂ ତାକୁ ଗେଟ୍‌ରେ ଭାଙ୍ଗି ଗିଳିବା ଆକାରର କଲା, ମୋ ଆଡ଼କୁ ଟିକେ ନୈରାଶ୍ୟପୂର୍ଣ୍ଣ ନଜରରେ ଚାହିଁଲା ଓ ଉଡ଼ିଗଲା।

କୁଆ ଓ ପିମ୍ପୁଡ଼ିମାନେ ହେଉଛନ୍ତି ମୋ 'ଜିନିଷ'। ସେମାନେ ଖୁବ୍ ଚତୁର, ଶିଷ୍ଟ, ରୁଚିପୂର୍ଣ୍ଣ, ବାସ୍ତବଧର୍ମୀ, ପରିବାରମନସ୍କ ଓ ଶୃଙ୍ଖଳିତ, ଯାହା ମଣିଷ ହେବା ଉଚିତ କିନ୍ତୁ ହୋଇପାରିନି। ପ୍ରତି କିଛିମାସ ଅନ୍ତରରେ ମୁଁ ସେମାନଙ୍କ ବିଷୟରେ ଲେଖୁଛି ଏବଂ ପ୍ରତିଥର ସେମାନଙ୍କ ବୁଦ୍ଧିମତ୍ତାର କିଛି ନୂଆ ଦିଗକୁ ଆଲୋକିତ କରିବାକୁ ଚେଷ୍ଟା କରୁଛି।

ବୁଦ୍ଧିମତ୍ତା କ'ଣ? ଅନେକ ମହାସମୁଦ୍ର ଡେଇଁ ଉଡ଼ି ଉଡ଼ି ଆଉ ଏକ ଦେଶକୁ ଯିବା ଓ ସେଇ ଏକା ଗଛରେ ବସିବା– ଏହା କ'ଣ ଅସାଧାରଣ ବୁଦ୍ଧିମତ୍ତାର ପରିଚାୟକ ନୁହେଁ? କିନ୍ତୁ ଆମେ କେବଳ ଦୁଇଟି ଜିନିଷ ଭିତରେ ତୁଳନା କରିବା, ଅନ୍ୟ ମଣିଷର କଥାକୁ ନକଲ କରିବା ବା ଦୁଇରେ ଦୁଇ ମିଶାଇବାର କ୍ଷମତାରୁ ବୁଦ୍ଧିର ପରିମାପ କରୁ।

ବିହେଭିୟରାଲ ଇକୋଲୋଜି ଆଣ୍ଡ୍ ସୋସିଓଲୋଜି ପତ୍ରିକାରେ ପ୍ରକାଶିତ ଏକ ଅନୁଧ୍ୟାନର ରିପୋର୍ଟ ଅନୁସାରେ କୁଆମାନଙ୍କର ସ୍ମୃତିଶକ୍ତି ଅତି ପ୍ରଖର ଏବଂ ସେମାନେ ମଣିଷଙ୍କ ମୁହଁ ଚିହ୍ନିପାରନ୍ତି ଓ କେଉଁ ମଣିଷ ବିପଜ୍ଜନକ ତାହା ମନେରଖିପାରନ୍ତି। ଏକା ମଣିଷକୁ ସେମାନେ ଭିନ୍ନ ଜାଗାରେ ଦେଖିଲେ ବି ଚିହ୍ନିପାରନ୍ତି। ଗୋଟିଏ ଗବେଷଣାରେ ଗବେଷକମାନେ ମୁହଁରେ ମୁଖା ପିନ୍ଧି ଓ ହାତରେ ମଲା କୁଆକୁ ଧରି ଜିଅନ୍ତା କୁଆମାନଙ୍କୁ ଖାଦ୍ୟ ଦେଲେ। କୁଆମାନେ ସେ ଖାଦ୍ୟ ତ ଖାଇଲେ ନାହିଁ ବରଂ ଅନ୍ୟ କୁଆମାନଙ୍କୁ ସତର୍କ କରିଦେଲେ ଓ ସେ ଗବେଷକମାନଙ୍କୁ ଆକ୍ରମଣ କଲେ। ଯେତେବେଳେ ଉକ୍ତ ଗବେଷକମାନେ କିଛି ସପ୍ତାହ ପରେ ଫେରିଆସିଲେ ସେତେବେଳେ ସେମାନଙ୍କ ହାତରେ ମଲା କୁଆ ନ ଥିଲା। କିନ୍ତୁ କୁଆମାନେ ତଥାପି ତାଙ୍କୁ ଆକ୍ରମଣ କରିବାକୁ ଓ ହଇରାଣ କରିବାକୁ ଲାଗିଲେ। କୁଆମାନେ ଦିନ ଦିନ ଧରି ସେ ଅଞ୍ଚଳରେ ପଡ଼ିଥିବା ଖାଦ୍ୟର ଦାନାଟିଏ ବି ଉଠାଇଲେ ନାହିଁ। ଗୋଟିଏ କୁଆ ଯେତେବେଳେ ଏକ ନୀଚ ମଣିଷ ସଂସ୍ପର୍ଶରେ ଆସେ ସେ ଉକ୍ତ ମଣିଷକୁ ଚିହ୍ନିରଖେ ଓ ଅନ୍ୟ କୁଆମାନଙ୍କୁ ତାକୁ ଚିହ୍ନାଇଦିଏ। କୁଆମାନେ କାର୍, ମଣିଷର ଭାବଭଙ୍ଗୀ ଆଦି ଚିହ୍ନିପାରନ୍ତି ଓ ରାଗ ବି ରଖିପାରନ୍ତି।

ଗବେଷକମାନେ ମୁଖା ପିନ୍ଧି ୧୨ଟି କୁଆଙ୍କୁ ଧରିଲେ, ତାଙ୍କୁ ଘରେ ରଖିଲେ ଓ ଅନ୍ୟ ପୋଷାକ ପିନ୍ଧି ତାଙ୍କୁ ଖାଇବାକୁ ଦେଲେ। ଚାରି ସପ୍ତାହ ପରେ ସେମାନେ ଉକ୍ତ କୁଆଙ୍କ ମସ୍ତିଷ୍କ ପରୀକ୍ଷା କରି ଦେଖିଲେ ଯେ ମଣିଷଙ୍କ ପରି ସେମାନେ ସବୁକିଛି ମନେରଖିପାରୁଛନ୍ତି। ନିର୍ଯ୍ୟାତକ ମଣିଷଙ୍କୁ ଦେଖିଲା ବେଳେ ସେମାନଙ୍କ ମସ୍ତିଷ୍କ ଯେପରି କାମ କରୁଥିଲା, ସେମାନଙ୍କ ଯତ୍ନ ନେଉଥିବା ମଣିଷଙ୍କୁ ଦେଖିଲାବେଳେ ତା'ଠାରୁ ଭିନ୍ନ ପ୍ରକାର କାମ କରୁଥିଲା।

କୁଆମାନଙ୍କ ଚତୁରତା ବିଷୟରେ ୨୦୧୮ରେ ଏକ ଗବେଷଣା କରାଯାଇଥିଲା, ଯାହା ନେଚର ସାଇଣ୍ଟିଫିକ୍ ରିପୋର୍ଟରେ ପ୍ରକାଶ ପାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏକ ବାକ୍ସରେ କୁଆମାନଙ୍କ ପାଇଁ ଖାଦ୍ୟ ରଖାଗଲା ଓ ଉପରେ ଏକ ଲମ୍ବା ବାଡ଼ି ବି ରଖାଗଲା। ବାଡ଼ିର ସାହାଯ୍ୟ ବିନା କୁଆମାନେ ସେଥିରୁ ଖାଦ୍ୟ ଖାଇପାରିବେ ନାହିଁ। ଦ୍ୱିତୀୟ ପର୍ଯ୍ୟାୟରେ ଏକ ଲମ୍ବା ବାଡ଼ି ବଦଳରେ ଏକ ଛୋଟ ବାଡ଼ି ଓ ନଳୀ ପରି ବାଡ଼ି ଦିଆଗଲା। ଛୋଟ ବାଡ଼ିଟିକୁ ନଳୀ ଭିତରେ ଭର୍ତ୍ତି କଲେ ଯାଇ ତାହା ଖାଦ୍ୟ ପାଖରେ ପହଞ୍ଚିପାରିବ। ତୃତୀୟ ପର୍ଯ୍ୟାୟରେ କୁଆମାନଙ୍କୁ ଦୁଇରୁ ଅଧିକ ଜିନିଷ ଦିଆଗଲା, ଯାହାକୁ ଯୋଡ଼ାଯୋଡ଼ି କରି ଖାଦ୍ୟ ପାଖରେ ପହଞ୍ଚିହେବ। ପ୍ରଥମ ଦୁଇ ପର୍ଯ୍ୟାୟରେ କୁଆମାନେ ପାସ୍ କରିଗଲେ ଓ ସେହି ଜ୍ଞାନକୁ ଆଧାର କରି ତୃତୀୟ ପର୍ଯ୍ୟାୟରେ ବି ନୂଆ ଜିନିଷଗୁଡ଼ିକୁ ଯୋଡ଼ାଯୋଡ଼ି କରି ଖାଦ୍ୟ ଖାଇବାକୁ ସମର୍ଥ ହେଲେ। ଏଥିରୁ ଜଣାଗଲା କୁଆମାନେ ଶିମ୍ପାଞ୍ଜି ଓ ଗରିଲାମାନଙ୍କଠାରୁ ବି ଚତୁର।

ଆଉ ଏକ ଅନୁଧ୍ୟାନରେ କାଲେଡୋନିଆନ୍ କୁଆମାନଙ୍କ ଆଗରେ ଏକ ଭେଣ୍ଡିଂ ମେଶିନ୍ ରଖାଗଲା। ଏକ କଣାରେ ନିର୍ଦ୍ଦିଷ୍ଟ ଆକାରର କାଗଜ ରଖିଲେ ଭେଣ୍ଡିଂ ମେଶିନ୍ ଭିତରୁ ଖାଦ୍ୟ ବାହାରୁଥିଲା। କୁଆମାନେ ଏହି କୌଶଳ ଅତି ସହଜରେ ଶିଖିଗଲେ ଓ ମେଶିନ୍‌ରୁ ଖାଦ୍ୟ ବାହାର କରି ଖାଇଲେ। ତା'ପରେ ସେହି କୁଆମାନଙ୍କୁ ଭୁଲ୍ ଆକାରର କାଗଜ ଦିଆଗଲା। କୁଆମାନେ ବିନା ବାଧାରେ କାଗଜଗୁଡ଼ିକୁ ପୂର୍ବ ଆକାରବିଶିଷ୍ଟ କରି, ଯାହା ସେମାନଙ୍କର ମନେଥିଲା, ମେଶିନ୍‌ରୁ ଖାଦ୍ୟ ବାହାର କରିବାକୁ ସମର୍ଥ ହେଲେ।

ଏସପ୍ କାହାଣୀରେ କୁଆ ଓ ମାଠିଆ ଗପ ଅଛି। ଗୋଟିଏ ତୃଷାର୍ତ୍ତ କୁଆ ଅଳ୍ପ ପାଣି ଥିବା ମାଠିଆ ଭିତରେ ଗୋଡ଼ି ପକାଇ କିପରି ପାଣି ପିଇଲା, ତାହା ଏହି ଗପରେ ବର୍ଣ୍ଣିତ। ବୈଜ୍ଞାନିକମାନେ କୁଆଙ୍କ ବୁଦ୍ଧି ପରୀକ୍ଷା କରିବା ପାଇଁ ଅନୁରୂପ ଏକ ପରୀକ୍ଷା କରିଥିଲେ। ପାଣି ଥିବା ଏକ ରବର ନଳୀ ଭିତରେ ଗୋଡ଼ି ପକାଇ କୁଆମାନେ ପାଣି ପିଇଲେ କିନ୍ତୁ ଯେଉଁ ରବର ନଳୀ ଭିତରେ ପାଣି ବଦଳରେ ବାଲି ଥିଲା, ସେଥିରେ ଗୋଡ଼ି ପକାଇଲେ ନାହିଁ। ସେମାନେ ପାଣି ଥିବା ନଳୀ ଭିତରେ କେବଳ ଓଜନିଆ ବସ୍ତୁ ପକାଇଲେ, କୌଣସି ଭାସମାନ ବସ୍ତୁ ପକାଇଲେ ନାହିଁ। ତେଣୁ କାର୍ଯ୍ୟ-କାରଣ ସମ୍ପର୍କ ବିଷୟରେ କୁଆମାନଙ୍କର ଯେ ଜ୍ଞାନ ଅଛି ତାହା ଏଥିରୁ ସ୍ପଷ୍ଟ।

ନିକଟରେ ମସ୍କୋ ଷ୍ଟେଟ୍ ୟୁନିଭର୍ସିଟି ଓ ୟୁନିଭର୍ସିଟି ଅଫ୍ ଆୟୋୱା ପକ୍ଷରୁ ମିଳିତଭାବେ ଏକ ଗବେଷଣା କରାଯାଇଥିଲା। ଏଥିରୁ ଜଣାପଡ଼ିଛି ଯେ କୁଆମାନେ ଏପରି ସମସ୍ୟାର ସମାଧାନ କରିପାରନ୍ତି, ଯେଉଁଥିରେ ବୌଦ୍ଧିକ ଚିନ୍ତନର ଆବଶ୍ୟକତା ରହିଛି। ଏକା ପ୍ରକାର ରଙ୍ଗ, ଆକାର ବା ସଂଖ୍ୟାବିଶିଷ୍ଟ ଜିନିଷକୁ ବର୍ଗୀକରଣ କରିବା ପାଇଁ କୁଆମାନଙ୍କୁ ତାଲିମ ଦିଆଗଲା। ତା'ପରେ କୁଆମାନେ ବିନା ସାହାଯ୍ୟରେ ସେହିପ୍ରକାର କାର୍ଯ୍ୟ କରିପାରୁଛନ୍ତି କି ନାହିଁ ପରୀକ୍ଷା କରାଗଲା। ଏ ପରୀକ୍ଷାରେ ସେମାନେ ଉତ୍ତୀର୍ଣ୍ଣ ହୋଇଗଲେ।

ଅନ୍ୟ ପ୍ରାଣୀଙ୍କ ଅପେକ୍ଷା କୁଆମାନଙ୍କର ମସ୍ତିଷ୍କ ସେମାନଙ୍କ ଶରୀରର ଆକାର ତୁଳନାରେ ବଡ଼। ସେମାନଙ୍କ ମସ୍ତିଷ୍କର ସ୍ନାୟୁକୋଷୀୟ ସାନ୍ଦ୍ରତା (ଏକ ଗ୍ରାମ୍ ମସ୍ତିଷ୍କରେ ରହିଥିବା ସ୍ନାୟୁକୋଷ ସଂଖ୍ୟା) ମଣିଷ, ମାଙ୍କଡ଼ ପ୍ରଭୃତି ପ୍ରାଣୀଙ୍କଠାରୁ ଅଧିକ। ତେଣୁ ସେମାନଙ୍କ ଛୋଟିଆ ମସ୍ତିଷ୍କର ପ୍ରସେସିଂ ପାୱାର ଢେର୍ ଅଧିକ।

ମୁଁ ଏବେ ବି ସନ୍ଦେହରେ ଅଛି– ସେଦିନ ସେ କୁଆଟି ମୋତେ କ'ଣ କହିବାକୁ ଚାହୁଁଥିଲା।

Email: gandhim@nic.in

# ଭଗବାନ ବେଶି ସଜାଗ

ଶ୍ରୀ ସନ୍ନ୍ୟାସୀ

ସ୍ୱାମୀ ସଚ୍ଚିଦାନନ୍ଦ ରାଜପୁତନାରେ ଦିନେ ଭିକ୍ଷା କଲାବେଳେ ଜଣକ ଘରେ ଛୋଟ ଝିଅଟିଏ ନିଜେ ଭିଣିଥିବା ମେଞ୍ଚାଏ ତୁଳା ଆଣି ବାବାଙ୍କୁ ଦେଲା। ବାବା କହିଲେ– ମୋର ତୁଳା କ'ଣ ହେବ? ପଟେ ଦିପଟ ରୁଟି ହୋଇଗଲେ ଆଜି ସେତକ ଖାଇ ଚଳିଯିବି। ମୋର ଏହା ଦାରକାର ନାହିଁ।

ବାବା ତୁଳା ନେବାକୁ ରାଜି ନ ହେବାରୁ ଝିଅଟି ଜୋରରେ କାନ୍ଦିବାକୁ ଆରମ୍ଭ କରିଦେଲା। ଅଗତ୍ୟା ବାବା ତୁଳାତକ ନେଇ ନିଜ ଝୁଲାରେ ରଖିଦେଲେ। କ'ଣ କରିବେ ଭାବିପାରିଲେ ନାହିଁ। ଅଳ୍ପଦିନ ପରେ ସେ ବର୍ଷ ଏମିତି ଶୀତ ପଡିଲା ଯେ, ତୁଳାଭର୍ତ୍ତି ଜାମା ନ ପିନ୍ଧିଲେ ଥଣ୍ଡାରୁ ରକ୍ଷା ପାଇବା କଷ୍ଟକର ହୋଇପଡିଲା। ଏତିକିବେଳେ ଝିଅଟି ଦେଇଥିବା ତୁଳା କଥା ବାବାଙ୍କର ମନେପଡ଼ିଲା। ତାହାକୁ ବାହାର କରି ଜଣେ ଲୋକଙ୍କୁ ସେ ଦେଲେ। ଲୋକଟି ସେହି ତୁଳାରେ ଗୋଟିଏ ଜାମା କରି ବାବାଙ୍କୁ ଦେଲେ। ସ୍ୱାମୀ ସଚ୍ଚିଦାନନ୍ଦ ସେତେବେଳେ ମନକୁ ମନ କହିବାକୁ ଲାଗିଲେ– "ମୁଁ ନିଃସଙ୍ଗ ଓ ନିଃସମ୍ବଳ ହୋଇ ଏକାକୀ ଘୂରିବୁଲେ ବୋଲି କରୁଣାମୟ ଭଗବାନ ମୋ ପାଇଁ ଆଗକୁ ଶୀତ ନିବାରଣ ଲାଗି ତୁଳାଟିକକ ମଧ୍ୟ ଯୋଗାଡ଼ କରି ରଖିଥିଲେ। ଜୟ ପ୍ରଭୁ! ଆପଣ ଆମ ପାଇଁ ଏତେ ସଜାଗ।"

ସ୍ୱାମୀ ସଚ୍ଚିଦାନନ୍ଦଙ୍କ ଜୀବନର ଏଇ କ୍ଷୁଦ୍ର ଘଟଣାରୁ ଭଗବାନଙ୍କର ବିରାଟ ମହତ୍ତ୍ୱ ସହଜରେ ଜଣାପଡୁଛି। ସେ ଏ ବିଶ୍ୱକୁ କେବଳ ସୃଷ୍ଟି କରିନାହାନ୍ତି, ସେ ମଧ୍ୟ ଏହାର ପରିପାଳକ ଓ ନିୟନ୍ତ୍ରଣକର୍ତ୍ତା। ଆମକୁ ସେ ଏଇ ସଂସାରକୁ ପଠାଇଛନ୍ତି। ସେଥିପାଇଁ ସେ ଆମର ରହିବାଠାରୁ ଆରମ୍ଭ କରି ଖାଇବା ଓ ମଉଜମଜ୍‌ଲିସ୍ ପର୍ଯ୍ୟନ୍ତ ଯାବତୀୟ ଚିଜକୁ ତାଙ୍କର ପବିତ୍ର ସୃଷ୍ଟିରେ ଖଞ୍ଜି ରଖିଛନ୍ତି। ନବଜାତ ଶିଶୁଟିଏ ମାତୃଗର୍ଭରୁ ଭୂମିଷ୍ଠ ହେଲାପରେ ସେ କ'ଣ ଖାଇବ, ତା'ର ତ ଦାନ୍ତ ନାହିଁ। ପାଣି ପିଇଲେ ଥଣ୍ଡା ହୋଇପାରେ। ଏହାକୁ ଆଖି ଆଗରେ ରଖି କରୁଣାମୟ ଶିଶୁଟିଏ ଜନ୍ମ ହେବାର ବହୁ ପୂର୍ବରୁ ମାତୃସ୍ତନରେ କ୍ଷୀରର ସୁବନ୍ଦୋବସ୍ତ କରିଦେଇଥାନ୍ତି। ଶିଶୁଟିଏ ଖାଇବା ପାଇଁ ଭଗବାନଙ୍କୁ ନ ମାଗିଲେ ବି ଏପରି କି କ'ଣ ଖାଇଲେ ତାହା ଶରୀରର ପରିପୁଷ୍ଟି ସାଧନ ହେବ ଏହା ବିଷୟରେ ତା'ର ସାଧାରଣଜ୍ଞାନ ନ ଥିଲେ ବି ଭଗବାନ ତାହାର ସମସ୍ତ ଦାୟିତ୍ୱ ବୁଝିଥାନ୍ତି। ଠିକ୍ ସେହିପରି ଏ ସଂସାରର ସମସ୍ତ ଜୀବଜନ୍ତୁଙ୍କର ସମସ୍ତ କଥାକୁ ଭଗବାନ ଅତ୍ୟନ୍ତ ଦାୟିତ୍ୱ ସହକାରେ ବୁଝିଥାନ୍ତି। ଆମ ଉପରେ ଥିବା ତାଙ୍କର ଅପାର କୃପାକୁ ହୃଦୟଙ୍ଗମ କରି ନ ପାରି ଆମେ ଅଯଥାରେ ଚିନ୍ତା କରିବସୁ। କେମିତି ନୂଆ ଘରଖଣ୍ଡେ ହେବ, କେଉଁଦିନ ଚାକିରି ହେବ, ପାଖରେ ଟଙ୍କା ନାହିଁ, ଝିଅ ବାହାଘର କେମିତି ହେବ? ଏମିତି ଦୁନିଆଯାକର ଚିନ୍ତା ମଣିଷ କରିବସେ। ହେଲେ ମଣିଷ ନିଜେ ଚିନ୍ତାକରି ସବୁ କାମ ଠିକ୍‌ଭାବରେ କରିପାରେ କି? ଜଣେ ସତ୍‌ସଙ୍ଗୀଙ୍କ ମୁହଁରୁ ଥରେ ଶୁଣିଥିଲି ତାଙ୍କ ଗୁରୁଙ୍କ ବାଣୀ– "ଭାବଛ ବସେ କରବେ କିସେ, ଭାବବାର ତୁମି କେ? ଭାବବାର ଯିନି ଭାବଛେନ ତିନି ତୁମି ଭାବ ତାଁକେ।"

ମଣିଷ ଯେତେବେଳେ ଭଗବାନ୍‌ଙ୍କ ଚିନ୍ତା ଛାଡ଼ି ନିଜର ସମସ୍ତ ଚିନ୍ତା ଓ ଜଞ୍ଜାଳକୁ ଆବୋରି ବସେ, ସେତେବେଳେ ଭଗବାନ୍ ଖୁସି ହୋଇପାରନ୍ତିନି। କାରଣ ତାହାଦ୍ୱାରା ମଣିଷ ନିଜର ସମସ୍ୟାକୁ ଆହୁରି ବଢ଼ାଇତୋଳେ। କଥାରେ ଅଛି– 'ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି'। ଏଥିରେ ଶତ ପ୍ରତିଶତ କେବଳ ତା'ର ହିଁ କ୍ଷତି ହୁଏ। ତେଣୁ ଏସବୁରୁ ମୁକ୍ତି ପାଇବାକୁ ହେଲେ ଆମକୁ ଭଗବାନଙ୍କ ଉପରେ ଗଭୀର ଆସ୍ଥା ବା ବିଶ୍ୱାସ ସ୍ଥାପନ କରିବାକୁ ହେବ। ଆମର ଭରଣପୋଷଣ କରିବାକୁ ଆମ ଅପେକ୍ଷା ସେ ଅଧିକ ସଜାଗ। ସେ ଭଲ ଭାବରେ ଜାଣନ୍ତି କେଉଁଥିରେ ଆମର ମଙ୍ଗଳ ହେବ ଏବଂ କେଉଁଥିରେ ଅମଙ୍ଗଳ ହେବ।

ମଣିଷ ନିଜେ ଖାଇବା, ରହିବା ବା ବଞ୍ଚିବା ପାଇଁ ଯେତେ ପରିମାଣରେ ଚିନ୍ତା କରେ, ଅନ୍ୟ କୌଣସି ଇତର ପ୍ରାଣୀ ସେତେଟା ଚିନ୍ତିତ ନୁହନ୍ତି। ପଶୁପକ୍ଷୀମାନେ ଆନନ୍ଦରେ ବଣର ଫଳମୂଳ ଖାଇ ଓ ଝରଣାର ଜଳ ପିଇ ରୁହନ୍ତି। ଆଜି ଯାହା ମିଳିଲା ଆନନ୍ଦରେ ଖାଇ ଦିଅନ୍ତି, ଆସନ୍ତାକାଲି ପାଇଁ ଚିନ୍ତା କରନ୍ତି ନାହିଁ। ଅବଧୂତଙ୍କ ଚବିଶଗୁରୁ ମଧ୍ୟରୁ 'ଅଜଗର' ଅନ୍ୟତମ। ଯେଉଁଦିନ ମିଳିଲା ଖାଏ, ନ ହେଲେ ସେମିତି ରହିଯାଏ। ସେଥିପାଇଁ ନା ଥାଏ ତା'ର ଚିନ୍ତା ନା ଥାଏ ବ୍ୟସ୍ତତା। କହିବାର ଉଦ୍ଦେଶ୍ୟ ନୁହେଁ ଯେ ଆମେ କୌଣସି କର୍ମରେ ବ୍ୟାପୃତ ନ ହେବା। 'ଯୋଗଃ କର୍ମସୁ କୌଶଳମ୍' ଅବଲମ୍ବନରେ ଶ୍ରଦ୍ଧା ଓ ଭକ୍ତି ରଖି ପ୍ରତ୍ୟେକ କର୍ମଫଳକୁ ଭଗବାନଙ୍କୁ ସମର୍ପି ଦେଇ ତାଙ୍କରି କର୍ମ କରି ଚାଲିଲେ ସେ ଆମର ସମସ୍ତ ଦାୟିତ୍ୱ ବହନ କରିବେ। ସେଥିପାଇଁ ଭଗବାନ ନିଜେ ଏକଥା ସ୍ୱୀକାର କରି ଗୀତାରେ କହିଛନ୍ତି ଯେ– ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ, ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍। (୯/୨୨ ଗୀତା)

ଅର୍ଥାତ୍ ଯେ ଅନନ୍ୟଚିତ୍ତ ହୋଇ ମୋତେ ଆରାଧନା କରେ, ମୁଁ ତା'ର ସମସ୍ତ ଦାୟିତ୍ୱ ବହନ କରେ। ଏକଥା ମିଛ ନୁହେଁ। ଏହାର ଯୁକ୍ତିଯୁକ୍ତ ପ୍ରମାଣ ଅନେକ ମହାନ୍ ବ୍ୟକ୍ତିଙ୍କ ଜୀବନରେ ପ୍ରମାଣିତ ହୋଇସାରିଛି। ଏଥିପାଇଁ କେବଳ ଦୃଢ଼ ସମର୍ପିତ ହୃଦୟ ଏବଂ ପବିତ୍ର ମନଟିଏ ଲୋଡ଼ା।

ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ, କଟକ,
ମୋ: ୯୪୩୮୦୫୨୬୧୧

## ଏଇ ଭାରତରେ

ଭାରତରେ ଏମିତି କିଛି ପରମ୍ପରା ରହିଛି ଯାହା ଜାଣିଲେ ଆଶ୍ଚର୍ଯ୍ୟ ଲାଗେ। ଦେବୀଙ୍କ ଉପରେ ବିଶ୍ୱାସ ରଖି ପତିଙ୍କ ମଙ୍ଗଳ ଲାଗି ମହିଳାମାନେ ସେମାନଙ୍କ ସାମାଜିକ ସ୍ୱୀକୃତିକୁ ଯେ ବନ୍ଧା ରଖୁଛନ୍ତି ତାହା ଘଟୁଛି ଆମ ଦେଶରେ। ପତିଙ୍କ ମଙ୍ଗଳ ଲାଗି ବିଧବା ବେଶରେ ରହିବା ପ୍ରଥା ଏବେ ବି ଉତ୍ତରପ୍ରଦେଶର ଗୋରଖପୁର, ଦେବରିଆ ଓ ଏହା ପାଖରେ ଥିବା ବିହାରର କିଛି ଅଞ୍ଚଳରେ ରହୁଥିବା ଗଛବାହ ସମ୍ପ୍ରଦାୟରେ ପ୍ରଚଳିତ। ଗଛବାହ ସମ୍ପ୍ରଦାୟର ମହିଳାମାନେ ସେମାନଙ୍କ ପତିଙ୍କ ମଙ୍ଗଳ ଲାଗି ବିଧବା ଜୀବନ ଜିଅନ୍ତି। ଏହି ସମ୍ପ୍ରଦାୟର ଲୋକମାନଙ୍କର ମୁଖ୍ୟ ଜୀବିକା ହେଉଛି ତାଡି ସଂଗ୍ରହ କରିବା। ପୁରୁଷମାନେ ୫୦ ଫୁଟ୍ ଚିକ୍କଣ ତାଳଗଛରେ ଚଢି ବିପଜ୍ଜନକ ପରିସ୍ଥିତିରେ ତାଡି ସଂଗ୍ରହ କରନ୍ତି। ଚୈତ୍ରମାସଠାରୁ ଶ୍ରାବଣମାସ ଯାଏ ସେମାନେ ଏହି କାର୍ଯ୍ୟରେ ଲିପ୍ତ ରହନ୍ତି। ଏହି ୪ ମାସ ଯାକ ଗଛବାହ ସମ୍ପ୍ରଦାୟର ମହିଳାମାନେ ମଥାରେ ସିନ୍ଦୂର ପିନ୍ଧନ୍ତିନି। ସେମାନଙ୍କ ବିବାହର ସବୁ ସନ୍ତକ ସମ୍ପ୍ରଦାୟର ଆରାଧ୍ୟା ଦେବୀ ମାତା ତରକୁଲ୍ଲାଙ୍କ ପାଖରେ ବନ୍ଧାରଖି ପତିଙ୍କ ମଙ୍ଗଳ କାମନା କରନ୍ତି। ଦେବୀଙ୍କ ଉପରେ ଏମିତି ବିଶ୍ୱାସ କରୁଥିବାରୁ ଏହି ସମ୍ପ୍ରଦାୟର ମହିଳାଙ୍କୁ ତର୍‌କୁଲ୍ଲାରିଷ୍ଟ ବି କୁହାଯାଏ।

## ଚିରନ୍ତନୀ

ଅଶ୍ରୁ ଶତଦଳ ଘେନି
ପୂଜିବାକୁ ଲଭେଁ ଅଧିକାର,
ହେବାକୁ ତୁମରି ଅଘର୍‌ୟ
ଏ ଜୀବନ ରଚୁ ଅଭିସାର।
ଶତ ଶତ କଶାଘାତ
ଅକାରଣ ପଡ଼ିଲେ ଏ ଦେହେ,
ଚନ୍ଦନ ସମାନ ତାହା
ସବୁ ଅଙ୍ଗେ ଲେପିଦିଏ ସ୍ନେହେ।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 4 | 9 | | | | | | | D | | |
| | | | | 7 | D | | | A | 5 | | | 8 | C | |
| | | 4 | | B | | | 1 | | 0 | | D | | | |
| | | | | | 0 | | 2 | | 6 | 9 | 8 | E | | |
| | A | | 6 | | | B | | 9 | | | | | | 3 |
| | | C | 3 | | | 4 | | | | 8 | | 1 | | |
| | | 6 | | | E | | | | | | 9 | 7 | | D |
| | | A | | C | 5 | 3 | | | | | 7 | | B | |
| | | | | 1 | | | E | | | | C | | | 4 |
| | B | | | | 6 | | | 7 | A | | | 5 | | |
| | | | C | 8 | 4 | | | | 3 | | | | 2 | |
| | C | | 1 | | | | D | | 2 | | | 9 | | 0 |
| | 2 | | | | | A | 6 | | | 5 | | | 7 | 8 |
| | 4 | 3 | 9 | | | 0 | | | | 1 | | 6 | | |
| 1 | | | | | | | 5 | | | 0 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 0 | 5 | 3 | 9 | 1 | 7 | 2 | 8 | C | A | D | E | 6 | 4 |
| A | 4 | 7 | C | 2 | 6 | 5 | 0 | E | 3 | B | 9 | 1 | 8 | D |
| 3 | E | 6 | 7 | B | 0 | 4 | A | D | 1 | 2 | 8 | 9 | C | 5 |
| 2 | 9 | 8 | D | E | 4 | 3 | 1 | C | 0 | 5 | 6 | B | A | 7 |
| 1 | C | D | 5 | A | 8 | B | 9 | 6 | 7 | 4 | E | 3 | 0 | 2 |
| 6 | 8 | C | 2 | 3 | E | A | 4 | 7 | D | 9 | 5 | 0 | B | 1 |
| D | 1 | B | 9 | 0 | A | 8 | 6 | 5 | 4 | C | 3 | 7 | 2 | E |
| 4 | 2 | 3 | 8 | 5 | B | 0 | D | 1 | A | E | 7 | 6 | 9 | C |
| 9 | A | 0 | 4 | 1 | 7 | C | E | 2 | 8 | 6 | B | 5 | D | 3 |
| 5 | 7 | E | 6 | D | C | 9 | B | 3 | 2 | 0 | 1 | 8 | 4 | A |
| 7 | B | 9 | A | 4 | 2 | 1 | 3 | 0 | E | 8 | C | D | 5 | 6 |
| 0 | D | 1 | B | C | 3 | 2 | 5 | 9 | 6 | 7 | 4 | A | E | 8 |
| 8 | 5 | A | 0 | 6 | D | E | 7 | 4 | B | 1 | 2 | C | 3 | 9 |
| E | 6 | 4 | 1 | 8 | 9 | D | C | B | 5 | 3 | A | 2 | 7 | 0 |
| C | 3 | 2 | E | 7 | 5 | 6 | 8 | A | 9 | D | 0 | 4 | 1 | B |

ଗତକାଲିର ଉତ୍ତର

# ନିମିଷକେ ବଦଳୁଛି ଜ୍ଞାନର ପୃଥିବୀ

ଡ. ସୁବାସ ଚନ୍ଦ୍ର ପାତ୍ର

ସମୟ ବ୍ୟବଧାନର ଗାଣିତିକତା ବୋଧହୁଏ ପାରିପାର୍ଶ୍ୱିକ ଅବସ୍ଥା ଉପରେ ନିର୍ଭର କରେ, ଯେଉଁଥିପାଇଁ ୫୦ ବର୍ଷର ବ୍ୟବଧାନ ୫/୧୦ବର୍ଷ ପରି ଲାଗୁଥିଲା ବେଳେ, ୫/୧୦ ବର୍ଷର ବ୍ୟବଧାନ ୫୦ ବର୍ଷ ପରି ଲାଗେ।

୧୯୦୫ ମସିହାରେ ବାଲେଶ୍ୱରର ତଦାନୀନ୍ତନ ଜିଲାପାଳ ଓ' ମ୍ୟାଲେ ବାଲେଶ୍ୱର ଗ୍ୟାଜେଟିୟରରେ ସେହି ସମୟର ଶ୍ରମିକମାନଙ୍କର ଦୈନିକ ମଜୁରି ୫୦ ପଇସା ଥିବା ଉଲ୍ଲେଖ କରିଥିବା ବେଳେ, ତା'ର ପାଖାପାଖି ୬୦ ବର୍ଷ ପରେ ୧୯୬୨–୬୩ରେ ସେହି ମଜୁରି ବଢ଼ି ହୋଇଥିଲା ମାତ୍ର ୧ଟଙ୍କାରୁ ୧.୫୦ ପଇସା। ସତୁରି ଦଶକରେ ବାମପନ୍ଥୀଙ୍କର ନାରା ଥିଲା, "ଦୈନିକ ମଜୁରି ୮ଟଙ୍କା ଆମର ଦାବି।" ୧୯୯୦–୯୫ରେ ବିଜୁ ପଟ୍ଟନାୟକ ଏହାକୁ ୨୫ଟଙ୍କା କରି ବେଶ୍ ସମାଲୋଚନାର ଶିକାର ହେଲେ। ପଛକୁ ଗଲେ ଆହୁରି ବିଚିତ୍ର ସ୍ଥିତି ଦେଖାଯିବ। ୧୮୬୦ ବେଳକୁ ଦୈନିକ ମଜୁରି ୫ରୁ ୧୦ ପଇସା ଥିଲା କାରଣ ସେତେବେଳେ ଅମଲାମାନେ ପାଉଥିଲେ ମାସକୁ ୩ରୁ ୧୦ଟଙ୍କା ଦରମା। ଫକୀରମୋହନ ମିଶନ ସ୍କୁଲରେ ହେଡ୍‌ମାଷ୍ଟର ଥିଲାବେଳେ ତାଙ୍କ ମାସିକ ଦରମା ଥିଲା ୧୦ଟଙ୍କା। ଅବଶ୍ୟ ତା' ପୂର୍ବରୁ ମାସିକ ୨ଟଙ୍କା ୫୦ ପଇସାରେ ଅନ୍ୟ ଏକ ସ୍କୁଲରେ ଚାକିରି ଆରମ୍ଭ କରିଥିଲେ ସେ। ଏହି ୨/୩ ଟଙ୍କା ଦରମାକୁ ନେଇ ଫକୀରମୋହନ ବେଶ୍ ସନ୍ତୁଷ୍ଟ ଥିଲେ, କାରଣ ସେହି ପ୍ରକାର ରୋଜଗାରରେ କାଳେ ଲୋକ ଭଲ ଚଳୁଥିଲେ, କିଛି ସଞ୍ଚୟ ବି କରୁଥିଲେ। ଅବଶ୍ୟ ଫକୀରମୋହନଙ୍କ ସମେତ ଅନେକଙ୍କୁ ଜଣା ନ ଥିବ ସେତେବେଳର ବାଲେଶ୍ୱର କଲେକ୍ଟର ଜନ ବିମ୍‌ସଙ୍କ ମାସିକ ଦରମା ଥିଲା ୧୯୧୬ ଟଙ୍କା, ଯାହାକୁ ନେଇ ସେ ଏତେ ସନ୍ତୁଷ୍ଟ ନ ଥିଲେ। କାରଣ ସେତେବେଳେ ଲୁଣ ଉତ୍ପାଦନ ଓ ବ୍ୟବସାୟ ନିମିତ୍ତ ନିଯୁକ୍ତ ଅଧିକାରୀ (ସଲ୍ଟ ଏଜେଣ୍ଟ)ଙ୍କ ଦରମା ଥିଲା ୪୦୦୦ଟଙ୍କା।

ତେବେ ଏହି ପରିସଂଖ୍ୟାନର ତାତ୍ପର୍ଯ୍ୟ କ'ଣ? ଦୈନିକ ମଜୁରିକୁ ଏକ ଉଦାହରଣ ହିସାବରେ ନେଲେ ଦେଖାଯିବ ଯେ ୧୮୬୦ରୁ ୧୯୬୦, ଶହେ ବର୍ଷର ବ୍ୟବଧାନ ହେଲେ ହେଁ ସମାଜର ଅର୍ଥନୈତିକ, ଭୌଗୋଳିକ, ଭିତ୍ତିଭୂମି ସମ୍ପର୍କିତ ସ୍ଥିତି ଶହେବର୍ଷିଆ ପ୍ରଗତିର କିଛି ଲକ୍ଷଣ ପ୍ରକାଶ କରୁ ନ ଥିଲା। ଜଣାପଡୁଥିଲା ସମୟ ଯେମିତି ସ୍ଥିର, ଗେଣ୍ଡାଗତିରେ ଚାଲିଛି। ବାପା ତାଙ୍କ ସମୟର କଥା କହୁଥିଲା ବେଳେ ପୁଅ ଆଖପାଖକୁ ଅନାଇ ସେମିତି କିଛି ପାର୍ଥକ୍ୟ ଦେଖିପାରୁ ନ ଥିଲା। ଫଳତଃ ବାପାଙ୍କ ଅନେକ କଥା ଗ୍ରହଣୀୟ ଲାଗୁଥିଲା, ବିଶ୍ୱାସଯୋଗ୍ୟ ଲାଗୁଥିଲା, ଗଳ୍ପ ପରି ଲାଗୁ ନ ଥିଲା। ଖାଲି ଅର୍ଥ ଓ ଭିତ୍ତିଭୂମିର କଥା ନ ଥିଲା, ଶୈକ୍ଷିକ କ୍ଷେତ୍ରରେ ମୋଟାମୋଟି ସେହି ସ୍ଥିରାବସ୍ଥା ଥିଲା। ୧୯୫୦ଦଶକର ହାଇସ୍କୁଲ ପାଠ୍ୟପୁସ୍ତକ ପାଖାପାଖି ୧୯୭୦ ଦଶକ ପର୍ଯ୍ୟନ୍ତ ଚଳୁଥିଲା। ସେଥିରେ କିଛି ସୁବିଧା ଥିଲା। ବାପା ପୁଅକୁ ବା ବଡ଼ଭାଇ ସାନଭାଇକୁ ଆରାମରେ ପାଠ ବୁଝେଇ ଦେଉଥିଲେ।

ସମୟର ଆପାତଗତିହୀନତା ଆଖିକୁ ଏବଂ ପାଦକୁ ଅନେକ ଦୃଷ୍ଟିରୁ କଷ୍ଟ ଦେଉଥିଲେ ବି ଅତି ସୂକ୍ଷ୍ମସ୍ତରରେ ଏହା କିଛି ହିତସାଧନ ମଧ୍ୟ କରୁଥିଲା। ପିଢ଼ି–ପିଢ଼ି ଜୀବନର ସମତା ଉତ୍ତରପିଢ଼ିକୁ ପୂର୍ବ ପିଢ଼ିର ଦୁଃଖକଷ୍ଟରେ ସହଭାଗୀ ହେବାକୁ ମାନସିକ ସ୍ତରରେ ସାହାଯ୍ୟ କରୁଥିଲା। ଆତ୍ମିକ ସ୍ତରରେ ପୁଅ ବାପା, ମା'ଙ୍କର ବାଲ୍ୟାବସ୍ଥା ବା ଯୌବନାବସ୍ଥାର ଦୁଃସ୍ଥିତି ହୃଦୟଙ୍ଗମ କରି କିଛି ଗୋଟାଏ କରି ବାପା, ମା'ଙ୍କର ଆଖିର ଲୁହ ପୋଛିବାକୁ ଉଦ୍ୟମ କରୁଥିଲା। ଅତି ମାତ୍ରାରେ ବ୍ୟାପକ ପରିବର୍ତ୍ତନହୀନତା ଯୁବପିଢ଼ିକୁ ପୁରୁଣା ଗଳ୍ପ, କାହାଣୀ, ନାଟକ, ଉପନ୍ୟାସ, ସିନେମା, ପୌରାଣିକ କାହାଣୀ ତଥା ମହାକାବ୍ୟ ଓ ପୁରାଣରେ ବର୍ଣ୍ଣିତ ଘଟଣାବଳୀ ମଧ୍ୟରେ ସହଜରେ ପ୍ରବେଶ କରିବାକୁ ସହାୟକ ହେଉଥିଲା ଏବଂ ସେହିକ୍ରମରେ ଏକ ସାମାଜିକ, ନୈତିକ ସମୃଦ୍ଧି ସାଧିତ ହେଉଥିଲା। କଥା ଯେତେ ପୌରାଣିକ, ଐତିହାସିକ ବା କାଳ୍ପନିକ ହେଉ ପଛକେ ଯୁବପିଢ଼ି ପାଇଁ ତାହା ଅବାସ୍ତବ ଲାଗୁ ନ ଥିଲା ବରଂ ତଥାକଥିତ ଉଦ୍ଭଟତା ବା ଅବାସ୍ତବତାର ଆବରଣ ତଳେ ଲୁକ୍କାୟିତ ନୈତିକତା ଖୋଜି ପାଉଥିଲେ ସେମାନେ।

ନବେ ଦଶକର ଶେଷାର୍ଦ୍ଧ ପରେ ସ୍ଥିତି ବଦଳିବାକୁ ଲାଗିଲା। ମୁକ୍ତ ଅର୍ଥନୀତିର ପ୍ରଭାବ, ବିଜ୍ଞାନ ଓ କାରିଗରି, ବିଶେଷତଃ ସୂଚନାପ୍ରଯୁକ୍ତି କ୍ଷେତ୍ରରେ ଦୈନନ୍ଦିନ ଘଟୁଥିବା ବୈପ୍ଳବିକ ପରିବର୍ତ୍ତନ, ସାମାଜିକ ପରିବର୍ତ୍ତନ ଏବଂ ତା' ସହିତ ତାଳ ଦେଇ ନିଆଯାଉଥିବା ସରକାରୀ ପଦକ୍ଷେପ ସାଧାରଣ ଲୋକଙ୍କ ଜୀବନଧାରାକୁ ତ ସୁଗମ କଲା କିନ୍ତୁ ସୂକ୍ଷ୍ମ, ଆତ୍ମିକ ସ୍ତରରେ ବେଶ୍ କ୍ଷତି ମଧ୍ୟ ସାଧିତ ହେଲା। ଏବେ ଶହଶହ ବର୍ଷର ଚଳଣି କେଇ ବର୍ଷ ବା କେଇ ମାସ ଭିତରେ ବଦଳିଯାଉଥିବାରୁ ଲୋକେ ଆଉ ସମୟର ବ୍ୟବଧାନ କଳି ପାରୁନାହାନ୍ତି। ଇଲେକ୍ଟ୍ରିକ ବଲ୍‌ବଟିକୁ ସିଏଫ୍‌ଏଲ ବଲ୍‌ବ ପାଖରେ ପହଞ୍ଚିବାକୁ ପାଖାପାଖି ୧୧୦ବର୍ଷ ଲାଗିଥିଲାବେଳେ ସିଏଫ୍‌ଏଲ୍ ପାଖରୁ ଏଲ୍‌ଇଡି ପାଖରେ ପହଞ୍ଚିବାକୁ ଲାଗିଲା ମାତ୍ର କେଇ ବର୍ଷ। ପ୍ରତିଦିନ ନୂତନ ଉଦ୍ଭାବନ, ନୂତନ ଆବିଷ୍କାର। ତା' ସଙ୍ଗେ ତାଳ ଦେଇ ଯୋଗାଯୋଗ କ୍ଷେତ୍ରରେ, ଜ୍ଞାନାର୍ଜନ କ୍ଷେତ୍ରରେ ମଲ୍ଟିମିଡିଆ, ଗଣ ଯୋଗାଯୋଗ, ସାମାଜିକ ଗଣମାଧ୍ୟମର ପ୍ରବେଶ। ମଣିଷର ଚିନ୍ତନ ରାଜ୍ୟ ଆଜି ବିଭିନ୍ନ ପ୍ରଭାବରେ, ଆବରଣରେ ଆଚ୍ଛାଦିତ। ମୁଣ୍ଡଟେକି, ସ୍ପଷ୍ଟ ଭାବରେ, ମୁକ୍ତଭାବରେ ସେ କିଛି ଦେଖି ପାରୁନାହିଁ। ବିଶେଷତଃ ଯୁବପିଢ଼ି। ବିଜ୍ଞାନ, କାରିଗରି କ୍ଷେତ୍ର ଆଜି ସେମାନଙ୍କୁ ଏପରି ଆବୋରି ନେଇଛି ଯେ ସେମାନଙ୍କୁ ଗୁରୁଜନ ବର୍ଣ୍ଣିତ ପୁରୁଣା ଅନୁଭୂତି, ପୁରୁଣା ଉଚ୍ଚାଙ୍ଗ ସାହିତ୍ୟ, ପୌରାଣିକ କଥାବସ୍ତୁ ସବୁ ଉଦ୍ଭଟ, ଅବାସ୍ତବ ଲାଗୁଛି। ସେମାନଙ୍କୁ ଅବାସ୍ତବ, ଅଲୌକିକ କାହାଣୀ ଯେ ଭଲଲାଗୁନି ସେ କଥା ନୁହେଁ, କିନ୍ତୁ ତାହା ନୂତନ କାରିଗରି ବିଦ୍ୟା ମାଧ୍ୟମରେ ଆଧୁନିକ ଶୈଳୀରେ ପରିବେଷିତ ହେବା ଦରକାର। ଗୋଟିଏ ତୀର ଆପଣାଛାଏଁ ପଚାଶଟି ତୀର ପାଲଟିଯିବା ଭଳି ମହାଭାରତ ସିରିୟଲରେ ପ୍ରଦର୍ଶିତ ଦୃଶ୍ୟକୁ ସେମାନେ ଗ୍ରହଣ କରିପାରୁନାହାନ୍ତି। ଅବାସ୍ତବ ରୂପାୟନକୁ ବିଜ୍ଞାନର ପୁଟ ଦିଆଗଲେ, ଆଧୁନିକତାର ରୂପ ଦିଆଗଲେ ହୁଏତ ସେମାନେ ତାକୁ ଉପଭୋଗ କରିବେ। ବିଜ୍ଞାନ ଓ କାରିଗରି ବିଦ୍ୟା ସୌଜନ୍ୟରେ ଜ୍ଞାନାର୍ଜନ କ୍ଷେତ୍ର ଆଜି ଏତେ ବଦଳିଯାଇଛି ଯେ ମାତ୍ର ୩ବର୍ଷ ତଳେ ସ୍ନାତକୋତ୍ତର ଉପାଧି ଲାଭ କରିଥିବା ଛାତ୍ରଟିଏ ଏ ବର୍ଷ ପାସ୍ କରିଥିବା ଛାତ୍ର ପାଖରେ ବିଭିନ୍ନ ପର୍ଯ୍ୟାୟରେ କ୍ଷମାପ୍ରାର୍ଥୀ ହେଉଛି। ମାତ୍ର ୩ବର୍ଷର ବୟସ ବ୍ୟବଧାନ ଥିବା ସାନଭାଇଟି ମୋବାଇଲ ଫୋନ ଆଡ଼କୁ ଠାରି ବଡ଼ଭାଇକୁ କହୁଛି, 'ତୁ କ'ଣ ଜାଣିଛୁ କହିଲୁ?'

ସମୟର ବ୍ୟବଧାନ ଅନୁଯାୟୀ ଜ୍ଞାନ ଓ ଅନୁଭୂତିର ବ୍ୟବଧାନ ଯୁଗେ ଯୁଗେ ଥିଲା। ଜେଜେବାପା, ନାତିଟୋକା ଭିତରେ ଏସବୁ ବେଶ୍ ପରିଲକ୍ଷିତ ହେଉଥିଲା। ବୈଜ୍ଞାନିକ କ୍ଷେତ୍ର ବିଶେଷତଃ ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ଏମିତି ରାତିଅଧିଆ ପରିବର୍ତ୍ତନ ଘଟୁଛି, ଯୁବପିଢ଼ିରୁ କେହି କେହି କହିଲେଣି, ବର୍ଷେ ପଛେ ହେଉ, ପଛରେ ଜନ୍ମନେବା ଲାଭଦାୟକ! କାରଣ ନିମିଷକେ ବଦଳୁଛି ଜ୍ଞାନର ପୃଥିବୀ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ,
ବାଲେଶ୍ୱର, ମୋ : ୯୪୩୭୩ ୭୬୨୧୯,
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାଙ୍କ ଭିତରେ ଭେଦଭାବର ବୀଜବପନ

ମହାଶୟ,

ପ୍ରାଥମିକ ଶିକ୍ଷାକୁ ମାଗଣା ଓ ବାଧ୍ୟତାମୂଳକ କରାଯାଇଛି। ଶିକ୍ଷା ଜନ୍ମଗତ ଅଧିକାର। ସଭିଏଁ ପଢ଼ିବେ, ସଭିଏଁ ବଢ଼ିବେ। ପୁଅଝିଅ ସମାନ– ଏପରି ସ୍ଲୋଗାନ ଦିଆଯାଉଛି। ପ୍ରକୃତପକ୍ଷେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ପ୍ରାଥମିକ ବିଦ୍ୟାଳୟରେ ସବୁ ପିଲାଙ୍କୁ ମାଗଣାରେ ପୋଷାକ ଯୋଗାଇ ଦିଆଯାଉଛି। ଅଥଚ ସାଧାରଣବର୍ଗର ପୁଅପିଲାଙ୍କୁ ଅଣଦେଖା କରାଯାଉଛି। ବିପିଏଲ୍‌ଧାରୀଙ୍କ ପାଇଁ ସୁବିଧା ଥିବାବେଳେ ଏପିଏଲ୍ ସାଧାରଣ ବର୍ଗର ପୁଅ ସେଥିରୁ ବାଦ୍ ପଡୁଛନ୍ତି। ପିଲାଙ୍କ ଭିତରେ ବାଲ୍ୟାବସ୍ଥାରୁ ଏପରି ଭେଦଭାବର ଚିନ୍ତାଧାରା ଭର୍ତ୍ତିକରିବା ଠିକ୍ କି? ସବୁ ପିଲାଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ ସମାଜରେ ଭେଦଭାବ ଦୂର ହୋଇପାରନ୍ତା। ସରକାର ଅନେକ ମାଗଣା ଯୋଜନା କରି ଲୋକଙ୍କୁ ଅଳସୁଆ କରୁଥିବା ସ୍ଥଳେ କୁନିକୁନି ପିଲାଙ୍କ ପାଇଁ ବୈମାତୃକ ମନୋଭାବ ତଥା ପାତରଅନ୍ତର କାହିଁକି?

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି

କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଲିଟର ପିଛା ୧ ଟଙ୍କା ଶୁଳ୍କ ଓ ସେସ୍ ବୃଦ୍ଧି କରିଛନ୍ତି। ଏହା ଦ୍ୱାରା ବସ୍‌ରେ ଯାତ୍ରୀଭଡ଼ା ଓ ମାଲ୍ ପରିବହନର ଭଡ଼ା ବଢ଼ିଯିବ। ଅତ୍ୟାବଶ୍ୟକ ପଦାର୍ଥର ଦରଦାମ୍ ବୃଦ୍ଧି ପାଇବ। ନିର୍ବାଚନ ପୂର୍ବରୁ ସରକାର ଯେଉଁଭଳି ଲୋଭନୀୟ ଯୋଜନା କରି ସରକାରୀ ତହବିଲରୁ ଅର୍ଥ ଖର୍ଚ୍ଚ କଲେ ଏବଂ ଲୋକଙ୍କୁ ଅର୍ଥ ବାଣ୍ଟିଲେ ଇଏ ତା'ର ପ୍ରତିଫଳନ ନୁହେଁ ତ!

ବାସନ୍ତୀ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ରାଉରକେଲା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧ ଅଗଷ୍ଟ ୧୯୯୪

- ଇଟାଲୀର ପୂର୍ବତନ ସୋସାଲିଷ୍ଟ ପ୍ରଧାନମନ୍ତ୍ରୀ ବେଟିନୋ କ୍ରାକ୍ସିଙ୍କୁ ମିଲାନର ଏକ ଅଦାଲତ ଦୁର୍ନୀତି ଅଭିଯୋଗରେ ଦୋଷୀସାବ୍ୟସ୍ତ କରି ସାଢ଼େ ଆଠବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛି।
- ନୋବେଲ ପୁରସ୍କାର ବିଜେତା ପ୍ରଖ୍ୟାତ ବ୍ରିଟିଶ ବୈଜ୍ଞାନିକ ଡୋରୋଥି ହୋଜକିନଙ୍କ ୮୪ ବର୍ଷ ବୟସରେ ପରଲୋକ।

## ସଂକ୍ଷେପରେ

### ଉପଜିଲାପାଳଙ୍କ ନିକଟରେ ସୂଚନା କର୍ମୀଙ୍କ ଫେରାଦ

**ନୀଳଗିରି,୩୧।୭(ଡି.ଏନ.ଏ.):** ସୂଚନା ଅଧିକାର ଆଇନର 'କ' ଫର୍ମରେ ସୂଚନା ମାଗି ତଥ୍ୟ ନ ପାଇବା ଘଟଣାରେ ନୀଳଗିରି ଏନଏସି କାହାଳିଆ ଗାଁର ସୂଚନା କର୍ମୀ ପ୍ରଫୁଲ୍ଲ କୁମାର ମହାନ୍ତି ଉପଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ସେ ସୂଚନା ଅଧିକାର ଅପିଲେଟ ଅଥରିଟିଙ୍କ କାର୍ଯ୍ୟ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଫୁଲ୍ଲ ଦର୍ଶାଇଛନ୍ତି, ସେ ୨୦୧୮ ଜୁଲାଇ ୨୧ରେ ସୂଚନା ଅଧିକାର ଆଇନର 'କ' ଫର୍ମରେ ତହସିଲ ଅଫିସ ସମ୍ପର୍କରେ ତଥ୍ୟ ମାଗିଥିଲେ। କିନ୍ତୁ ତାଙ୍କୁ ତଥ୍ୟ ଦିଆଯାଇ ନ ଥିଲା। ସେ ଏ ସମ୍ପର୍କରେ ସେପ୍ଟେମ୍ବର ୧୭ରେ ସୂଚନା ଅଧିକାରୀଙ୍କ ବିରୋଧରେ ଅପିଲେଟ ଅଥରିଟି ତହସିଲଦାରଙ୍କ କୋର୍ଟରେ 'ଘ' ଫର୍ମରେ ଅପିଲ କରିଥିଲେ। କିନ୍ତୁ ଏହାକୁ ବିଚାରକୁ ନିଆଯାଇ ନ ଥିଲା। ପରେ ସେ ଅପିଲେଟ ଅଥରିଟି ବିରୋଧରେ 'ଙ' ଫର୍ମରେ ୨୦୧୯ ମାର୍ଚ୍ଚ ୨୯ରେ ଭୁବନେଶ୍ୱର କମିଶନର କୋର୍ଟର ଦ୍ୱାରସ୍ଥ ହେବାରୁ ମାମଲା ଏବେ କମିଶନରଙ୍କ କୋର୍ଟରେ ବିଚାରାଧୀନ ରହିଛି। ଏବେ ତରବରିଆ ଭାବେ ଦୁଇଟି ତାରିଖରେ ସୂଚନା କର୍ମୀଙ୍କ ନିକଟକୁ ତଥ୍ୟ ପଠାଯାଇଥିବା କୁହାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ପଦକ୍ଷେପ ନିଆଯାଉ ବୋଲି ପ୍ରଫୁଲ୍ଲ ଦର୍ଶାଇଛନ୍ତି।

## କେନାଲରେ ବୁଡ଼ି ୨ଛାତ୍ରଙ୍କ ମୃତ୍ୟୁ ଘଟଣା

# ୫ ଦିନ ଧରି ସ୍କୁଲ ବନ୍ଦ

**ଖଇରା,୩୧।୭(ଡି.ଏନ.ଏ.)**

ଜିଲା ଖଇରା ଥାନା ଅଧୀନ ରଟିଣା ନୋଡାଲ ହାଇସ୍କୁଲରେ ୭ମ ଶ୍ରେଣୀରେ ପଢୁଥିବା ୨ଛାତ୍ର କେନାଲରେ ବୁଡି ପ୍ରାଣ ହରାଇବା ଭଳି ଦୁଃଖଦ ଘଟଣା ଘଟିବା ପରଠାରୁ ୫ ଦିନ ହେଲା ସ୍କୁଲ ବନ୍ଦ ରହିଛି । ବିଦ୍ୟାଳୟରେ କୌଣସି ପୁରୁଣା ଶିକ୍ଷକଙ୍କ ଯୋଗଦାନକୁ ଗ୍ରାମବାସୀ

### ଚିନ୍ତାରେ ଛାତ୍ରୀଛାତ୍ର, ଅଭିଭାବକ

ବିରୋଧ କରୁଛନ୍ତି। ଏଭଳି ସ୍ଥିତିରେ ଶିକ୍ଷା ବିଭାଗ କୌଣସି ବିକଳ୍ପ ବ୍ୟବସ୍ଥା କରୁ ନ ଥିବାରୁ ସ୍କୁଲରେ ଅଧ୍ୟୟନରତ ୪୩୦ ପିଲାଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଉଛି । ଖୁବଶୀଘ୍ର ସ୍କୁଲ ଖୋଲିବା ବ୍ୟବସ୍ଥା କରା ନ ଗଲେ ଗ୍ରାମବାସୀ ସମୂହ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

ଗତ ଶୁକ୍ରବାର ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ର ଧନଞ୍ଜୟ ଜେନା ଓ ରାଜେଶ ସାହୁ ଖେଳଛୁଟିରେ କେନାଲ ନିକଟକୁ କୌଣସି କାମରେ ଯାଇ ପାଣିରେ ବୁଡିଯିବା ଯୋଗୁ ପ୍ରାଣ ହରାଇଥିଲେ । ଶିକ୍ଷକଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ସେହି ଗ୍ରାମରୁ ଶିକ୍ଷକତା କରିବାକୁ ଆସୁଥିବା ଜଣେ ଶିକ୍ଷକଙ୍କ କାର୍ଯ୍ୟକୁ ନେଇ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଖଇରା ଥାନା ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ହସ୍ତକ୍ଷେପ ପରେ ବିବାଦର ଆଂଶିକ ସମାଧାନ ହୋଇଥିଲେ ମଧ୍ୟ ଶନିବାରଠାରୁ ଏ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲି ନାହିଁ । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ ଷଡଙ୍ଗୀଙ୍କୁ ପଚାରିବାରୁ କହିଛନ୍ତି ଯେ, ପ୍ରଧାନଶିକ୍ଷକ ଭାବେ ସିମୁଳିଆ ଅମ୍ବିକା ହାଇସ୍କୁଲର ପ୍ରଧାନଶିକ୍ଷକ ସୁବୋଧ ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ସେ ଗୁରୁବାର ରଟିଣା ନୋଡାଲ ହାଇସ୍କୁଲରେ ଯୋଗ ଦେବାକୁ ଚିଠି କରାଯାଇଛି । ୨ କିମ୍ବା ୩ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଧୀରେ ଧୀରେ ଶିକ୍ଷାନୁଷ୍ଠାନ ପରିବେଶ କିଭଳି ସ୍ୱାଭାବିକ ହେବ ସେଥିପ୍ରତି ଧ୍ୟାନ ଦିଆଯାଉଛି । ଛାତ୍ରୀଛାତ୍ରଙ୍କ ଆଗାମୀ ଭବିଷ୍ୟତକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଖୋଲିବାକୁ ମିଲି ସାହୁ, କବିତା ସାହୁ, ପ୍ରତିମା ସାହୁ, କରୁଣାକର ସେଠୀ, ପ୍ରକାଶ ସେଠୀ ପ୍ରମୁଖ ଛାତ୍ରୀଛାତ୍ର ଶିକ୍ଷା ବିଭାଗକୁ ଅନୁରୋଧ କରିଛନ୍ତି । ଅନ୍ୟପକ୍ଷେ ତୁରନ୍ତ ବିଦ୍ୟାଳୟ ଖୋଲା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଶମ୍ଭୁନାଥ ଦାସ, ଜଗବନ୍ଧୁ ଜେନା, ଭଗବାନ ଜେନା ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ରଟିଣା ସ୍କୁଲ ଗେଟ୍‌ରେ ତାଲା ପଡିଛି ।

## ୧୨ ଯାଏ ସଦସ୍ୟତା ଅଭିଯାନ


ଭାଜପା କୃଷକ ମୋର୍ଚ୍ଚାର ସଦସ୍ୟତା ଅଭିଯାନ କର୍ମଶାଳା।

**ବାଲେଶ୍ୱର ଅଫିସ, ୩୧।୭:** ବାଲେଶ୍ୱରସ୍ଥିତ ଡ୍ରଗିଷ୍ଟ ଭବନଠାରେ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ମହେନ୍ଦ୍ର ଦାସଙ୍କ ନେତୃତ୍ୱରେ କୃଷକ ମୋର୍ଚ୍ଚାର ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର କୃଷକଙ୍କୁ ସଦସ୍ୟ କରି ଭାଜପାର କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ସ୍ଥିର କରାଯାଇଥିବା ଏହି କର୍ମଶାଳାରେ ସୂଚନା ଦିଆଯାଇଛି। ମୋର୍ଚ୍ଚା ପକ୍ଷରୁ କୁହାଯାଇଛି ଯେ, ପ୍ରତି୩ବର୍ଷରେ ଥରେ ଭାଜପା ପକ୍ଷରୁ ସଦସ୍ୟତା ସଂଗ୍ରହ କାର୍ଯ୍ୟ ହୋଇଥାଏ। ଚଳିତବର୍ଷ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯାଉଛି। ୧୫ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ନୂତନ ସଦସ୍ୟମାନେ ଟୋଲ ଫ୍ରି ନମ୍ବର ୮୯୮୦୮୦୮୦୮୦ରେ ମିସ୍ କଲ କରି ଭାଜପାରେ ସଦସ୍ୟ ହୋଇ ପାରିବେ ବୋଲି ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ଉପସଭାପତି ମହେଶ ସାହୁ ସୂଚନା ଦେଇଥିଲେ। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କର୍ମଶାଳା ଅବସରରେ କୃଷକ ମୋର୍ଚ୍ଚା ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ଜିଲା ସଦସ୍ୟତା ପ୍ରମୁଖ ପର୍ଶୁରାମ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଶଙ୍କର୍ଷଣ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲା କୃଷକ ମୋର୍ଚ୍ଚା ସଭାପତି ବୈରାଗୀ ଜେନା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଂଶୁମାନ ମହାନ୍ତି, ଜିଲା କୃଷକ ମୋର୍ଚ୍ଚା ପ୍ରଭାରୀ ଶୁଭଙ୍କର ମହାପାତ୍ର, ସଦସ୍ୟତା ପ୍ରଭାରୀ ଉମାକାନ୍ତ ମହାପାତ୍ର, ଜିଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ଜିଲା ପ୍ରବକ୍ତା ଗୌରାଙ୍ଗ ଦାସ, କଲ୍ୟାଣ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ୪-୧ ଗୋଲରେ ମାରାଂବୁରୁ କ୍ଲବ ବିଜୟୀ


ପଡ଼ିଆରେ ଉଭୟ ଦଳର ଖେଳାଳି।

**ବାଲେଶ୍ୱର ଅଫିସ,୩୧।୭**

### ଜିଲା ଫୁଟ୍‌ବଲ ଲିଗ୍-୨୦୧୯

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୁଲ୍ୟରେ ବୁଧବାର ଆୟୋଜିତ ଜିଲା ଫୁଟ୍‌ବଲ ଲିଗ୍-୨୦୧୯ ଖେଳ ଷ୍ଟାର କ୍ଲବ ଓ ମାରାଂବୁରୁ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାରାଂବୁରୁ କ୍ଲବ ୪-୧ ଗୋଲରେ ଷ୍ଟାର କ୍ଲବକୁ ହରାଇ ବିଜୟୀ ହୋଇଥିଲା। ପ୍ରଦୀପ କୁମାର ଦାସ, ସଲିଲ ସିଂ, ସେକ୍ ଅବଦୁଲ ମଜିଦ, କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଗୁରୁବାରର ଖେଳ ଫକୀରମୋହନ କ୍ଲବ ଓ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି।

## ହୋଟେଲରୁ ୪ ଶିଶୁ ଶ୍ରମିକ ଉଦ୍ଧାର

**ସୋର,୩୧।୭(ଡି.ଏନ୍.ଏ.):** 'ଅପରେସନ୍ ପରୀ-୩' ଶୁଭାରମ୍ଭର ପ୍ରଥମ ଦିନରେ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସୋର ମାଟିଆପହ୍ଲା ଛକ ନିକଟ ଏକ ହୋଟେଲରୁ ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ନୋଡାଲ ଅଫିସର ଡିଏସ୍‌ପି ଏସ.କେ ବେହେରାଙ୍କ ନିର୍ଦ୍ଦେଶରେ ପରୀ ଟିମ୍‌ର ଡିସିଆର୍‌ବି ଇନ୍ସପେକ୍ଟର ବିମଳ କୁମାର ନାୟକ, ମୌସୁମୀ ମହାନ୍ତି, ସହଦେବଖୁଣ୍ଟା ଥାନା, ଫକୀର ଚରଣ ଦାସ, ଡିଆଇବି, ରେଣୁକା କର, ଡିସିଆର୍‌ବି ଏହି ହୋଟେଲରେ ଚଢାଉ କରି ସେଠାରେ କାର୍ଯ୍ୟ କରୁଥିବା ୪ ଶିଶୁଙ୍କୁ ଉଦ୍ଧାର କରି ସୋର ଥାନକୁ ଆଣିବା ପରେ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି। ଏହି ଅପରେସନ୍ ବେଳେ ରେଳଷ୍ଟେଶନ, ବସଷ୍ଟାଣ୍ଡ, ଘରୋଇ ଭାବେ, ଧାର୍ମିକ ସ୍ଥାନ, ଆଶ୍ରୟସ୍ଥଳୀ, ଢାବା ଏବଂ ହୋଟେଲରେ କାମ କରୁଥିବା ନିଖୋଜ କିମ୍ବା ଅନାଥ ଶିଶୁଙ୍କୁ ଉଦ୍ଧାର କରାଯାଇ ଥଇଥାନ୍ କରାଯିବ ବୋଲି ଜଣାପଡିଛି।

## ମରାମତି ଓ ପ୍ରଶସ୍ତୀକରଣ ଦାବି କରି ରାସ୍ତାରୋକୋ


ପକ୍କା ରାସ୍ତା ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ।

**ବାଲିଆପାଳ,୩୧।୭(ସ୍ୱ.ପ୍ର.)**

ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ମରାମତି ଓ ପ୍ରଶସ୍ତୀକରଣ ନ ହେବାରୁ ବୁଧବାର ପୂର୍ବାହ୍ନରୁ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମାନ୍ଧାତା ପଞ୍ଚୁପାଲି ରାସ୍ତାର ପଞ୍ଚୁପାଲି ଛକ ନିକଟରେ ଗ୍ରାମବାସୀ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଏହି ରାସ୍ତାଟି ଜଳସେଚନ ବିଭାଗ ଅଧୀନରେ ଥିଲେ ବି ରକ୍ଷଣାବେକ୍ଷଣ ଓ ମରାମତି ନ ହେବାରୁ ଏକପ୍ରକାର ମରଣଯନ୍ତା ପାଲଟିଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଲୋକେ ମୃତ୍ୟୁମୁଖରେ ପଡୁଥିଲେ ବି ପ୍ରଶାସନର ନିଦ ଭାଙ୍ଗୁନି। ରାସ୍ତା ସମ୍ପୂର୍ଣ୍ଣ ଖାଲଖମାରେ ପୂରି ଥିବାରୁ ୫କି.ମି. ଦୂର ଅତିକ୍ରମ କରିବାକୁ ଯାନବାହନକୁ ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। ଏହା ଏ ଅଞ୍ଚଳର ଏକ ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଶହଶହ ଗାଡ଼ିମୋଟର, ବସ୍, ଆମ୍ବୁଲାନ୍ସ, ଦମକଳଗାଡ଼ି ସମେତ ସ୍କୁଲକଲେଜ ଛାତ୍ରୀଛାତ୍ର ଯିବା ଆସିବା କରୁଛନ୍ତି। ରାସ୍ତାର ଦୁରବସ୍ଥା ସମ୍ପର୍କରେ ଅଞ୍ଚଳବାସୀ ସ୍ଥାନୀୟ ନେତା ଓ ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ଲୋକ ଦେଖାଣିଆ ମାଟି ମିଶା ମୋରମ ପକାଇ ପ୍ରଶାସନ ଦାୟିତ୍ୱ ସାରି ଦେଉଛି। ଏଭଳି ତାଳିପକା ଓ ଅସ୍ଥାୟୀ କାମକୁ ଅଞ୍ଚଳବାସୀ ବିରୋଧ କରି ଏହାକୁ ସ୍ଥାୟୀ ଓ ପ୍ରଶସ୍ତ ପକ୍କା ରାସ୍ତାରେ ପରିଣତ କରାଯାଉ ବୋଲି ଦାବି କରିଆସୁଛନ୍ତି। ବୁଧବାର ରାସ୍ତାରୋକୋ ଆନ୍ଦୋଳନ କରିଥିବା ଲୋକେ ଏହି ଦାବି ନେଇ ଜିଦ୍‌ରେ ଅଡିବସିଥିଲେ। ବିଭାଗୀୟ ଜେଇ ଜୟକୃଷ୍ଣ ବେହେରା ଘଟଣାସ୍ଥଳକୁ ଆସି ଲୋକଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ସହିତ ଏହାକୁ ସ୍ଥାୟୀ ପକ୍କା ରାସ୍ତା କରିବା ଲାଗି ଉଚ୍ଚପଦସ୍ଥ ବିଭାଗୀୟ ଅଫିସରଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଗ୍ରାମରୁ ଏକ ପ୍ରତିନିଧିଦଳ ଇରିଗେଶନ ବିଭାଗୀୟ ଯନ୍ତ୍ରୀଙ୍କୁ ଦେଖା କରି ଆଲୋଚନା କରିବା ସକାଶେ ବେହେରା ପରାମର୍ଶ ଦେଇଥିଲେ। ସୁବଳ ଚନ୍ଦ୍ର ଦାସ, ଶାରଦା ଗିରି, ଗୋପାଳ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ମାନ୍ଧାତା ଓ ପଞ୍ଚୁପାଲି ଅଞ୍ଚଳର ଗ୍ରାମବାସୀ ଆନ୍ଦୋଳନ କରିଥିଲେ।

## 'ଆଦର୍ଶ ଶିକ୍ଷକଙ୍କ ଜୀବନ ନିଆରା'

**ସିମୁଳିଆ,୩୧।୭(ଡି.ଏନ.ଏ.)**

କହ୍ନେଇବିନ୍ଧାସ୍ଥିତ ଦଶଭୁଜା ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ୩୦ବର୍ଷ ଧରି ଶିକ୍ଷକତା କରି ଆସିଥିବା ବରିଷ୍ଠ ସଂସ୍କୃତ ଶିକ୍ଷକ ଡ. କମଳାକାନ୍ତ ପତିଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ତାଙ୍କୁ ଉପଢୌକନ ସହ ମାନପତ୍ର ଓ ଫୁଲତୋଡ଼ା ପ୍ରଦାନ କରାଯାଇଥିଲା । ପ୍ରଧାନଶିକ୍ଷକ ରଘୁନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଅତିଥିମାନେ ଯୋଗ ଦେଇଥିଲେ। ଭାରତ ସେବାନିଧି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କବି ସୂର୍ଯ୍ୟମଣି ବୋଇତି ଜଣେ ଆଦର୍ଶ ଶିକ୍ଷକଙ୍କ ଜୀବନ ନିଆରା ବୋଲି କହିଥିଲେ। ସେହିପରି ବିଭିନ୍ନ ଅତିଥି ଆଦର୍ଶକୁ ଆଧାର କରି ଶିକ୍ଷକମାନେ ଉଚ୍ଚବ୍ୟକ୍ତିତ୍ୱର ଅଧିକାରୀ ହେଲେ ସମସ୍ତଙ୍କ ସମ୍ମାନ ପାଇ ପାରିଥାନ୍ତି ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଡ. ମାୟାଧର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଧୀରେଶ କୁମାର ଷଡ଼ଙ୍ଗୀ, ଏବିଇଓ ଲମ୍ବୋଦର ସିଂ, ଓଷ୍ଟା ବ୍ଲକ ସମ୍ପାଦକ ପ୍ରସନ୍ନ କୁମାର ଧଳ, ଜିଲା ସମ୍ପାଦକ ବାଦଲ ଚନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାଳିକ, ପଦ୍ମଲୋଚନ ଦାଶ, ଅଶୋକ କୁମାର ମହାନ୍ତି, ମୋହନ ଚରଣ ଖିଲାର, ହୃଷୀକେଶ ପଣ୍ଡା, ପୁରାତନ ଛାତ୍ର ସଂସଦ ସଭାପତି ସୁଧାକର ପଲାଇ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଦଶଭୁଜା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ଶିକ୍ଷୟିତ୍ରୀ, ଶିକ୍ଷକ, ବର୍ତ୍ତମାନ ଓ ପୁରାତନ ଛାତ୍ରୀଛାତ୍ର ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତଙ୍କ ବ୍ୟକ୍ତିତ୍ୱ, ସମୟାନୁବର୍ତ୍ତିତା, ଛାତ୍ର ବତ୍ସଳତା ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀମାନଙ୍କ ପକ୍ଷରୁ ପ୍ରଥମେ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା ।


ଅବସରପ୍ରାପ୍ତ ଶିକ୍ଷକଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି।


**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.31/OMC Dtd.31.07.2019

**ADVERTISEMENT FOR RECRUITMENT OF EXECUTIVES IN OMC**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries. It has attained annual turnover of Rs.4053 Crores during the Financial Year 2018-19.
The Corporation is looking for dynamic & competent professionals to be inducted as Dy. Managers in different disciplines as under:

| Sl. No. | Name of the Post & Grade | Scale of Pay | Category of Posts | | | | Total Posts |
|---|---|---|---|---|---|---|---|
| | | | SC | ST | SEBC | UR | |
| 1 | Dy. Manager (Min.), E-2 Grade | Rs.67,700/- to 2,08,700/- | 02 | 04 | 02 | 04 | 12 |
| 2 | Dy. Manager (Mech.), E-2 Grade | Rs.67,700/- to 2,08,700/- | 01 | 0 | 0 | 02 (01-W) | 03 |
| 3 | Dy. Manager (Electrical), E-2 Grade | Rs.67,700/- to 2,08,700/- | 01 | 01 | 01 | 03 (01-W) | 06 |
| | Total | | | | | | 21 |

Interested candidates fulfilling the eligibility criteria for respective posts may apply through on-line process of application available in OMC Website **www.omcltd.in from 10:00 AM of 3rd August 2019 till 11:59 PM of 23rd August, 2019.**
The OMC Management reserves the right to cancel, amend or alter the above advertisement without assigning any reason thereof.
Sd/-
Director (Personnel)



**CIME Bhubaneswar** | NAAC Accredited
उद्यमेन ही सिध्यन्ति
**COLLEGE OF IT & MANAGEMENT EDUCATION**
(A Constituent College of BPUT, Odisha)
**Notice for Reporting of candidates for the Academic Session 2019-20**
The freshers who have been allotted seat (Final Round Allotment) in this Institute through the OJEE-2019 Counselling are advised to report for admission into **1st year MBA, MCA, MCA-LE as well as M.Tech (CSE) from 05.08.2019 to 08.08.2019** within working hours. For further details, visit our website : **www.cime.ac.in or** contact Mr. Sudhir Kumar Senapati (7008295948) / Dr. P.D. Das (7978668517) / 0674-2587267.
**PRINCIPAL**
Plot No.4, Sector-A, Zone-B, Mancheswar Industrial Estate, Bhubaneswar-751010, email : principal@cime.ac.in, website : cime.ac.in








**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ସମ୍ବଲପୁର**

ସଂଖ୍ୟା.୧୨୯୬ ତାରିଖ.୩୧।୦୭।୨୦୧୯

**ଚୁକ୍ତିଭିତ୍ତିକ ନିଯୋଜନ ପାଇଁ ବିଜ୍ଞାପନ**

ସମ୍ବଲପୁର ଜିଲ୍ଲାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଦୁଇଜଣ ମୁଖ୍ୟ ରୋଷେୟା ପଦବୀ ପୂରଣ ସକାଶେ ଚୁକ୍ତି ଭିତ୍ତିକ ନିଯୋଜନ ପାଇଁ ଉପଯୁକ୍ତ ମହିଳା ପ୍ରାର୍ଥିନୀମାନଙ୍କଠାରୁ ନିର୍ଦ୍ଧାରିତ ପ୍ରୋଫର୍ମାରେ ଦରଖାସ୍ତ ଆହ୍ୱାନ କରାଯାଉଛି। ଉକ୍ତ ପଦବୀଟି ସମ୍ପୂର୍ଣ୍ଣରୂପେ ସାମୟିକ ଓ ଚୁକ୍ତିଭିତ୍ତିକ ଅଟେ। ଚୟନ ସମୟରେ ସ୍ଥାନୀୟ ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ। ଯଦି ସମ୍ପୃକ୍ତ ବ୍ଲକରେ ଉପଯୁକ୍ତ ପ୍ରାର୍ଥିନୀ ନ ମିଳନ୍ତି ତା'ହେଲେ ସମ୍ବଲପୁର ଜିଲ୍ଲାର ଅନ୍ୟ ବ୍ଲକର ପ୍ରାର୍ଥିନୀଙ୍କୁ ବିଚାରକୁ ନିଆଯିବ। ସମସ୍ତ ସଂଲଗ୍ନ ସହିତ ନିର୍ଦ୍ଧାରିତ ପ୍ରୋଫର୍ମାରେ ଦରଖାସ୍ତ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ଦ୍ୱିତୀୟ ମହଲା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର-୭୬୮୦୦୧ ଠିକଣାରେ ରେଜିଷ୍ଟ୍ରି ଡାକ/କ୍ଷିପ୍ର ଡାକ ଯୋଗେ ପହଞ୍ଚିବା ଦରକାର। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ମୁଖ୍ୟ ରୋଷେୟା ପଦବୀ ପାଇଁ ଆବେଦନ ପତ୍ର ଲେଖାଥିବା ବନ୍ଦ ଲଫାଫାରେ ଆବେଦନପତ୍ର ଦାଖଲ କରିବା ବାଞ୍ଛନୀୟ। ଆବେଦନ ପତ୍ର ପହଞ୍ଚିବାର ଶେଷ ତାରିଖ ହେଲା ୧୫।୦୮।୨୦୧୯। ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିବା ଆବେଦନପତ୍ରକୁ କୌଣସି ପରିସ୍ଥିତିରେ ମଧ୍ୟ ବିଚାରକୁ ନିଆଯିବ ନାହିଁ। ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ଏହି ବିଜ୍ଞାପନକୁ ଆଂଶିକ/ସମ୍ପୂର୍ଣ୍ଣ ପରିବର୍ତ୍ତନ/ରଦ୍ଦ କରିପାରିବେ। ସମ୍ପୂର୍ଣ୍ଣ ତଥ୍ୟ ପାଇଁ ଜିଲ୍ଲା ୱେବ୍‌ସାଇଟ୍ **www.sambalpur.nic.in** କୁ ଲଗ୍‌ଅନ୍ କରନ୍ତୁ।


**ସ୍ୱା./- ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ**
**ସମଗ୍ର ଶିକ୍ଷା, ସମ୍ବଲପୁର**



Your classified advertisement published in Dharitri will be listed free in Dharitri online edition :
**www.dharitri.com**


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**✓ଗୋଦାବରିଶ ରଥ**
ଗ୍ରାମ-ସାମନ୍ତରାପୁର, ତାଳବସ୍ତ, ଜିଲ୍ଲା-କଟକ
ଆବିର୍ଭାବ: ୨୩.୦୯.୧୯୩୫
ତିରୋଧାନ: ୧୨.୦୮.୨୦୧୮
ଆପଣଙ୍କର ଅନାବିଳ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଶ୍ରଦ୍ଧା, ଆଦର୍ଶ ଓ ଦିଗ୍‌ଦର୍ଶନ ଆମ ମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହେଉ । ଆପଣଙ୍କ ସ୍ମୃତି ଆମ ମନରେ ସବୁଦିନ ଜୀବନ୍ତ ହୋଇ ରହିଅଛି । ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ଆପଣଙ୍କର ଅନୁପସ୍ଥିତି ଅନୁଭବ କରୁଛୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ : ସହଧର୍ମିଣୀ, ସମସ୍ତ ପୁଅ, ବୋହୂ, ଝିଅ, ନାତିନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୩୬୮

### ୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ବିପ୍ର ଚରଣ ଦାଶ**
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ତୁମର ଆଦର୍ଶ ଆମ ଚଲାପଥରେ ସହାୟକ ହେଉ, ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:**
**ଦାଶ ପରିବାର**
ଧ-୧୩୬୮

# ସେବା ପାଇଁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ,୩୧।୭:** ବାଲେଶ୍ୱର ଜିଲା ପୋଲିସ ପ୍ରଶାସନର ଏଏସ୍ଆଇ ପ୍ରଭାକର ତିୱାରୀ ଦୀର୍ଘ ୩୫ବର୍ଷ ୭ମାସ ପୋଲିସ ସେବାରେ ନିୟୋଜିତ ରହି ଅବସର ନେଇଛନ୍ତି। ବୁଧବାର ଏସ୍‌ପି ଅଫିସ୍‌ରେ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର ତାଙ୍କୁ ମାନପତ୍ର, ଉପଢ଼ୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବହୁ ଉପରିସ୍ଥ ଅଧିକାରୀ, ସହକର୍ମୀ ଉପସ୍ଥିତ ଥିଲେ। ପ୍ରଭାକର ୧୯୮୩ ଡିସେମ୍ବର ୧୨ ତାରିଖରେ କନଷ୍ଟେବଲ ଭାବେ ପୋଲିସ ବିଭାଗରେ ଯୋଗଦେଇ କାର୍ଯ୍ୟ କରିବା ପରେ ୨୦୧୦ ନଭେମ୍ବର ୨୯ ତାରିଖରେ ଏଏସ୍ଆଇକୁ ପଦୋନ୍ନତି ହୋଇଥିଲେ। ସେ ବିଭିନ୍ନ ଥାନାରେ କାର୍ଯ୍ୟ କରିବା ଅବସରରେ ଦକ୍ଷତାର ସହ କାର୍ଯ୍ୟ କରି ୪୮ଟି ବିଭାଗୀୟ ପୁରସ୍କାର ଲାଭ କରିଛନ୍ତି। ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ଲାଗି ସେ ଅଧିକାରୀ ଓ ସହକର୍ମୀଙ୍କର ପ୍ରିୟଭାଜନ ଥିଲେ।

# 'ଗ୍ରାମୀଣ ଶିଳ୍ପର ବିକାଶ ଲାଗି ଆନ୍ଦୋଳନ ଜରୁରୀ'

**ଭୋଗରାଇ,୩୧।୭(ଡି.ଏନ.ଏ.)**

- କ୍ଷୁଦ୍ରଶିଳ୍ପ ମାଧ୍ୟମରେ ବେକାର ଯୁବତୀ ଯୁବକଙ୍କୁ ମିଳିବ ନିଯୁକ୍ତି ସୁଯୋଗ
- ସରକାରୀ ଯୋଜନାର ସଦୁପଯୋଗ ଲୋଡ଼ା
- ଏ ଦିଗରେ ସଚେତନତା ସୃଷ୍ଟି ପ୍ରତି ଗୁରୁତ୍ୱ

ଏକଦା ଗାଁଗଣ୍ଡାରେ କୃଷିଭିତ୍ତିକ କ୍ଷୁଦ୍ରଶିଳ୍ପ କୃଷି ତଥା ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିଥିଲା। କାଳକ୍ରମେ କ୍ଷୁଦ୍ରଶିଳ୍ପ ଅବକ୍ଷୟର ଶିକାର ହେବାରୁ ଏହାର ପ୍ରତିକୂଳ ପ୍ରଭାବ ପଡିଛି। ଗାଁର ବାସ୍ତବ ବିକାଶ ହେଲେ ଦେଶର ବିକାଶ ସମ୍ଭବ। ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ ଉପଲବ୍ଧ ପ୍ରକୃତିର ଦାନକୁ ଉପଯୋଗ କରି କ୍ଷୁଦ୍ରଶିଳ୍ପ ଗଢ଼ି ତୋଳିଲେ ଗ୍ରାମର ଆର୍ଥିକ ଓ ସାମାଜିକ ସ୍ଥିତିରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ। ଗ୍ରାମାଞ୍ଚଳରେ ଶିଳ୍ପାୟନ ଭିତ୍ତିଭୂମିର ବିକାଶ ବିନା ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇବା ସମ୍ଭବ ହେବ ନାହିଁ। କାମଧନ୍ଦା ନ ପାଇ ଏବେ ଅନେକ ବେକାର ଯୁବତୀଯୁବକ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ଗ୍ରାମୀଣ କ୍ଷୁଦ୍ରଶିଳ୍ପ ମାଧ୍ୟମରେ ସେମାନଙ୍କୁ ରୋଜଗାରକ୍ଷମ କରାଯାଇ ପାରିବ ବୋଲି ବୁଧବାର ଆୟୋଜିତ ଶିଳ୍ପ ସଚେତନତା ଓ



ଶିଳ୍ପ ସଚେତନତା ଶିବିରରେ ବିଭାଗୀୟ ଅଧିକାରୀ।

ଉଦ୍ୟୋଗୀ ସମ୍ବେଦୀକରଣ ଶିବିରରେ ମତ ପ୍ରକାଶ ପାଇଛି। ଗ୍ରାମୀଣ ଶିଳ୍ପ ସଂସ୍ଥାର ପ୍ରସାର ଲାଗି ବୃହତ୍ତର ଆନ୍ଦୋଳନ ଅପରିହାର୍ଯ୍ୟ ବୋଲି କୁହାଯାଇଥିଲା।

ବାଲେଶ୍ୱର ଜିଲା ଶିଳ୍ପ ଅଧିକାରୀ ହରିହର ଜେନା ଭୋଗରାଇ ଜୟରାମପୁର ଠାରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶିଳ୍ପ ସହକାରୀ ମ୍ୟାନେଜର ଅନିଲ କୁମାର ଦେ, ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ, ୟୁନିଅନ ବ୍ୟାଙ୍କ ମ୍ୟାନେଜର ଅସିତ କୁମାର ଦାସ, ଶିଳ୍ପ ବିକାଶ ଅଧିକାରୀ ବସନ୍ତ କୁମାର ତରାଇ ପ୍ରମୁଖ ବିଭିନ୍ନ କ୍ଷୁଦ୍ରଶିଳ୍ପ ମାଧ୍ୟମରେ ଯୁବତୀଯୁବକଙ୍କୁ ରୋଜଗାରକ୍ଷମ କରିବା ଲାଗି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଶିବିରରେ ଯୋଗ ଦେଇଥିବା କର୍ମୀଙ୍କୁ ଅବଗତ କରାଇଥିଲେ। ଗ୍ରାମୀଣ ଶିଳ୍ପର ବିକାଶ ଲାଗି ବ୍ୟାପକ ସଚେତନତା ସୃଷ୍ଟି ଓ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟରାମପୁର ପଞ୍ଚାୟତ ସରପଞ୍ଚ ଦୀପ୍ତିରାଣୀ ମିଶ୍ର, ଗୋପୀନାଥପୁର ସରପଞ୍ଚ ସୁମତି ସିଟ୍ ଓ ପସରବିନ୍ଧା ସରପଞ୍ଚ ଲକ୍ଷ୍ମୀପ୍ରିୟା ପରିଡ଼ାଙ୍କ ନେତୃତ୍ୱରେ ଶତାଧିକ ମହିଳା ଗୋଷ୍ଠୀର ପ୍ରତିନିଧି କର୍ମଶାଳାରେ ଯୋଗଦେଇଥିଲେ। ବ୍ଲକ କପା ଶିଳ୍ପର ପ୍ରଶିକ୍ଷକ ପବିତ୍ର ମୋହନ ସ୍ୱାଇଁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ପଛକେ ଅଧୁଆ ହେଉ**
**ପେଯ ହେଉ ବହଳିଆ**
**ଘଇତା ପଛକେ ସନ୍ତିଆ ହେଉ**
**ଶାଢ଼ି ହେଉ ତଉଁରିଆ ।**

କେତେକ ମହିଳା ସ୍ତ୍ରୀଧର୍ମ ପାଳନ କରି ନ ଥାନ୍ତି। ସ୍ୱାମୀ ପଛେ ବୈରାଗୀ ହେଉ, ଯାହିତାହି ଜୀବନ ବିତାଉ ସେଥିକୁ ପରବାୟ ନ କରି ନିଜେ କେମିତି ଭଲରେ ଖାଇବ, ପିନ୍ଧିବ ତଥା ଚଳିବ ସେ କଥାକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି। ସ୍ୱାମୀର ଚଳଣି ତଥା ରୋଜଗାର ଦେଖି ସ୍ତ୍ରୀ ନିଜର ଆବଶ୍ୟକତା ପୂରଣ କରିବା ଶୋଭନୀୟ ହେଉଥିବା ସ୍ଥଳେ ସ୍ୱାମୀକୁ ପଛ କରି ସ୍ତ୍ରୀ ନିଜର ଲାଳସା ପୂରଣ କରିବା ପାଇଁ ଆଗଭର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚନ୍ଦ୍ରମଣ୍ଡଳ ମଧ୍ୟେ ତାରା**
**ମେଘ ବରଷଇ ମୂଷଳ ଧାରା ।**

ଚନ୍ଦ୍ରମଣ୍ଡଳ ମଧ୍ୟରେ ତାରା ରହିଥିଲେ ଅଧିକ ପରିମାଣର ବର୍ଷା ହେବାର ସମ୍ଭାବନା ରହିଥାଏ। ଗ୍ରହ ନକ୍ଷତ୍ରର ସ୍ଥିତି ଦେଖି ପାଣିପାଗ ବିଷୟରେ ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

**ରସାଳପୁର,୩୧।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ପଡୁଆଁପଦାସ୍ଥିତ ଶ୍ରୀଜଗନ୍ନାଥ ଆବାସିକ ବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରୀଙ୍କୁ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବାହ୍ନରେ ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ରବି ନାରାୟଣ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ କବି ପ୍ରଶାନ୍ତ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହ ଗୁରୁମାନଙ୍କ ପ୍ରତି ଭକ୍ତି, ମାତାପିତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। କଥାଛଳରେ ସେ ଗୁଣାତ୍ମକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜର ଉତ୍ତରଓଡ଼ିଶା ସଂସ୍କରଣର ମୁଖ୍ୟ ପରିଚାଳକ ମଧୁସୂଦନ ଦାସ ଯୋଗ ଦେଇ ଛାତ୍ରୀଛାତ୍ରମାନେ ଶିକ୍ଷାମନସ୍କ ହୋଇ ଶିକ୍ଷାଲାଭ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଖବରଦାତା ଗଙ୍ଗାଧର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ୍ ନିତ୍ୟାନନ୍ଦ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଚତୁର୍ଭୁଜ ମଲ୍ଲିକ, ବିଦ୍ୟାଳୟର ପରିଚାଳନା ପରିଷଦ ସେକ୍ରେଟାରୀ ଲକ୍ଷ୍ମୀପ୍ରିୟା ଜେନା, ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଗଙ୍ଗାଧର ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନଶିକ୍ଷକ ମହାପାତ୍ର ଛାତ୍ରୀଛାତ୍ରମାନେ ମୋବାଇଲ ବ୍ୟବହାର ନ କରିବା ଲାଗି ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଶ୍ରୟସ୍ଥଳୀରେ ବିଦ୍ୟୁତ୍, ଜଳଯୋଗାଣକୁ ଗୁରୁତ୍ୱ

**ବାଲେଶ୍ୱର ଅଫିସ,୩୧।୭**

ବାଲେଶ୍ୱର ଜିଲାରେ ଚଳିତବର୍ଷ ସମ୍ଭାବ୍ୟ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ 'ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟି'ର ଜରୁରୀ ବୈଠକ ବୁଧବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଥିବା ସମସ୍ତ ବନ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟୁତ୍‌ ଓ ଜଳଯୋଗାଣକୁ

**ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ**

ସୁବ୍ୟବସ୍ଥିତ କରିବା ଲାଗି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ବନ୍ୟା ସମୟରେ କ୍ଷୟକ୍ଷତି ସମ୍ପର୍କିତ ତଥ୍ୟ ଜାଣିବା ଓ ରିଲିଫ କାର୍ଯ୍ୟ ପରିଚାଳନା ଲାଗି ପ୍ରତ୍ୟେକ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ଜରୁରୀ ପରିସ୍ଥିତି ନିୟନ୍ତ୍ରଣ କେନ୍ଦ୍ର ଖୋଲାଯିବା ଏବଂ ଜିଲାର ସମସ୍ତ ନଦୀବନ୍ଧ ଓ ଜାତୀୟ ରାଜପଥ ଓ ଘାଇଗୁଡ଼ିକୁ ତୁରନ୍ତ



ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀଗଣ।

ମରାମତି କରିବା ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷାର ପରିମାଣ ସମ୍ପର୍କରେ ଜିଲା ଜରୁରୀକାଳୀନ ବିଭାଗକୁ ପୂର୍ବାହ୍ନ ସାଢେ ୮ଟା ସୁଦ୍ଧା ଇ-ମେଲ, ଫୋନ ଓ ହ୍ୱାଟସ୍‌ଆପ୍ ମାଧ୍ୟମରେ ଜଣାଇବାକୁ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କୁ କୁହାଯାଇଥିଲା। ସେହିପରି ବନ୍ୟା ପ୍ରଭାବିତ ସମସ୍ତ ବ୍ଲକକୁ ବିଭିନ୍ନ ଜୋନ୍‌ରେ ବିଭକ୍ତ କରି ପରିସ୍ଥିତି ପ୍ରତି ସତର୍କ ନଜର ରଖିବା ସକାଶେ ବିଭିନ୍ନ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା।

ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ଜିଲାର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୩୨ଟି ଯନ୍ତ୍ରଚାଳିତ ଡଙ୍ଗା ମହଜୁଦ ରଖାଯାଇଛି। ଦେଶୀ ଡଙ୍ଗା ଓ ଘରୋଇ ମାଲିକାନାରେ ଥିବା ଯନ୍ତ୍ରଚାଳିତ ଡଙ୍ଗାର ତାଲିକା ପ୍ରସ୍ତୁତ କରି ଏହାର ରିପୋର୍ଟ ଜିଲା ଜରୁରୀକାଳୀନ କାର୍ଯ୍ୟାଳୟରେ ପ୍ରଦାନ କରିବାକୁ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଯଥେଷ୍ଟ ପରିମାଣର ପଲିଥିନ୍, ଚାଉଳ, ଶୁଖିଲା ଖାଦ୍ୟ, କିରାସିନ, ସାପକାମୁଡ଼ା ଔଷଧ, ପିଇବା ପାଣି ଓ ଗୋଖାଦ୍ୟ ମହଜୁଦ ରଖିବା ଲାଗି କୁହାଯାଇଥିଲା। ସେହିପରି ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ରାସ୍ତା ମରାମତି ସହ ଜେନରେଟରକୁ ଠିକ୍ ରଖିବା ପାଇଁ କୁହାଯାଇଥିଲା। ଓଡ୍ରାଫ୍, ଏନଡ଼ିଆରଏଫ୍ ଟିମ୍‌କୁ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ଠିକ୍ ସ୍ଥାନରେ ନିୟୋଜିତ କରିବା, ସ୍ୱେଚ୍ଛାସେବୀ ଓ ବେସରକାରୀ ସଙ୍ଗଠନମାନଙ୍କୁ ନେଇ ବ୍ଲକସ୍ତରୀୟ ସମନ୍ୱୟ କମିଟି ଗଠନ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ନେସ୍କୋକୁ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ନେବାକୁ କୁହାଯିବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବାକୁ କୁହାଯାଇଥିଲା। ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ସମ୍ବିତ କୁମାର ନାୟକ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ଭାରପ୍ରାପ୍ତ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସର୍ବେଶ୍ୱର ସିଂ, ନୀଳଗିରି ଉପଜିଲାପାଳ ହରିଶ ଚନ୍ଦ୍ର ଜେନା ପ୍ରମୁଖ ବୈଠକରେ ମଞ୍ଚାସୀନ ଥିବାବେଳେ ଜିଲାର ସମସ୍ତ ବିଡିଓ, ତହସିଲଦାର, ଲାଇନ ଡିପାର୍ଟମେଣ୍ଟ ଅଧିକାରୀଗଣ ଉପସ୍ଥିତ ଥିଲେ।

# କିରାଣି- ଲୋକପ୍ରତିନିଧିଙ୍କ ସମ୍ପର୍କର ତଦନ୍ତ ନ ହେଲେ ଆନ୍ଦୋଳନ: କଂଗ୍ରେସ

**ଜଳେଶ୍ୱର,୩୧।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ସହର ନୂଆବଜାର ସ୍ଥିତ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ମୁଖ୍ୟ କିରାଣି ତରଣୀ କୁମାର ଭୂୟାଁ ଆୟ ବହିର୍ଭୁକ୍ତ ସମ୍ପତ୍ତି ଠୁଳ କରିବା ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ବାଲେଶ୍ୱର ଜେଲରେ ଦିନ କାଟୁଛନ୍ତି। ଜଣେ ଜନପ୍ରତିନିଧିଙ୍କ ସହିତ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଘନିଷ୍ଠ ସମ୍ପର୍କ ରଖି ସେ ଦୁର୍ନୀତି କାର୍ଯ୍ୟକଳାପ ଜାରି ରଖିଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କ ମାଲିକାନାରେ ଥିବା ଏକ ଦାମିକା ଗାଡ଼ି ସମ୍ପୃକ୍ତ ଜନ ପ୍ରତିନିଧି ବ୍ୟବହାର କରୁଥିବାରୁ ଏ ନେଇ କଂଗ୍ରେସ ଆପତ୍ତି ଉଠାଇଛି। ଏହି ଭିଡିଓ ସମ୍ପର୍କକୁ ଲୋକଲୋଚନକୁ ଆଣିବା ଲାଗି ଜଳେଶ୍ୱର ଜାତୀୟ କଂଗ୍ରେସର ଏକ ପ୍ରତିନିଧି ଦଳ ଗୁରୁବାର ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବେ ବୋଲି ବୁଧବାର ଅପରାହ୍ନରେ ଜଳେଶ୍ୱର ସହର ବଡ଼ବଜାର ସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଜଳେଶ୍ୱର କଂଗ୍ରେସର ଉପଦେଷ୍ଟା ସତ୍ୟସୁନ୍ଦର ଦାସ, ନାରୀନେତ୍ରୀ କାଦମ୍ବିନୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୫ମାସ ପରେ ମିଳିଲା ଘରପୋଡ଼ି ଟଙ୍କା

**ବାଲେଶ୍ୱର ଅଫିସ,୩୧।୭:** ବାଲେଶ୍ୱର ସଦର ବ୍ଲକ ପାତ୍ରପଡ଼ା ପଞ୍ଚାୟତ ପୁରୁଣା ବାଲେଶ୍ୱର ଅଞ୍ଚଳର ଶକୁନ୍ତଳା ମାଝିଙ୍କ ଘର ଫେବୃୟାରୀ ମାସରେ ପୋଡ଼ି ଯାଇଥିଲା। ସହାୟତା ପାଇଁ ସେ ସଦର ବ୍ଲକକୁ ଆବେଦନ କରି ନିରାଶ ହୋଇଥିଲେ। 'ଆଛା'ର ସଦସ୍ୟମାନେ ତାଙ୍କୁ ନେଇ ତତ୍କାଳୀନ ଜିଲାପାଳଙ୍କୁ ଅବଗତ କରାଇଥିଲେ। ତଦନୁଯାଇ ବୁଧବାର ତହସିଲଦାର ପଞ୍ଚାନନ ପାତ୍ର ଶକୁନ୍ତଳାଙ୍କ ଆକାଉଣ୍ଟକୁ ୯୮ହଜାର ୮୦୦ ଟଙ୍କା ପ୍ରଦାନ କରିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ରଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi




ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତ୍ତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତ୍ତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ବିରଲା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ଖାଲିଥିବା ଜମି ଓ ଛାତ ଉପରେ
ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
8877423997

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

B.Ed. REGULAR 2 Years
Utkal University & NCTE Approved
USHAKIRAN
(Since 2013)
New Bus Stand - 752056
KHORDHA
9437635135
9090024024


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଉତ୍ତରପ୍ରଦେଶର ବୁଲନ୍ଦସହରରେ ଆର୍‌ଏସ୍ଏସ୍ ସେନା ସ୍କୁଲ ପ୍ରତିଷ୍ଠା ପାଇଁ ଯୋଜନା କରିଥିବାବେଳେ ଏସ୍‌ପି ଅଧକ୍ଷ ଅଖିଳେଶ ଯାଦବ ଏହାକୁ ସମ୍ବିଧାନ ବିରୋଧୀ ବୋଲି ସମାଲୋଚନା କରିଛନ୍ତି। ବିଭାଜନବାଦୀ ବିଚାରଧାରା ଆପଣାଉଥିବା ଆର୍‌ଏସ୍‌ଏସ୍ ରାଜନୈତିକ ଫାଇଦା ପାଇଁ ଏଭଳି ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ ଯାଉଛି, ଯେଉଁଠି ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି ଓ ଭିଡ଼ହିଂସା ଭିଆଇବାର ପାଠ ପଢ଼ାଯିବ ବୋଲି ଅଖିଳେଶ କହିଛନ୍ତି।

## ସଂକ୍ଷେପରେ

### ମନି ଲଣ୍ଡରିଂ ମାମଲା ଫାରୁକ୍ ଅବ୍‌ଦୁଲ୍ଲାଙ୍କୁ ଇଡିର ଜେରା



**ନୂଆଦିଲ୍ଲୀ, ୩୧।୭(ପି.ଟି.):** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବ୍‌ଦୁଲ୍ଲାଙ୍କୁ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ବୁଧବାର ଜେରା କରାଯାଇଛି। ରାଜ୍ୟ କ୍ରିକେଟ ଆସୋସିଏଶନରେ ଆର୍ଥିକ ହେର୍‌ଫେର ହୋଇଥିବାବେଳେ ତାଙ୍କୁ ଏନେଇ ବିଭିନ୍ନ ପ୍ରଶ୍ନ କରାଯାଇଛି। କେନ୍ଦ୍ରୀୟ ସଂସ୍ଥାର ଚଣ୍ଡିଗଡ଼ସ୍ଥିତ କାର୍ଯ୍ୟାଳୟରେ ଫାରୁକ୍ ପହଞ୍ଚିବା ପରେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଗତବର୍ଷ ଜୁଲାଇରେ ଫାରୁକ୍‌ଙ୍କ ନାମ ସିବିଆଇ ଚାର୍ଜଶିଟ୍‌ରେ ସ୍ଥାନ ପାଇଥିଲା। ବିସିସିଆଇ ପକ୍ଷରୁ ୨୦୦୨ରୁ ୨୦୧୧ ମଧରେ ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏଶନକୁ ୪୩ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିବାବେଳେ ଏଥିରେ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଥିଲା।

### କାଗେରି କର୍ଣ୍ଣାଟକ ବାଚସ୍ପତି

**ବେଙ୍ଗାଲୁରୁ, ୩୧।୭(ପି.ଟି.) :** ଭାଜପାର ବରିଷ୍ଠ ନେତା ତଥା ୬ ଥର ବିଧାୟକ ହୋଇଥିବା ବିଶ୍ୱେଶ୍ୱର ହେଗ୍‌ଡ଼େ କାଗେରି ବୁଧବାର ସର୍ବସମ୍ମତିକ୍ରମେ କର୍ଣ୍ଣାଟକ ବିଧାନସଭାର ୨୨ତମ ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ସିର୍‌ସି ବିଧାୟକ କାଗେରି ମଙ୍ଗଳବାର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ବୁଧବାର ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କାଗେରିଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଭାଜପା ନେତା ବାସବରାଜ ବୋମାଇ ଏହାକୁ ସମର୍ଥନ କରିଥିଲେ। ପରେ ଧ୍ୱନିମତରେ କାଗେରିଙ୍କୁ ନିର୍ବାଚିତ କରାଯାଇଥିଲା।

## ■ ୧୦% ଇଡବ୍ଲ୍ୟୁଏସ୍ କୋଟା: ସାମ୍ବିଧାନିକ ବେଞ୍ଚ୍‌କୁ ପଠାଇବା ପ୍ରସଙ୍ଗ

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୩୧।୭**



ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଉକ୍ତ ମାମଲା ସାମ୍ବିଧାନିକ ବେଞ୍ଚ୍‌କୁ ପଠାଯିବ କି ନାହିଁ ତାହା ଉପରେ ସୁପ୍ରିମକୋର୍ଟ ବୁଧବାର ରାୟ ସଂରକ୍ଷିତ ରଖିଛନ୍ତି। ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପାଖାପାଖି ୨୦ କୋଟି ଲୋକଙ୍କ ଆର୍ଥିକ ବିକାଶ ଉଦ୍ଦେଶ୍ୟରେ ସମ୍ବିଧାନ (୧୦୩ତମ ସଂଶୋଧନ) ଆଇନ, ୨୦୧୯ ଇଡବ୍ଲ୍ୟୁଏସ୍‌ଙ୍କୁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସୁବିଧା ପ୍ରଦାନ କରିଥିବା ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଖଣ୍ଡପୀଠଙ୍କୁ ଜଣାଇଥିଲେ। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଆର୍. ସୁଭାଷ ରେଡ୍ଡୀ ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଏକାଧିକ ଆବେଦନର ଶୁଣାଣି କରିଥିଲେ।

ବିଭିନ୍ନ ବର୍ଗଙ୍କ ଲାଗି ସ୍ଥାନ ସଂରକ୍ଷଣ ସୁବିଧା ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ୧୯୯୩ର ଏକ ରାୟରେ ସ୍ପଷ୍ଟ କରିଥିଲେ। ତେବେ ଇଡବ୍ଲ୍ୟୁଏସ୍‌ଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତ ବାହାରେ ହୋଇଥିବାରୁ ଏହାର ବୈଧତାକୁ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଛି। କୋଟା ସୀମା ୫୦% ଅତିକ୍ରମ କରିଥିବାରୁ ଏହା ସମାନତା ନୀତିର ଉଲ୍ଲଂଘନ କରୁଛି ବୋଲି ବରିଷ୍ଠ ଆଇନଜୀବୀ ରାଜୀବ ଧାଓ୍ୱନ ଯୁକ୍ତି ଦର୍ଶାଇଥିଲେ।

### ଜମ୍ମୁ-କଶ୍ମୀରରେ ୧୦% କୋଟା ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୩୧।୭(ପି.ଟି.):** ଜମ୍ମୁ-କଶ୍ମୀରରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ଦେବା ପାଇଁ ଅଣାଯାଇଥିବା ଏକ ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଜମ୍ମୁ-କଶ୍ମୀର ସଂରକ୍ଷଣ (ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୧୯କୁ ଅନୁମୋଦନ କରାଯାଇଥିବା ଏକ ସରକାରୀ ବିବୃତିରେ କୁହାଯାଇଛି। ଜମ୍ମୁ-କଶ୍ମୀର ବିଧାନସଭାକୁ ଭଙ୍ଗ କରାଯାଇଥିବାରୁ ଏହି ବିଲ୍ ଖୁବ୍‌ଶୀଘ୍ର ପାର୍ଲାମେଣ୍ଟରେ ଆଗତ ହେବ। ବିଲ୍ ପାସ୍ ହେଲେ ରାଜ୍ୟର ସରକାରୀ ନିଯୁକ୍ତିରେ ସ୍ଥାନୀୟ ଆର୍ଥିକ ଦୁର୍ବଳ ଶ୍ରେଣୀର ଯୁବତୀଯୁବକଙ୍କ ଲାଗି ସଂରକ୍ଷଣ ସୁବିଧା ଉପଲବ୍ଧ ହେବ।



ନିୟନ୍ତ୍ରଣରେଖାରେ ପାକିସ୍ତାନୀ ସେନାର ଗୁଳିମାଡ଼ରେ ଶହୀଦ ହୋଇଥିବା ଯବାନ ଲାନ୍ସ ନାଏୟ କ୍ରିଷନ୍ ଲାଲଙ୍କ ସ୍ତ୍ରୀ ଓ ଭଉଣୀ ଜମ୍ମୁର ଅଖ୍‌ନୁର ନିକଟସ୍ଥ ଘଡ଼ିୟାଲ ଗ୍ରାମରେ ତାଙ୍କ କଫିନ୍ ଧରି ଦୁଃଖରେ ଭାଙ୍ଗିପଡ଼ୁଛନ୍ତି।

### ପାର୍ଲାମେଣ୍ଟରେ ଆଗତ ହେବ ଚିଟ୍‌ଫଣ୍ଡ ବିଲ୍

**ନୂଆଦିଲ୍ଲୀ,୩୧।୭**

ଚିଟ୍‌ଫଣ୍ଡ (ସଂଶୋଧନ) ବିଲ୍, ୨୦୧୯ ପାର୍ଲାମେଣ୍ଟରେ ଆଗତ କରିବା ଲାଗି କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଏହି ବିଲ୍ ପାସ୍ ହେଲେ ଉକ୍ତ ସେକ୍ଟର ସରଳୀକୃତ ହେବା ସହ ପଞ୍ଜୀକୃତ ଚିଟ୍‌ଫଣ୍ଡ ଶିଳ୍ପ ଉପରେ ଥିବା ନିୟାମକ କିମ୍ବା ଅନୁପାଳନ ବୋଝ ହ୍ରାସ ପାଇବ। ଏହାବ୍ୟତୀତ ଚିଟ୍‌ଫଣ୍ଡ ସ୍କିମ୍‌ରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ବିଲ୍‌ରେ ବ୍ୟବସ୍ଥା ରହିବ। ଏହା ବିଭିନ୍ନ ଚିଟ୍‌ଫଣ୍ଡ ଯୋଜନାରେ ନିୟମାନୁଯାୟୀ ହେଉଥିବା ଜମା କ୍ଷେତ୍ରରେ ଲାଗୁ ହେବ ଏବଂ ନିୟମାବଳୀକୁ ସୁଦୃଢ଼ କରିବ ବୋଲି ମନ୍ତ୍ରୀ କହିଛନ୍ତି।

## ବିସ୍ଫୋରଣରେ ୩୪ ଯାତ୍ରୀ ମୃତ



**କାବୁଲ, ୩୧।୭**

ପଶ୍ଚିମ ଆଫଗାନିସ୍ତାନରେ ବୁଧବାର ଏକ ଯାତ୍ରୀବାହୀ ବସ୍ ବୋମା ବିସ୍ଫୋରଣରେ କ୍ଷତିଗ୍ରସ୍ତ ହେବା ସହ ଏଥିରେ ଥିବା ୩୪ ଯାତ୍ରୀଙ୍କ ପ୍ରାଣହାନି ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ବୋଲି ଜଣାପଡ଼ିଛି। ବସ୍‌ଟି କାନ୍ଦାହାର-ହେରାଟ୍ ରାଜପଥ ଦେଇ ଯାଉଥିବାବେଳେ ବୋମା ବିସ୍ଫୋରଣର ଶିକାର ହୋଇଥିଲା ବୋଲି ଫାରା ପ୍ରଦେଶର ମୁଖପାତ୍ର ମୁହିବୁଲ୍ଲା ମୁହିବ୍ ପ୍ରକାଶ କରିଛନ୍ତି। ବିସ୍ଫୋରଣରେ ଆହତ ହୋଇଥିବା ୧୭ ବ୍ୟକ୍ତିଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ତେବେ ଏହି ଆକ୍ରମଣ ପଛରେ ତାଲିବାନ୍‌ର ହାତ ଅଛି କି ନାହିଁ, ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଫାରା ପ୍ରଦେଶ ଗଭର୍ନରଙ୍କ ମୁଖପାତ୍ର ଫାରୁକ୍ ବାରାକ୍‌ଜାଇ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି ବୋଲି କହିଛନ୍ତି।

ଆଫଗାନିସ୍ତାନରେ ଅଧିକାଂଶ ସାଧାରଣ ଲୋକଙ୍କ ମୃତାହତକୁ ନେଇ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିବାର ଗୋଟିଏ ଦିନ ପରେ ବୁଧବାର ଏଭଳି ବିସ୍ଫୋରଣ ହୋଇଛି। ପ୍ରାୟ ୧୮ ବର୍ଷର ଯୁଦ୍ଧର ଅବସାନ ଲାଗି ଜାତିସଂଘ କହିଛି। ତାଲିବାନ୍ ଆକ୍ରମଣରେ ଯେତିକି ସାଧାରଣ ଲୋକ ପ୍ରାଣ ହରାଇ ନାହାନ୍ତି, ତା'ଠାରୁ ଅଧିକ ଆମେରିକା ଓ ସରକାର ସପକ୍ଷବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଛନ୍ତି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି।

## ■ ଅଗୁସ୍ତା ମାମଲାରେ ଅଦାଲତଙ୍କୁ ଜଣାଇଲେ ଇଡି

# ସାକ୍ଷୀଙ୍କୁ ଭୟଭୀତ କରାଉଛନ୍ତି କମଲନାଥଙ୍କ ପୁତୁରା

**ନୂଆଦିଲ୍ଲୀ,୩୧।୭(ପି.ଟି.)**



ରାତୁଲ ପୁରୀ

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁତୁରା ରାତୁଲ ପୁରୀ ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାର ସାକ୍ଷୀମାନଙ୍କୁ ଭୟଭୀତ କରାଉଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଦିଲ୍ଲୀର ଏକ ଅଦାଲତଙ୍କୁ ଜଣାଇଛି। ରାତୁଲଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ବେଳେ ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାରଙ୍କୁ ଇଡି ଏହା ଜଣାଇବା ସହ ତାଙ୍କୁ ଜେରା ପାଇଁ ହେପାଜତକୁ ନେବା ଲାଗି ଆବେଦନ କରିଥିଲା। ଜାମିନ ଆବେଦନ ଉପରେ ଶୁଣାଣି ଅସମାପ୍ତ ରହିବାରୁ ରାତୁଲଙ୍କୁ ଗୁରୁବାର ପର୍ଯ୍ୟନ୍ତ ଗିରଫ କରାଯାଇପାରିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ରାତୁଲ ଧମକ ଚମକ ଦେଉଥିବାରୁ ଲୋକେ ଭୟଭୀତ। ବିଭିନ୍ନ ସାକ୍ଷୀଙ୍କ ଉପରେ ସେ ଚାପ ପକାଉଥିବା ଅଭିଯୋଗ ହୋଇଛି ବୋଲି ଇଡି କୋର୍ଟଙ୍କୁ ଜଣାଇଥିଲେ। ତାଙ୍କୁ କୋର୍ଟ ଗିରଫଦାରିରୁ ରିହାତି ଦେଇଥିଲେ ବି ସେ ତଦନ୍ତରେ ସହଯୋଗ କରୁ ନ ଥିବା ଇଡି କହିଛି।

ଅଗୁସ୍ତା ମାମଲାରେ କେ.କେ. ଖୋସ୍‌ଲା ମୃତ ବୋଲି ଇଡି ଘୋଷଣା କରିବାର

### ମୃତ ଘୋଷିତ ସାକ୍ଷୀ ଜୀବିତ

୨୪ ଘଣ୍ଟା ପରେ ବୁଧବାର ତାଙ୍କୁ ଠାବ କରାଯାଇଛି। ସେ ଗୁରୁବାର କୋର୍ଟରେ ହାଜର ହେବେ। ଏହି ମାମଲାର କେତେକ ମୂଲ୍ୟବାନ୍ ଦସ୍ତାବିଜ୍ ତାଙ୍କ ପାଖରେ ରହିଛି। ଇଡି ବାରମ୍ବାର ଖୋସ୍‌ଲାଙ୍କ ଘରକୁ ଯାଇ ତାଙ୍କୁ ନ ପାଇବାରୁ ସମ୍ଭବତଃ ସେ ମୃତ ବୋଲି ମଙ୍ଗଳବାର କୋର୍ଟଙ୍କୁ ଜଣାଇଥିଲା। ବୁଧବାର ମତ ବଦଳାଇ ସେ ଜୀବିତ ଓ ଗୁରୁବାର ହାଜର ହେବେ ବୋଲି ଜଣାଇଛି। ଖୋସ୍‌ଲାଙ୍କ ପାଖରେ ଥିବା ଦସ୍ତାବିଜ୍‌ରେ କେଉଁମାନେ କେତେ ପରିମାଣରେ ଲାଞ୍ଚ ନେଇଥିଲେ ତାହା ଉଲ୍ଲେଖ ଥିବା ଇଡି କହିଛି।

# ନାବାଳକ ପାଟିରେ ୫୨୬ ଦାନ୍ତ

### ଅସ୍ତ୍ରୋପଚାର କରି ବାହାର କଲେ ଡାକ୍ତର

**ଚେନ୍ନାଇ,୩୧।୭**



ଚେନ୍ନାଇରେ ରହୁଥିବା ୭ ବର୍ଷର ପିଲା ପାଟିରୁ ଡାକ୍ତରମାନେ ୫୨୬ଟି ଦାନ୍ତକୁ ହଟାଇଦେଇଛନ୍ତି। ରବୀନ୍ଦ୍ରନାଥ ନାମକ ଏହି ପିଲାର ଡାହାଣ ଗାଲ ଫୁଲିବା ପରେ ଦାନ୍ତ ସମସ୍ୟା ଥିବା ପରିବାର ଲୋକେ ଭାବିଥିଲେ। ହସ୍ପିଟାଲ ନେବା ପରେ ତାଙ୍କର ତଳ ମାଢ଼ି ଭିତରେ ୫୨୬ଟି କ୍ଷୁଦ୍ର ଦାନ୍ତ ଥିବା ଡାକ୍ତରମାନେ ଜାଣିବାକୁ ପାଇଥିଲେ। ଏହି ଦାନ୍ତଗୁଡ଼ିକ ବାହାରକୁ ଦେଖାଯାଉ ନ ଥିଲା। ଡାକ୍ତରମାନେ ଅସ୍ତ୍ରୋପଚାର କରି ସେଗୁଡ଼ିକୁ ବାହାର କରିଛନ୍ତି। ତେବେ ତାଙ୍କର ସ୍ୱାଭାବିକ ଦାନ୍ତ ଅକ୍ଷୁଣ୍ଣ ରହିଛି। ଏହି ଅସ୍ତ୍ରୋପଚାର ପାଇଁ ୫ ଘଣ୍ଟା ସମୟ ଲାଗିଥିଲା। ସବିତା ଡେଣ୍ଟାଲ କଲେଜର ଡାକ୍ତରଙ୍କ ସହ ପିଜି ଛାତ୍ରମାନେ ଅସ୍ତ୍ରୋପଚାରରେ ସାମିଲ ହୋଇଥିଲେ। ତେବେ ଅସ୍ୱାଭାବିକ ଭାବେ ଏଭଳି ଦାନ୍ତ ସୃଷ୍ଟି ହେବାର କାରଣ ସମ୍ପର୍କରେ ଡାକ୍ତରମାନେ କିଛି କହିପାରି ନାହାନ୍ତି।

# ଖାଦ୍ୟର କୌଣସି ଧର୍ମ ନାହିଁ: ଜୋମାଟୋ

**ନୂଆଦିଲ୍ଲୀ, ୩୧।୭(ପି.ଟି.) :** ଭାରତର ୨୧୩ ସହରକୁ ଖାଦ୍ୟ ଡେଲିଭରୀ କରୁଥିବା ସଂସ୍ଥା 'ଜୋମାଟୋ'ର ଖାଦ୍ୟ ଫେରାଯିବା ଘଟଣା ସାମ୍ନାକୁ ଆସିଛି। ମଙ୍ଗଳବାର ରାତିରେ ମଧ୍ୟପ୍ରଦେଶର ଜବଲପୁର ନିବାସୀ ଅମିତ୍ ଶୁକ୍ଳା ଶ୍ରାବଣ ମାସରେ ଅଣହିନ୍ଦୁ ବ୍ୟକ୍ତିଙ୍କ ହାତରେ ଖାଦ୍ୟ ଡେଲିଭରୀ କରାଯିବାରୁ ଅର୍ଡର କ୍ୟାନ୍‌ସଲ କରିଥିଲେ। ଜୋମାଟୋ ପକ୍ଷରୁ କିନ୍ତୁ ନିଜ ପକ୍ଷ ରଖି ଡେଲିଭରୀ ବଏ ପରିବର୍ତ୍ତନ କରାଯିବନି ବୋଲି କହିବା ସହ ଖାଦ୍ୟର କୌଣସି ଧର୍ମ ନାହିଁ ବୋଲି କୁହାଯାଇଛି। ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଜାତିଆଣ ମନୋଭାବର ସ୍ଥାନ ନାହିଁ ବୋଲି କୁହାଯାଇଛି। ଜୁମାଟୋ ପ୍ରତିଷ୍ଠାତା ଦୀପିନ୍ଦର ଗୋୟଲଙ୍କ ମନ୍ତବ୍ୟକୁ ଏସ୍.ୱାଇ.କ୍ୟୁରେସୀ, ମେହବୁବା ମୁଫ୍‌ତି ପ୍ରମୁଖ ପ୍ରଶଂସା କରିଛନ୍ତି।

# ଜଷ୍ଟିସ୍ ଶୁକ୍ଳାଙ୍କ ବିରୋଧରେ ରୁଜୁ ହେବ ମାମଲା

**ନୂଆଦିଲ୍ଲୀ,୩୧।୭(ପି.ଟି./ ଆଇଏଏନ୍ଏସ୍)–**



ଜଷ୍ଟିସ ଏସ୍.ଏନ୍. ଶୁକ୍ଳା

ଆଲ୍ଲାହାବାଦ୍ ହାଇକୋର୍ଟର ବିଚାରପତି ଜଷ୍ଟିସ ଏସ୍.ଏନ୍. ଶୁକ୍ଳାଙ୍କ ବିରୋଧରେ ମାମଲା ରୁଜୁ କରିବା ଲାଗି ପ୍ରଧାନ ବିଚାରପତି (ସିଜେଆଇ)ଜଷ୍ଟିସ ରଞ୍ଜନ ଗୋଗୋଇ ସିବିଆଇକୁ ଅନୁମତି ଦେଇଛନ୍ତି। ଏମ୍‌ବିବିଏସ୍ ନାମଲେଖା ପାଇଁ ଏକ ଘରୋଇ କଲେଜକୁ ସେ ଅନୁକମ୍ପା ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ ହେବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

ସିବିଆଇ ପକ୍ଷରୁ ଏନେଇ ଅନୁମତି ମଗାଯାଇଥିବାବେଳେ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ପରାମର୍ଶକ୍ରମେ ପୂର୍ବରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିଲା। ଜଷ୍ଟିସ୍ ମିଶ୍ର ଏନେଇ କେତେକ ହାଇକୋର୍ଟ ବିଚାରପତିଙ୍କୁ ନେଇ ପ୍ୟାନେଲ ଗଠନ କରିଥିଲେ। ଏହି

### ସିଜେଆଇଙ୍କ ଅନୁମତି

ପ୍ୟାନେଲ ଜଷ୍ଟିସ ଶୁକ୍ଳାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ସିବିଆଇ ପକ୍ଷରୁ ଏ ସମ୍ପର୍କୀତ ତଥ୍ୟ କ୍ରମାନୁସାରେ ସିଜେଆଇଙ୍କୁ ପ୍ରଦାନ କରାଯାଇଛି। ସିବିଆଇ ରିପୋର୍ଟ ଦେଖିବା ପରେ ଜଷ୍ଟିସ୍ ଗୋଗୋଇ ତଦନ୍ତ ଆରମ୍ଭ କରିବା ଲାଗି ଅନୁମତି ପ୍ରଦାନ କରିଛନ୍ତି। ହାଇକୋର୍ଟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ବିରୋଧରେ ତଦନ୍ତ ଲାଗି ଅନୁମତି ଦିଆଯିବା ଓ ମାମଲା ରୁଜୁହେବା ପ୍ରଥମ ବୋଲି ସୁପ୍ରିମକୋର୍ଟ ଅଧିକାରୀଙ୍କଠାରୁ ଜଣାପଡ଼ିଛି।

### [ଇତିହାସର ଆଇନାରେ] ଅଗଷ୍ଟ ୧ର ପ୍ରମୁଖ ଘଟଣା

୧୯୧୬ ଅଗଷ୍ଟ ୧ରେ ଆନି ବେସାନ୍ତ ହୋମ୍ ରୁଲ୍ ଲିଗ୍ ଆରମ୍ଭ କରିଥିଲେ। ସେ ଜଣେ ବ୍ରିଟିଶ୍ ଆଧାତ୍ମବିଦ୍, ଲେଖିକା, ସୁବକ୍ତା ଓ ମହିଳା ଅଧିକାର କର୍ମୀ। ସେ ଭାରତର ସ୍ୱଶାସନକୁ ସମର୍ଥନ କରୁଥିଲେ। ୧୮୯୩ରେ ସେ ଥିଓସଫିକାଲ ସୋସାଇଟିରେ ସାମିଲ ହୋଇ ଭାରତ ଆସିଥିଲେ।

୧୯୨୦ ଅଗଷ୍ଟ ୧ରେ ବାଲ୍ ଗଙ୍ଗାଧର ତିଲକଙ୍କ ପରଲୋକ ହୋଇଥିଲା। ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ତିନି ପ୍ରମୁଖ ନେତା ଲାଲ୍-ବାଲ୍-ପାଲ୍ ମଧ୍ୟରୁ ସେ ଅନ୍ୟତମ। ତାଙ୍କୁ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ନେତା କୁହାଯାଏ। ବାଲ୍ ଗଙ୍ଗାଧର ତିଲକଙ୍କୁ ଲୋକମାନ୍ୟ ଉପାଧି ମିଳିଥିଲା।

# ନଭେମ୍ବରରେ ସୁସ୍ମିତାଙ୍କ ବାହାଘର



**ମୁମ୍ବାଇ:** ହିନ୍ଦୀ, ତାମିଲ, ବେଙ୍ଗଲୀ ଆଦି ଫିଲ୍ମରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନ ମୋହିବାରେ ସଫଳ ହୋଇଥିବା ପୂର୍ବତନ ମିସ୍ ୟୁନିଭର୍ସ ସୁସ୍ମିତା ସେନ୍ ଆସନ୍ତା ନଭେମ୍ବରରେ ତାଙ୍କ ବୟ ଫ୍ରେଣ୍ଡ୍ ତଥା ମଡେଲ୍ ରହମନ୍ ଶଲ୍‌ଙ୍କୁ ବିବାହ କରିବେ। ସୁସ୍ମିତାଙ୍କ ଭାଇ ରାଜୀବ ସେନ୍‌ଙ୍କ ବିବାହ ପରେ ଏଦୁହେଁ ନୂଆ ଜୀବନ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ରହମନ୍ ଏନେଇ ସୁସ୍ମିତାଙ୍କୁ ପ୍ରପୋଜ୍ କରି ସଫଳ ହୋଇସାରିଛନ୍ତି। ସୁସ୍ମିତା ମଧ୍ୟ ଏନେଇ ବେଶ୍ ଖୁସି ଅଛନ୍ତି। ୨୦୧୮ରୁ ସେମାନଙ୍କ ପ୍ରେମ ସମ୍ପର୍କ ବିଷୟରେ କାହାରିକୁ ଅଛପା ନାହିଁ। କେବଳ ତାରିଖକୁ ଅପେକ୍ଷା। ସୁସ୍ମିତା ଶୀତଦିନକୁ ଅପେକ୍ଷା କରିଥିବାବେଳେ ନଭେମ୍ବର କିମ୍ବା ଡିସେମ୍ବରରେ ରହମନ୍‌ଙ୍କ ସହ ତାଙ୍କର ବିବାହ ହେବ ବୋଲି ଜଣାପଡ଼ିଛି। ମଝିରେ ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ଭିନ୍ନକଥା ଶୁଣିବାକୁ ମିଳିଥିଲା। ଏମିତି କି ସେମାନଙ୍କ ସମ୍ପର୍କରେ ବିଚ୍ଛେଦ କଥା ମଧ୍ୟ ଉଠିଥିଲା। ହେଲେ ଇନ୍‌ଷ୍ଟାଗ୍ରାମରେ ଏହି ଯୋଡ଼ିଙ୍କ ରୋମାଣ୍ଟିକ୍ ଫଟୋ ଆସିବା ପରେ ସବୁ ଆଶଙ୍କା ଦୂର ହୋଇଥିଲା। ୪୩ ବର୍ଷୀୟ ସୁସ୍ମିତା ୨୮ ବର୍ଷର ରହମନ୍‌ଙ୍କୁ ଜୀବନସାଥୀ କରିବା ଲାଗି ଚୂଡ଼ାନ୍ତ ନିଷ୍ପତ୍ତି ନେଇସାରିଥିବାବେଳେ କେବଳ ସମୟକୁ ହିଁ ଅପେକ୍ଷା।

# ବିଧାୟକଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କଲା ସିବିଆଇ

**ନୂଆଦିଲ୍ଲୀ,୩୧।୭(ପି.ଟି.)**

### ଉନ୍ନାଓ ମାମଲା

■ପୀଡ଼ିତାଙ୍କ ଚିଠିକୁ ନେଇ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

■ପାର୍ଲାମେଣ୍ଟରେ ଝଡ଼: ବିରୋଧୀ ସଦସ୍ୟଙ୍କ କକ୍ଷତ୍ୟାଗ

ଉନ୍ନାଓ ବଳାତ୍କାର ପୀଡ଼ିତାଙ୍କ ଗାଡ଼ି ଦୁର୍ଘଟଣାକୁ ନେଇ ସିବିଆଇ ଭାଜପା ବିଧାୟକ କୁଲ୍‌ଦୀପ ସିଂ ସେନ୍‌ଗାର ଓ ଅନ୍ୟ ୧୦ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ଉତ୍ତରପ୍ରଦେଶ ପୋଲିସଠାରୁ ସିବିଆଇ ଏହି ମାମଲା ହାତକୁ ନେବା ପରେ ପୁନର୍ବାର ଏତଲା ଦାଏର କରିଛି। ସିବିଆଇ ଅଧିକାରୀମାନେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେମାନେ ରାଏବରେଲିର ଗୁରୁବକ୍ସଗଞ୍ଜ ଥାନା ପୋଲିସଠାରୁ ସବିଶେଷ ବିବରଣୀ ସଂଗ୍ରହ କରିବେ। ଉତ୍ତରପ୍ରଦେଶ ସରକାରଙ୍କ ସୁପାରିସ କ୍ରମେ ମଙ୍ଗଳବାର କେନ୍ଦ୍ର ସରକାର ଉକ୍ତ ମାମଲା ସିବିଆଇକୁ ହସ୍ତାନ୍ତର କରିଥିଲେ।

ରବିବାର ବଳାତ୍କାର ପୀଡ଼ିତା, ତାଙ୍କ ପରିବାର ସଦସ୍ୟ ଏବଂ ଓକିଲ ଏକ କାରରେ ଯାଉଥିବାବେଳେ ରାଏବରେଲିରେ ଏକ ଦ୍ରୁତଗାମୀ ଟ୍ରକ୍ ଏହାକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ପୀଡ଼ିତାଙ୍କ ଦୁଇ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିଲା। ପୀଡ଼ିତା ଓ ଓକିଲ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପୀଡ଼ିତା ପରିବାର ସଦସ୍ୟଙ୍କ ଏତଲାକ୍ରମେ ସୋମବାର ଉତ୍ତରପ୍ରଦେଶ ପୋଲିସ ବିଧାୟକ ସେନ୍‌ଗାର ଓ ଅନ୍ୟ ୯ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଥିଲା। ୨୦୧୭ରେ ଉନ୍ନାଓର ନାବାଳିକାଙ୍କୁ ଭାଜପା ବିଧାୟକ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ତାଙ୍କୁ ସୁରକ୍ଷା ପ୍ରଦାନ କରିବାରେ ବିଫଳ ହୋଇଥିବାରୁ ରାଜ୍ୟ ସରକାର ସମାଲୋଚିତ ହୋଇଛନ୍ତି।

ଅନ୍ୟପକ୍ଷରେ ପୀଡ଼ିତା ଲେଖିଥିବା ଚିଠିକୁ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ନିକଟରେ ଉପସ୍ଥାପନ କରାଯାଇ ନ ଥିବାରୁ ବୁଧବାର ସୁପ୍ରିମକୋର୍ଟ ଏହାର ସେକ୍ରେଟାରି ଜେନେରାଲଙ୍କୁ ରିପୋର୍ଟ ମାଗିଛନ୍ତି। ଗୁରୁବାର ଏହାର ଶୁଣାଣି ହେବ। ପୀଡ଼ିତା ତାଙ୍କ ଜୀବନ ପ୍ରତି ବିପଦ ଅନୁଭବ କରୁଥିବା ସିଜେଆଇଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଦୁର୍ଭାଗ୍ୟକୁ ଉକ୍ତ ଚିଠି ଏପର୍ଯ୍ୟନ୍ତ ତାଙ୍କ ସାମନାକୁ ଆସି ନ ଥିବାବେଳେ ଖବରକାଗଜରୁ ତାହା ସିଜେଆଇ ଜାଣିବାକୁ ପାଇଥିବା କହିଛନ୍ତି। ଚିଠି ଉପରେ ସିଜେଆଇ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ପ୍ରକାଶିତ ଖବରରୁ ମନେହେଉଛି। ଏଭଳି ସ୍ଥିତିରେ ଆମକୁ କିଛି କରିବାକୁ ପଡ଼ିବ ବୋଲି ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ଅନିରୁଦ୍ଧ ବୋଷ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଉନ୍ନାଓ ପୀଡ଼ିତା ଦୁର୍ଘଟଣାକୁ ନେଇ ଗୁରୁବାର ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ ଉତ୍ତରପ୍ରଦେଶ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉନ୍ନାଓ ମାମଲାକୁ ନେଇ ବୁଧବାର ଲୋକ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ବିରୋଧୀ ଦଳଗୁଡ଼ିକ ଉନ୍ନାଓ ବଳାତ୍କାର ପୀଡ଼ିତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା ବୋଲି ଅଭିଯୋଗ କରିବା ସହ ଏହା ଉପରେ ସରକାରଙ୍କଠାରୁ ଉତ୍ତର ଦାବି କରି କକ୍ଷତ୍ୟାଗ କରିଥିଲେ। ବିରୋଧୀ ଦଳ ବାରମ୍ବାର ଏହି ପ୍ରସଙ୍ଗ ଉଠାଉଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ନୀରବତାକୁ ନେଇ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ପ୍ରଶ୍ନ ଉଠାଇଥିଲେ। ଏହାର ପ୍ରତିବାଦରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏମ୍‌କେ, ଏନ୍‌ସିପି, ଆର୍‌ଏସ୍‌ପି ଏବଂ ଆଇୟୁଏମ୍ଏଲ୍ ସଦସ୍ୟମାନେ ମଧ୍ୟ କକ୍ଷତ୍ୟାଗ କରିଥିଲେ।

# ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଲ ଗୃହୀତ

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

- ୨୦୧୯-୧୦ ଆର୍ଥିକ ବର୍ଷ ପାଇଁ ୧.୪୬ ଲକ୍ଷ କୋଟିର ବ୍ୟୟ ବରାଦ
- କାଳିଆ ପାଇଁ ୫ ହଜାର ୬୧୧ କୋଟି
- ପ୍ରଥମ ଥର ପାଇଁ ଶିଶୁ ବଜେଟ
- ଶକ୍ତି କ୍ଷେତ୍ର ପାଇଁ ୨ ହଜାର ୨୫୨ କୋଟି
- ଜିଏସଡିପିର ୩.୪୯ ପ୍ରତିଶତ ହେବ ବିତ୍ତିୟ ନିୟଣ୍ଟ
- ମିଶନ ଶକ୍ତି ଗୃହ ପାଇଁ ୧୩୦ କୋଟି

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଗତ ହୋଇଥିବା ୧.୪୬ ଲକ୍ଷ କୋଟି ଟଙ୍କାର ବ୍ୟୟ ମଞ୍ଜୁରୀ ବିଲକୁ ବୁଧବାର ବିଧାନସଭାରେ ଅନୁମୋଦନ ଲାଭ କରିଛି। ବାଚନିକ ମତଦାନରେ ଏହି ବିଲକୁ ଗୃହରେ ମଞ୍ଜୁର କରାଯାଇଛି। ଏହି ବଜେଟରେ କୃଷି ଓ କୃଷକ କଲ୍ୟାଣ, ଦାରିଦ୍ର୍ୟ ଦରୀକରଣ, ଖାଦ୍ୟ ନିରାପତ୍ତା, ଭିତ୍ତିଭୂମି ବିକାଶ, ଶ୍ରମିକ, ଅନୁସୂଚୀତ ଜାତି, ଜନଜାତି, ମହିଳା, ଶିଶୁ, ଯୁବ ଓ ବରିଷ୍ଠ ନାଗରିକଙ୍କ ସଶକ୍ତିକରଣକୁ ପ୍ରାଥମିକତା ଦିଆଯାଇଛି। ଏଥିସହିତ ସାମୁଦ୍ରିକ ଝଡ ଫନୀ କ୍ଷୟକ୍ଷତି ଭରଣା ପାଇଁ ବଜେଟରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ରାଜ୍ୟ ସରକାର ଗତ ୭ ବର୍ଷ ଧରି ମହିଳା ବଜେଟ ପ୍ରସ୍ତୁତ କରି ଆସୁଛନ୍ତି। ଚଳିତ ବର୍ଷ ପ୍ରଥମ ଥର ଲାଗି ୟୁନିସେଫ୍ ସହାୟତାରେ ଶିଶୁ ବଜେଟ ପ୍ରସ୍ତୁତ କରାଯାଇଛି।

ଏହି ବଜେଟରେ ୭୦ ହଜାର ୬୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଯାହାକି ମୋଟ ବଜେଟର ୫୦ ପ୍ରତିଶତରୁ ଅଧିକ। କୃଷି ବଜେଟ ପାଇଁ ମୋଟ ୨୦ ହଜାର ୭୧୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେଥିରୁ ଜଳସେଚନ ପାଇଁ ୯ ହଜାର ୭୧୩ କୋଟି ଟଙ୍କା ଜଳସେଚନ ଭିତ୍ତିଭୂମି ଉନ୍ନୟନ ପାଇଁ ଖର୍ଚ୍ଚ କରାଯିବ। ରାଜ୍ୟରେ କୃଷିର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସହ ଦାରିଦ୍ର୍ୟ ହ୍ରାସ କରି କୃଷକଙ୍କ ଉନ୍ନତୀ ପାଇଁ ୨୦୧୮-୧୯ରେ ରାଜ୍ୟ ସରକାର କାଳିଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ଚଳିତ ବଜେଟରେ ୫ ହଜାର ୬୧୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ୨ ଲକ୍ଷ ୬୫ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଶିକ୍ଷା ଓ ଦକ୍ଷତା ବୃଦ୍ଧି ପାଇଁ ଚଳିତ ବଜେଟରେ ୧୯ ହଜାର ୪୯୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପାନୀୟ ଜଳ ଯୋଗାଇ ଦେବା ପାଇଁ ବସୁଧା ଯୋଜନାରେ ୫ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ବଜେଟରେ ବ୍ୟବସ୍ଥା ହୋଇଛି। ଅନୁସୂଚୀତ ଜାତି ଓ ଜନଜାତି ବର୍ଗଙ୍କ ବିକାଶ ପାଇଁ ବଜେଟରେ ୨୩ ହଜାର ୭୬୦ କୋଟିର ବ୍ୟୟ ବରାଦ କରାଯାଇଛି। ମମତା ଯୋଜନା ପାଇଁ ୨୦୧୯-୧୦ ଆର୍ଥିକ ବର୍ଷରେ ୩୦୫ କୋଟି ବ୍ୟବସ୍ଥା କରାଯାଇଛି। ମିଶନ ଶକ୍ତି ଗୃହ ଯୋଜନାରେ ଚଳିତ ବଜେଟରେ ପଞ୍ଚାୟତ ସ୍ତରରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଅତିରିକ୍ତ ୧୩୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଚଳିତ ବଜେଟରେ ଶକ୍ତି କ୍ଷେତ୍ର ପାଇଁ ରାଜ୍ୟ ସରକାର ୨ହଜାର ୨୫୨ କୋଟି ଟଙ୍କାର ଖର୍ଚ୍ଚ ବରାଦ କରିଛନ୍ତି। ୨୦୧୮-୧୯ରେ ରାଜ୍ୟର ଋଣ ଭାର ସାମଗ୍ରୀକ ଘରୋଇ ଉତ୍ପାଦ(ଜିଏସଡିପି)ର ୧୬.୮ ପ୍ରତିଶତ ରହିଛି। ଚଳିତ ବଜେଟରେ ବିତ୍ତିୟ ନିୟଣ୍ଟ ଜିଏସଡିପିର ୩.୪୯ ପ୍ରତିଶତ ଅର୍ଥାତ ୧୮ ହଜାର ୮୭୭ କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି। ରାଜସ୍ୱ ଖର୍ଚ୍ଚ ଚଳିତ ଆର୍ଥିକ ବର୍ଷରେ ୧ ଲକ୍ଷ ୮୭୩୮ କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି। ଏହି ବିଲ ଆଲୋଚନା ଶେଷରେ ଅର୍ଥମନ୍ତ୍ରୀ ନୀରଞ୍ଜନ ପୂଜାରୀ କହିଥିଲେ ଯେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଜୁନ ୨୮ ତାରିଖରେ ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ଏପ୍ରିଲ ଓ ମେ ମାସ ପାଇଁ ସାଧାରଣ ନିର୍ବାଚନ ଥିବାରୁ ପ୍ରଥମ ୪ ମାସର ଖର୍ଚ୍ଚ ତୁଲାଇବା ପାଇଁ ଫେବୃୟାରୀରେ ଲେଖାନୁଦାନକୁ ଗୃହରେ ଅନୁମୋଦନ କରାଯାଇଥିଲା। ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଉକ୍ତ ସମ୍ବଳର ବିନିଯୋଗ ନିମନ୍ତେ ବଜେଟରେ ବ୍ୟୟ ବରାଦ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।



ସିଂହଦ୍ୱାର ସମ୍ମୁଖରେ ନେପାଳର ରାଜଗୁରୁ ଅର୍ଜୁନ ପ୍ରସାଦ ବାସ୍ତୋଲା ଏବଂ ଅନ୍ୟମାନେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ନେପାଳ ରାଜଗୁରୁ

**ପୁରୀ ଅଫିସ, ୩୧।୭**

ନେପାଳର ରାଜଗୁରୁ ତଥା ବୌଦ୍ଧିକ ସାଧକ ଅର୍ଜୁନ ପ୍ରସାଦ ବାସ୍ତୋଲା ବୁଧବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପୂର୍ବାହ୍ନ ପ୍ରାୟ ୧୦ଟାରେ ବାସ୍ତୋଲା ତାଙ୍କ ସହଯୋଗୀମାନଙ୍କ ସହ ଆସି ସିଂହଦ୍ୱାରରେ ପହଞ୍ଚିବା ପରେ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର(ଓଆଇସି) ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଆଇସି ଚେୟାରମ୍ୟାନ ପରେଶ ନାୟକ ଓ ପୁରୀର ଓଆଇସି ଅଧ୍ୟକ୍ଷ ଜ୍ଞାନରଞ୍ଜନ ରଥ ପୁଷ୍ପମାଲ୍ୟ ଦେଇ ବାସ୍ତୋଲାଙ୍କୁ ସମ୍ବର୍ଦ୍ଧନା ଜଣାଇ ଥିଲେ। ଏହାପରେ ବାସ୍ତୋଲା ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ।

ବାସ୍ତୋଲା କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ନେପାଳର ଘନିଷ୍ଠ ସମ୍ପର୍କ ରହିଛି। ନେପାଳ ରାଜାଙ୍କର ରତ୍ନସିଂହାସନ ପର୍ଯ୍ୟନ୍ତ ଯାଇ ପୂଜା କରିବାର ବିଧି ଅଛି। ତେଣୁ ନେପାଳବାସୀ ମହାପ୍ରଭୁଙ୍କ ନିକଟରେ ସବୁବେଳେ ଋଣୀ। ଶ୍ରୀଜଗନ୍ନାଥ ମନ୍ଦିର ତିଆରି ସମୟରେ ନେପାଳ ରାଜା ମନ୍ଦିର ପାଇଁ ଯଥେଷ୍ଟ ଧନ ସମ୍ପତ୍ତି ଦାନ କରିଥିଲେ। ସେହିପରି ଆଜି ବି ନେପାଳରୁ ପଠାଯାଉଥିବା କସ୍ତୁରୀ ଓ ଚନ୍ଦନ ଶ୍ରୀମନ୍ଦିରରେ ବ୍ୟବହାର କରାଯାଉଛି ବୋଲି ବାସ୍ତୋଲା ପ୍ରକାଶ କରିଥିଲେ। ତିନିଦିନିଆ ଗସ୍ତରେ ଆସିଥିବା ବାସ୍ତୋଲା ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ମୁକ୍ତିମଣ୍ଡପ ପଣ୍ଡିତ ସଭା ସହିତ ନେପାଳ ଓ ଭାରତ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଗୁରୁବାର ସେ ନେପାଳ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

# ଚଳିତ ବର୍ଷ କାର୍ଯ୍ୟକାରୀ ହେବ ନୂତନ କୃଷି ନୀତି

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

ଚାଷ ଓ କୃଷକଙ୍କର ଉନ୍ନତି ପାଇଁ ରାଜ୍ୟରେ ୨୦୦୮ରେ କୃଷି ନୀତି ପ୍ରଣୟନ କରାଯାଇଥିଲା। ୨୦୧୩ରେ ଏହାକୁ ନବୀକରଣ କରାଯାଇଥିଲା। ତେବେ ୨୦୧୯ରେ ଆଉ ଏକ ନୂତନ କୃଷି ନୀତି ଆସିବ। ବୁଧବାର ପ୍ରଶ୍ନୋତ୍ତର ବେଳେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ। ମୂଳ ପ୍ରଶ୍ନ କର୍ତ୍ତା ବିଜେଡି ସଭ୍ୟ ମୌଷଧି ବାଗ କୃଷି ନୀତି ଅନୁଯାୟୀ କଳାହାଣ୍ଡି ଜିଲାକୁ ଗତ ୫ ବର୍ଷରେ କି କି ସୁଫଳ ମିଳିଛି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, କୃଷିନୀତି ଅନୁଯାୟୀ କଳାହାଣ୍ଡି ଜିଲାରେ ଗତ ୫ ବର୍ଷରେ ୮ଟି କୃଷିଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି। ଏ ବାବଦରେ ରାଜ୍ୟ ସରକାର ଆପିକଲ ମାଧ୍ୟମରେ ୧ କୋଟି ୩୨ ଲକ୍ଷ ୨୪ ହଜାର ୩୪୨ ଟଙ୍କାର ରିହାତି ପ୍ରଦାନ କରିଛନ୍ତି। ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ୪୦ ଜଣଙ୍କୁ ନିଯୁକ୍ତି ମିଳିଛି। ସେହିପରି ଗତ ୫ ବର୍ଷରେ ୫୯ଟି କୃଷି ସେବା କେନ୍ଦ୍ର ସ୍ଥାପନ କରାଯାଇ ୨ କୋଟି ୫୯ ଲକ୍ଷ ୧୩ ହଜାର ୬୩୩ ଟଙ୍କାର ରିହାତି ପ୍ରଦାନ କରାଯାଇଛି। ଜଳନିଧି ଯୋଜନାରେ ୧୯୮୦ ହିତାଧିକାରୀଙ୍କୁ ଗଭୀର ନଳକୂପ ଖନନ ପାଇଁ ୧୦ କୋଟି ୬୫ ଲକ୍ଷ ୮୧ ହଜାର ୬୪୭ ଟଙ୍କା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ବିଜେଡି ସଭ୍ୟ ଭୂପିନ୍ଦର ସିଂ ଅତିରିକ୍ତ ପ୍ରଶ୍ନରେ କହିଥିଲେ ଭବିଷ୍ୟତରେ ଅର୍ଥକରୀ ଫସଲ ପାଇଁ ଫିଲିପାଇନ୍ସ ସହିତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ପାରମ୍ପରିକ ଚାଷ ଛଡା ଅନ୍ୟ କେଉଁ ଫସଲ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି। ବିଜେଡି ସଭ୍ୟ ନିତ୍ୟାନନ୍ଦ ସାହୁ ପଚାରିଲେ କୃଷି ଉତ୍ପାଦନ ବୃଦ୍ଧି ଓ ବିକ୍ରି ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ପଚାରିଲେ କେଉଁଠି କେଉଁ ଫସଲ ହେଉଛି ସେ ନେଇ କେବେ ସର୍ଭେ କରାଯାଇଛି ? ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ହରିୟାଣା ଉପରେ କେତେ ଦିନ ଆମେ ନିର୍ଭର କରି ଚାଲିଥିବା। ମନ୍ତ୍ରୀ ସର୍ଭେ କରନ୍ତୁ। କୋଅର୍ଡିନେଶନ ବୈଠକ ଡକାଯାଉ। ବିଜେଡି ସଭ୍ୟ ପ୍ରଦୀପ ଦିସାରୀ ପଚାରିଲେ, କଳାହାଣ୍ଡି ଜିଲାକୁ ଗତ ବର୍ଷ କେତେ ଧାନ ବିହନ ଯୋଗାଇ ଦିଆଯାଇଥିଲା। ବିଜେଡି ସଭ୍ୟ ମହିଧର ରଣା କୃଷକ ସାଥୀଙ୍କୁ କାର୍ଯ୍ୟରେ ଲଗାଇବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ପାରମ୍ପରିକ କୃଷି ବଦଳରେ ଅର୍ଥକରୀ ଫସଲ ଉତ୍ପାଦନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ସଦସ୍ୟମାନେ ଭଲ ପରାମର୍ଶ ଦେଇଛନ୍ତି। ସେ ସବୁକୁ ଚାଷର ବିକାଶ କ୍ଷେତ୍ରରେ ବ୍ୟବହାର କରାଯିବ।

## କଟକରେ ଗଳାକାଟି ୩ ଜଣଙ୍କୁ ହତ୍ୟା ଘଟଣାର ଭିନ୍ନମୋଡ଼

# ନାରାୟଣଙ୍କୁ ଫସାଇ ଦେଇଛି ପୋଲିସ

**ନୟାଗଡ଼ ଅଫିସ,୩୧।୭**

**ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଓ ଗ୍ରାମବାସୀ**

ଗତ ୨୩ ଓ ୨୪ ତାରିଖ ରାତିରେ କଟକ ଫୁଟ୍‌ପାଥ୍‌ରେ ଶୋଇଥିବା ୩ ଜଣ ଲୋକଙ୍କ ଗଳାକାଟି ହତ୍ୟା ଘଟଣା କରାଯାଇଥିଲା। ଏହି ହତ୍ୟାକାଣ୍ଡକୁ ନେଇ ପୋଲିସକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ଫଳରେ ପୋଲିସ ତନାଘନା ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କ ଧରିବା ପାଇଁ ବିଭିନ୍ନ ସ୍ଥାନ ଚଢ଼ାଉ କରିଥିଲା। ଗତ ୨୭ ତାରିଖ ବିଳମ୍ବିତ ରାତିରେ କଟକ ଓ ଓଡ଼ଗାଁ ପୋଲିସ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସୁନାମୁହିଁ ଗ୍ରାମ ଗୋପୀନାଥପୁର ସାହିରେ ଚଢ଼ାଉ କରି ନାରାୟଣ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ସେ ଜଣେ ମାନସିକ ରୋଗୀ। ଉକ୍ତ ୩ ହତ୍ୟାକାଣ୍ଡରେ ସେ ଜଡିତ ବୋଲି କଟକ ପୋଲିସ ସୂଚନା ଦେଇଥିଲା। ହେଲେ ଏବେ ସେହି ଘଟଣା ଭିନ୍ନ ମୋଡ଼ ନେଇଛି।

ନାରାୟଣ ନିର୍ଦ୍ଦୋଷ। ପୋଲିସ ତାଙ୍କୁ ଫସାଇ ଦେଇଥିବା ତାଙ୍କ ପରିବାର ଲୋକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ନାରାୟଣଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁ, ବାପା ଦୟାନିଧି ସାହୁ ଓ ଗୋପୀନାଥପୁର ସାହିର କେତେଜଣ ଲୋକ ବୁଧବାର ନୟାଗଡ଼ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପି ଅନୁପସ୍ଥିତ ଥିବାରୁ ପରିବାର ଲୋକେ ଏଏସପିଙ୍କଠାରେ ଅଭିଯୋଗ କରିଛନ୍ତି। ଏଏସ୍‌ପି ଦିଲୀପ ସାହାଣୀ ଏ ନେଇ କଟକ ପୋଲିସକୁ ଜଣାଇବେ ବୋଲି କହିଛନ୍ତି। ଗୀତାଞ୍ଜଳି କହିଛନ୍ତି, ଗତ ୨୩ ତାରିଖରେ ନାରାୟଣ ଗାଁରେ ଥିଲେ। ସେ କଟକରେ ହତ୍ୟା କରିଛନ୍ତି ବୋଲି ପୋଲିସ କହୁଛି। ମୋ ସ୍ୱାମୀଙ୍କୁ ପୋଲିସ ଫସାଇବାକୁ ଚେଷ୍ଟା କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

# ଷ୍ଟିଙ୍ଗ୍ ଅପରେଶନ୍‌ରେ ଧରାପଡ଼ିଲେ ଜେଇ

**ବଲାଙ୍ଗୀର ଅଫିସ, ୩୧।୭**



ସତ୍ୟ ନାରାୟଣ ତ୍ରିପାଠୀ

- ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ଭିଡିଓ ଭାଇରାଲ
- ଜିଲା ପ୍ରଶାସନର ତଦନ୍ତ ନିର୍ଦ୍ଦେଶ

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ଖଲିଆପାଲି ପଞ୍ଚାୟତର ଜଣେ ୱାର୍ଡମେମ୍ବରଙ୍କ ଷ୍ଟିଙ୍ଗ୍ ଅପରେଶନ୍‌ରେ ଲାଞ୍ଚ ନେଲାବେଳେ ଧରାପଡିଛନ୍ତି ବ୍ଲକର ଜେଇ(କନିଷ୍ଠ ଯନ୍ତ୍ରୀ) ସତ୍ୟନାରାୟଣ ତ୍ରିପାଠୀ। ମିଛାପାଲି ଗ୍ରାମର ରାସ୍ତା କାମର ଫାଇନାଲ ବିଲ ପାଶ୍ କରିଦେବା ପାଇଁ ସେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ଭିଡିଓ ଏବେ ଭାଇରାଲ ହେବା ପରେ ଏହି ଘଟଣା ଲୋକଲୋଚନକୁ ଆସିଛି। ଜିଲା ପ୍ରଶାସନ ପକ୍ଷରୁ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଖଲିଆପାଲି ପଞ୍ଚାୟତ ଅଧୀନ ମିଛାପାଲି ଗାଁର ଏକ ଗଳି ରାସ୍ତା ତିଆରି ପାଇଁ ବ୍ଲକରୁ ୧ ଲକ୍ଷ ଟଙ୍କାର ଠିକାକାମ ହୋଇଥିଲା। ମିଛାପାଲି ଗ୍ରାମର ୱାର୍ଡମେମ୍ବର ଅଶ୍ୱିନୀ ଗୁରୁ ଓ ସରପଞ୍ଚ ଏହି ରାସ୍ତା କାମ କରିଥିଲେ। କାମ ସରିବା ପରେ ଉକ୍ତ ରାସ୍ତାର ଫାଇନାଲ ବିଲ କରିଦେବା ପାଇଁ ପୁଇଁନ୍ତଲା ବ୍ଲକ୍ ଜେଇ ସତ୍ୟ ନାରାୟଣ ତ୍ରିପାଠୀଙ୍କୁ ନିବେଦନ କରିଥିଲେ। ତେବେ ଫାଇନାଲ ବିଲ ବାବଦକୁ ଜେଇ ତ୍ରିପାଠୀ ୧୨ ହଜାର ଟଙ୍କା ଦାବି କରିଥିଲେ। ୱାର୍ଡମେମ୍ବର ଗୁରୁ ଜେଇଙ୍କୁ ବିଲ ପାଶ୍ କରିଦେବାକୁ ନିବେଦନ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ୧୨ ହଜାର ଟଙ୍କା ଲାଞ୍ଚ ଦେବାକୁ ୱାର୍ଡମେମ୍ବର ଗୁରୁ ରାଜି ହୋଇ ଏହାକୁ ଷ୍ଟିଙ୍ଗ ଅପରେଶନ୍ କରିବାର ଯୋଜନା କରିଥିଲେ। ଏନେଇ ଜଣେ ସାଙ୍ଗଙ୍କ ସହ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ସେ ଜେଇ ତ୍ରିପାଠୀଙ୍କୁ ପୁଇଁନ୍ତଲା ବ୍ଲକ କାର୍ଯ୍ୟାଳୟରେ ୧୦ ହଜାର ଟଙ୍କା ଦେଇଥିଲେ। ହେଲେ ୱାର୍ଡମେମ୍ବର ଗୁରୁ ମୋବାଇଲକୁ ରେକର୍ଡ ମୋଡରେ ରଖି ୧୦ ହଜାର ଟଙ୍କା ଜେଇ ତ୍ରିପାଠୀଙ୍କୁ ଦେଇଥିଲେ। ଟଙ୍କା ଗ୍ରହଣ କରିବା ପରେ ଜେଇ ତ୍ରିପାଠୀ ବାକି ୨ ହଜାର ଟଙ୍କା ପଠାଇବାକୁ ସରପଞ୍ଚଙ୍କୁ କହିଦେବ ବୋଲି କହୁଥିବା ରେକର୍ଡ ହୋଇଛି। ଲାଞ୍ଚ ନେବା ପରେ ଫାଇନାଲ ବିଲ ପାଶ୍ କରି ଦେବେ ବୋଲି ସେ କହିଥିଲେ। ଏହି ଘଟଣାକୁ ମୋବାଇଲରେ ରେକର୍ଡ କରିବା ପରେ ପୁଇଁନ୍ତଲା ବ୍ଲକ୍‌ରେ ଚାଲିଥିବା ଲାଞ୍ଚ କାରବାରର ପର୍ଦ୍ଦାଫାଶ ହୋଇଛି। ଉକ୍ତ ଭିଡିଓ ଭାଇରାଲ ହେବା ପରେ ଜେଇ ତ୍ରିପାଠୀଙ୍କ ମୁଖା ଖୋଲିଯାଇଛି। ଗଣମାଧ୍ୟମ ସମ୍ମୁଖରେ ସେ କାହିଁକି ୧୦ ହଜାର ଟଙ୍କା ଗ୍ରହଣ କରୁଥିଲେ ସେନେଇ କିଛି ବି ଠୋସ୍ କଥା କହିପାରି ନାହାନ୍ତି। ଏନେଇ ଜେଇ ତ୍ରିପାଠୀଙ୍କ ପ୍ରତିକ୍ରିୟା ନିଆଯିବାକୁ ତାଙ୍କ ମୋବାଇଲ ଫୋନ୍(ନଂ.୯୪୩୯୫୯୪୫୩୦)କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏହା ସୁଇଚ୍ ଅଫ୍ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ। ଏହି ଭିଡିଓ ଭାଇରାଲ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସାନଭାଇଙ୍କୁ ଭୁଜାଲିରେ ହାଣି ହତ୍ୟା

**ଅତାବିରା/ସରଣ୍ଡା, ୩୧।୭(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ଥାନା ଟାଙ୍ଗରପାଲି ରୁଝେନପାଲି ନିକଟ ତଳାକଣ୍ଟାରେ ମଙ୍ଗଳବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଫକୀର ଲାକ୍ରା ତାଙ୍କ ସାନଭାଇ କାଟି ଲାକ୍ରାଙ୍କୁ ଭୁଜାଲିରେ ହାଣି ହତ୍ୟା କରିଛନ୍ତି। ଏ ନେଇ ମୃତ କାଟିଙ୍କ ସ୍ତ୍ରୀ ଚନ୍ଦ୍ରା ଏତଲା ଦେବା ପରେ ପୋଲିସ ଦଫା ୩୦୨ରେ ଏକ ମାମଲା(ନଂ. ୧୫୮/୧୯) ରୁଜୁ କରିବା ସହିତ ବଡ଼ଭାଇ ଫକୀରଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ ଚାଲିଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାକାଣ୍ଡର କାରଣ ଜଣାପଡ଼ିବ ବୋଲି ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ କହିଛନ୍ତି।

## ସଂକ୍ଷେପରେ

### ଝାରପଡ଼ା ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**କଟକ ରୋଡ,୩୧।୭(ଡି.ଏନ୍.ଏ.):** ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ସଜା କାଟୁଥିବା ଜଣେ ବିଚାରାଧୀନ କଏଦୀଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଧୀନ ବଇଁଶିଆ ଗ୍ରାମର ଅଖିଳ ବେହେରା(୩୬)। ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଘଟିଥିବା ଏକ ଚୋରି ଘଟଣାରେ ଦୀର୍ଘଦିନ ଫେରାର ଥିବା ଅଖିଳଙ୍କୁ ସିପି କେସ ନଂ.୨୯୮୬/୧୯ ଅନୁଯାୟୀ ଏକ ୱାରେଣ୍ଟ ମାମଲାରେ ଗିରଫ କରି ତାଙ୍କୁ ଗତ ଜୁଲାଇ ୧୩ରେ ଜେଲକୁ ପଠାଯାଇଥିଲା ବୋଲି ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର କହିଛନ୍ତି। ସେ ଜେଲରେ ୧୩ନଂ. ୱାର୍ଡରେ ଥିବା ବେଳେ ବୁଧବାର ସକାଳ ପ୍ରାୟ ୮ଟା ରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଜେଲ ପରିସରରେ ଥିବା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିଛି ସମୟ ପରେ ଅଖିଳ ଶୌଚ ହୋଇ ଫେରିବା ପରେ ହଠାତ୍ ନିସ୍ତେଜ ହୋଇପଡିଥିଲେ। ଏହା ପରେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଜେଲ ଅଧୀକ୍ଷକ ମିଶ୍ର କହିଛନ୍ତି। ଏ ନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଭିଯୋଗକ୍ରମେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୩/୧୯)ରୁଜୁ କରିଛି। ମୃତକଙ୍କ ପରିବାର ଲୋକ ଆସିବା ପରେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି।

### ପ୍ରେସର ବୋମା ବିସ୍ଫୋରଣରେ ଯବାନ ଶହୀଦ

**ମାଲକାନଗିରି,୩୧।୭ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାର ପଦଲି ଗ୍ରାମ ନିକଟରେ ମାଓବାଦୀଙ୍କ ପ୍ରେସର ବୋମା ବିସ୍ଫୋରଣରେ ଜଣେ ସିଆରପିଏଫ୍ ଯବାନ ଶହୀଦ ହୋଇଛନ୍ତି। ତାଙ୍କ ନାମ ରୋଶନ କୁମାର। ତାଙ୍କ ଘର ବିହାରର ନୱାଡ଼ା ଗ୍ରାମରେ। ବଦଲି ଗ୍ରାମଠାରୁ ୩ କିଲୋମିଟର ଦୂରରେ ଥିବା ଏକ ଜଙ୍ଗଲରେ ମାଓବାଦୀମାନେ ଏକ ବୋମା ପଥର ଭିତରେ ଲୁଚାଇ ରଖିଥିଲେ। ପୁଷପାଲ କ୍ୟାମ୍ପର ୧୯୫ ବାଟାଲିୟନର ଯବାନମାନେ କୋମ୍ବିଂ ଅପରେଶନରେ ଯାଇ ଫେରୁଥିବା ବେଳେ ଏହି ବୋମା ବିସ୍ଫୋରଣ ହୋଇଥିଲା।

### ଏସ୍‌ସିବିରେ ମଲିକ୍ୟୁଲାର ଜେନୋମିକ୍ ଡାଇଗ୍ନୋଷ୍ଟିକ୍ସ ଆଣ୍ଡ ରିସର୍ଚ୍ଚ ଲାବରେଟୋରି ଲୋକାର୍ପିତ

### ରାଜ୍ୟରେ ପ୍ରଥମ

କଟକ ଅଫିସ, ୩୧।୭- ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଏସ୍‌ସିବି ମେଡିକାଲରେ ମଲିକ୍ୟୁଲାର ଜେନୋମିକ୍ ଡାଇଗ୍ନୋଷ୍ଟିକ୍ସ ଆଣ୍ଡ ରିସର୍ଚ୍ଚ ଲାବରେଟୋରି ଲୋକାର୍ପିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପାଖାପାଖି ୨୫ କୋଟି ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଛି। ଏହି ଲାବରେଟୋରିରେ କ୍ୟାନ୍‌ସରଜନିତ ସମସ୍ତ ରୋଗ ସହ ଅନ୍‌କୋଲୋଜି ମାର୍କେସ୍, ମ୍ୟାଲେରିଆ, ଟିବି, ସିଟି/ଏନ୍‌ଜି, ଏମଆର୍‌ଏସ୍‌ଏ ଭଳି ବିଭିନ୍ନ ରୋଗର ପରୀକ୍ଷା କରାଯିବ। ଫଳରେ ପୂର୍ବରୁ ବିଭିନ୍ନ ସମ୍ପର୍କରେ ଲୋକେ ସଚେତନ ହେବା ସହ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବେ ବୋଲି ଡା.ଶୁଭଶ୍ରୀ ସିଂ କହିଛନ୍ତି। ରାଜ୍ୟରେ ପ୍ରଥମ କରି ଏହି ଲାବରେଟୋରି ଆରମ୍ଭ କରାଯାଇଛି ବୋଲି ଏସ୍‌ସିବି ଅଧ୍ୟକ୍ଷ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି। ଏହାଦ୍ୱାରା ଲୋକମାନେ ବିଭିନ୍ନ ରୋଗ ସମ୍ପର୍କରେ ଆଗୁଆ ସୂଚନାପାଇ ସତର୍କ ହୋଇପାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି। ଏହି ଅବସରରେ ଏସ୍‌ସିବି ଅଧୀକ୍ଷକ ମହାନ୍ତି, ଏସ୍‌ସିବି ମେଡିକାଲ ଡିନ୍ ଆଣ୍ଡ ପ୍ରିନ୍ସିପାଲ ଜୟଶ୍ରୀ ମହାନ୍ତିଙ୍କ ସମେତ ବହୁ ଡାକ୍ତର ଏବଂ ପ୍ରଫେସର ଯୋଗଦେଇଥିଲେ।

# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

**ରାୟଗଡ଼ା ଅଫିସ, ୩୧।୭ (ଡି.ଏନ୍.ଏ.)**

ରାୟଗଡ଼ା ରେଳ ଷ୍ଟେଶନର ୭ ନଂ. ପ୍ଲାଟଫର୍ମରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରେନ୍‌ରେ ବୁଧବାର ଘଟିଛି ଅଗ୍ନିକାଣ୍ଡ। ନିଆଁ ଲାଗିବା ଦେଖି ରେଳ ବିଭାଗ ତୁରନ୍ତ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନି। ପ୍ରକାଶ ଯେ, ୨୦ ଦିନ ହେବ ବିଶାଖାପାଟଣାରୁ କୋଇଲା ବୋଝେଇ ୨୨ଟି ୱାଗନ ବିଶିଷ୍ଟ ଟ୍ରେନ୍ ରାୟଗଡ଼ା ଷ୍ଟେଶନରେ ରହିଛି। ବୁଧବାର ହଠାତ୍ ଏଥିରେ ନିଆଁ ଲାଗି ଯାଇଥିଲା। କେଉଁ କାରଣରୁ ଅଗ୍ନିକାଣ୍ଡି ଘଟିଛି ତାହା ଜଣାପଡିନାହିଁ। ତେବେ ସୌଭାଗ୍ୟବଶତଃ ନିଆଁ ବ୍ୟାପିବା ଆଗରୁ ତାକୁ ଆୟତ୍ତ କରାଯାଇଥିଲା। ନିଆଁକୁ ଆୟତ୍ତ କରାଯିବା ପରେ ରେଳ ବିଭାଗର ବିଶାଖାପାଟଣା ଡିଭିଜନକୁ ସୂଚନା ଦିଆଯାଇଛି।




ଦମକଳ ବାହିନୀ ନିଆଁ ଲିଭାଉଛନ୍ତି।

# ଖାଇବା ତେଲ: ପୋଡ଼ିଲେ ମାରାତ୍ମକ

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

ଖାଇବା ତେଲ ବିନା ଆମର ନିତିଦିନିଆ ରୋଷେଇ ଏକ ପ୍ରକାର ଅସମ୍ଭବ। ଅଧିକାଂଶ ଖାଦ୍ୟ ପ୍ରସ୍ତୁତି ବା ସ୍ୱାଦିଷ୍ଟ ଭୋଜନ ହୋଇ ନ ଥାଏ। ତେବେ ଏହି ତେଲ ଆମ ପାଇଁ ଯେତିକି ଦରକାରୀ ସେତିକି ଘାତକ ମଧ୍ୟ। ତେଲର ହାନିକାରକ ଦିଗ ବିଷୟରେ ବିଶେଷକରି ରୋଷେଇ କରିବା ସମୟରେ ସାମାନ୍ୟ ଧ୍ୟାନ ନ ଦେଲେ ଏହା ଆମ ପାଇଁ ବିପଦ ଆଣିପାରେ। ରୋଷେଇ କରିବାବେଳେ ଅଧିକାଂଶ ସମୟରେ ଆମେ ଅନ୍ୟମନସ୍କ ହୋଇ ତେଲକୁ ପୋଡ଼ି ଦେଇଥାଉ। ତେଲରୁ ହୁ ହୁ ହୋଇ ଧୂଆଁ ବାହାରୁଥିବାବେଳେ ସେଥିରେ ବିଭିନ୍ନ ସାମଗ୍ରୀ ମିଶାଇ ରୋଷେଇ କରୁ। ତେଲ ପୋଡ଼ିଯିବା ପରେ ରୋଷେଇ କଲେ ତାହା କେବଳ ପାଟିକୁ ପିତା ବା ପୋଡ଼ାଳିଆ ଲାଗେ ନାହିଁ, ସେଥିରୁ ଏକ ବିଷାକ୍ତ ପଦାର୍ଥ ବା ଟକ୍ସିକ୍ ରସାୟନ ବାହାରିଥାଏ। ଏହା ଆମ ସ୍ୱାସ୍ଥ୍ୟ ପାଇଁ ଭୟଙ୍କର ସାବ୍ୟସ୍ତ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି।

ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ପାଇଁ ଆମେ ତେଲକୁ ଭିନ୍ନ ଭିନ୍ନ ତାପମାତ୍ରାରେ



ବ୍ୟବହାର କରିଥାଉ। ଫ୍ରାଏ କରିବା ପାଇଁ ଅଧିକ ଓ ହାଲ୍‌କା ଭାଜିବା ପାଇଁ ତେଲକୁ କମ୍ ଗରମ କରିଥାଉ। ଅନ୍ୟାନ୍ୟ ସାମଗ୍ରୀ ଭଳି ଖାଇବା ତେଲର ମଧ୍ୟ ଏକ 'ସ୍ମୋକ୍ ପଏଣ୍ଟ' ରହିଥାଏ। ଏହି ସ୍ମୋକ୍ ପଏଣ୍ଟରୁ ଅଧିକ ତେଲକୁ ଗରମ କଲେ ତାହା ବିଷାକ୍ତ ହେବାସହ ସେଥିରୁ ଫ୍ରି ରାଡିକାଲ୍ ନିର୍ଗତ ହୁଏ, ଯାହାକି କର୍କଟ ରୋଗର ଅନ୍ୟତମ କାରଣ ହୋଇଥାଏ। ତେଣୁ ତେଲର ସ୍ମୋକ୍ ପଏଣ୍ଟ ଦେଖି କିଣିବା ସହ ବ୍ୟବହାରବେଳେ ଏହା ଯେପରି ଅଧିକ ନ ପୋଡ଼େ ସେଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ଅଧିକାଂଶ ଖାଦ୍ୟ ୧୭୬ ଡିଗ୍ରୀରୁ ୨୩୨ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ମଧ୍ୟରେ ପ୍ରସ୍ତୁତ ହେଉଥିବାରୁ କିଣିବାବେଳେ ତେଲର ସ୍ମୋକ୍ ପଏଣ୍ଟ ଯେପରି ୨୦୪ ଡିଗ୍ରୀ ସେଲ୍‌ସିୟସ୍ ଉପରେ ହୋଇଥିବ ତାହାକୁ ଦୃଷ୍ଟିରେ ରଖିବା ଉଚିତ୍। ଆଭୋକାଡୋ ତେଲର ସ୍ମୋକ୍ ପଏଣ୍ଟ ସର୍ବାଧିକ ୨୭୧ ଡିଗ୍ରୀ ସେଲ୍‌ସିୟସ୍ ହୋଇଥିବାବେଳେ ରିଫାଇନ୍‌ଡ ନଡ଼ିଆ ତେଲର ୨୩୨, ଘିଅର ୨୫୨, ସୋରିଷ ତେଲର ୨୫୦, ରାଇସ୍‌ବ୍ରାନ୍ ଅଏଲ୍ ୨୩୨, ରିଫାଇନ୍ ହୋଇ ନଥିବା ସନ୍‌ଫ୍ଲାୱାର୍ ଅଏଲ ୧୦୭, ରିଫାଇନ୍‌ଡ ସନ୍‌ଫ୍ଲାୱାର୍ ଅଏଲ୍ ୨୩୨, ଏକ୍ସଟ୍ରାଲାଇଟ୍ ଅଲିଭ୍ ଅଏଲ୍ ୨୪୨, ଏକ୍ସଟ୍ରାଭର୍ଜିନ୍ ଅଲିଭ୍ ଅଏଲ୍ ୧୯୧, ପିନଟ୍ ଅଏଲ୍ ବା ବାଦାମ ତେଲର ୨୩୨, ରିଫାଇନ୍‌ଡ ସୋୟାବିନ୍ ତେଲ ୨୩୮, ଭେଜିଟେବୁଲ୍ ଅଏଲ୍ ୨୦୫, ବଟର୍‌ର ୧୨୦ରୁ ୧୫୦ ଡିଗ୍ରୀ ସେଲ୍‌ସିୟସ୍ ସ୍ମୋକ୍ ପଏଣ୍ଟ ରହିଥାଏ। ତେବେ ରିଫାଇନ୍ ହୋଇଥିବା ତେଲର ସ୍ମୋକ୍ ପଏଣ୍ଟ ସାଧାରଣତଃ ଅଧିକ ରହିଥାଏ। ସବୁଠାରୁ ବଡ଼କଥା ହେଲା ଡିପ୍ ଫ୍ରାଏରେ ବ୍ୟବହୃତ ତେଲକୁ କେବେ ବି ୨ ଥରରୁ ଅଧିକ ବ୍ୟବହାର କରିବା ଉଚିତ୍ ନୁହେଁ।

ପ୍ରାକୃତିକ ଉପାୟରେ ପ୍ରସ୍ତୁତ ତେଲ ବ୍ୟବହାର କରିବାକୁ ଅଧିକାଂଶ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଉଛନ୍ତି। ଏନେଇ ନ୍ୟୁଟ୍ରିଶନିଷ୍ଟ ପ୍ରିୟଙ୍କା ଚୌଧୁରୀ କୁହନ୍ତି, ଭାରତୀୟ ଖାଦ୍ୟ ପ୍ରସ୍ତୁତି ପାଇଁ ଅଧିକ ତାପମାତ୍ରା ଆବଶ୍ୟକ ହେଉଥିବାରୁ ହାଇସ୍ମୋକ୍ ପଏଣ୍ଟ ଥିବା ଖାଇବାତେଲ ବ୍ୟବହାର କରିବା ଉଚିତ୍। ଆଉଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହାଇ ସ୍ମୋକ୍ ପଏଣ୍ଟ ଥିବା ତେଲ କିଣିବା ବେଳେ ଏହାକୁ ରିଫାଇନ୍ କରିବା ସମୟରେ ଯେପରି କୌଣସି କେମିକାଲ୍ ବ୍ୟବହାର ହୋଇ ନ ଥାଏ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବା ନିହାତି ଜରୁରୀ। ଅଧିକାଂଶ ସମୟରେ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ତେଲକୁ ଅଧିକ ତାପମାତ୍ରାରେ ବ୍ୟବହାର କରାଯାଏ। ଫଳରେ ତେଲରୁ ବିଷାକ୍ତ ରସାୟନ ବାହାରିବା ସମ୍ଭାବନା ଅଧିକ ରହିଥାଏ। ତେଣୁ ବାହାର ଖାଇବା ନ ଖାଇ ଯଥାସମ୍ଭବ ଲୋ' ଫ୍ଲେମ୍‌ରେ ପ୍ରସ୍ତୁତ ଘର ଖାଦ୍ୟ ଖାଇବା ଆବଶ୍ୟକ। ସେହିଭଳି ହର୍ବାଲ ଲାଇଫ୍ ନ୍ୟୁଟ୍ରିଶନ୍‌ର ୱେଲ୍‌ନେସ୍ କୋଚ୍ ରାଜେଶ କୁମାର ମିଶ୍ରଙ୍କ ମତରେ, ତେଲର ବହୁ ମାରାତ୍ମକ ଦିଗ ରହିଛି। ତେବେ ପ୍ରୋଟିନ୍ ଓ ଭିଟାମିନ୍‌ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତି ମାସରେ ଖାଇବା ତେଲ ବଦଳାଇବା ଉଚିତ। ତେଲରେ ଖାଦ୍ୟ ନ ପକାଇ ଖାଇବାରେ ତେଲ ପକାଇ ଖାଇବା ଉଚିତ୍।

## ସଂକ୍ଷେପରେ

### କାଦେ ମାଝୀଙ୍କ ହତ୍ୟାକାଣ୍ଡ ଘଟଣା
### ୯ ଅଭିଯୁକ୍ତ ଗିରଫ

ପାଟଣା,୩୧।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା କୁଣ୍ଡଳା ପଞ୍ଚାୟତ ଫୁଲପାହାଡ଼ି ଗ୍ରାମର ଭାଲୁଘରା ସାହିର ୫୫ ବର୍ଷୀୟ ବୃଦ୍ଧ କାଦେ ମାଝୀଙ୍କୁ ୧୬ହଜାର ଟଙ୍କା ପାଇଁ ଗତ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ଗାଁ ଦାଣ୍ଡରେ ହତ୍ୟାକରିବା ପରେ କାଦେଙ୍କ ଘର ସମ୍ମୁଖରେ ଫିଙ୍ଗି ଦେଇଥିଲେ। ମଙ୍ଗଳବାର ପାଟଣା ପୋଲିସ ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ୨ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ସମ୍ପୃକ୍ତ ହତ୍ୟାକାଣ୍ଡ ମାମଲାରେ ବୁଧବାର ପାଟଣା ପୋଲିସ ଆଉ ୭ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଭାଲୁଘରା ଗ୍ରାମରେ ସମ୍ଭାବ୍ୟ ଉତ୍ତେଜନାକୁ ଆଖିଆଗରେ ରଖି କୁଣ୍ଡଳାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

ଚମ୍ପୁଆ, ୩୧।୭(ଡି.ଏନ.ଏ.)- ଅରଡେଇ ନଦୀରେ ୩ଦିନ ତଳେ ବୁଡ଼ିଯାଇଥିବା ମହିଳାଙ୍କ ମୃତଦେହ ବୁଧବାର ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର କରାଯାଇଛି। ଏ ନେଇ ଚମ୍ପୁଆ ପୋଲିସ ଖବର ପାଇ ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଥିବା ଜଣାପଡିଛି। ଖବର ଅନୁସାରେ ଚମ୍ପୁଆ ଥାନା ଅନ୍ତର୍ଗତ ବଡନଈ ପଞ୍ଚାୟତର ରାଣୀପୁର ଗ୍ରାମର ଅନୁ ବେଶ୍ଟକାରର ସ୍ତ୍ରୀ କଇଁନ୍ତ ବେଶ୍ଟକାର ନିଜ ଜ୍ୱାଇଁ ଘର ମୟୁରଭଞ୍ଜ ଜିଲାର କେଶରୀ ଗ୍ରାମରୁ ସୋମବାର ନଦୀ ପାରହୋଇ ଘରକୁ ଫେରିବା ବେଳେ ଇଚିଣ୍ଡା ମକର ଘାଟ ପାର ହେଉଥିବା ବେଳେ ବେଆଇନ ଭାବେ ଉଠାଣ ହୋଇଥିବା ବାଲିଘାଟରେ ବୁଡି ଯାଇଥିଲେ। ଗାମବାସୀ ବହୁ ଖୋଜାଖୋଜି କରି ବିଫଳ ହୋଇଥିଲେ। ୩ଦିନ ପରେ କାଳିକାପ୍ରସାଦ ଘାଟରେ ମୃତଦେହ ଭାସୁଥିବା ଖବର ପାଇ ପୋଲିସ ଉଦ୍ଧାର କରିଥିଲା।

### ଓଲଟିଲା ହାଇୱା, ବର୍ତ୍ତିଲେ ଡ୍ରାଇଭର

ହାଟଡିହୀ, ୩୧।୭ (ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶିଆଡ଼ିମାଳୀଆ ଠାରେ ମଙ୍ଗଳବାର ରାତିରେ ଏକ ହାଇୱା ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ଡ୍ରାଇଭର ଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସାମାନ୍ୟ ଆହତ ହୋଇଛନ୍ତି। ଡ୍ରାଇଭରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ଖବରରୁ ଜଣାଯାଇଛି ଯେ ହାଇୱାଟି ପଥର ବୋଝେଇ କରି ଆସୁଥିଲା। ରାସ୍ତା କଡ଼ରେ ପାଣି ପାଇପ ପାଇଁ ଗାତ ଖୋଳାଯାଇଥିଲା। ବର୍ଷା ପାଗ ହୋଇଥିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଖୋଳାଯାଇଥିବା ଗାତରେ ଗାଡ଼ିର ଚକା ପଶିଯାଇଥିଲା। ଫଳରେ ଗାଡ଼ିଟି ଓଲଟି ପଡ଼ିଥିଲା। ସୋସୋ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛି।

### କାରଗିଲ ଶହୀଦଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ପାଟଣା,୩୧।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାରେ ଏନସିସି ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବୁଧବାର କାରଗିଲ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଆୟୋଜିତ ହୋଇଛି। ଏହି ଅବସରରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧକ୍ଷା ଜ୍ୟୋସ୍ନାମଞ୍ଜରୀ ତ୍ରିପାଠୀଙ୍କ ଅଧକ୍ଷତାରେ ଅଧାପକ ଶୈଳେନ୍ଦ୍ର କୁମାର ଡାଲୁଆ, ଯୋଗେଶ୍ୱର ପତି, ପୂର୍ଣ୍ଣଚନ୍ଦ୍ର ଦାଶ, ଜଗନ୍ନାଥ ମହାନ୍ତ, ବୀରେନ୍ଦ୍ର କୁମାର ସାହୁ, ରଜତ କୁମାର ଦାଶ ଓ ଧର୍ମେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଅଧାପକ ମାନେ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ହାଟଡ଼ିହୀ, ୩୧।୭(ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ରହଣିଆ ପଞ୍ଚାୟତ ସୋଲପଟା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଭାବଗ୍ରାହୀ ସ୍ୱାଇଁ(୭୦)ଙ୍କର ମୃତ୍ୟୁ ଘଟିଛି। ସେ ଜଣେ ଶାନ୍ତ, ସରଳ, ମେଳାପୀ ବ୍ୟକ୍ତି ଭାବେ ପରିଚିତ। ଦୀର୍ଘଦୀନ ହେବ ସେ ଅସୁସ୍ଥ ଥାଇ ଘରେ ଥିଲେ। ତାଙ୍କ ମୃତ୍ୟୁ ପରେ ମର ଶରୀରକୁ ସ୍ୱର୍ଗଦ୍ୱାର ନିଆଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଲୋକଙ୍କ କାମରେ ଲାଗୁନି ଶିଶୁପାର୍କ

ଆନନ୍ଦପୁର, ୩୧।୭(ସ୍ୱ.ପ୍ର.)


ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

- ଜିଲାପାଳଙ୍କୁ ଆନନ୍ଦପୁର ପ୍ରେସ୍ କ୍ଲବ ତରଫରୁ ଦାବିପତ୍ର
- ୧୫ ଦିନ ମଧରେ ପଦକ୍ଷେପ ନ ନେଲେ ଆନ୍ଦୋଳନ

ଆନନ୍ଦପୁରବାସୀଙ୍କ ଦୀର୍ଘଦିନର ଦାବି ପରେ ବିଆରଜିଏଫ (ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି) ଯୋଜନାରେ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏକ ଶିଶୁ ପାର୍କ ନିର୍ମାଣ ହୋଇଥିଲା। ଏହି ଶିଶୁ ପାର୍କ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଚଳିତ ବର୍ଷ ସାଧାରଣ ନିର୍ବାଚନ ପୂର୍ବରୁ ଏହାର ଉଦ୍‌ଘାଟନୀ ଉତ୍ସବ ଆନନ୍ଦପୁର ପୌରପରିଷଦ ତରଫରୁ କରାଯାଇଥିଲା। ହେଲେ ଅଦ୍ୟାବଧି ଏହି ଶିଶୁ ପାର୍କ ଲୋକଙ୍କ ବ୍ୟବହାର ନିମନ୍ତେ ଖୋଲାଯାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ଶିଶୁ ପାର୍କରେ ହୋଇଥିବା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ମଧ୍ୟ ପରିଲକ୍ଷିତ ହୋଇଛି। ଶିଶୁ ପାର୍କ ପରିସରରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ଏହାର ପରିସରରେ ପୂର୍ବଭଳି ଗଛଲତା ଓ ଗୁଳ୍ମରେ ପରିପୂର୍ଣ୍ଣ ହୋଇ ଜଙ୍ଗଲର ଭ୍ରମ ସୃଷ୍ଟି କରିଛି। ଏଭଳି ଘଟଣାକୁ ନେଇ ଆନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଜନସାଧାରଣ ପାଇଁ ଶିଶୁ ପାର୍କକୁ ଉନ୍ମୁକ୍ତ କରିବା ଏବଂ ଏହାର ନିର୍ମାଣ କାର୍ଯ୍ୟରେ ହୋଇଥିବା ବ୍ୟାପକ ଅନିୟମିତତାର ତଦନ୍ତ ଦାବିରେ ଆନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ବୁଧବାର କେନ୍ଦୁଝର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୧୫ ଦିନ ମଧରେ ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନନ୍ଦପୁର ପ୍ରେସ୍ କ୍ଲବ ଆନ୍ଦୋଳାନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ନିଷ୍ପତ୍ତି ନେଇଛି। ଏହି କାର୍ଯ୍ୟକ୍ରମରେ କ୍ଲବ ସଭାପତି ଗୋପାଳକୃଷ୍ଣ ରାଉତ, ସମ୍ପାଦକ ସନ୍ତୋଷ କୁମାର ରାଉତ, ବରିଷ୍ଠ ଖବରଦାତା ସୁବାସ ମହାପାତ୍ର, ନାରାୟଣ ପଣ୍ଡା, ଲୋକନାଥ ସିଂହ, ଶ୍ରୀକୁମାର ମିଶ୍ର, ଦିଲୀପ କୁମାର ମିଶ୍ର, ନିରାକାର ଦଳେଇ, ପ୍ରକାଶ ହଜାରୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଟ୍ରକ ଧକ୍କାରେ ମହିଳା ମୃତ, ଚାଳକ ଗିରଫ

ବଡବିଲ, ୩୧।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲାପାଳଙ୍କ ନିର୍ଦ୍ଦେଶକୁ ବଡବିଲରେ ବେଖାତିର ମଣୁଛନ୍ତି ଭାରୀଯାନ। ନୋ-ଏଣ୍ଟ୍ରି ସମୟରେ ଭାରୀଯାନ ଚଳାଚଳ ଯୋଗୁଁ ଜନ ଅସନ୍ତୋଷ ବୃଦ୍ଧିପାଇଥିଲାବେଳେ ଏହି ସମୟରେ ଏକ ୧୨ ଚକିଆ ଟ୍ରକ ଧକ୍କାରେ ବାଇକରେ ବସିଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଠାକୁରାଣୀ ଅଞ୍ଚଳର ରାଧା ଲାକ୍ରା(୩୫)। ଏହି ଦୁର୍ଘଟଣାରେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକଟିକୁ ଜବତ କରିବା ସହ ସମ୍ପୃକ୍ତ ଚାଳକଙ୍କୁ ଗିରଫ କରି ବୁଧବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଝାଡଖଣ୍ଡ ରାଜ୍ୟ ହଜାରିବାଗ ଜିଲା ମସଜିଦଟୋଲାସ୍ଥିତ ବୋନାସୋ ଅଞ୍ଚଳର ଅଫଜଲ ଆନସାରୀ।

ବଡବିଲ ସହରାଞ୍ଚଳରେ ସାଧାରଣ ଜୀବନଯାତ୍ରାକୁ ସୁରୁଖୁରୁ କରିବା ସହ ଦୁର୍ଘଟଣାକୁ ଏଡାଇବାକୁ ଜିଲାପାଳ ଗତ କିଛିଦିନ ତଳେ ଦୀର୍ଘ ବର୍ଷରୁ ଲାଗିଥିବା ନୋ-ଏଣ୍ଟ୍ରି କଟକଣାରେ ପରିବର୍ତ୍ତନ ଆଣିଥିବା ଜଣାପଡିଛି। ନୂତନ ନୋ-ଏଣ୍ଟ୍ରିର ସମୟ ସାରଣୀ ଅନୁସାରେ ସକାଳ ୬ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଓ ଦିନ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ସହରାଞ୍ଚଳ ଦେଇ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ହେଲେ ସକାଳ ୬ଟାରୁ ୭ଟା ଏବଂ ଅପରାହ୍ନ ୩ଟା ପରେ ସନ୍ଧ୍ୟା ପର୍ଯ୍ୟନ୍ତ ଭାରୀଯାନ ଗୁଡିକ ଅନାୟାସରେ ସହରାଞ୍ଚଳ ଦେଇ ଯାତାୟାତ କରୁଥିବା ପରିଲକ୍ଷିତ ହୋଇଛି। ଫଳରେ ଟ୍ରାଫିକ ସମସ୍ୟାର ସୃଷ୍ଟି ହେବାସହ ଦୁର୍ଘଟଣାରେ ଜନଜୀବନ କ୍ଷତି ହେଉଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଏ ନେଇ ସ୍ଥାନୀୟ ପୋଲିସ ଓ ପରିବହନ ବିଭାଗୀୟ ଅଧିକାରୀ ଆବଶ୍ୟକ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି।

## ଗୁଟ୍‌ଖା ଦୋକାନ ଉପରେ ପ୍ରଶାସନର ଚଢ଼ାଉ


ଗୁଟ୍‌ଖା ଦୋକାନରେ ଚଢ଼ାଉ ଚାଲିଛି।

କେନ୍ଦୁଝର, ୩୧।୭
(ସ୍ୱ.ପ୍ର./ ଡି.ଏନ.ଏ.)

କେନ୍ଦୁଝର ସହରରେ ବିଭିନ୍ନ ସ୍ଥାନରେ ଥିବା ଗୁଟଖା, ସିଗାରେଟ ଆଦି ନିଶା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ସାମଗ୍ରୀ ଉପରେ କଟକଣା ଲଗାଇବା ପାଇଁ ବୁଧବାର ପ୍ରଶାସନର ନିଷ୍ପତ୍ତି କ୍ରମେ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ଦୋକାନ ଉପରେ ସ୍ୱାସ୍ଥ୍ୟ ବିଭାଗ ପୋଲିସ ବିଭାଗ, ଡ୍ରଗସ ବିଭାଗ ସହାୟତାରେ ଚଢାଉ କରାଯାଇଛି। କେନ୍ଦୁଝର ସହରର ୪୦ଟି ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ପ୍ରଶାସନର ମିଳିତ ଚଢ଼ାଉ କରାଯାଉଛି। ସହରରେ ଥିବା ଗୁଟଖା ଗଛିତ ଥିବା ଗୋଦାମ ଘର ଗୁଡିକ ଚଢାଉ ନ କରିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ବିଶେଷ କରି ଯେଉଁ ମାନେ ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନର ୧୦୦ ମିଟର ଦୂରରେ ଗୁଟଖା ଓ ଧୂମପାନ ସାମଗ୍ରୀ ବିକ୍ରି କରୁଛନ୍ତି ସେମାନଙ୍କ ଠାରୁ ସମୁଦାୟ ୮୫୦୦ ଟଙ୍କା ଜରିମାନା ଆଦାୟ କରାଯାଉଛି ବୋଲି ଏଡିଏମଓ (ପବ୍ଲିକ ହେଲ୍‌ଥ) ଡକ୍ଟର ନିଳମଣୀ ଦିଲିପଚାନ୍ଦ ବେହେରା କହିଛନ୍ତି। ଏହି ଚଢାଉ ଏବେ ନିୟମିତ ଶିକ୍ଷାନୁଷ୍ଠାନ ପାଖ ଦୋକାନରେ କରାଯିବ ଏବଂ ପରେ ଅନ୍ୟ ସ୍ଥାନରେ କରାଯିବ ବୋଲି ସେ କହିଛନ୍ତି। ତେବେ ଗୋଦାମ ଘର ଉପରେ ଚଢାଉ କରାଯିବା ନିଷ୍ପତ୍ତି ମଧ୍ୟ ନିଆଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ଅଫିମ ତଥା ଡ୍ରଗସ ମଧ ବିକ୍ରି ହେଉଥିବାରୁ ଏହାକୁ ମଧ ଧରପଗଡ କରିବା ସହ ଏହାର ମୁଖ୍ୟ ମାନଙ୍କୁ ଧରିବାକୁ ଦାବି ହେଉଛି। ସିଗାରେଟରେ ଗୁଟଖା ଓ ସିଗାରେଟ ଭଳି ନିଶା ସାମଗ୍ରୀ ବିକ୍ରି ଉପରେ କଟକଣା ଲଗାଇବାକୁ କେନ୍ଦ୍ର ସରକାର ୨୦୦୩ ମସିହାରେ ଆଇନ ପ୍ରଣୟନ କରିଥିଲେ। ତେବେ ଏହାକୁ ବିଳମ୍ବରେ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବେଳେ ଏନେଇ ଜିଲା ସ୍ତରରେ ସପ୍ତାହକ ତଳେ ବୈଠକ ବସି ଏହା ଉପରେ ଅଙ୍କୁଶ ଲଗାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଚଢାଉ ସ୍ୱାସ୍ଥ୍ୟ, ପୋଲିସ, ଅବକାରୀ, ଡ୍ରଗସ ନିୟନ୍ତ୍ରଣ ଆଦି ବିଭାଗ ପକ୍ଷରୁ କରାଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଏସବୁ ଯୋଗାଉଥିବା ମୁଖ୍ୟ ଡିଲର ମାନଙ୍କୁ ଧରପଗଡ କରାଗଲେ ବହୁ ବେଆଇନ କାମ ଧରାପଡିବ ବୋଲି ମତପ୍ରକାଶ ପାଉଛି।

## ଶୋଷଣର ଶିକାର ହେଉଛନ୍ତି ବିଦ୍ୟୁତ୍ ଉପଭୋକ୍ତା

ଆନନ୍ଦପୁର, ୩୧।୭(ସ୍ୱ.ପ୍ର.)

ଆନନ୍ଦପୁର ବିଦ୍ୟୁତ ବିଭାଗର ମନମାନୀ ପାଇଁ ବିଦ୍ୟୁତ ଉପଭୋକ୍ତା ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ବିନା ସୂଚନାରେ ବାରମ୍ବାର ବିଦ୍ୟୁତ କାଟ, ସାମାନ୍ୟ ପତ୍ର ହଲିଲେ ଲାଇନ୍ କଟିବା ସହ ଏବେ ବିଦ୍ୟୁତ ବିଲ୍ ଉପଭୋକ୍ତାଙ୍କ ଚିନ୍ତାର କାରଣ ସାଜିଛି। ମାସିକିଆ କରାଯାଉଥିବା ମିଟର୍ ରିଡିଂ ନିୟମିତ କରା ନ ଯାଇ କେତେବେଳେ ମାସେ ୧୦ ଦିନ ତ ଆଉ କେତେବେଳେ ମାସେ ୨୦ ଦିନର ରିଡିଂ ନିଆଯାଇ ଉପଭୋକ୍ତାଙ୍କୁ ବିଲ୍ ଦିଆଯାଉଛି। ଆଉ କେତେବେଳେ ଦୁଇ ମାସର ବିଲ୍ ଏକା ସାଙ୍ଗରେ ଦିଆଯାଉଛି। ଫଳରେ ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ ବିଲ୍‌ର ବୋଝ ବଢିଯାଉଛି ବୋଲି ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ମିଶ୍ର ଏବଂ ଅବସରପ୍ରାପ୍ତ ସୈନିକ ମୁରଲୀଧର ମିଶ୍ର ଅଭିଯୋଗ କରିଛନ୍ତି। ଉପଭୋକ୍ତାଙ୍କ କହିବା ଅନୁଯାୟୀ ଅଧିକ ଦିନର ବିଲ୍ ଏକା ସାଙ୍ଗରେ ଦେବା ଫଳରେ ୟୁନିଟ୍ ପିଛା ରେଟ୍ ବୃଦ୍ଧି ପାଉଛି। ଯାହା ପୈଠ କରିବା କଷ୍ଟକର ହୋଇପଡୁଛି। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଘଟଣା ଦିଗରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ମିସ୍ତ୍ରି କହିଛନ୍ତି।

## ଅଚାନକ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ତହସିଲଦାର, ଏଡିଡବ୍ଲ୍ୟୁଓ


ତହସିଲଦାର ଛାତ୍ରୀ ନିବାସରେ ରନ୍ଧା ଖାଦ୍ୟର ମାନ ପରୀକ୍ଷା କରୁଛନ୍ତି।

ଚମ୍ପୁଆ, ୩୧।୭(ଡି.ଏନ.ଏ.)

ଚମ୍ପୁଆ ବ୍ଲକର ବିଭିନ୍ନ ଆଶ୍ରମ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରଛନ୍ତି। ବିଦ୍ୟାଳୟରେ ସୁରକ୍ଷା, ରନ୍ଧା ହେଉଥିବା ଖାଦ୍ୟ, ଛାତ୍ରୀ ନିବାସ ଓ ପାଠପଢାକୁ ଯାଞ୍ଚ କରିଥିବା ଜଣାଯାଇଛି। ଆଶ୍ରମ ବିଦ୍ୟାଳୟ ଗୁଡିକରେ ଘଟୁଥିବା ଅଘଟଣକୁ ନେଇ ସରକାର ଚିନ୍ତିତ ରହିଥିବା ବେଳେ ଏହି ସବୁ ଯାଞ୍ଚ ହୋଇଥିବା ଜଣାପଡିଛି। ଖବର ଅନୁସାରେ ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରି ଚମ୍ପୁଆ ବ୍ଲକରେ ଥିବା ରଜିଆ ପ୍ରାଇମେରି ଛାତ୍ରାବାସ, ରଜିଆ ଆଦିବାସୀ ଛାତ୍ରୀ ନିବାସ, କାଳିକାପ୍ରସାଦ ଆଦିବାସୀ ଛାତ୍ରୀ ନିବାସ, ରିମୁଳି, ରାମଲା ଏବଂ ଅନ୍ୱେଶା ଛାତ୍ର ନିବାସ ଆଦି ପରିଦର୍ଶନ କରି ବିଦ୍ୟାଳୟର ସଫା ସୁତରା, ପାନୀୟ ଜଳ, ଛାତ୍ରଛାତ୍ରୀମାନେ ରହୁଥିବା ହଷ୍ଟେଲ ଘର, ରନ୍ଧା ଯାଉଥିବା ଖାଦ୍ୟର ମାନ, ପାଠପଢା ସହିତ ବିଦ୍ୟାଳୟ ଓ ଛାତ୍ରୀ ନିବାସର ସୁରକ୍ଷା ଉପରେ ଯାଞ୍ଚ କରିଥିଲେ। ଉପରୋକ୍ତ ଆଶ୍ରମ ଛାତ୍ର ଓ ଛାତ୍ରୀ ନିବାସ ମଧରେ ରିମୁଳି ଆଦିବାସୀ ଛାତ୍ରୀ ନିବାସ ଭଲ ଥିବା ବିଜୟ ଗିରି ସୂଚନା ଦେଇଥିଲେ। ତେବେ ଅନ୍ୟ ଛାତ୍ରାବାସ ଓ ଛାତ୍ରୀ ନିବାସ ଗୁଡିକରେ ଦେଖାଦେଇଥିବା ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

■ ଚାଷୀଙ୍କୁ ଦୁର୍ବ୍ୟବହାର ଘଟଣା

## ଅନଶନ କରିବେ ଚାଷୀ

ଚମ୍ପୁଆ, ୩୧।୭(ଡି.ଏନ.ଏ)

ବଡ଼ନଈ କୃଷି ସହାୟକ କେନ୍ଦ୍ର ଠାରେ କୃଷି କର୍ମଚାରୀଙ୍କ ଦ୍ୱାରା ଚାଷୀଙ୍କୁ ଦୁର୍ବ୍ୟବହାର ଘଟଣା ଥମିବା ପରିବର୍ତ୍ତେ ବଢିବାରେ ଲାଗିଛି। ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ କୃଷି କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଆଗାମୀ ୧୫ ଦିନ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଅନଶନରେ ବସିବେ ବୋଲି ସୂଚନା ଦେଇଛନ୍ତି। ଏ ନେଇ ସେ ଚମ୍ପୁଆ କୃଷି ଅଧିକାରୀ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ସୂଚନାଯୋଗ୍ୟ କି କିଛିଦିନ ତଳେ ଗ୍ରାମ୍ୟ କୃଷି କର୍ମଚାରୀ ବଡନଈ ଗ୍ରାମକୁ ଯାଇଥିବା ବେଳେ ଚାଷୀମାନେ କୃଷି ସହାୟକ କେନ୍ଦ୍ର ନିୟମିତ କାହିଁକି ଖୋଲାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ତିକ୍ତତା ଦେଖାଦେଇଥିଲା। ୭ ଦିନ ଭିତରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେଇଥିଲେ ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଚାଷୀମାନେ କୃଷି କାର୍ଯ୍ୟାଳୟ ଆଗରେ ଅନଶନ କରିବେ ବୋଲି ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା କୃଷି ଅଧିକାରୀ ଗଜେନ୍ଦ୍ର ନାଥ ଗୋଛାୟତଙ୍କୁ ପଚାରିବାରୁ ଅଭିଯୋଗ ଜିଲାପାଳଙ୍କ ଠାରେ ହୋଇଥିଲା, ଜିଲାପାଳ ନିର୍ଦ୍ଦେଶ ଦେଲେ ଆମ୍ଭେ ଏହାର ତଦନ୍ତ କରିବୁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଜନ୍ମ ଦିନରେ ବାସୁଦେବ କଲେ ପ୍ରକୃତି ସୁରକ୍ଷା

କେନ୍ଦୁଝର, ୩୧।୭ (ସ୍ୱ.ପ୍ର.)

କିଏ ପାର୍ଟି କରି କେକ କାଟି, ମିଠା ଖୁଆଇ ଓ ଭୋଜିଭାତ କରି ଜନ୍ମ ଦିନ ପାଳନ କରୁଥିବା ବେଳେ ବହୁ ସଚେତନ ନାଗରିକ ଏବେ ଏହି ଦିନକୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲଗାଇ ସଚେତନତାର ବାର୍ତ୍ତା ଦେଉଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦୁଝର ଜିଲାର ମାଧପୁର ସହରରେ। ବାସୁଦେବ ଜେନା ବୁଧବାର ତାଙ୍କର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସାଙ୍ଗସାଥୀଙ୍କ ମେଳରେ ଚାରା ରୋପଣ କରି ଅଭିନବ ପ୍ରୟାସ କରିଛନ୍ତି। ବିଭିନ୍ନ ପ୍ରକାରର ଫଳ ଗଛର ଚାରା ରୋପଣ କରିଛନ୍ତି। ଅନ୍ୟମାନଙ୍କ ମଧରେ ବ୍ରଜ ବିଶ୍ୱାଳ, ସୁଧାଂଶୁ ସ୍ୱାଇଁ, ଅଶ୍ୱିନୀ ବାରିକ, ମୁକେଶ ସାହୁଙ୍କ ସମେତ ବହୁ ବ୍ୟକ୍ତି ସାମିଲ ହୋଇ ଏହାର ଯତ୍ନ ନେବାକୁ ସଂକଳ୍ପ କରି ନୂଆ ଉଦାହରଣ ସୃଷ୍ଟି କରିଛନ୍ତି।

## ଟିକ୍‌ଟକ୍ ଭିଡିଓ କଳାକାରଙ୍କ ଓଡ଼ିଆ ସିନେମାରେ ପ୍ରବେଶ

ପାଟଣା, ୩୧।୭(ସ୍ୱ.ପ୍ର.)


ସିନେ କଳାକାର ରାଜ ପଣ୍ଡା।

ଟିକଟକ କେତେକ କ୍ଷେତ୍ରରେ ଲୋକଙ୍କୁ ବଦନାମ କରିଥିବାବେଳେ କେତେକଙ୍କ ପାଇଁ ଖୁସିର ସମାହାର ଆଣିଦେଇଛି। ତେବେ ସବୁର ବ୍ୟବହାର ଜାଣିଲେ ହେଲା। ଭଲ କାମ ପାଇଁ ବ୍ୟବହାର କରି ରାଜ ଓଡ଼ିଆ ସିନେମା ଜଗତରେ ପ୍ରଥମ ଥର ପାଇଁ ପ୍ରବେଶ କରିଛନ୍ତି। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ପାଟଣା ଥାନା ସାହାରପଡା ବ୍ଲକ ଖଜିରାପାଟ ପଞ୍ଚାୟତ ପଡ଼ିଆପଶି ଗ୍ରାମର ରାଜ ପଣ୍ଡାଙ୍କ ଏଣ୍ଟ୍ରି ହୋଇଛି। ଆଗାମୀ ଦୁର୍ଗାପୂଜାରେ ରିଲିଜ ହେବାକୁ ଥିବା 'ତୋ ପ୍ରେମରେ ମୁଁ ହିଁ ମୁଁ' ଫିଲ୍ମରେ ହିରୋ ଭୂମିକାରେ ଅଭିନୟ କରିବାର ସେ ସୁଯୋଗ ପାଇଛନ୍ତି। ସେ କରିଥିବା ବିଭିନ୍ନ ଟିକ ଟକ ଭିଡିଓକୁ ଦେଖି ଫିଲ୍ମ ପ୍ରଯୋଜକ ରବିନାରାୟଣ ପଣ୍ଡା ତାଙ୍କୁ ଏହି ସୁଯୋଗ ଦେଇଛନ୍ତି। ଜୁଲାଇ ୨୬ ତାରିଖରେ ଭୁବନେଶ୍ୱର ସ୍ଥିତ ଏକ ହୋଟେଲରେ ଏହି ଫିଲ୍ମର ଶୁଭମହୁରତ ହୋଇଛି। ଶ୍ରୀ ରାଜ ସେନାବାହିନୀ ରେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଟିକ ଟକ ଭିଡିଓ ପାଇଁ ସେ ଲୋକପ୍ରିୟତା ଲାଭ କରିଥିଲେ। ସେ ଫିଲ୍ମରେ ପ୍ରଥମ ଥର ଅଭିନୟ କରିବା ଜାଣି ତାଙ୍କର ଶୁଭେଚ୍ଛୁ, ସହପାଠୀ, ସହକର୍ମୀ ଓ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ଆଗରୁ ସାହାରପଡା ବ୍ଲକ ଅଞ୍ଚଳରୁ ରାଇମୋହନ ପରିଡା ସିନେ ଜଗତରେ ଲୋକପ୍ରିୟତା ଲାଭକରିଥିବା ରାଜ ଉକ୍ତ ବ୍ଲକ ର ଦ୍ୱିତୀୟ କଳାକାର ଭାବେ ଫିଲ୍ମରେ ଅଭିନୟ କରିବାର ସୁଯୋଗ ପାଇଥିବାରୁ ସାହାରପଡା ଅଞ୍ଚଳ ତଥା କେନ୍ଦୁଝର ଜିଲାବାସୀଙ୍କ ମନରେ ଖୁସିର ଲହାରୀ ଖେଳିଯାଇଛି।

■ ନିଆରା ମଣିଷ କାଙ୍ଗାଳି ମହାରଣା

## ନିଶା ଅଭିନୟ, ପେସା ଚାଷ

ଚମ୍ପୁଆ, ୩୧।୭
(ଡି.ଏନ.ଏ)



ନିଶା ତାଙ୍କର ଅଭିନୟ କିନ୍ତୁ ପେଷାରେ ସେ ଜଣେ ଚାଷୀ। ସେ ହେଉଛନ୍ତି ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆ ପଞ୍ଚାୟତର ଟିଆଁସପଶି ଗ୍ରାମର କାଙ୍ଗାଳୀ ମହାରଣା। ଛୋଟ ବେଳୁ ଅଭିନୟ ପ୍ରତି ରୁଚି ରଖିଥିବା ଏହି ମଣିଷ ୧୪ ବର୍ଷରୁ ଟିଆଁସପଶି ରାମଲୀଳା କମିଟିରେ ଯୋଗ ଦେଇ ହନୁମାନ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ୧୯୭୪ ମସିହାରୁ ଅଭିନୟ ଆରମ୍ଭ କରି କେନ୍ଦୁଝର, ମୟୁରଭଞ୍ଜ ଓ ଝାଡଖଣ୍ଡ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରାମଲୀଳାରେ କାଙ୍ଗାଳିଙ୍କ ଏହି ହନୁମାନ ଚରିତ୍ର ଓ ଅଭିନୟ ଲୋକଙ୍କ ହୃଦୟକୁ ଛୁଇଁ ଥିବା ବେଳେ ବିଭିନ୍ନ ସ୍ଥାନରେ ସେ ପୁରସ୍କୃତ ହୋଇଛନ୍ତି। ଆର୍ଥିକ ଅନାଟନ ସାଙ୍ଗକୁ ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ପିତା ଝାଡେଶ୍ୱର ମହାରଣାଙ୍କ ଦେହାନ୍ତ ତାଙ୍କ ପାଠ ପଢାରେ ଡୋରୀ ପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୫ ଗୋଟି ମଣ୍ଡପରେ ନିଜର ପରାକାଷ୍ଠା ଦେଖାଇ ପାରିଛନ୍ତି। ଅଭିନୟ ନିଶା ସହିତ କୌଳିକ ବୃତ୍ତି ଓ ଚାଷ ତାଙ୍କର ଜୀବିକାର ଅନ୍ୟ ଏକ ପନ୍ଥା। ଜଣେ ଭଲ ଚାଷୀ ଭାବେ ପରିଚୟ ସୃଷ୍ଟି କରିଥିବା କାଙ୍ଗାଳି ଏବେ ବି ଅଭିନୟ ଜାରି ରଖିଛନ୍ତି।

## ଏସେଲ୍ ଖଣି ସମ୍ମୁଖରେ ଶ୍ରମିକ ସଙ୍ଗଠନର ବିକ୍ଷୋଭ

ଯୋଡ଼ା, ୩୧।୭ (ଡି.ଏନ.ଏ.)


ଏସେଲ ଖଣି ସମ୍ମୁଖରେ ଶ୍ରମିକମାନେ ଆନ୍ଦୋଳନ କରୁଛନ୍ତି।

- ବିଭିନ୍ନ ସମସ୍ୟା ନେଇ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ଅବସ୍ଥିତ ଏସେଲ ଜିଲିଂ ଖଣିରେ ବିଭିନ୍ନ ଦାବି ନେଇ କେନ୍ଦୁଝର ମାଇନ୍ସ ଆଣ୍ଡ ଫରେଷ୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୁଧବାର ପ୍ରାୟ ୧୧ ଘଟିକା ସମୟରେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଶ୍ରମିକ ଖଣି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖଣିରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ, କର୍ମଚାରୀ ଓ ସେମାନଙ୍କର ପରିବାର ଲୋକଙ୍କୁ ମାଗଣାରେ ସମସ୍ତ ଚିକିତ୍ସା ଖର୍ଚ୍ଚ ପ୍ରଦାନ କରିବା, ଦୀର୍ଘ ଦିନ ଧରି ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି କରାଇବା, ଗତ ବର୍ଷ ଠାରୁ ଚଳିତ ବର୍ଷ ଅଧିକ ବୋନସ ଦେବା, ଠିକା ଶ୍ରମିକଙ୍କର ଇନ୍‌କ୍ରିମେଣ୍ଟ ବ୍ୟବସ୍ଥା ଲାଗୁ କରିବା ଦାବି ଶ୍ରମିକ ସଂଗଠନ ପକ୍ଷରୁ ହୋଇଆସୁଥିଲେ ହେଁ ପୂରଣ ନ ହେବାରୁ ଏହି ବିକ୍ଷୋଭ କରାଯାଇଥିଲା। ଏତଦବ୍ୟତୀତ ସମସ୍ତ ଶ୍ରମିକ କଲୋନୀରେ ପିଇବା ପାଣି ବ୍ୟବସ୍ଥା କରିବା, ବିଜୁଳି ବ୍ୟବସ୍ଥା କରାଇବା ଇତ୍ୟାଦି ଦାବି ମଧ୍ୟ କରାଯାଇଥିଲା। ୧୫ ଦିନ ମଧରେ ଏହି ଦାବିର ସମାଧାନ ନ ହେଲେ ଶ୍ରମିକ ସଂଗଠନ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଘୋଷଣା କରାଯାଇଛି। ଏହି ଆନ୍ଦୋଳନରେ ଶ୍ରମିକ ସଙ୍ଗଠନ ପକ୍ଷରୁ ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା, ମହେଶ୍ୱର ରାଉତ, ବିଦ୍ୟାଧର ମହାନ୍ତ, କପିଳ ମହାନ୍ତି, ବଦ୍ଧୁ ଜାମା, କାହ୍ନୁ ସାମଲ ଓ ସନ୍ତୋଷ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଶ୍ରମିକ ନେତା ମହେଶ୍ୱର ରାଉତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବାରମ୍ବାର ଖଣି କମ୍ପାନୀକୁ ଶ୍ରମିକ ସଂଗଠନ ପକ୍ଷରୁ ଦାବି କରାଯାଉଥିଲେ ହେଁ, ଶ୍ରମିକଙ୍କର ସମୂହ ସ୍ୱାର୍ଥକୁ ଏସେଲ୍ କମ୍ପାନୀ ଦୃଷ୍ଟି ଦେଉନାହାନ୍ତି। ଦାବି ନ ମାନିଲେ ଶ୍ରମିକ ସଂଘ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ଧରିତ୍ରୀ ଆଳାପ



# ସବୁଜାଗା କଳାକାର ପାଇଁ ଶ୍ରେଷ୍ଠ ମଞ୍ଚ

**ପିଲାଟିଦିନୁ ମୁହଁରେ ପାଉଁଶ ମାଖି ମିଛିମିଛିକା ନାଟକ କରୁ କରୁ ପାଲଟିଛନ୍ତି ସତ ନାଟକର ସଫଳ କଳାକାର। ନାଟକର ନିଶା ଓ ପେସାକୁ ଏକାସାଙ୍ଗରେ ନେଇ ଆଗକୁ ବଢ଼ିଛନ୍ତି। ଚାକିରିର ଚଉହଦି ବାନ୍ଧିପାରିନି ତାଙ୍କ ନାଟକର ମୋହକୁ। ଆଳାପ କ୍ରମରେ ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତକୁ ସାଉଁଟି ଆଣିଛନ୍ତି ନାଟ୍ୟକାର ତଥା ଅଭିନେତା ଅଭୟ କୁମାର ଦାସ।**

ଅଭୟ କୁମାର ଦାସ

**ଅଭିନୟ ପ୍ରତି ଆଗ୍ରହ କେବେଠାରୁ ଆସିଥିଲା?**

▶ କଟକ ଜିଲା ମାହାଙ୍ଗା ବ୍ଲକ୍‌ର ଗୋତରା ଗାଁରେ ଏକ କଳାପ୍ରିୟ ପରିବାରରେ ମୋର ଜନ୍ମ। ପିଲାବେଳେ ବାପା ମୃଦଙ୍ଗ ବଜାଇବା ବେଳେ ମୁଁ ଗିନି ବଜାଉଥିଲି। ଗୀତ ବି ଗାଉଥିଲି। ଏଇଠୁ ମୋର କଳାର ମୂଳଦୁଆ ପଡିଥିଲା। ସେତେବେଳେ ଆମ ଗାଁରେ ଏକ କୃଷ୍ଣଲୀଳା ପାର୍ଟି ଥିଲା। ପାର୍ଟି ଯାତ୍ରା ସାରି ଆସିବା ପରେ ପୋଷାକଗୁଡିକ ଆମ ଅଗଣାରେ ଶୁଖାଯାଏ। ସେହି ପୋଷାକ ଓ ବିଭିନ୍ନ ମୁଖା ପିନ୍ଧି ମୁଁ ଭାରି ଖୁସି ହୁଏ। ମୁହଁରେ ଘଷି ପାଉଁଶ ମାରି ଷଡେଇ ଟାଙ୍ଗି ସାଙ୍ଗମାନଙ୍କ ସହ ନାଟକ କରେ। ସେହି ସମୟରୁ କଳାର ମାଟି ମାହାଙ୍ଗା ମୋତେ ଟାଣି ନେଇଗଲା ନାଟକ ଆଡକୁ।

**ସରକାରୀ ଚାକିରି ସହ ଅଭିନୟ- ଏହା କେମିତି ସମ୍ଭବ ହେଉଥିଲା?**

▶ ସ୍କୁଲ ଶିକ୍ଷାପରେ ସାଲେପୁର କଲେଜରେ ପଢିବା ସମୟରେ ୧୯୮୦ ମସିହାରେ ସରକାରୀ ଚାକିରି ପାଇଲି। ପ୍ରଥମେ କୋରାପୁଟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଯୋଗଦେଇଥିଲି। ସରକାରୀ ଚାକିରି ଥିଲା ମୋର ପ୍ରଥମ କର୍ତ୍ତବ୍ୟ। ଦ୍ୱିତୀୟରେ ଅଭିନୟ। ପେସା ସାଙ୍ଗରେ ଏହା ମୋର ଏକ ନିଶା। ଚାକିରିରୁ ଯେତେବେଳେ ଫୁର୍‌ସତ୍ ମିଳେ ସେଥିରୁ ବେଶି ସମୟ ଅଭିନୟ ଓ ଲେଖାରେ କଟାଏ। ତୃତୀୟରେ ଆସେ ମୋ ପରିବାର। ସ୍ତ୍ରୀ,ପୁଅ ଓ ଦୁଇ ଝିଅକୁ ନେଇ ମୋ ପରିବାର। ନାଟକ ପାଇଁ ପରିବାର ସବୁବେଳେ ମୋତେ ସହଯୋଗ କରିଆସିଛି। ମୁଁ କୋରାପୁଟରେ ଚାକିରିରେ ଯୋଗ ଦେବା ପରେ ଅଲ୍ ଇଣ୍ଡିଆ ରେଡ଼ିଓ (ଜୟପୁର) ଯୁବବାଣୀରେ ନାଟକ କରିବା ଆରମ୍ଭ କରିଥିଲି। ସେଠାରୁ କଳା ଓ ସଂସ୍କୃତିସମ୍ପନ୍ନ ସହର କଟକ ବଦଳି ହୋଇ ଆସିବାପରେ ନାଟକ ପ୍ରତି ମୋହ ପୂରା ବଢିଯାଇଥିଲା। ପରିବହନ ବିଭାଗର 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' କାର୍ଯ୍ୟକ୍ରମରେ ମୁଁ ୯୦ ଦଶକର ପ୍ରାରମ୍ଭରୁ କାମ କରି ଏଥିପାଇଁ ବି ୨୦୧୩ରେ ଲାଇଫ ଟାଇମ ଆୱାର୍ଡ ମଧ୍ୟ ପାଇଛି। ଦୀର୍ଘ ୪୦ ବର୍ଷ ଚାକିରି ପରେ ଏବେ ଅବସର ନେଇଛି। ଅବସର ପରେ ବି ନାଟକ ପାଇଁ ଅଧିକ ସମୟ ଦେବି। ନାଟକରେ ଯୁବପିଢିଙ୍କ ଭାଗୀଦାରି କେମିତି ବଢିବ ତା' ଲାଗି ପ୍ରୟାସ କରିବି।

**ପ୍ରଥମ ନାଟକ ଓ ଅଭିନୟ କେମିତି ଥିଲା?**

▶ ପିଲାଦିନେ ଗାଁରେ ଡ୍ରାମା ଦେଖିବାପରେ ଅଭିନୟ ପ୍ରତି ଆଗ୍ରହ ଆସିଥିଲା। ମୁଁ ସପ୍ତମରେ ପଢୁଥିବାବେଳେ ମହିଷାସୁର ବଧ ଗୀତିନାଟ୍ୟରେ ଅଭିନୟ ଆରମ୍ଭ କରିଥିଲି। ହାଇସ୍କୁଲରେ 'ନାରଦ' ନାଟକରେ ଅଭିନୟ କରିଥିଲି। ନାଟକ ଲେଖା ଆରମ୍ଭ କରିଥିଲି ଚାକିରି କରିବା ପରେ। ପ୍ରଥମେ ୧୯୯୭ ମସିହାରେ ନାଟକ ଲେଖିଥିଲି। ତାହା ଥିଲା – 'କୁଅ ମାଟି କୁଅରେ , ଆଉ ଦି ବୋଝ ମୁହଁରେ'। ଏବେ ସୁଦ୍ଧା ୮ଟି ନାଟକ ଲେଖିଛି। ପ୍ରଥମ ହାସ୍ୟାତ୍ମକ ନାଟକ 'ଯାହାକୁ ଯିଏ ରସିଲା'କୁ ସାର୍ଥକ ମ୍ୟୁଜିକର କ୍ୟାସେଟ କରିଥିଲି। ପ୍ରଥମ ନାଟକ ଓ ଅଭିନୟ ଭାରି ଉତ୍ସାହଜନକ ଥିଲା। ଏବେସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ମଞ୍ଚରେ ଅଭିନୟ କରିସାରିଲିଣି। ବେତାର, ଯବବାଣୀ, ଦୂରଦର୍ଶନ ଓ ଧାରାବାହିକ 'ଅହଂକାର'ରେ ବି ଅଭିନୟ କରିଛି। ଭଜନ କ୍ୟାସେଟ 'ଭାତବିକା ଜଗବନ୍ଧୁ' କରିଥିଲି ଯେଉଁଥିରେ ଅକ୍ଷୟ ମହାନ୍ତି ତାଙ୍କ ଶେଷ ଭଜନ ଗାଇଥିଲେ।

**ଓଡ଼ିଶାରେ ନାଟକ ମଞ୍ଚ ଓ ଅଭିନେତାଙ୍କ ଜୀବନ ସମ୍ପର୍କରେ କ'ଣ କହିବେ?**

▶ ମଞ୍ଚକଳାକାରଙ୍କ ଜୀବନ ସୁଖମୟ ନୁହେଁ। ଦର୍ଶକଙ୍କ କରତାଳିରେ ହିଁ ସୁଖ ପାଆନ୍ତି। କଳାକାରମାନେ କେବଳ ଅତ୍ୟାଧୁନିକ ମଞ୍ଚକୁ ପସନ୍ଦ କରୁଛନ୍ତି। ପଥପ୍ରାନ୍ତ ନାଟକ ପ୍ରତି ସେମାନଙ୍କ ଦୃଷ୍ଟିଭଙ୍ଗୀ ଭିନ୍ନ ହୋଇଯାଇଛି। ମୁଁ ଭାବେ କଳାକାର ଯେଉଁଠି ରହି କଳା ପ୍ରଦର୍ଶନ କରେ ସେଇ ଜାଗା ତା' ପାଇଁ ଶ୍ରେଷ୍ଠ ମଞ୍ଚ। ସବୁ ଜାଗାକୁ ମଞ୍ଚ କରିଦେଲେ ନାଟକର ଭାବ ଉକୁଟି ଉଠିବ। ଜଣେ କଳାକାର ଲାଗି ମାଟି ହିଁ ଶ୍ରେଷ୍ଠ ମଞ୍ଚ। ପଥପ୍ରାନ୍ତ ନାଟକର ମଞ୍ଚ ହିଁ ପଥ। ଏହି ମଞ୍ଚରେ ପ୍ରଦର୍ଶିତ ନାଟକର ପ୍ରଭାବ ସୁଦୂରପ୍ରସାରୀ ଓ ପ୍ରଭାବସମ୍ପନ୍ନ ହୋଇଥାଏ। ଆକର୍ଷଣୀୟ ମଞ୍ଚରେ କଳାକାର ଯାହା ପଥପ୍ରାନ୍ତ ନାଟକରେ ତାହା ହିଁ ଅନୁଭବ କରିବା ଉଚିତ। ରାଜ୍ୟସ୍ତରରେ ପଥପ୍ରାନ୍ତ ନାଟକରେ ଦୁଇଥର ମୋ ନାଟକ ଶ୍ରେଷ୍ଠ ବିବେଚିତ ହୋଇଛି। ଏହାବାଦ୍ ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରୁ ପୁରସ୍କୃତ ହୋଇଛି।

**ପ୍ରିୟ ନାଟ୍ୟକାର ଓ କଳାକାର?**

ନାଟ୍ୟକାର କୈଳାସ ମଲିକ,ଅନନ୍ତ ଓଝା, ବିଜୟ ମିଶ୍ରଙ୍କ ନାଟକ ମୋତେ ଭଲ ଲାଗେ। ନାଟ୍ୟକାର ଭାଗୀରଥି ଦାସ ମୋର ପ୍ରେରଣା। ତାଙ୍କଠାରୁ ମୁଁ ବହୁତ କିଛି ଶିଖିଛି। ମଞ୍ଚ ନାଟକର କଳାକାର ମନୋଜ ପଟ୍ଟନାୟକ ମୋ ହୃଦୟରେ ସବୁବେଳେ ରହିଛନ୍ତି।

**ନାଟକର ଶ୍ରେଷ୍ଠ ଅନୁଭୂତି**

▶ 'ବୈଷ୍ଣବ' ନାଟକରେ ବୈଷ୍ଣବ ପାଣିଙ୍କ ଚରିତ୍ରରେ ଅଭିନୟ କରିବାର ଅନୁଭୂତିକୁ ଭୁଲିପାରିବିନାହିଁ। ଏହା ଦୂରଦର୍ଶନରେ ୧୭ ଥର ପ୍ରସାରିତ ହୋଇଛି। ଏହି ନାଟକ ପାଇଁ ରାଜ୍ୟପାଳ ପୁରସ୍କାର ପାଇଛି। 'ଶହୀଦ ସିନ୍ଦୂର' ନାଟକ କଥା ତ ପୂରା ଭିନ୍ନ। ମୋର ଏହି ନାଟକ କାର୍‌ଗିଲ ଯୁଦ୍ଧ ଉପରେ ଆଧାରିତ। ଏହି ନାଟକର ମଞ୍ଚ ଓ ଅଭିନୟର ଅନୁଭୂତି ଅପାସୋରା ହୋଇ ରହିବ। ଏହାପାଇଁ ମୋତେ ବହୁ ପ୍ରଶଂସା ମିଳିଥିଲା।

**ଅତୀତ ଓ ଏବକାର ନାଟକକୁ କେମିତି ଦେଖନ୍ତି?**

▶ ଅତୀତ ଓ ଏବକାର ନାଟକ ମଧ୍ୟରେ ବହୁତ ଫରକ୍। ଏବେ ନାଟକରୁ ପରମ୍ପରା ଓ ରୀତିନୀତି ଦୂରେଇଯାଉଛି, ମୌଳିକତା ରହୁନି। ନାଟକରେ ଟିକେ ପାରମ୍ପରିକ ରଙ୍ଗ ରହିଲେ ତାହାକୁ ଦର୍ଶକମାନେ ନିଶ୍ଚୟ ପସନ୍ଦ କରିବେ।

ଫିଟନେସ୍



ଭଗବାନ ବେହେରା

# ପନିପରିବା ଓ ଫଳ ଖାଏ ପାର୍କରେ ଘଣ୍ଟାଏ ୱାକ୍ କରେ

**ଅଭିନେତା ଭଗବାନ ବେହେରା ଯିଏକି ଓଲିଉଡ୍, ଥିଏଟର ଓ ଟେଲିଭିଜନ ଜଗତର ଜଣେ ଜଣାଶୁଣା ନାମ। ନିଜର ଦକ୍ଷ ଅଭିନୟ ଜରିଆରେ ସେ ଲକ୍ଷ ଲକ୍ଷ ଓଡ଼ିଆଙ୍କ ମନ ଜିଣି ପାରିଛନ୍ତି। ୧୯୯୮ରେ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମିତ ଓଲିଉଡ୍ ଚଳଚ୍ଚିତ୍ର 'ବାପା'ରୁ ସେ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ପରେ ପରେ ତରଙ୍ଗ, ସାର୍ଥକ ଓ କଲର୍ସ ଓଡ଼ିଆ ପରି ଟିଭି ଚ୍ୟାନେଲର ବିଭିନ୍ନ ସିରିଏଲରେ ସେ ନିଜର ପାରଦର୍ଶିତା ଦେଖାଇଥିଲେ ଓ ଥିଏଟରରେ ମଧ ଅଭିନୟ କରିଛନ୍ତି। ଏବେ ସାର୍ଥକ ଟିଭିର 'ତୋ ପାଇଁ ମୁଁ' ସିରିଏଲରେ ଅଭିନୟ କରୁଥିବା ବେଳେ ସେ କେମିତି ଫିଟ୍ ରୁହନ୍ତି, ଫିଟ ରହିବା ପାଇଁ କ'ଣ କରନ୍ତି, କେଉଁ ସବୁ ଖାଦ୍ୟ ଖାଆନ୍ତି ଓ କାହାକୁ ଏଡାଇଥାନ୍ତି ସେସବୁ ବିଷୟରେ ଆସନ୍ତୁ ଜାଣିବା।**

ସେ ନିୟମିତ ଭାବେ ପାର୍କରେ ୱାକ କରନ୍ତି ଓ ସାଇକେଲରେ ବୁଲିବାକୁ ପସନ୍ଦ କରନ୍ତି। ନିଜ ଶରୀରକୁ ଫିଟ ରଖିବାକୁ ହେଲେ ଖାଦ୍ୟ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ବୋଲି ସେ ଭାବନ୍ତି। ସେଥିପାଇଁ ପନିପରିବା ଓ ଫଳ ଖାଇବାକୁ ଭଲ ପାଆନ୍ତି। ସିରିଏଲରେ ଅଭିନୟ କରୁଥିବା କ୍ୟାରେକ୍ଟର ହିସାବରେ ନିଜର ଫିଟନେସ୍ ବନାଇଥାନ୍ତି। ସବୁଦିନ ସକାଳୁ ଚୁଡ଼ା କଦଳୀ ଖାଇବା ସହିତ ପାଚିଲା ଅମୃତ ଭଣ୍ଡା ଖାଇବାକୁ ପସନ୍ଦ କରନ୍ତି। ଅଧିକାଂଶ ସମୟରେ ସେ ସାଧାରଣ ଖାଦ୍ୟଗୁଡ଼ିକୁ ସୀମିତ ଭାବେ ଖାଇଥାନ୍ତି। ଦିନକୁ ୩ଥର ଖାଇବା ସହ ୪ରୁ ୫ଲିଟର ପାଣି ପିଅନ୍ତି। ଭଗବାନ କିଛି ଡାଏଟ ପ୍ଲାନ ନିଅନ୍ତି ନାହିଁ। ଜଣେ ସାଧାରଣ ମଣିଷ ପରି ଜୀବନଯାପନ କରିବାକୁ ତାଙ୍କୁ ଭଲ ଲାଗେ ବୋଲି ସେ କହିଛନ୍ତି। ପ୍ରତ୍ୟେକ ଦିନ ଦି'ପହର ଖାଇବାରେ ଭାତ ସହିତ କିଛି ନା କିଛି ତରକାରି ସହିତ ରାତିରେ ରୁଟି ଖାଇବାକୁ ପସନ୍ଦ କରନ୍ତି। ପ୍ରେଟିନ୍ କିମ୍ବା ଅନ୍ୟ କୌଣସି ସପ୍ଲିମେଣ୍ଟାରି ନିଅନ୍ତି ନାହିଁ। ବହୁତ ଦିନ ତଳେ ଜିମ୍ ଯାଉଥିଲେ। କିନ୍ତୁ,ଏବେ ସେ ଜିମ୍ ଯିବା ବନ୍ଦ କରି ଦେଇଛନ୍ତି। ସପ୍ଲିମେଣ୍ଟାରି କିମ୍ବା ପ୍ରୋଟିନ୍ ନେବା ସ୍ଥାନରେ ସୁସ୍ଥ ରହିବା ଲାଗି ସୁସ୍ଥବାତାବରଣ ଦରକାର ବୋଲି ତାଙ୍କର ଚିନ୍ତାଧାରା। ସେ ସମସ୍ତ କାମ ନିର୍ଦ୍ଧାରିତ ସମୟ ମଧ୍ୟରେ କରିବାକୁ ଭଲ ପାଇଥାନ୍ତି। ଫିଟ୍ ରହିବାକୁ ହେଲେ ସୁସ୍ଥ ଖାଦ୍ୟ ଖାଇବା ଦରକାର ବୋଲି ସେ କହିଛନ୍ତି।

ସାକ୍ଷାତ୍– ସ୍ଥିତପ୍ରଜ୍ଞ ମିଶ୍ର

# ଇ-ଫୁ ନୁଡଲ୍ସ



ଖାଦ୍ୟରୁଚି

ନୁଡଲ୍ସ ଏବେ ପ୍ରତିଟି ଘରେ ପସନ୍ଦ ହୋଇଛି। କମ୍ ସମୟ ଭିତରେ ପ୍ରସ୍ତୁତି ଓ ସୁସ୍ୱାଦୁ ହୋଇଥିବାରୁ ଲୋକଙ୍କ ଆଦର ବେଶ୍ ଅଧିକ ଏହା ପ୍ରତି। ଆଗେ ଜଳଖିଆରେ ସାମିଲ ହେଉଥିବା ନୁଡଲ ଏବେ ମେନ୍ କୋର୍ସକୁ ରୂପାନ୍ତରିତ ହୋଇଗଲାଣି। ରାଜଧାନୀରେ ତ ଏବେ ମାଳ ମାଳ ରେଷ୍ଟୁରାଣ୍ଟ ଖୋଲିଲାଣି। ଭାରତୀୟ, ବହୁଦେଶୀୟ, ଇଟାଲୀୟ, ଫ୍ରେଞ୍ଚ, ଚାଇନିଜ ଆଦି ଅନେକ ଏକ୍ସକ୍ଲୁସିଭ ରେଷ୍ଟୁରାଣ୍ଟ ଖୋଲିଛି। ତେବେ ସିଆର୍‌ପି ଛକ ନିକଟରେ 'ସିଲ୍‌ଭର ସ୍ଫ୍ରିକ' ନାମକ ଏକ ଚାଇନିଜ ରେଷ୍ଟୁରାଣ୍ଟ ବହୁ ବର୍ଷ ହେଲାଣି ରହିଛି। ଯେଉଁଠି ଅନ୍ୟ ଚାଇନିଜ ରେଷ୍ଟୁରାଣ୍ଟ ଅପେକ୍ଷା ସ୍ୱତନ୍ତ୍ର ଓ ଭିନ୍ନ ଶୈଳୀର ଖାଦ୍ୟ ପରଷାଯାଉଛି। ଏହି ରେଷ୍ଟୁରାଣ୍ଟରେ ବେଶ୍ ଲୋକପ୍ରିୟ ହୋଇଥିବା 'ଇ-ଫୁ' ନୁଡଲ୍ସ ପ୍ରସ୍ତୁତି ବିଷୟରେ ସେଫ୍ ପୁରନ ଆଲେମଗର କହନ୍ତି, ଏହା ଅନ୍ୟ ନୁଡଲ୍ସ ଅପେକ୍ଷା ଭିନ୍ନ ଓ ସ୍ୱାଦ ପୂରା ସ୍ୱତନ୍ତ୍ର ଯାହା କ୍ରିସ୍ପି ରହିବ। ଏହାକୁ ଆପଣ ଖାଲିରେ କିମ୍ବା ଚିକେନ ଲଲିପପ୍ ସହ ଖାଇପାରିବେ । ଚିଲ୍ଲି ଚିକେନ ସହ ଖାଇବାର ସ୍ୱାଦ ବି ନିଆରା...

## ଆବଶ୍ୟକ ସାମଗ୍ରୀ

- ଅଦା
- ରସୁଣ
- କଞ୍ଚାଲଙ୍କା
- ନୁଡଲ୍ (ପତଳା)
- ମଞ୍ଚୁରିଆନ ସସ୍ (ଅଲଗା କରି ପ୍ରସ୍ତୁତ କରିବାକୁ ହେବ)
- ରିଫାଇନ୍ ତେଲ
- ପିଆଜ
- କ୍ୟାପସିକମ୍
- ବନ୍ଧା ବା ପତ୍ର କୋବି
- ଡାର୍କ ସୋୟା ସସ୍
- ଗୋଲ ମରିଚ
- ଲୁଣ
- ମ୍ୟାଗି ମସଲା



ସେଫ୍ ପୁରନ ଆଲେମଗର

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ କଡେଇରେ ତେଲ ଗରମ ହୋଇଯିବା ପରେ ଅଦା, ରସୁଣ, କଞ୍ଚାଲଙ୍କା ପକାଇ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଫ୍ରାଏ କରିବାକୁ ପଡେ। ତା'ପରେ ପିଆଜ, ଗାଜର, କ୍ୟାପସିକମ୍ ଓ ବନ୍ଧାକୋବି ପକେଇ ୩–୫ମିନିଟ୍ ପର୍ଯ୍ୟନ୍ତ ନାଲି ରଙ୍ଗ ଆସିବା ଯାଏ ଫ୍ରାଏ କରାଯାଏ। ପୂର୍ବରୁ ସିଝା ହୋଇଥିବା ନୁଡଲ୍ସକୁ ସେଥିରେ ମିଶାଇ ୩ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ଭଲ ଭାବେ ମିଶିଯିବା ପରେ ସେଥିରେ ଗୋଲମରିଚ ଗୁଣ୍ଡ, ଲୁଣ, ମ୍ୟାଗି ମସଲା ଓ ସୋୟା ସସ୍ ଏକାସାଙ୍ଗେ ପକେଇ ୩ ମିନିଟ୍ ପର୍ଯ୍ୟନ୍ତ ନିଆଁଠୁ ଅଳ୍ପ ଉପରକୁ ନେଇ ରଖିବାକୁ ପଡିବ। ପରେ ପୁଣି ମଞ୍ଚୁରିଆନ ସସ୍ ପକାଇ ତାକୁ ୨ ମିନିଟ୍ ପର୍ଯ୍ୟନ୍ତ ମିଶାନ୍ତୁ। ପୂର୍ବରୁ ଥିବା ଫ୍ରାଏଡ ନୁଡଲ୍ସକୁ ମିଶାଇ ୨୦–୩୦ ସେକେଣ୍ଡ ଗୋଳେଇବା ପରେ କାଢ଼ି ଦିଅନ୍ତୁ। ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଗଲା 'ଇ-ଫୁ' ନୁଡଲ୍ସ।

ପ୍ରସ୍ତୁତି: ଶୋଭେନ ବିଶ୍ୱାଳ

# ସେଲ୍‌ଫି କର୍ଣ୍ଣର

**ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

balasoreselfie@gmail.com

(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ସ୍ୱାଂଶୁ



ଅବିନାଶ



ବିକ୍ରମ



ଜନ୍ମେଜୟ



ଶଶିକାନ୍ତ



ଆକାଶ



ଅମିତ



ରବି



ଶେଖ ମକ୍ରମ



ଟ୍ୱିଙ୍କିଲ

## WILDLIFE PHOTOGRAPHY COMPETITION-2019

### ADDENDUM

**No.47-MM:-** The following conditions are added to the publication made on 20.07.2019 for State Level Wildlife Photography Competition on the theme **"Wildlife in Natural Habitat"**. The photograph should be recent taken within the state of Odisha within one year. Soft copy (raw format in CD or Pen Drive) of the photograph will be submitted. Scanned copy/ web downloaded copy of the photograph will not be accepted.

**Sd./- ADDL. PRINCIPAL CCF (WILDLIFE),**
**Plot No.: 1459, Saheed Nagar,**
**Bhubaneswar, Pin: 751007, Odisha**

08006/11/0006/1920

## GOVERNMENT OF ODISHA, OFFICE OF THE EXECUTIVE ENGINEER, RURAL WORKS DIVISION, DEOGARH

E-mail Id – eerw_deogarh@yahoo.co.in

No.226-O **E-Procurement Notice**

**BID IDENTIFICATION NO.EEDGH-online- 01/2019-20**

1. Name of work : Road works :- (14 Nos)
2. Estimated cost :- Rs. 7.08 lakhs to 57.35 lakhs.
3. Mode of submission of tender :- Tender shall be submitted online in **www.tenders.ori.nic.in**
4. Availability of tender for online bidding :- 06.08.2019, 11.00 A.M to 16.08.2019 up to 5.00 PM
5. Date and time of Opening of tender :- 19.08.2019, 11.00 AM
6. Other details can be seen from the website **www.tenders.ori.nic.in.**
7. Corrigendum / Addendum if any shall only be published in the above website.

**Sd./- Kishore Kumar Mishra**
**Executive Engineer**
**R.W. Division, Deogarh**

25087/11/0001/1920

**idco | ODISHA NEW OPPORTUNITIES — ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No. BBSR/Elect/E-4021/19-20/2863 Date: 29.07.2019

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work :-** Supply and installation of LED glow sign board for Aranya Bhawan, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT/e-13/19-20 | 05.08.2019 at 17.00 Hrs. | 13.08.2019 at 17.00 Hrs. |

Further details can be seen from the e-procurement portal. **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

**Sd/-**
**Divisional Head (Elect)**
**IDCO, Bhubaneswar**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଫୁଲବାଣୀ, କନ୍ଧମାଳ

**ପତ୍ର ସଂଖ୍ୟା.୨୭୨୭** **ତାରିଖ.୩୧।୦୭।୨୦୧୯**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତପ୍ରତିଶତ ମଷ୍ଟରରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟମାନଙ୍କରେ ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ନିଜ ନିଜର ଜବ୍‌କାର୍ଡ ସହ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପ ତଥା ମଷ୍ଟର ରୋଲର ସଠିକତା ଅନୁସନ୍ଧାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସୁଫଳ ରୂପାୟନ ସମ୍ବନ୍ଧେ ଅବଗତ ହେବେ। ଉକ୍ତ ଗ୍ରାମସଭାରେ ସମସ୍ତ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ବିଭିନ୍ନ ପ୍ରକଳ୍ପରେ ନିୟୋଜିତ ଶ୍ରମିକ, ସ୍ୱୟଂ ସହାୟକ ଦଳ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗ୍ରାମ ସଂଯୋଜକ ଓ ଗ୍ରାମ ରୋଜଗାର ସେବକଙ୍କ ଉପସ୍ଥିତି ସମ୍ବନ୍ଧେ ଅବଗତ କରାଗଲା। ଉକ୍ତ ବୈଠକରେ ନିମ୍ନ ବିଷୟ ଉପରେ ବିଶଦ ଭାବେ ଆଲୋଚନା କରାଯିବ।

**ଗ୍ରାମସଭା କାର୍ଯ୍ୟସୂଚୀ**

| Sl. No. | Name of the Block | Name of GP | Team No. | Social Audit Starting Date | Social Audit Ending Date | Date of Jansuwai / SA / Gram Sabha at Gp level | Date of Block Public Hearing at Block Level | Social Audit Period From | Social Audit Period To | Team Member |
|---|---|---|---|---|---|---|---|---|---|---|
| 1 | Phulbani | Allami | 1 | 05.09.19 | 18.09.19 | 19.09.19 | 21.11.2019 | 01.04.18 | 31.03.19 | GPTA, PEO, GRS, VRP, Line Deptt. |
| 2 | | Bisipada | 2 | 05.09.19 | 18.09.19 | 19.09.19 | | 01.04.18 | 31.03.19 | JE,PEO, GRS, VRP, Line Deptt. |
| 3 | | Dadaki | 3 | 05.09.19 | 18.09.19 | 19.09.19 | | 01.04.18 | 31.03.19 | JE,PEO, GRS, VRP, Line Deptt. |
| 4 | | Duduki | 4 | 05.09.19 | 18.09.19 | 19.09.19 | | 01.04.18 | 31.03.19 | GPTA, PEO, GRS, VRP, Line Deptt. |
| 5 | | Ganjuguda | 1 | 20.09.19 | 03.10.19 | 04.10.19 | | 01.04.18 | 31.03.19 | JE,PEO, GRS, VRP, Line Deptt. |
| 6 | | Gumagada | 2 | 20.09.19 | 03.10.19 | 04.10.19 | | 01.04.18 | 31.03.19 | JE,PEO, GRS, VRP, Line Deptt. |
| 7 | | Jamajhari | 3 | 20.09.19 | 03.10.19 | 04.10.19 | | 01.04.18 | 31.03.19 | JE,PEO, GRS, VRP, Line Deptt. |
| 8 | | Katringia | 4 | 20.09.19 | 03.10.19 | 04.10.19 | | 01.04.18 | 31.03.19 | JE,PEO, GRS, VRP, Line Deptt. |
| 9 | | Keredi | 1 | 15.10.19 | 24.10.19 | 25.10.19 | | 01.10.18 | 31.03.19 | JE,PEO, GRS, VRP, Line Deptt. |
| 10 | | Minia | 2 | 15.10.19 | 28.10.19 | 29.10.19 | | 01.04.18 | 31.03.19 | JE,PEO, GRS, VRP, Line Deptt. |
| 11 | | Tudipaju | 3 | 15.10.19 | 28.10.19 | 29.10.19 | | 01.04.18 | 31.03.19 | JE,PEO, GRS, VRP, Line Deptt. |

ଉପରୋକ୍ତ କାର୍ଯ୍ୟକ୍ରମ ପ୍ରକାରେ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ଅନୁରୋଧ କରାଗଲା ଯେ, ନୋଟିସ୍, ଡେଙ୍ଗୁରା ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବହୁଳ ପ୍ରଚାର କରିବେ।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟକ୍ରମ ଅଧିକାରୀ, ଫୁଲବାଣୀ, କନ୍ଧମାଳ**

## OFFICE OF THE MUNICIPAL COUNCIL, VYASANAGAR

**JAJPUR ROAD, PIN - 755019**
**Tel. No.: 06726-220207**

## INVITATION FOR BIDS

**(Through E-Procurement)**
**Tender Reference No.: 2/VNM/2019-20**
**Tender Call Notice No. 1572/VNM/ Dt.30.07.19**
**Tender ID No. 2019_ORULB_55660_(1-10)**

1. Name of the Work : Individual Civil Construction works as per DTCN published in the website
2. No. of works put to tender : 10 Nos. individual civil construction works
3. Estimated Cost : Varies from Rs.1,33,300.00 to Rs.7,55,000.00
4. Period of Completion : Varies from One Calendar Month to Three Calendar Months
5. Date and time of availability of bid document in the portal : From 9.00 hours of Dt.02.08.19 to 17.00 hours of Dt.13.08.19
6. Mode of deposit towards cost of Bid document & EMD : Online
7. Date and time of opening of Bid : 11.00 hours and onwards of Dt.14.08.19
8. Name and address of the Officer Inviting Bid : Executive Officer, Vyasanagar Municipality, Jajpur Road

Further details can be seen from the e-procurement portal **"https://tendersorissa.gov.in"** or **http://tenders.ori.nic.in/nicgep/app.**

**Sd./- Executive Officer**
**Vyasanagar Municipality**

## ODISHA HYDRO POWER CORPORATION LIMITED

(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At/PO: Bariniput, Dist: Koraput-764006, Phone: (06854) 242001, Fax: (06854) 242038, E-mail: sgmel_ukhep@ohpcltd.com

**TENDER CALL NOTICE NO: 07/2019-20 Dated 30.07.2019**

**No. CAD-252:** Sealed tenders are invited in two parts i.e. (1) Techno commercial Bid and (2) Price Bid from the registered Agencies/ Contractors fulfilling the eligibility criteria as per the tender specification for the job mentioned below on job contract basis for one year (12 months).

| Sl. No. | Name of the Work | Approximate estimated cost | Cost of Tender Paper including GST @18% in Rs. (Non-refundable) | EMD amount in Rs. | Date of selling of Tender Paper | Last Date/ Time of receipt of Tender Paper | Date & Time of opening of Tender |
|---|---|---|---|---|---|---|---|
| | Maintenance of 4 x 80 MW Hydro Generating Units and other equipments with their auxiliaries of UKHEP, Bariniput on Job contract basis for one year (12 months) 2019-20. | Rs. 30,58,517/- | Rs. 7080/- (Rs. 6000/- + GST @ 18%) | Rs. 30,600/- | Dt. 07.08.2019 (11.00 hrs.) to Dt. 22.08.2019 (13.00 hrs.) | Dt. 22.08.2019 (16.00 hrs.) | Dt. 22.08.2019 (16.30 hrs.) |

**N.B.:** For details of tender documents, terms & conditions & eligibility criteria please visit our website **www.ohpcltd.com**.

**Sd./- C & P HEAD**
04002/11/0010/1920 **Upper Kolab Hydro Electric Project, Bariniput, Dist: Koraput, Odisha**

## NOTICE

**No. 6390** **Date: 26.07.19**

## OFFICE OF THE CHIEF DISTRICT MEDICAL OFFICER, BARGARH

In pursuance to advt. No. 11810 dt. 28.12.2018, Zilla Swasthya Samiti, Bargarh invites objections, if any from the candidates for the Post of RBSK MO HOMEOPATHY (Male & Female). For this a database has been prepared as per the documetns attached with the application forms. Candidates are requested to log in the official website of Bargarh District **www.bargarh.nic.in** to view the database. The candidates are requested to send their objections to the O/o, Chief District Medical Officer, Bargarh, Pin-768028 with superscription on the enveope "Objection for the Post of ________" through Regd. Post/Speed Post only by 09.08.2019 upto 5.00 PM. No personal contacts and after due date no applications will be entertained.

**Sd./-**
**Chief District Medical & PHO Cum**
**District Mission Director, NHM, Bargarh**

## DIRECTORATE OF TECHNICAL EDUCATION & TRAINING, ODISHA, CUTTACK

### NODAL CENTRE FOR COUNSELING AND DOCUMENT VERIFICATION FOR ADMISSION TO POST DIPLOMA IN INDUSTRIAL SAFETY FOR THE SESSION 2019-20

**No. 47-KK:-** It is for information of the applicants who have filled in their online application through http://pdisadmissionodisha.nic.in for centralized admission into Post Diploma in Industrial Safety for the Academic Session 2019-20 are requested to report at the designated Nodal Centre for Counseling and verification of documents as per the schedule given below.

| Nodal Centre for Counseling and document verification | Schedule Date | Home District of the Candidates |
|---|---|---|
| SKDAV Polytechnic, Rourkela | 02.08.2019 to 07.08.2019 excluding Sunday (10.00AM to 5.00PM) | Sambalpur, Bargarh, Bolangir, Sonepur, Deogarh, Nuapada |
| UGIE, Rourkela | | Sundergarh, Jharsuguda |
| UCPES, Berhampur | | Ganjam, Gajapati, Kandhamal, Boudh, Kalahandi, Rayagada, Koraput, Nawarangpur and Malkangiri |
| ITT, Choudwar | | Angul, Dhenkanal, Cuttack, Jajpur, Bhadrak, Balasore, Mayurbhanj, Keonjhar, Kendrapara, Jagatsinghpur |
| GP, Bhubaneswar | | Khurda, Puri, Nayagarh and Outside State candidates |

***Sd./-***
***Director of Technical Education & Training, Odisha***

14004/11/0010/1920

## BHUBANESWAR MUNICIPAL CORPORATION

**No.21081 COMPETITIVE BIDDING THROUGH e-Procurement Dt.29/07/19**

### NOTICE INVITING TENDER

**Bid Reference No. BMC-EE DIV-1-02/2019-20, Dt.29.07.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. (BMC-EE DIV-I-02/2019-20) should be submitted on-line in the website www.tendersorissa.gov.in by eligible class of contractors as mentioned in TCN. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **10** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work: **Rs. 130316/- to Rs.3945520/-**
4. Eligible Class of Contractors –: Registered Contractors of **Class-'D' to Class-'B'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the Schedules and Annexure of DTCN that have to be Uploaded by the bidder in the e-tender website. The cost of tender paper & EMD should be made on net banking. After opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 03.08.2019 to 5 P.M of 13.08.2019** for online bidding.
8. Bids received will be opened from e-procurement system at **4.30 P.M onwards on 14.08.2019.**
9. The bidder must possess valid and Compatible **Digital Signature Certificate (DSC).**
10. Further details are available in the DTCN. The DTCN **for 10 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**

**Executive Engineer,**
**BMC Division No.-I**

**Progress Through Partnership for a Better Bhubaneswar**

See Career Appointment on every Wednesday & Saturday

## କଟକ ମହାନଗର ନିଗମ

ଚୌଧୁରୀ ବଜାର, କଟକ, Tel.: 0671-2308424, 2308104 (Fax)

ସୂଚାଙ୍କ: ୬୫୯୧ ତାରିଖ: ୩୧।୦୭।୧୯
XD-LIC (AUCTION), File-01/2019

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ନିମ୍ନଲିଖିତ ପାର୍କିଂ ସ୍ଥାନ ଓ କିଲିଖାନା ଗୁଡ଼ିକ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷ ଏବଂ ପୋଖରୀ ଆଦି ସୈରାତ ଗୁଡ଼ିକ ୨୦୧୯-୨୦ ଠାରୁ ୨୦୨୧-୨୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କଠାରୁ ଆସନ୍ତା ତା୧୯।୦୮।୨୦୧୯ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ବନ୍ଦ ଲଫାପାରେ ନିଗମର ୱେବ୍‌ସାଇଟ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ଫର୍ମରେ ଟେଣ୍ଡର ଗ୍ରହଣ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିମ୍ନୋକ୍ତ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଉଦ୍ଦିଷ୍ଟ ସୈରାତଗୁଡ଼ିକ ପାଇଁ ଧାର୍ଯ୍ୟ ଅମାନତ ଅର୍ଥ, କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ସହିତ ବନ୍ଦ ଲଫାପାରେ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇପାରିବେ ଏବଂ ତା୨୦।୦୮।୨୦୧୯ରିଖ ଦିବା ଘ.୧୧.୩୦ମି.ଠାରୁ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତିରେ ନିଲାମ ଦର ଥିବା ଲଫାପାଗୁଡ଼ିକ ପର୍ଯ୍ୟାୟ କ୍ରମେ ଖୋଲାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ଟେଣ୍ଡର ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଙ୍ଗେ ସଙ୍ଗେ କଟକ ମହାନଗର ନିଗମର ୱେବ୍‌ସାଇଟ୍ **www.cmccuttack.gov.in**ରେ ଦେଖିପାରିବେ। ଇଚ୍ଛୁକ ବ୍ୟକ୍ତି ଟେଣ୍ଡର ପାଇଁ ଉଦ୍ଦିଷ୍ଟ ନିର୍ଦ୍ଦିଷ୍ଟ ଫର୍ମ ନିଗମ ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେ।

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଟେଣ୍ଡର ଚୂଡ଼ାନ୍ତ କରାଯିବ:**

୧. ପୂର୍ବ ବର୍ଷର ନିଲାମ ଟଙ୍କା ରଖିଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନ ଅଥବା ପୂର୍ବରୁ ନିଲାମ ସିଦ୍ଧ ହୋଇ ନିଲାମ ଗ୍ରହଣ କରି ନଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନମାନେ ଉକ୍ତ ଟେଣ୍ଡରରେ ଭାଗନେଇପାରିବେ ନାହିଁ।
୨. ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଦାରି ମାମଲା ବିଚାରାଧୀନ ନାହିଁ କିମ୍ବା ସେ କୌଣସି ମାମଲାରେ ସଂଶ୍ଳିଷ୍ଟ ଥାଇ କାରାବରଣ କରି ନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ।
୩. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେ ସଙ୍ଗେ ସଙ୍ଗେ ଟେଣ୍ଡର ଟଙ୍କା ଦାଖଲ କରି ରସିଦ ହାସଲ କରିବେ। ତାହା ନ ହେଲେ, ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡରରେ ଭାଗନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ।
୪. ଯଦି ସର୍ବୋଚ୍ଚ ଟେଣ୍ଡର ସନ୍ତୋଷଜନକ ନ ହୁଏ, ତା'ହେଲେ କର୍ତ୍ତୃପକ୍ଷ ଇଚ୍ଛା କଲେ ଟେଣ୍ଡର ଚୂଡ଼ାନ୍ତ ନକରି ସାନି ଟେଣ୍ଡର କରିପାରିବେ।
୫. ଟେଣ୍ଡର ଗ୍ରହୀତା ପାର୍କିଂ ଫି (ମାହାସୁଲ) ନିମ୍ନ ମତେ ଆଦାୟ କରିବେ।
   (କ) ଚାରି ଚକିଆ ଯାନ ପ୍ରତି ଦୈନିକ ଟ.୨୦.୦୦ଙ୍କା।
   (ଖ) ତିନି ଚକିଆ ଯାନ ପ୍ରତି ଦୈନିକ ଟ.୧୦.୦୦ଙ୍କା।
   (ଗ) ଦୁଇ ଚକିଆ ଯାନ ପ୍ରତି ଦୈନିକ ଟ.୫.୦୦ଙ୍କା।
   (ଘ) ସାଇକେଲ ପ୍ରତି ଦୈନିକ ଟ.୨.୦୦ଙ୍କା।
୬. ପାର୍କିଂ ସ୍ଥାନ ସକାଳ ଘ.୮.୦୦ଟିକା ଠାରୁ ରାତ୍ର ଘ.୧୧.୦୦ଟିକା ପର୍ଯ୍ୟନ୍ତ ଖୋଲା ରଖିବେ।
୭. ପାର୍କିଂ ସ୍ଥାନ ମାହାସୁଲ ଆଦାୟକାରୀମାନେ ନିର୍ଦ୍ଦିଷ୍ଟ ସମପୋଷାକ (ୟୁନିଫର୍ମ) ପରିଧାନ କରିବା ସହିତ ନିଜର ପରିଚୟ ପତ୍ର ବେକରେ ଝୁଲାଇବେ।
୮. ପାର୍କିଂ ସ୍ଥାନକୁ ଟେଣ୍ଡର ଗ୍ରହୀତା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ ନାହିଁ।
୯. ଟେଣ୍ଡର ଗ୍ରହୀତା ପାର୍କିଂ ସ୍ଥାନରେ ରହୁଥିବା ଯାନବାହନ୍‌ର ନିରାପତ୍ତା ନିମନ୍ତେ ଜଗୁଆଳିର ବ୍ୟବସ୍ଥା କରିବେ।
୧୦. ଧାର୍ଯ୍ୟ ଅମାନତ ଅର୍ଥ, କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ଆବେଦନକାରୀ ନିଜ ନାମରେ ବ୍ୟାଙ୍କରୁ କ୍ରୟ କରିବେ।
୧୧. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ମ୍ୟୁନିସିପାଲ କମିଶନରଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୂଡ଼ାନ୍ତ ହେବାର ସାତ ଦିନ ମଧ୍ୟରେ କରିବେ।
୧୨. ଉକ୍ତ ଟେଣ୍ଡର ଡାକକୁ କର୍ତ୍ତୃପକ୍ଷ ଇଚ୍ଛା କଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ।

| କ୍ର.ନଂ. | ସୈରାତ ଗୁଡ଼ିକର ନାମ | ଟେଣ୍ଡର ପାଇଁ ସର୍ବନିମ୍ନ ଧାର୍ଯ୍ୟ ରାଶି | ଅମାନତ ଟଙ୍କା | ମିଆଦ |
|---|---|---|---|---|
| ୧. | ଟେଲିଫୋନ ଅଫିସ୍ ସାମ୍ନା ପାର୍କିଂ ସ୍ଥାନ, ବକ୍ସିବଜାର ରୋଡ୍ | ଟ.୪୪୮୮୦/- | ଟ.୪୪୯୦/- | ଆର୍ଥିକ ବର୍ଷ ୨୦୧୯-୨୦ |
| ୨. | ବମ୍ବେ ହୋଟେଲ ସାମ୍ନା ପାର୍କିଂ ସ୍ଥାନ, ଜୋବ୍ରାରୋଡ୍ | ଟ.୧୨୭୦୦୦/- | ଟ.୧୨୭୦୦/- | |
| ୩. | ଶୈଳବାଳା ମହାବିଦ୍ୟାଳୟ ପାଖ ପାର୍କିଂ ସ୍ଥାନ | ଟ.୭୪୩୦୦/- | ଟ.୭୪୩୦/- | |
| ୪. | ଏସ୍.ବି.ଆଇ. ମୁଖ୍ୟ ଶାଖା ସାମ୍ନା, ତିନିକୋଣିଆ ପାର୍କିଂ ସ୍ଥାନ | ଟ.୨୯୯୦୦୦/- | ଟ.୨୯୯୦୦/- | |
| ୫. | ମଙ୍ଗଳାବାଗ ଭେଟେରିନାରି ଅଫିସ୍ ପାଖ ପାର୍କିଂ ସ୍ଥାନ | ଟ.୭୧୮୦୦/- | ଟ.୭୧୮୦/- | |
| ୬. | ଆକବରୀ ଖାଁ ଗୁଡ଼ାଖୁ ଦୋକାନ ସମ୍ମୁଖ ପାର୍କିଂ ସ୍ଥାନ, ନିମଚୌଡ଼ି | ଟ.୩୪୧୦୦/- | ଟ.୩୪୧୦/- | |
| ୭. | ଗୋପବନ୍ଧୁ ପାର୍କ ପାର୍ଶ୍ୱବର୍ତ୍ତୀ ପାର୍କିଂ ସ୍ଥାନ, ବକ୍ସି ବଜାର | ଟ.୭୬୦୦/- | ଟ.୭୬୦/- | |
| ୮. | କନିକା ଛକ ପାର୍କିଂ ସ୍ଥାନ | ଟ.୧୦୦୦୦/- | ଟ.୧୦୦୦/- | |
| ୯. | ରାଣୀହାଟ ଦୁର୍ଗା ଘର ସାମ୍ନା ପାର୍କିଂ ସ୍ଥାନ | ଟ.୧୯୪୦୦/- | ଟ.୧୯୪୦/- | |
| ୧୦. | ତିନିକୋଣିଆ ବଗିଚା ପାଖ ପାର୍କିଂ ସ୍ଥାନ | ଟ.୧୪୩୦୦/- | ଟ.୧୪୩୦/- | |
| ୧୧. | ଡା. ତେଜେସ୍ୱର ରାଓ ଛକ ଠାରୁ ଏସ୍.ସି.ବି. ମେଡ଼ିକାଲ ପ୍ରସ୍ଥାନ ଦ୍ୱାର ପର୍ଯ୍ୟନ୍ତ ପାର୍କିଂ ସ୍ଥାନ, ରାଣୀହାଟ | ଟ.୩୬୫୮୦୦/- | ଟ.୩୬୫୮୦/- | |
| ୧୨. | ମ୍ୟୁନିସିପାଲ ମାର୍କେଟ ବିପରୀତ ପାଖ ପାର୍କିଂ ସ୍ଥାନ, ରାଣୀହାଟ କେନାଲ ରାସ୍ତା | ଟ.୬୮୦୦୦/- | ଟ.୬୮୦୦/- | |
| ୧୩. | ବକ୍ସିବଜାର ରୋଡ୍ ଉପର ମାଳିସାହି ଗଡ଼ା ନିକଟ ପାର୍କିଂ ସ୍ଥାନ | ଟ.୫୬୪୦୦/- | ଟ.୫୬୪୦/- | |
| ୧୪. | ସତୀଚୌରା କାଠଗୋଲାଠାରୁ ଅଶ୍ୱିନୀ ହସ୍ପିଟାଲ ସମ୍ମୁଖ ପର୍ଯ୍ୟନ୍ତ ପାର୍କିଂ ସ୍ଥାନ | ଟ.୨୨୦୭୪୦/- | ଟ.୨୨୦୮୦/- | |
| ୧୫. | ଷ୍ଟାର ହସ୍ପିଟାଲ ସମ୍ମୁଖ ଓ ମଧୁସୂଦନ ଆଇନ ମହାବିଦ୍ୟାଳୟ ଛାତ୍ରାବାସ ପାଚେରି ପାଖ ପାର୍କିଂ ସ୍ଥାନ, ଜୋବ୍ରା ରୋଡ୍ | ଟ.୭୩୫୦୦/- | ଟ.୭୩୫୦/- | |
| ୧୬. | ଏଲ୍.ଆଇ.ସି. ଅଫିସ୍ ମୁଖ୍ୟ ଶାଖା ସାମନା ଓ ଶହୀଦ ପାର୍କ ପାର୍ଶ୍ୱବର୍ତ୍ତୀ ଖାଲି ସ୍ଥାନ | ଟ.୭୭୩୦୦/- | ଟ.୭୭୩୦/- | |
| ୧୭. | କେଶରପୁର କିଲିଖାନା | ଟ.୮୦୧୦୦/- | ଟ.୮୦୧୦/- | |
| ୧୮. | ସତୀଚୌରା କିଲିଖାନା | ଟ.୫୦୧୦୦/- | ଟ.୫୦୧୦/- | |
| ୧୯. | ଖାନନଗର କିଲିଖାନା | ଟ.୧୭୬୦୦୦/- | ଟ.୧୭୬୦୦/- | |
| ୨୦. | ନେହେରୁପଲ୍ଲୀ କିଲିଖାନା | ଟ.୬୪୧୭୦/- | ଟ.୬୪୨୦/- | |
| ୨୧. | ପନ୍ଦର ଫୁଟିଆ ପୋଖରୀ, ଗୋପାଳପୁର | ଟ.୫୫୦୦/- | ଟ.୫୫୦/- | ଆର୍ଥିକ ବର୍ଷ ୨୦୧୯-୨୦ ଠାରୁ ୨୦୨୧-୨୨ ପର୍ଯ୍ୟନ୍ତ |
| ୨୨. | ଗାନ୍ଧୀ ସ୍ମୃତି ପୋଖରୀ, ତେଲେଙ୍ଗାପେଣ୍ଠ | ଟ.୭୯୦୦/- | ଟ.୭୯୦/- | |
| ୨୩. | ପଦ୍ମ ପୋଖରୀ | ଟ.୯୭୦୦/- | ଟ.୯୭୦/- | |
| ୨୪. | ଘି ପୋଖରୀ | ଟ.୨୧୪୦୦/- | ଟ.୨୧୪୦/- | |
| ୨୫. | କଣ୍ଡରା ପୋଖରୀ | ଟ.୧୮୭୦୦/- | ଟ.୧୮୭୦/- | |

**ସ୍ୱା./– ସଚିବ**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ଇତିହାସ ରାସ୍ତାରେ ଗଙ୍ଗା



ମାମା

ଏହି ଭୂମିକା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିବ। ନବାଗତ ନାଟ୍ୟକାର ନାଟକର ସଂଳାପଗୁଡ଼ିକୁ ଯେମିତି ସଜାଇଛନ୍ତି ତାହା ଶୁଣିବା ମାତ୍ରେ ସ୍ୱତଃ ମନରେ ଶିହରଣ ସୃଷ୍ଟି ହୋଇଯାଉଛି।

**ଅପେରା ହାଲ୍‌ଚାଲ**

ଯାଙ୍କୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଜଲିଉଡ୍‌ରେ ୧୩ ବର୍ଷର ଅଭିନୟ ଜୀବନରେ ତାଙ୍କୁ ମିଳିଛି ଏକ ଅଭୁଲା ତଥା ଚ୍ୟାଲେଞ୍ଜିଂ ଭୂମିକା। ଯା ପୂର୍ବରୁ କେତେବେଳେ ରୋମାଣ୍ଟିକ୍ ତ କେତେବେଳେ ପାଥେଟିକ୍ ରୋଲ୍‌ରେ ସେ ନିଜ ଦକ୍ଷତା ଦେଖାଇ ବେଶ୍ ପ୍ରଶଂସିତ ହୋଇଛନ୍ତି। ହେଲେ ଆସନ୍ତା ୨୦୧୯-୨୦ ଯାତ୍ରା ସିଜନ୍‌ରେ ତାଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ, ଯାହାର ସଫଳତାକୁ ନେଇ ସେ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। ସେ ହେଉଛନ୍ତି ସତ୍ୟ ଜେନାଙ୍କ 'ରଙ୍ଗମହଲ'ର ନାୟିକା ମାମା। ଆଉ ନାଟକଟି ହେଉଛି ଏ ବର୍ଷର ସବୁଠୁ ଚର୍ଚ୍ଚାରେ ଥିବା 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି'; ଯାହାର ଟ୍ୟାଗ୍ ଲାଇନ୍ ରହିଛି 'ଗୋଟିଏ କଥା ଅନେକ ବ୍ୟଥା'। ବାସ୍ତବରେ କଥା ତ ଗୋଟିଏ। କିନ୍ତୁ ଗୋଟିଏ କଥା ପଛରେ ରହିଛି ଅନେକ ବ୍ୟଥା - ସେ କଥା ନାଟକଟିକୁ ଦେଖିଲେ ଜାଣିହୁଏ। ଜଲିଉଡ୍‌ର ଇମର୍ଜିଂ ନିର୍ଦ୍ଦେଶକ ଓଲିଉଡ୍ ମେକର ଭାବେ ପରିଚିତ ମହେଶ ହାଜରା ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ନିକଟରେ ଏହାର ଫାଇନାଲ ରିହରସାଲ ଶେଷ ହୋଇଛି। ନାଟକ ଏବଂ ନିଜ ଭୂମିକା ସମ୍ପର୍କରେ ମାମା କହନ୍ତି, 'ଯାତ୍ରା ଜଗତରେ ଏହା ଏକ ଭିନ୍ନ ସ୍ୱାଦର ନାଟକ। ଦୃଢ଼ତାର ସହ ଏତିକି କହିବି ଏଥିରେ ମୋ ଚରିତ୍ର ଗଙ୍ଗା ଏବଂ ନାଟକ ଉଭୟ ଯାତ୍ରା ଜଗତରେ ଇତିହାସ ସୃଷ୍ଟି କରିବ। ଯେତେବେଳେ ଏହାର କାହାଣୀ ଏବଂ ମୋ ଭୂମିକା ବିଷୟରେ ବୁଝିଲି ସେତେବେଳେ ଭାବିଥିଲି ରୋଲ୍‌ଟିକୁ ସହଜରେ ଆଗେଇ ନେଇଯିବି। ହେଲେ ଷ୍ଟେଜ୍ ଉପରେ ମୋତେ ଯେ ଏମିତି ପରିଶ୍ରମ କରିବାକୁ ପଡ଼ିବ, ତାହା କେବେ ସ୍ୱପ୍ନରେ ଭାବି ନ ଥିଲି। ଏହି ଭୂମିକା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିବ। ନବାଗତ ନାଟ୍ୟକାର ନାଟକର ସଂଳାପଗୁଡ଼ିକୁ ଯେମିତି ସଜାଇଛନ୍ତି ତାହା ଶୁଣିବା ମାତ୍ରେ ସ୍ୱତଃ ମନରେ ଶିହରଣ ସୃଷ୍ଟି ହୋଇଯାଉଛି।' ଏହି ନାଟକ ବ୍ୟତୀତ ଉକ୍ତ ପାର୍ଟିର ନୂଆ ନାଟକ 'ମୁଁ ସେଇ ଭଦ୍ରକିଆ ଟୋକା'ରେ କଇଁ ଏବଂ 'ବଡ଼ଦାଣ୍ଡର ଭିକାରି'ରେ ନୈନା ଭୂମିକାରେ ଦେଖାଦେବେ ମାମା।

# ଅଚଳ ଚଳଚ୍ଚିତ୍ର ଜଗତ

"୭୧ ବର୍ଷର ପରିପକ୍ୱତା ଥିବା ଚଳଚ୍ଚିତ୍ର ଜଗତ କେବଳ ପ୍ରଯୋଜକମାନଙ୍କ ଚିତ୍ର ନିଶା ଯୋଗୁ ବର୍ଷକୁ ବର୍ଷ କିଛି ଚଳଚ୍ଚିତ୍ର ଦର୍ଶକ ଦର୍ଶନ କରୁଛନ୍ତି। ଲାଭ ଅପେକ୍ଷା କ୍ଷତି ଅଧିକ। ସେଇ କ୍ଷତାକ୍ତ ଅବସ୍ଥାକୁ ସମ୍ଭାଳି ନେଇ ପ୍ରଯୋଜନାର ଛାପ ଧରି ନିଜ ନିଜର ଅପରିପକ୍ୱତାର ପରିଚୟ ବଖାଣିବା ସାର ହେଉଛି।"

ଓଡ଼ିଆ ଚଳଚ୍ଚିତ୍ର ଅବସ୍ଥା ଏବେ ସଙ୍ଗିନ ଆଡ଼କୁ ଗତିକରୁଛି। କେବଳ ଟିଭି ଚ୍ୟାନେଲଗୁଡ଼ିକ ନିଜ ନିଜର ଚଳଚ୍ଚିତ୍ର ମାଧ୍ୟମରେ ହୋହଲ୍ଲା ଜାରି ରଖିଛନ୍ତି। ଏପରି ଅଚଳ ଅବସ୍ଥା ପାଇଁ ଆମେ ନିଜକୁ ପ୍ରଥମରୁ ଦାୟୀ କରିନେବା ଠିକ୍ ହେବ। ଅନେକ ପ୍ରଯୋଜକ ଅଛନ୍ତି, ଯେଉଁମାନେ କି ଚଳଚ୍ଚିତ୍ରକୁ ବ୍ୟବସାୟ ନ ଭାବି ଫୂର୍ତ୍ତି କରିବା ଉଦ୍ଦେଶ୍ୟରେ ଆସନ୍ତି, ଆଉ କେହି କେହି ଅନ୍ୟାନ୍ୟ ବ୍ୟବସାୟରୁ ଅର୍ଥ ବିନିଯୋଗ କରି ଜଣେ ପ୍ରଯୋଜକ ଭାବେ ସମାଜରେ ପ୍ରତିଷ୍ଠିତ ହେବା ଲକ୍ଷ୍ୟ ନେଇ କାର୍ଯ୍ୟ କରନ୍ତି। ଖୁବ୍ କ୍ୱଚିତ୍ ପ୍ରଯୋଜକ ସଂସ୍ଥା ଅଛି, ଯେଉଁମାନଙ୍କ ଚଳଚ୍ଚିତ୍ର କରିବାକୁ ପେସାଦାର ଭାବ ନେଇ ସେମାନେ ମଇଦାନରେ ରୁହନ୍ତି। ପ୍ରଯୋଜକ ବସନ୍ତ ନାୟକ, ଅମିୟ ପଟ୍ଟନାୟକ, କେଶବ ରାଉତ, ବାସୁଦେବ ତ୍ରିପାଠୀ, ସୁବାସ ରାଉତ, ବିରଞ୍ଚି ମିଶ୍ର ଓ ଫେଲୁ ପଟ୍ଟନାୟକ ଏମାନଙ୍କ ମଧ୍ୟରୁ ଅନ୍ୟତମ।



ଉପରୋକ୍ତ ପ୍ରଯୋଜକମାନେ ଯାହା କରନ୍ତି ପ୍ରଯୋଜନା କ୍ଷେତ୍ରରେ ସେ ଦିଗରେ ଅନେକ କଳାକାର, ଟେକ୍ନିସିଆନ୍ ଉପକୃତ ହୁଅନ୍ତି। ବୁଝାମଣାଭିତ୍ତିରେ ପ୍ରଯୋଜକମାନେ କାର୍ଯ୍ୟ କରିଥିଲେ ପ୍ରଯୋଜନାଗତ କ୍ଷତି ହୁଅନ୍ତା ନାହିଁ। ପରସ୍ପର ପରସ୍ପରଙ୍କ ମଧ୍ୟରେ ଅହଂ ଭାବରୁ ହିଁ ପ୍ରଯୋଜନାରେ କୌଣସି ନା କୌଣସି କ୍ଷେତ୍ରରେ କ୍ଷତି ପହଞ୍ଚାଇଛି। ସମନ୍ୱୟ ରକ୍ଷାକରି ପ୍ରଯୋଜନା କ୍ଷେତ୍ରରେ ଆରମ୍ଭରୁ ଶୃଙ୍ଖଳିତ ହୋଇଥିଲେ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକୁ ପରବର୍ତ୍ତୀ ପିଢ଼ିମାନେ ଠିକ ମାର୍ଗରେ ପରିଚାଳନାରେ ପରିଚାଳିତ ହୋଇଥାନ୍ତେ। ନୂଆ ଓଡ଼ିଆ ଚଳଚ୍ଚିତ୍ର ପ୍ରେକ୍ଷାଳୟଗୁଡ଼ିକରୁ ଅକସ୍ମାତ୍ ଆସି ଅଚାନକ ଚାଲିଯିବା ଏହା ପ୍ରଯୋଜନା ପାଇଁ ଶୁଭଖବର ନୁହେଁ। ପ୍ରେକ୍ଷାଳୟ କମି କମି ଯାଉଥିବା ବେଳେ ୭୦ଟି ପ୍ରେକ୍ଷାଳୟ ମଧ୍ୟରୁ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଯୋଜନା ପାଇଁ ବିନିଯୋଗ କରିବା ଦୂରଦୃଷ୍ଟିବିହୀନ ଦୃଷ୍ଟିଭଙ୍ଗୀ ବୋଲି ବିବେଚନା କରାଯିବ। ଅଳ୍ପ ବ୍ୟୟରେ ଚଳଚ୍ଚିତ୍ର ବ୍ୟବସାୟ ନିମନ୍ତେ କେବଳ ଟିଭି ଚ୍ୟାନେଲଗୁଡ଼ିକ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଆ ଚଳଚ୍ଚିତ୍ରର ଅଡୁଆ ପରିସ୍ଥିତି ପାଇଁ ଚଳଚ୍ଚିତ୍ର ନିଗମ ଦୃଢ଼ ପଦକ୍ଷେପ ନେବା ଜରୁରୀ।

ଓଡ଼ିଆ ଚଳଚ୍ଚିତ୍ରର ସଙ୍ଗିନ ପରିସ୍ଥିତି କେବେ ସୁଧୁରିବ ତାହା ସମୟ ହିଁ କହିବ। ଆମେ କେବଳ ବର୍ଷକୁ ବର୍ଷ ତାଲିକା ଦେଇ ସଂଖ୍ୟା ମାଧ୍ୟମରେ ଆଗ ଓ ପୂର୍ବ ବର୍ଷର ତାଲିକା ଅନୁପାତ ଦେଖି ସମୀକ୍ଷା ଆଉ କେତେଦିନ। ଆମ ଚଳଚ୍ଚିତ୍ର ଶିଳ୍ପର ଅବସ୍ଥା ସମ୍ପର୍କରେ ଉଚ୍ଚସ୍ତରୀୟ ଆଲୋଚନାର ଆବଶ୍ୟକତା ରହିଛି। ପଦବୀ ମୋହରେ ଠିକ୍ କଥା ସରକାରଙ୍କ ପାଖରେ ଉପସ୍ଥାପିତ ନ କରିବା ଯୋଗୁ ଆମେ ଦିଗହରା ହୋଇ ବୁଲୁଛୁ। କେବଳ ଭିନ୍ନ ଭିନ୍ନ ସମୟରେ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ ବାହାସ୍ଫୋଟ କଥା କହି ନିଜର ଅସ୍ତିତ୍ୱ ବଞ୍ଚାଇବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ୭୧ ବର୍ଷର ପରିପକ୍ୱତା ଥିବା ଚଳଚ୍ଚିତ୍ର ଜଗତ କେବଳ ପ୍ରଯୋଜକମାନଙ୍କ ଚିତ୍ର ନିଶା ଯୋଗୁ ବର୍ଷକୁ ବର୍ଷ କିଛି ଚଳଚ୍ଚିତ୍ର ଦର୍ଶକ ଦର୍ଶନ କରୁଛନ୍ତି। ଲାଭ ଅପେକ୍ଷା କ୍ଷତି ଅଧିକ। ସେଇ କ୍ଷତାକ୍ତ ଅବସ୍ଥାକୁ ସମ୍ଭାଳି ନେଇ ପ୍ରଯୋଜନାର ଛାପ ଧରି ନିଜ ନିଜର ଅପରିପକ୍ୱତାର ପରିଚୟ ବଖାଣିବା ସାର ହେଉଛି। ଓଡ଼ିଆ ଚଳଚ୍ଚିତ୍ରର ସାମଗ୍ରିକ ଉଦ୍ୟମ ପାଇଁ ପ୍ରଯୋଜକ, ଟେକ୍ନିସିଆନ ଓ କଳାକାରମାନେ ଏକତ୍ର ହେବା ଜରୁରୀ ହୋଇପଡ଼ିଛି। ଶିଳ୍ପ ବିଭାଗ ପକ୍ଷରୁ ଯଦି ବିଧିବଦ୍ଧ ବିଜ୍ଞପ୍ତି ମାଧ୍ୟମରେ ଓଡ଼ିଆ ଚଳଚ୍ଚିତ୍ର ନୀତିଗତ ନିଷ୍ପତ୍ତି ପ୍ରକାଶ ନ ପାଏ, ତେବେ ଓଡ଼ିଆ ଚଳଚ୍ଚିତ୍ରର ଅଡୁଆ ପରିସ୍ଥିତି ସେଭଳି ଲାଗି ରହିବ। କେବଳ ଚଳଚ୍ଚିତ୍ର ରିଲିଜ୍ ଦିନ ନାମ ପଢ଼ି ସଂଖ୍ୟା ଗଣିବା ସାର ହେବ। ଭଲ ସିନେମା ଆଉ ଶୁଭମୁକ୍ତି ହେବ, ଏ ଆଶା ନିରର୍ଥକ।

**-ଦିଲୀପ ହାଲି**

-ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ, ବଡ଼ଗଡ଼, ଭୁବନେଶ୍ୱର, ମୋ-୯୮୬୧୦୦୯୨୫୨

# ସୁଯୋଗ ଅପେକ୍ଷାରେ

ଭଲ ତଥା ମନଲାଖି ସୁଯୋଗଟିଏ ମିଳିଲେ ତାକୁ କିଏ ବା ହାତଛଡ଼ା କରିବ କହିଲେ ? ଠିକ୍ ସେହିପରି ଏକ ସୁଯୋଗ ଅପେକ୍ଷାରେ ଅଛନ୍ତି ରୋମାଣ୍ଟିକ୍ ଆଲବମ୍ ଯୋଡ଼ି କୀର୍ତ୍ତି ବିକାଶ ମଲ୍ଲ ଏବଂ ସ୍ୱିଟି। ଏହି ଯୋଡ଼ିକୁ ପ୍ରଥମେ ସୁଯୋଗ ମିଳିଥିଲା ଭିଡିଓ ଆଲବମ୍ 'ଚାନ୍ଦଉଦିଆଁ'ରେ। ତା'ପରେ ତିନୋଟି ଆଲବମ୍‌ରେ ଅଭିନୟ କରିବା ପରେ ବଡ଼ ପରଦାରେ ଏକାଠି ମୁହଁ ଦେଖାଇବାକୁ ଆଶା ରଖିଛନ୍ତି। ଏ ସମ୍ପର୍କରେ କୀର୍ତ୍ତି କହନ୍ତି, 'ମୋର ଅଭିନୟ କ୍ୟାରିୟର ଆରମ୍ଭ ଚଳଚ୍ଚିତ୍ରରୁ। ଏସ. ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ 'ଦିଲ୍ କା ରାଜା'ରେ ମୋତେ ପ୍ରଥମେ ସୁଯୋଗ ମିଳିଥିଲା। ତା'ପରେ 'ଅଜାତଶତ୍ରୁ', 'ନିମକି' ଏବଂ 'ଧୀରେ ଧୀରେ ପ୍ରେମ ହେଲା' ସିନେମାରେ ଆକ୍ଟିଂ କରିବା ପରେ ଚଳଚ୍ଚିତ୍ରରେ କ୍ୟାରିୟର କରିବାକୁ ମୋର ଆଶା ଦ୍ୱିଗୁଣିତ ହୋଇଛି। ବିଶେଷଭାବରେ ଭିଡିଓ ଆଲବମ୍‌ରେ ସ୍ୱିଟି ସହ ମୋର ଯୋଡି ବେଶ୍ ଜମିଛି। ଚଳଚ୍ଚିତ୍ରରେ ଏକାଠି ଅଭିନୟ କରିବାର ସୁଯୋଗ ଅପେକ୍ଷାରେ ଦୁହେଁ ରହିଛୁ। ଅପରପକ୍ଷରେ ଧାରାବାହିକ 'ଫାଲ୍‌ତୁ କଥା'ରେ ବେଙ୍ଗୁଲି ଚରିତ୍ର ତାଙ୍କୁ ବେଶ୍ ମାଇଲେଜ୍ ଦେଇଛି। ତେବେ ଏହି ଯୋଡ଼ି କେବେ ବଡ଼ ପରଦାରେ ମୁହଁ ଦେଖାଉଛନ୍ତି ତାହା ଦେଖିବାକୁ ବାକି ରହିଲା।



କୀର୍ତ୍ତି-ସ୍ୱିଟି

# ପ୍ରେମ ଏଟିଏମ୍



ପ୍ରଦୀପ

ପ୍ରେମ ଏଟିଏମ୍-ଏ କଥା ଶୁଣି ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିପାରନ୍ତି। କାରଣ ଆଜିକାଲିର ଡିଜିଟାଲ ଯୁଗରେ ଟଙ୍କା ଉଠାଇବା ପାଇଁ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଏଟିଏମ୍ ବ୍ୟବସ୍ଥା କରାଯାଇଛି। କିନ୍ତୁ ପ୍ରେମ ଏଟିଏମ୍ ପଛରେ କି ରହସ୍ୟ ରହିଛି ତାହା ତ ନିଶ୍ଚୟ ଜାଣିବେ, ହେଲେ ସିନେମାଟି ଦେଖିଲା ପରେ। କଥା କ'ଣ କି, ବାବା ବାଣେଶ୍ୱର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ପ୍ରେମ ଏଟିଏମ୍'। ସୁଧାଂଶୁ ସାହୁଙ୍କ ନିର୍ଦ୍ଦେଶନାରେ ଏହାର ଶୁଟିଂ ଚାଲୁ ରହିଛି। କାହାଣୀ ଅନୁସାରେ ପ୍ରେମା ଜଣେ ସାଧାରଣ ଯୁବକ। ପୂଜା ନାମ୍ନୀ ଝିଅକୁ ବିବାହ ପରେ ସେ କୋଟିପତି ହେବାର ସ୍ୱପ୍ନ ଦେଖେ। ଠିକ୍ ସେତିକିବେଳେ ତା' ଜୀବନ ରାସ୍ତାରେ ପାଦ ଦିଏ ରୂପସୀ ଆରାଧନା। ଆଉ ତା'ପରେ ? ତାକୁ ଦେଖିବା ପରେ ତାହାର କୋଟିପତି ହେବାର ଆଶା ପୂରଣ ହୁଏ କି? ପୂର୍ବରୁ ବିବାହ କରିଥିଲେ ମଧ୍ୟ ସୁନ୍ଦରୀ ଆରାଧନାକୁ ପ୍ରେମା ଆପଣେଇ ନିଏ କି? ବିବାହ ପରେ ଏପରି ସମ୍ପର୍କ ବିଷୟରେ ପ୍ରେମାର ପତ୍ନୀ ଜାଣିବା ପରେ ସେମାନଙ୍କ ବୈବାହିକ ଜୀବନ କିପରି କଟେ ? ଏ ସବୁର ଉତ୍ତର ରହିଛି ଏହି ସିନେମାରେ। ନବାଗତ ପ୍ରଯୋଜକ ସୁରେନ୍ଦ୍ର ନାରାୟଣ ପ୍ରଧାନ ଏବଂ ନବନୀତା ମିଶ୍ର ଚିତ୍ରଟିର ପ୍ରଯୋଜନା କରିଛନ୍ତି। ଡ. ନିର୍ମଳ ନାୟକଙ୍କ ରଚିତ ପାଞ୍ଚଟି ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ଚଳଚ୍ଚିତ୍ରର ନାୟକ (ପ୍ରେମା) ଭାବରେ ପ୍ରଦୀପ ଦତ୍ତ ଅଭିନୟ କରୁଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ଦିବ୍ୟା। ଏମାନଙ୍କ ବ୍ୟତୀତ ଲିପିକା, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ସ୍ନିଗ୍ଧା ମହାନ୍ତି ଏବଂ ଗୁଞ୍ଜୁ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି।

# ଅଂଶୁମାନଙ୍କ ନୂଆ ଯୋଜନା

ଅଂଶୁମାନ ସାମନ୍ତରାୟ। ଦେଖୁଦେଖୁ ଯା ଭିତରେ ୮ଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି। ହେଲେ ତାଙ୍କ କ୍ୟାରିୟରକୁ ନୂଆ ମୋଡ଼ ଦେବା ପାଇଁ ସେ ଏବେ ପ୍ରୟାସରତ। ପୁଣି ଏକା ନୁହନ୍ତି, ପତ୍ନୀ ରୋଜାଲିନାଙ୍କ ସହ ହାତ ମିଳାଇ ସେ ଆଗେଇ ଚାଲିଛନ୍ତି। ଏ ସମ୍ପର୍କରେ ଅଂଶୁମାନ କହନ୍ତି, 'ହୋମ୍ ବ୍ୟାନରରେ ଏକ ସିନେମା ନିର୍ମାଣ ଚକ୍କରରେ ଅଛି। ପତ୍ନୀଙ୍କ ସହ ମିଶି ମୁଁ ଏବେ ଏହାର କାହାଣୀ ଖୋଜିବାରେ ବ୍ୟସ୍ତ। ତା'ସହ ସମାଜସେବା ପ୍ରତି ମଧ୍ୟ ମନୋନିବେଶ କରିବି। କାରଣ ସେଥିରେ ଯେଉଁ ଶାନ୍ତି ଅଛି ତାହା ଆଉ କେଉଁଥିରେ ନାହିଁ। ତେବେ ରିଲିଜ୍ ଅପେକ୍ଷାରେ ଥିବା 'ତୁ ମୋର ନିହାତି ଦରକାର'ରେ ମୋତେ ମିଳିଛି ଏକ ଭିନ୍ନ ଧରଣର ଭୂମିକା। ଏଥିରେ ମୁଁ ପାଣି ଭିତରେ ଏକ ଫାଇଟ୍ ଶଟ୍ ଦେଇଛି, ଯାହା ଏହି ସିନେମାର ଅନ୍ୟତମ ଆକର୍ଷଣ।' ତେବେ ଅଂଶୁମାନଙ୍କ ନୂଆ ଯୋଜନା ତାଙ୍କ ପାଇଁ କେତେ ଫଳପ୍ରସୂ ହେଉଛି ତାହା ଆଗକୁ ଜଣାପଡ଼ିବ।



ଅଂଶୁମାନ-ରୋଜାଲିନା

# ଭୁଲିଯାଇ ନାହାନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ଠାରୁ ଦୂରେଇ ଗଲେଣି କହିଲେ କିଛି ଭୁଲ୍ ହେବନାହିଁ। ନିକଟରେ ରିଲିଜ୍ ହୋଇଥିବା 'ଭାରତ'ରେ ଅଭିନୟ କରିବାକୁ ତାଙ୍କୁ ଅଫର ମିଳିଥିଲା। ହେଲେ କେତେକ କାରଣରୁ ଏହାକୁ ସେ ହାତଛଡ଼ା କରିଥିଲେ। ହେଲେ ବଲିଉଡ୍‌ଠାରୁ ସେ ସମ୍ପୂର୍ଣ୍ଣ ଦୂରେଇ ଯାଇନାହାନ୍ତି ବୋଲି କହିଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ନିଜର ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ଦେଇ ପ୍ରିୟଙ୍କା କହିଥିଲେ ଯେ, ବଲିଉଡ୍ ଏବଂ ମୁଁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ଅବଶ୍ୟ ଏବେ ସାମୟିକ ସମୟ ପାଇଁ ମୁଁ ହିନ୍ଦୀ ଅଫରଗୁଡ଼ିକୁ ଗ୍ରହଣ କରିପାରିନି। ତେବେ ଆଗକୁ ଏ ନେଇ ନିଶ୍ଚୟ ଚିନ୍ତା କରିବି।'



# ସ୍ତ୍ରୀ ହେବ ତ ଏମିତି

ସୋନମ୍ କପୁରଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। କେଉଁଠି କେମିତି କଥା କହିଲେ ତାହା ପର୍ସନାଲିଟିକୁ ଆହୁରି ଲୋକପ୍ରିୟ କରାଇବ ତାହାର କାଇଦା ତାଙ୍କୁ ଭଲ ଭାବେ ଜଣା। ଦେଖୁନାହାନ୍ତି, ଏବେ ସେ ଯୁଆଡ଼େ ଗଲେ କେମିତି ସ୍ୱାମୀ ଆନନ୍ଦ ଆହୁଜାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। ତାଙ୍କ ପ୍ରେରଣାରେ ସେ କୁଆଡ଼େ ବଲିଉଡ୍‌ରେ ଏତେ ବାଟ ଆସିପାରିଛନ୍ତି। 'ଆନନ୍ଦ ମୋ ପାଇଁ କାଇଣ୍ଡେଷ୍ଟ ଆଣ୍ଡ ନୋବେଲେଷ୍ଟ। ତାଙ୍କର ବ୍ୟକ୍ତିତ୍ୱକୁ ପ୍ରଶଂସା କରିବାକୁ ମୋ ପାଖରେ ଭାଷା ନାହିଁ। ମୋ ବଲିଉଡ୍ କ୍ୟାରିୟରର ପ୍ରତିଟି ଷ୍ଟେପ୍‌ରେ ସେ ଛାଇପରି ମୋ ପଛରେ ଠିଆ ହୋଇଛନ୍ତି। ସବୁଠାରୁ ଖାସ୍ କଥା ହେଲା, ସେ ମୋ ପାଇଁ ଏକ ଭଲ ସବ୍‌ଜେକ୍ଟ ଖୋଜି ପାଇଛନ୍ତି। ଏହାକୁ ନେଇ ଖୁବ୍‌ଶୀଘ୍ର ଏକ ଫିଲ୍ମ କରିବାର ଯୋଜନା ରହିଛି ବୋଲି କହନ୍ତି ସୋନମ୍।'



ସୋନମ୍

Dollar 68.79 (6) | Sensex 83.88 37,481.12 | Nifty 32.60 11,118.00 | Gold ₹100 35,780.00 | Silver ₹70 42,120.00



"ଅଟୋ ଉଦ୍ୟୋଗରେ ମାନ୍ଦାବସ୍ଥା ଉପରେ ଅଶୋକ ଲେଲ୍ୟାଣ୍ଡ ଦୃଷ୍ଟି ରଖିଛି। ବଜାରରେ ତିଷ୍ଠି ରହିବା ଲାଗି କମ୍ପାନୀ ଖର୍ଚ୍ଚ କାଟ ସହ ବିଭିନ୍ନ ପନ୍ଥା ଆପଣାଉଛି।
– ଗୋପାଳ ମହାଦେବନ, ଅଶୋକ ଲେଲ୍ୟାଣ୍ଡ ସିଏଫଓ



"ଜେମ୍ସ ଆଣ୍ଡ ଜୁଏଲେରି ଉଦ୍ୟୋଗକୁ ଋଣ ପ୍ରଦାନ ପାଇଁ ଦେଶର ସମସ୍ତ ବ୍ୟାଙ୍କ ଏକପ୍ରକାର ବ୍ୟବସ୍ଥା ଗ୍ରହଣ କରିବାକୁ ଯାଉଛନ୍ତି।
– ପି.ଏନ୍.ପ୍ରସାଦ, ଏସ୍‌ବିଆଇ ଡେପୁଟି ଏମ୍‌ଡି

## ସଂକ୍ଷେପରେ

### ରାଜୀବ ମେହତା ମାଇଣ୍ଡଟ୍ରି ସିଇଓ

**ନୂଆଦିଲ୍ଲୀ,୩୧-୭:** ପୂର୍ବତନ କଗନିଜାଣ୍ଟ ପ୍ରେସିଡେଣ୍ଟ ରାଜୀବ ମେହତା ମାଇଣ୍ଡଟ୍ରିର ସିଇଓ ଭାବେ ନିର୍ବାଚିତ ହୋଇଛନ୍ତି। କମ୍ପାନୀର ସହ ପ୍ରତିଷ୍ଠାତା ତଥା ସିଇଓ ରୋଷ୍ଟୋ ରାଭାନନଙ୍କ ଇସ୍ତଫା ପରେ ଏହି ପଦଟି ଖାଲି ପଡିଥିଲା। ଏଲ୍ ଆଣ୍ଡ ଟି ୬୦% ଅଂଶଧନ କିଣି ନେବା ପରେ ମାଇଣ୍ଡଟ୍ରିକୁ ଅକ୍ତିଆର କରିଛି। ଶୁକ୍ରବାର ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯିବ। ସୂଚନାଥାଉ କି, କଗନିଜାଣ୍ଟରେ ପ୍ରାୟ ଦୁଇ ଦଶକ ଧରି ମେହତା କାର୍ଯ୍ୟ କରିଛନ୍ତି ଏବଂ ତାଙ୍କର ପୂର୍ବତନ ସିଇଓ ଫ୍ରାନ୍ସିସକୋ ଡି'ସୁଜାଙ୍କ କୋର୍ ଟିମ୍ ସହ କାମ କରିବାର ଅଭିଜ୍ଞତା ରହିଛି।

### ବିତ୍ତୀୟ ନିଅଣ୍ଟ ୬୧% ଟପିଲା

**ନୂଆଦିଲ୍ଲୀ,୩୧-୭:** କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିମାଣ ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସରେ ୪.୩୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି, ଯାହା କି ବଜେଟ ଅନୁମାନର ୬୧.୪%। ମହାଲେଖା ନିୟନ୍ତ୍ରକ(ସିଜିଏ) ବୁଧବାର ଜାରି କରିଥିବା ତଥ୍ୟ ଅନୁଯାୟୀ ନିରପେକ୍ଷ ରୂପରେ ବିତ୍ତୀୟ ନିଅଣ୍ଟ ପରିମାଣ ଜୁନ୍‌ରେ ବୃଦ୍ଧି ପାଇଛି। ଆର୍ଥିକ ବର୍ଷ ୨୦୧୮-୧୯ରେ ଏହି ଅବଧିରେ ନିଅଣ୍ଟ ପରିମାଣ ବଜେଟର ୬୮.୭ ପ୍ରତିଶତ ରହିଥିଲା। ସୂଚନାଥାଉ କି, ଆର୍ଥିକ ବର୍ଷ ୨୦୧୯-୨୦ରେ ବିତ୍ତୀୟ ନିଅଣ୍ଟ ପରିମାଣ ୭.୦୩ ଲକ୍ଷ କୋଟି ଟଙ୍କା ହେବ ବୋଲି ସରକାର ଅନୁମାନ କରିଛନ୍ତି। ବିତ୍ତୀୟ ନିଅଣ୍ଟକୁ ଚଳିତ ଆର୍ଥିକ ବର୍ଷରେ ବଜେଟର ୩.୪% ମଧ୍ୟରେ ରଖିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସିଜିଏ ତଥ୍ୟ ଅନୁଯାୟୀ ଏପ୍ରିଲ-ଜୁନ ଅବଧିରେ ସରକାର ବଜେଟ ଅନୁମାନର ୧୪.୪ ପ୍ରତିଶତ ରାଜସ୍ୱ ଆୟ କରିଛନ୍ତି। ବର୍ଷକ ପୂର୍ବେ ଏହା ୧୫.୫% ରହିଥିଲା। ଜୁନ ସୁଦ୍ଧା ସରକାର ୨.୮୪ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହାସଲ କରିଛନ୍ତି।

### ୮ କୋର୍ ସେକ୍ଟର ଧିମା

**ନୂଆଦିଲ୍ଲୀ,୩୧-୭:** ଅର୍ଥନୀତି କ୍ଷେତ୍ରରେ ସରକାରଙ୍କୁ ଝଟକା ଲାଗିଛି। ବୁଧବାର ଜାରି ସରକାରୀ ତଥ୍ୟ ଅନୁଯାୟୀ, ୮ କୋର୍ ସେକ୍ଟର ଉଦ୍ୟୋଗ ଅଭିବୃଦ୍ଧି ହାର ଜୁନ୍‌ରେ ଧିମା ହୋଇଛି। ଆଲୋଚ୍ୟ ମାସରେ ବୃଦ୍ଧି ହାର ମାତ୍ର ୦.୨% ରହିଛି, ଯାହା କି ଗତ ବର୍ଷ ଏହି ସମୟରେ ୭.୮% ରହିଥିଲା। ତେଲ ସହ ଜଡ଼ିତ ସେକ୍ଟର ଏବଂ ସିମେଣ୍ଟ ଉତ୍ପାଦନ ଅତ୍ୟଧିକ ହ୍ରାସ କାରଣରୁ ଅଭିବୃଦ୍ଧି ହାର କମିଛି। ସରକାର ମେ'ର ତଥ୍ୟକୁ ସଂଶୋଧନ କରି ଏହା ୫.୧% ରହିବ ବୋଲି କହିଥିଲେ। ଢାଞ୍ଚାଗତ କ୍ଷେତ୍ର କୋଇଲା, ସାର, ବିଜୁଳି, ଷ୍ଟିଲ୍, ସିମେଣ୍ଟ, ପେଟ୍ରୋଲିୟମ୍,ରିଫାଇନେରି, ପ୍ରାକୃତିକ ବାଷ୍ପ ଓ ଅଶୋଧିତ ତେଲକୁ କୋର୍ ସେକ୍ଟରରେ ସାମିଲ କରାଯାଇଛି। କୋଇଲା, ସାର, ବିଜୁଳି ଓ ଷ୍ଟିଲ୍ ଉତ୍ପାଦନ ବୃଦ୍ଧି ପାଇଛି। କିନ୍ତୁ ସିମେଣ୍ଟ, ପେଟ୍ରୋଲିୟମ, ରିଫାଇନେରି, ପ୍ରାକୃତିକ ବାଷ୍ପ ଓ ଅଶୋଧିତ ତେଲ ଉଦ୍ୟୋଗରେ ଉତ୍ପାଦନ ହ୍ରାସ ପାଇଛି।

### ସିଏଜି ରିପୋର୍ଟ
### କୃଷି ଆୟ ଉପରେ ଟିକସ ଛାଡ଼ରୁ ୫୦୦ କୋଟିର ଦୁର୍ନୀତି

**ନୂଆଦିଲ୍ଲୀ,୩୧-୭:** କୃଷି ଆୟ ଉପରେ ଆୟକର ଛାଡ଼ ଦିଆଯାଇଥାଏ। ତେବେ ଏହି ଛାଡରେ ଦୁର୍ନୀତି ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସମ୍ପୂର୍ଣ୍ଣ ରୂପେ ଯାଞ୍ଚ କରା ନ ଯାଇ କୃଷି ଆୟ ଉପରେ ୫୦୦ କୋଟି ଟଙ୍କାର ଆୟକର ଛାଡ଼ ଦିଆଯାଇଛଇ ବୋଲି ରିପୋର୍ଟରେ ଦର୍ଶାଯାଇଛି। ମାର୍ଚ୍ଚ ୨୦୧୮ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ଲାଗି ପ୍ରତ୍ୟକ୍ଷ କର ଉପରେ ଅଡିଟର ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟରେ କୃଷି ଓ ଚାରିଟେବଲ ଟ୍ରଷ୍ଟକୁ ମିଳିଥିବା ଛାଡ଼ ସମ୍ପର୍କରେ କୁହାଯାଇଛି। ଆୟକର ବିଭାଗ ଏହିସବୁ ମାମଲାର ପୁନର୍ବାର ଯାଞ୍ଚ କରିବାକୁ ସିଏଜି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ୬୭୭୮ ମାମଲାରେ ଆସେସମେଣ୍ଟରେ ମୋଟ ୨୨.୫ ପ୍ରତିଶତ ଅର୍ଥାତ ୧,୫୨୭ଙ୍କୁ କୃଷି ଆୟ ଉପରେ ଟିକସ ଛାଡ଼ ଦିଆଯାଇଛି। ସଠିକ କାଗଜପତ୍ର ଯାଞ୍ଚ ବିନା ଏହି ସୁବିଧା ଦିଆଯାଇଛି। ଆୟକର ଛାଡ଼ ଦିଆଯିବା ପୂର୍ବରୁ ଜମି ରେକର୍ଡ, ଆୟ ଓ ଖର୍ଚ୍ଚ ସହ ଜଡ଼ିତ ତଥ୍ୟ ଏବଂ ଫସଲ ସୂଚନା, ବିଲ୍ ଓ ଚାଲାଣ ଆଦି ଯାଞ୍ଚ କରାଯିବା ଉଚିତ ଥିଲା ବୋଲି ରିପୋର୍ଟରେ କୁହାଯାଇଛି।

## ଭି.ଜି. ସିଦ୍ଧାର୍ଥଙ୍କ ମୃତ୍ୟୁ

# ଋଣ ଜାଲରେ ଛନ୍ଦି ହୋଇଗଲେ

ନୂଆଦିଲ୍ଲୀ,୩୧-୭



ଦେଶର ପ୍ରଖ୍ୟାତ କଫି ଚେନ୍ କ୍ୟାଫେ କଫି ଡେ(ସିସିଡି)ର ମାଲିକ ଭି.ଜି.ସିଦ୍ଧାର୍ଥ ଆତ୍ମହତ୍ୟାକୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ତେବେ ପ୍ରଶ୍ନ ଉଠୁଛି, ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ନିଷ୍ପତ୍ତି କାହିଁକି ସେ ନେଲେ। ନିଜର ବ୍ୟବସାୟ ବୃଦ୍ଧି ପାଇଁ ଗତ ବର୍ଷେ ହେବ ସେ ସ୍ୱଳ୍ପମିଆଦୀ ଋଣ ନେଇ ଚାଲିଲେ। ସମୟ ଏପରି ଆସିଲା ଯେ, ସେ ଋଣ ଜାଲରେ ଛନ୍ଦି ହୋଇଗଲେ। ଏହାକୁ ପରିଶୋଧ ପାଇଁ ସେ ନିଜର ସମ୍ପତ୍ତି ବିକ୍ରି କରିବାକୁ ଯଥାସାଧ୍ୟ ପ୍ରୟାସ କରିଥିଲେ। ସେଥିରେ ସେ ବିଫଳ ହେବାରୁ ଚାପଗ୍ରସ୍ତ ହୋଇଥିଲେ ବୋଲି ମନେକରାଯାଉଛି। ଏହାଛଡ଼ା ଆଇଏଲ୍‌ଆଣ୍ଡଏଫ୍‌ଏସ୍ ବୁଡିଯିବା କାରଣରୁ ତାଙ୍କୁ ନଗଦ ସଙ୍କଟର ସାମ୍ନା କରିବାକୁ ପଡିଥିଲା। କେଉଁଠାରୁ ହେଲେ ତାଙ୍କୁ ଗୋଟିଏ ଋଣ ପରିଶୋଧ ପାଇଁ ଅନ୍ୟ ଋଣ ମିଳୁ ନ ଥିଲା।

କ୍ୟାଫେ କଫି ଡେ ପ୍ରତିଷ୍ଠାତା ସିଦ୍ଧାର୍ଥଙ୍କ ନିକଟତମ ସୂତ୍ର ଅନୁଯାୟୀ, ଋଣ ଜାଲରୁ ବାହାରି ଆସିବା ଲାଗି ସେ ତାଙ୍କର ରିଏଲ ଇଷ୍ଟେଟ ସମ୍ପତ୍ତିକୁ ବିକ୍ରି କରିବାକୁ ଚାହୁଁଥିଲେ। ଏଥିରେ ମଧ୍ୟ ସେ ବିଫଳ ହୋଇଥିଲେ। ସଫଳତା ମିଳିଥିଲେ ତାଙ୍କର ନଗଦ ସଙ୍କଟ ଅନେକ ପରିମାଣରେ କମିଥାନ୍ତା। ସେ ଆତ୍ମହତ୍ୟା କରିବା ଦିନ ପର୍ଯ୍ୟନ୍ତ ଦେଶର ଏକ ବଡ଼ ସଂସ୍ଥାଠାରୁ ୧୬୦୦ କୋଟି ଟଙ୍କାର ଋଣ ନେବାକୁ ପ୍ରୟାସ କରିଥିଲେ। ସେଥିରେ ସେ ସଫଳ ହୋଇ ନ ଥିଲେ।

ଅନୁସନ୍ଧାନରୁ ଜଣାପଡିଛି ଯେ, ସିସିଡିକୁ ପରିଚାଳନା କରୁଥିବା କଫି ଡେ ଏଣ୍ଟରପ୍ରାଇଜେସ ଲିମିଟେଡ(ସିଡିଇଏଲ୍)ରେ ସିଦ୍ଧାର୍ଥଙ୍କ ନେତୃତ୍ୱାଧୀନ ପ୍ରମୋଟର ଗ୍ରୁପ୍‌ର ୫୩.୯୩ ପ୍ରତିଶତ ଅଂଶଧନ ରହିଥିଲା। କିନ୍ତୁ ଷ୍ଟକ୍ ଏକ୍ସଚେଞ୍ଜରୁ ପ୍ରାପ୍ତ ସୂଚନାନୁଯାୟୀ ପ୍ରାୟ ଏହାର ୭୬ ପ୍ରତିଶତ ଅଂଶ ଋଣ ଲାଗି ବନ୍ଧକ ରଖାଯାଇଥିଲା। ଷ୍ଟକ ବଜାରରେ ତାଲିକାଭୁକ୍ତ ସିସିଡି ସହ ଲଜିଷ୍ଟିକ୍ସ, ହସ୍ପିଟାଲିଟି ଓ ଆର୍ଥିକ ସେବା କ୍ଷେତ୍ରରେ ସିଦ୍ଧାର୍ଥଙ୍କ ବ୍ୟବସାୟ ବୃଦ୍ଧି ଘଟିଥିଲା। ସିଡିଇଏଲ୍‌ରେ ସିଦ୍ଧାର୍ଥଙ୍କର ୩୨.୭୪ ପ୍ରତିଶତ ଅଂଶଧନ ଥିବା ଏବଂ ଏହାର ୭୧.୪ ପ୍ରତିଶତ ଅଂଶକୁ ସେ ବନ୍ଧକ ରଖି ଋଣ ନେଇଥିଲେ। ବର୍ଷକ ପୂର୍ବରୁ ସ୍ଥିତି ଏହା ନ ଥିଲା। ଏହା ପୂର୍ବରୁ କମ୍ପାନୀରେ ଥିବା ନିଜର ଅଂଶଧନର କେବଳ ୩୮.୬୬ ପ୍ରତିଶତ ଅଂଶ ସେ ବନ୍ଧକ ରଖିଥିଲେ। ସାଧାରଣ ଲୋକେ ବିପଦ ବେଳେ ସୁନା ବନ୍ଧକ ରଖି ଋଣ ନେଇ କାମ ଚଳାଉଥିବା ପରି କମ୍ପାନୀ ମାଲିକ ଆବଶ୍ୟକ ସ୍ଥଳେ ଶେୟାର ବନ୍ଧା ରଖିବାରେ କୌଣସି ଅସୁବିଧା ନାହିଁ। ତେବେ ଶେୟାର ମୂଲ୍ୟ ହ୍ରାସ ପାଇବା କ୍ଷେତ୍ରରେ ଶେୟାରଧାରୀ ବନ୍ଧକ ଶେୟାରକୁ ବଜାରକୁ ବିକ୍ରି କରିଦେବାର ବିପଦ ରହିଛି। ଏହାଦ୍ୱାରା କମ୍ପାନୀର ମାଲିକାନା ଅନ୍ୟ ହାତକୁ ଚାଲିଯାଇପାରେ। ଏଭଳି ଏକ ଚାପକୁ ସିଦ୍ଧାର୍ଥ ବରଦାସ୍ତ କରିଚାଲିଥିଲେ। ୨୦୧୫ରେ ସିସିଡିର ଆଇପିଓ ଆସିଥିଲା। ସେତେବେଳେ ପ୍ରକାଶ କରାଯାଇଥିବା ଦସ୍ତାବିଜ ଅନୁଯାୟୀ କମ୍ପାନୀ ଉପରେ ୬୩୨୮ କୋଟି ଟଙ୍କାର ଋଣ ଥିବା ଦର୍ଶାଯାଇଥିଲା। ଆର୍ଥିକ ବର୍ଷ ୨୦୧୮ରେ କମ୍ପାନୀର ଋଣ ପରିମାଣ ୪୦୦୪ କୋଟି ଟଙ୍କା ଥିବା ବେଳେ ଆର୍ଥିକ ବର୍ଷ ୨୦୧୯ରେ ଏହା ୬୫୪୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଆଇପିଓ ମାଧ୍ୟମରେ କମ୍ପାନୀ ୧୧୫୦ କୋଟି ଟଙ୍କା ହାସଲ କରିଥିଲା। ତନ୍ମଧ୍ୟରୁ ସିସିଡି ୬୩୩ କୋଟି ଟଙ୍କା ଋଣ ପରିଶୋଧରେ ବିନିଯୋଗ କରିଥିଲା। ୨୦୧୫ରେ ଆଇପିଓ ଆସିବା ପୂର୍ବରୁ କମ୍ପାନୀର ଋଣ ପରିମାଣ ୪୧୧୫ କୋଟି ଟଙ୍କା ଥିଲା। ବିଗତ ଏକବର୍ଷ ମଧ୍ୟରେ ସିସିଡିର ସ୍ୱଳ୍ପମିଆଦୀ ଋଣ ପରିମାଣ ୫ ଗୁଣା ବୃଦ୍ଧି ପାଇ ୩୮୯୦ କୋଟି ଟଙ୍କାରେ ପହଞ୍ଚିଥିଲା। ଏହି ଋଣକୁ ଆସନ୍ତା ବର୍ଷକ ମଧ୍ୟରେ ପରିଶୋଧ କରିବାକୁ ପଡିବ। ଏହି କାରଣରୁ ସିଦ୍ଧାର୍ଥ ନିଜର ରିଏଲ ଇଷ୍ଟେଟ ସମ୍ପତ୍ତିକୁ ବିକ୍ରି କରିବାକୁ ଚାହୁଁଥିଲେ। ବେଙ୍ଗାଲୁରୁରେ ଥିବା ୧୨୦ ଏକର ଜମି ମଧ୍ୟରୁ ଡେଭଲପ୍ ହୋଇଥିବା ୪ ମିଲିୟନ ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ଗ୍ଲୋବାଲ ଟେକ୍ ଭିଲେଜକୁ ୨୮୦୦ କୋଟି ଟଙ୍କାରେ ବିକ୍ରି କରିବାକୁ ସିଦ୍ଧାର୍ଥ ପ୍ରୟାସ ଚଳାଇଥିଲେ। ତେବେ ବିକ୍ରି ସଫଳ ହୋଇପାରି ନ ଥିଲା। ଘରୋଇ ଇକ୍ୱିଟି କମ୍ପାନୀ ବ୍ଲାକ୍‌ଷ୍ଟୋନ୍ ଏବଂ ସ୍ଥାନୀୟ ଡେଭଲପର ସାଲାରପୁରିଆ ସତ୍ତ୍ୱ ଏହାକୁ କିଣିବା ରେସ୍‌ରେ ଥିଲେ। ସେହିପରି ସିସିଡିର କିଛି ଅଂଶଧନ ବିକ୍ରି ପାଇଁ ସିଦ୍ଧାର୍ଥ ଆମେରିକାର ସଫ୍ଟ ଡ୍ରିଙ୍କ କମ୍ପାନୀ କୋକାକୋଲା ସହ ଆଲୋଚନା ଚଳାଇଥିଲେ। ଏକାସାଙ୍ଗରେ ଦୁଇଟା ଡିଲ୍ କାର୍ଯ୍ୟକାରୀ ହୋଇ ନ ପାରିବା ସିଦ୍ଧାର୍ଥଙ୍କ ମାନସିକ ଚାପକୁ ଆହୁରି ବଢ଼ାଇ ଦେଇଥିଲା। ଋଣ କରି ସେ ତାଙ୍କର ବ୍ୟବସାୟ ବଢ଼ାଇ ଚାଲିଥିଲେ। ସିକାଲ ଲଜିଷ୍ଟିକ୍ସକୁ କିଣିବା ପରେ ଦକ୍ଷିଣ ଆମେରିକାର ଆମାଜନ ଫରେଷ୍ଟରେ ୧.୮୫ ମିଲିୟନ ହେକ୍ଟର ଜଙ୍ଗଲ ଜମିକୁ ୩୦ ବର୍ଷିଆ ଲିଜ୍‌ରେ ନେଇଥିଲେ। ଆସନ୍ତା ୭ ବର୍ଷ ମଧ୍ୟରେ ସମସ୍ତ ବ୍ୟବସାୟରୁ ବାର୍ଷିକ ୧୦୦ କୋଟି ଡଲାର ରାଜସ୍ୱ ଆଦାୟ ହେବ ବୋଲି ତାଙ୍କର ଆଶାଥିବା ସିଦ୍ଧାର୍ଥ ଫୋର୍ବ୍ସ ମାଗାଜିନ୍‌କୁ ୨୦୧୧ରେ ସାକ୍ଷାତକାର ଦେଇ କହିଥିଲେ। ତେବେ ତାଙ୍କ ଯୋଜନାନୁଯାୟୀ ସବୁକିଛି ଠିକ୍‌ରେ ଚାଲି ନ ଥିଲା। ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ସିସିଡି ୨୦୪୩ କୋଟି ଟଙ୍କା ରାଜସ୍ୱ ଆୟ ହୋଇଥିଲା। ସେହିପରି କେତେକ ବ୍ୟବସାୟ କଳେବର ବୃଦ୍ଧି କରାଯାଇଥିଲେ ମଧ୍ୟ ଏହା ଲାଭଜନକ ହୋଇପାରି ନ ଥିଲା।

### ଦିନକ ପାଇଁ ବନ୍ଦ ରହିବ ସିସିଡିର ଆଉଟଲେଟ୍

କ୍ୟାଫେ କଫି ଡେ ମାଲିକ ସିଦ୍ଧାର୍ଥଙ୍କ ପରଲୋକରେ ସାରା ଦେଶରେ ଥିବା ସିସିଡିର ସମସ୍ତ ଆଉଟଲେଟକୁ ବୁଧବାର ଦିନକ ପାଇଁ ବନ୍ଦ ରଖାଯାଇଛି। ତାଙ୍କ ମୃତଦେହକୁ ନେତ୍ରବତୀ ନଦୀରୁ ଉଦ୍ଧାର କରାଯାଇଛି। ସିସିଡିର ପ୍ରାୟ ୨୪୦ ସହରରେ ୧୭୫୦ ରିଟେଲ ଆଉଟଲେଟ ରହିଛି। ଏଥିସହିତ କଫି ଗ୍ଲୋବାଲ ଏଣ୍ଟରପ୍ରାଇଜେସ୍ ଏବଂ ଆମାଲଗାମଟେଡ ବିନ୍ କଫି ସହିତ ସିସିଡିର ସମସ୍ତ କାର୍ଯ୍ୟାଳୟ ସାରା ଦେଶରେ ବନ୍ଦ ରହିଛି।

### ଏସ୍.ଭି.ରଙ୍ଗନାଥ ଅନ୍ତରୀଣ ଅଧ୍ୟକ୍ଷ



କ୍ୟାଫେ କଫି ଡେ ପ୍ରତିଷ୍ଠାତା ଭି.ଜି.ସିଦ୍ଧାର୍ଥଙ୍କ ମୃତ୍ୟୁ ହୋଇଯାଇଥିବା ପୋଲିସ ଘୋଷଣା କରିବା ପରେ କ୍ୟାଫେ କଫି ଡେ ବୋର୍ଡ ବୁଧବାର ଜରୁରୀକାଳୀନ ବୈଠକ ଡାକି ଏସ.ଭି.ରଙ୍ଗନାଥଙ୍କୁ କମ୍ପାନୀର ଅନ୍ତରୀଣ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛି। ସେହିପରି ନୀତିନ ବାଗମାନେ ଅନ୍ତରୀଣ ସିଓଓ ଭାବେ ଦାୟିତ୍ୱ ତୁଲାଇବେ। ରଙ୍ଗନାଥ ବର୍ତ୍ତମାନ ଅଣ କାର୍ଯ୍ୟନିର୍ବାହୀ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି। କମ୍ପାନୀ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରି କୁହାଯାଇଛି ଯେ, ଆର୍.ରାମମୋହନଙ୍କ ନେତୃତ୍ୱରେ ଏକ କାର୍ଯ୍ୟନିର୍ବାହୀ କମିଟି ନିକଟରେ ସମସ୍ତ ଅଧିକାର ରହିବ ଯାହା ପୂର୍ବରୁ ସିଇଓ ଭାବେ ସିଦ୍ଧାର୍ଥ ତୁଲାଉଥିଲେ।

### ମନେପକାଉଛି ମାଲନାଡ

କ୍ୟାଫେ କଫି ଡେ ମାଲିକ ଭି.ଜି.ସିଦ୍ଧାର୍ଥଙ୍କ ପରଲୋକ ହୋଇଥିବା ମଙ୍ଗଲୁରୁ ପୋଲିସ ବୁଧବାର ଘୋଷଣା କରିବା ପରେ କର୍ନାଟକରେ ଶୋକର ଛାୟା ଖେଳିଯାଇଛି। ୫୮ ବର୍ଷୀୟ ଏହି ବ୍ୟବସାୟୀ ମାଲନାଡ ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ। ନିଜ ଜିଲା ସମେତ ବିଭିନ୍ନ ଅଞ୍ଚଳରେ ସେ ପ୍ରାୟ ୫୦ ହଜାର ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଥିଲେ। ସିଦ୍ଧାର୍ଥଙ୍କ ନିଜ ଜିଲା ଚିକ୍‌ମାଗାଲୁରୁ ପାହାଡପର୍ବତ ଘେରା, ବନାନୀ ଓ ଝରଣା ଏବଂ କଫି ପ୍ଲାଣ୍ଟେଶନ ପାଇଁ ପ୍ରସିଦ୍ଧ। କର୍ନାଟକର କେନ୍ଦ୍ରୀୟ ଅଞ୍ଚଳରେ ଥିବା ଏହି ଜିଲା ମାଲନାଡ ଭାବେ ବେଶ ଜଣାଶୁଣା। କଫି ଇଷ୍ଟେଟ ମାଲିକଙ୍କ ପୁତ୍ର ସିଦ୍ଧାର୍ଥଙ୍କ ପରିବାର ୧୩୦ ବର୍ଷ ହେବ କଫି ପ୍ଲାଣ୍ଟେଶନ ବ୍ୟବସାୟ ସହ ଜଡ଼ିତ। କଫି କିଙ୍ଗ୍ ଭାବେ ପରିଚିତ ସିଦ୍ଧାର୍ଥ ୧୯୯୬ରେ ପ୍ରଥମ କ୍ୟାଫେ କଫି ଡେ ଆଉଟଲେଟ୍ ପ୍ରତିଷ୍ଠା କରିଥିଲେ। ତାଙ୍କର ଦୂର ସମ୍ପର୍କୀୟ ଜୟରାମ ଜି. କିମାନେ କହନ୍ତି ଯେ, ସେ ତାଙ୍କୁ ୧୯୮୫ରୁ ଜାଣିଥିଲେ। ନିଜକୁ ସେ ବଡ଼ ଭାବେ ପ୍ରତିଷ୍ଠିତ କରିପାରିଥିଲେ। ଜଣେ ସମ୍ମାନୀତ ଏବଂ ଉତ୍ତରଦାୟୀ ବ୍ୟକ୍ତି ଭାବେ ସେ ବେଶ ଜଣାଶୁଣା। ଆମ ଅଞ୍ଚଳର ବହୁ ବ୍ୟକ୍ତିଙ୍କୁ ସେ ରୋଜଗାର ଦେଇଛନ୍ତି। ନିଜର ବ୍ରାଣ୍ଡ ସମେତ ବିଶାଳ ପ୍ଲାଣ୍ଟେଶନର ପରିଚାଳନାରେ ତାଙ୍କର ଦକ୍ଷତା ଥିଲା। ତାଙ୍କ ଗ୍ରାମନିବାସୀ ତାଙ୍କର ଦୀର୍ଘଦିନର ସହଯୋଗୀ ହଲପ୍ପା ଗୌଡାଙ୍କ କହିବାନୁଯାୟୀ,ହାସନ, ଚିକମାଗାଲୁରୁ, ଶିଭାମୋଗା, କୁର୍ଗ(ଏହି ଜିଲାଗୁଡ଼ିକୁ ନେଇ ମାଲନାଡ ଗଠିତ)ରେ ହଜାର ହଜାର ଲୋକଙ୍କୁ ସେ ନିଯୁକ୍ତି ଦେଇଥିଲେ। ଶିଭାମୋଗା ଜିଲା ଚାମ୍ବର ଅଫ୍ କମର୍ସର ପୂର୍ବତନ ପ୍ରେସିଡେଣ୍ଟ ବି.ଏସ୍.ଅରୁଣ କହିଥିଲେ ଯେ, ତାଙ୍କ ଭଳି ଦୂରଦୃଷ୍ଟି ସମ୍ପନ୍ନ ବ୍ୟବସାୟୀ ବହୁ ବର୍ଷ ଧରି ମିଳି ନାହାନ୍ତି। ତାଙ୍କ ଭଳି କେହି ସ୍ୱପ୍ନ ଦେଖିନାହାନ୍ତି। ଅନେକ ରିଏଲ ଇଷ୍ଟେଟରେ ନିବେଶ କରୁଥିବା ବେଳେ ସେ କଫି ଓ ସଫ୍ଟୱେରରେ ନିବେଶ କରିଥିଲେ। ଦି ଥିକସେକ୍ ଫ୍ୟାକ୍ଟ୍ରିର ପ୍ରତିଷ୍ଠାତା ଯଶବନ୍ତ ନାଗ ମୋଚେରଲା କହିଥିଲେ ଯେ, ସେ ଓ ତାଙ୍କ ଭଳି ପ୍ରତିଷ୍ଠିତ ସମସ୍ତ ଉଦ୍ୟୋଗୀ ଏବଂ ଭବିଷ୍ୟତର ଉଦ୍ୟୋଗୀଙ୍କ ପାଇଁ ସିଦ୍ଧାର୍ଥ ଥିଲେ ଆଦର୍ଶ।

## ଭୁବନେଶ୍ୱର ସିସିଡି ଖୋଲା ରହିଲା

ଭୁବନେଶ୍ୱର,୩୧-୭ (ବ୍ୟୁରୋ)

ପ୍ରତିଷ୍ଠାତା ଜି.ଭି.ସିଦ୍ଧାର୍ଥଙ୍କ ମୃତ୍ୟୁ ଖବର ଶୁଣିବା ପରେ ଦେଶର କିଛି ପ୍ରାନ୍ତରେ ଥିବା ସିସିଡି ଆଉଟଲେଟଗୁଡିକ ବନ୍ଦ ରହିଥିଲା। ଅପରପକ୍ଷରେ ରାଜଧାନୀ ଭୁବନେଶ୍ୱର, କଟକ ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଥିବା ଷ୍ଟୋରଗୁଡିକରେ କାରବାର ସ୍ୱାଭାବିକ ରହିଥିଲା। ଟ୍ୱିନ ସିଟିରେ ପ୍ରାୟ ୧୫ ସିସିଡି ଷ୍ଟୋର ରହିଥିବା ବେଳେ ଏଠାରେ ୧୦୦ କର୍ମଚାରୀ କାର୍ଯ୍ୟ କରୁଥିବା କମ୍ପାନୀର ଜଣେ ଅଧିକାରୀ କହିଛନ୍ତି। ରାଜ୍ୟରେ ଷ୍ଟୋର ସଂଖ୍ୟା ପ୍ରାୟ ୩୦ ହେବ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି।

### କର୍ମଚାରୀଙ୍କ ମୁହଁରେ ସିଦ୍ଧାର୍ଥଙ୍କ କଥା

ସ୍ଥାନୀୟ ରାମମନ୍ଦିର ଷ୍ଟୋରର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପ୍ରତିଷ୍ଠାତାଙ୍କ ନିଖୋଜ ହେବା ଖବର ଶୁଣି ଆଶଙ୍କାରେ ଥିଲୁ। ମଙ୍ଗଳବାରଠାରୁ ସବୁ ଖବର ଟିଭି, ଖବରକାଗଜରୁ ଜାଣିବାକୁ ପାଉଛୁ। ପ୍ରତିଷ୍ଠାତାଙ୍କ ସମ୍ପର୍କରେ କେହି କିଛି ଠିକ୍ ଭାବେ ଜାଣି ପାରୁ ନ ଥିଲେ। ବୁଧବାର ସକାଳେ ଟିଭିରେ ଏବଂ ଇଣ୍ଟରନେଟରୁ ତାଙ୍କର ମୃତ୍ୟୁ ଖବର ଜାଣିବାକୁ ପାଇଲୁ। ଏହାକୁ ନେଇ ମର୍ମାହତ।

ସେହିଭଳି ସ୍ଥାନୀୟ ଭବାନୀ ମଲ୍‌ରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ କହିଛନ୍ତି ଯେ, ପ୍ରତିଷ୍ଠାତାଙ୍କୁ କେବେ ଦେଖିନାହିଁ।




ମାତ୍ର ତାଙ୍କ ସମ୍ପର୍କରେ ବହୁତ ଭଲ କଥା ଜାଣିବାକୁ ମିଳିଛି। ଏକ ସାଧାରଣ ପରିବାରରୁ ଆସି ଦେଶ ତଥା ବିଦେଶରେ ଏତେ ବଡ କଫି ଚେନ୍ ସ୍ଥାପନ କରିବାକୁ ସେ ସକ୍ଷମ ହୋଇଥିଲେ। ତାଙ୍କ କଥା ଅନେକ ସମୟରେ ଆଲୋଚନା ହୋଇଥାଏ। ପ୍ରତିଷ୍ଠାତା କଫି ପାନୀୟକୁ ଏକ ଭିନ୍ନ ଢଙ୍ଗରେ ଲୋକଙ୍କ ପାଖକୁ ନେବାକୁ ସକ୍ଷମ ହୋଇଥିଲେ ବୋଲି ଦୁଃଖର ସହ କର୍ମଚାରୀ ଜଣଙ୍କ କହିଛନ୍ତି। ସହରର ବିଭିନ୍ନ ଷ୍ଟୋରରେ ଲୋକମାନଙ୍କର ଯିବା ଆସିବା ସ୍ୱାଭାବିକ ରହିଥିବା ବେଳେ କେହି କେହି ଜି.ଭି.ସିଦ୍ଧାର୍ଥଙ୍କ ସମ୍ପର୍କରେ ଆଲୋଚନା କରୁଥିବା ଦେଖାଯାଇଥିଲା। ହେଲେ ବିଭିନ୍ନ ଷ୍ଟୋରର କର୍ମଚାରୀମାନେ ସିଦ୍ଧାର୍ଥଙ୍କ ମୃତ୍ୟୁ ଖବରକୁ ସହଜରେ ଗ୍ରହଣ କରିପାରୁ ନ ଥିବା ଦେଖିବାକୁ ମିଳିଛି।

## ଉଦ୍ୟୋଗ ଜଗତର ଶ୍ରଦ୍ଧାଞ୍ଜଳି

କ୍ୟାଫେ କଫି ଡେ ପ୍ରତିଷ୍ଠାତା ଭି.ଜି.ସିଦ୍ଧାର୍ଥଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଉଦ୍ୟୋଗ ଜଗତ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ବାୟୋକନ ପ୍ରତିଷ୍ଠାତା କିରଣ ମଜୁମଦାର ସ', ଶିଳ୍ପପତି ଆନନ୍ଦ ମହିନ୍ଦ୍ରା, ପେଟିଏମ୍ ମୁଖ୍ୟ ବିଜୟ ଶେଖର ଶର୍ମା, ଓଲାର ସଚିନ ବଂଶଲ ଏବଂ ଆଇଟି ଉଦ୍ୟୋଗୀ ସି.ପି. ଗୁପାନୀ ତାଙ୍କର ସ୍ମୃତିଚାରଣ କରିଛନ୍ତି। ସିଦ୍ଧାର୍ଥଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କର ପତ୍ର ପଢ଼ି ସେ ଅତ୍ୟନ୍ତ ମର୍ମାହତ ବୋଲି ମାଲ୍ୟା ଲେଖିଛନ୍ତି। ସରକାରୀ ଏଜେନ୍ସି, ବ୍ୟାଙ୍କ ଯେକୌଣସି ବ୍ୟବସାୟୀଙ୍କୁ ଏଭଳି ସ୍ଥିତିରେ ପହଞ୍ଚାଇପାରନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦମ୍ବରମ ଏବଂ ତାଙ୍କ ପୁତ୍ର ତଥା ବ୍ୟବସାୟୀ କାର୍ତ୍ତି ଚିଦମ୍ବରମ ଦୁଃଖପ୍ରକାଶ କରିବା ସହ ସରକାରୀ ଏଜେନ୍ସିଗୁଡ଼ିକର ଅଯଥା ହଇରାଣ ହରକତ ବ୍ୟବସାୟରେ ସବୁଠାରୁ ବଡ଼ ବାଧକ ବୋଲି ଦର୍ଶାଇଛନ୍ତି। ଆନନ୍ଦ ମହିନ୍ଦ୍ରା କହିଛନ୍ତି ଯେ, ବ୍ୟବସାୟୀମାନେ ନିଜର ବ୍ୟବସାୟିକ ବିଫଳତାକୁ ଆତ୍ମସମ୍ମାନ ହରାଇବା ଭଳି ସ୍ଥିତିକୁ ଆଣିବାକୁ ଦେବା ଅନୁଚିତ। ଏହାଦ୍ୱାରା ବ୍ୟବସାୟର ଅଦିନରେ ମୃତ୍ୟୁ ହୁଏ। ଫ୍ଲିପକାର୍ଟ ସହ ପ୍ରତିଷ୍ଠାତା ସଚିନ ବଂଶଲ କହିଛନ୍ତି ଯେ, ସିଦ୍ଧାର୍ଥ ଥିଲେ ଜଣେ ପ୍ରେରଣାଦାୟୀ ଉଦ୍ୟୋଗୀ ଓ ନିବେଶକ। ତାଙ୍କ ନିକଟରେ ଅଦ୍ୟମ ଉତ୍ସାହ ଓ ଶକ୍ତି ଥିଲା।

## ଟାପାରିଆର ନୂଆ ପ୍ରଡକ୍ଟ ବଜାରରେ

ଭୁବନେଶ୍ୱର,୩୧-୭



ଟାପାରିଆ ଟୁଲ୍ସ କମ୍ପାନୀ ପକ୍ଷରୁ ନୂଆ ବେଭେଲ୍‌ଡ ଏଜ୍ ଚିସେଲ୍ସ ବଜାରକୁ ଆସିଛି। ଏହି ପ୍ରଡକ୍ଟଗୁଡିକ ବିଭିନ୍ନ ଆକାରରେ ଆସୁଥିବାରୁ ଭିନ୍ନ ଭିନ୍ନ କାର୍ଯ୍ୟରେ ଲାଗି ପାରିବ। ଏଗୁଡିକ କ୍ଷୁଦ୍ର ହାତ ଟୁଲ ତୁଳନାରେ ଭିନ୍ନ। ବଡ ସେକ୍ସନର କାଠ କାମରେ ଏହା ବ୍ୟବହାର କରାଯାଇ ପାରିବ। ସେହିଭଳି ପ୍ୟାଟର୍ନ ଏବଂ ଡିଜାଇନ କାର୍ଯ୍ୟ କ୍ଷେତ୍ରରେ ଏହାକୁ ବ୍ୟବହାର ହୋଇପାରିବ। ଏଗୁଡିକ ହାଲକା, ସନ୍ତୁଳିତ ଏବଂ କାର୍ଯ୍ୟ କ୍ଷେତ୍ରରେ କୌଶଳତା ପ୍ରଦାନ କରିବ। ଏହାର ହ୍ୟାଣ୍ଡେଲକୁ ସ୍ୱତନ୍ତ୍ର ଷ୍ଟିଲ୍ କ୍ୟାପ୍‌ରେ ଫିଟ୍ କରାଯାଇଛି। ଏହା ଦ୍ୱାରା ହ୍ୟାଣ୍ଡେଲକୁ କ୍ଷତିରୁ ରକ୍ଷା କରାଯାଇ ପାରିବ। ମଡେଲର ଗ୍ରିପ କୋମଳ ରହିଛି। ବ୍ଲେଡଗୁଡିକ ଉଚ୍ଚମାନର ଷ୍ଟିଲରେ ନିର୍ମିତ ହୋଇଛି। ଏଗୁଡିକ ପୂର୍ବରୁ ଦାଢ଼ କରାଯାଇଛି। ପ୍ରଡକ୍ଟ ତ୍ୱରିତ ବ୍ୟବହାର ଯୋଗ୍ୟ ଏବଂ କଳଙ୍କି ନିରୋଧି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ଅଫର ଘୋଷଣା

ଭୁବନେଶ୍ୱର,୩୧-୭

ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଛି। 'ଡେନିମ ଆଣ୍ଡ ସ୍ପଙ୍କ' ପ୍ରଡକ୍ଟ ଦ୍ୱାରା ଫ୍ରେଣ୍ଡଶିପ ଡ୍ୱାର୍କ ପାଳନ ଲାଗି ଗ୍ରାହକଙ୍କୁ ଷ୍ଟୋର ପକ୍ଷରୁ ଆମନ୍ତ୍ରଣ କରାଯାଉଛି। ଏଭଳି ଆକର୍ଷଣୀୟ ଅଫର ଦ୍ୱାରା ଗ୍ରାହକଙ୍କ ସହ ବାନ୍ଧି ହୋଇ ରହିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି। ୯୯୯ ଟଙ୍କାରେ ଏକ ଡେନିମ୍ କିଣି ଏକ ସ୍ପଙ୍କ ଶୁ ମାତ୍ର ୩୯୯ ଟଙ୍କାରେ ଗ୍ରାହକ ପାଇ ପାରିବେ। ଏଗୁଡିକ କିଣି ନିଜ ସାଙ୍ଗଙ୍କୁ ଉପହାର ଦେବା ଲାଗି ବ୍ୟବସ୍ଥା କରାଯାଇଛି। ଶୁରେ ବିଭିନ୍ନ ଭେରାଇଟି ରହିଛି। ଉଭୟ କଟକ ଏବଂ ଭୁବନେଶ୍ୱର ଷ୍ଟୋରରେ ଗ୍ରାହକ ଏହି ଅଫର ଲାଭ କରି ପାରିବେ। ଏହା ଅଗଷ୍ଟ ୧ରୁ ୪ ଯାଏ ଚାଲିବ ବୋଲି ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ କୁହାଯାଇଛି।




## ବିପିସିଏଲ୍ ଆଉଟଲେଟରେ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସେବା

ଭୁବନେଶ୍ୱର,୩୧-୭, (ବ୍ୟୁରୋ)

ସାରା ରାଜ୍ୟରେ ଥିବା ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍) ଆଉଟଲେଟଗୁଡିକ ଡିଜିଟାଲ ବ୍ୟାଙ୍କିଙ୍ଗ୍ ପଏଣ୍ଟ ଭାବେ କାର୍ଯ୍ୟ କରିବ। ଓଡିଶାରେ କମ୍ପାନୀର ମୋଟ ୬୬୦ ଆଉଟ୍‌ଲେଟ ରହିଛି। ଏହା ମଧ୍ୟରୁ ପ୍ରାୟ ୨୦୦ ଆଉଟଲେଟରେ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ କରାଯିବାକୁ ପଦକ୍ଷେପ ନିଆଯାଇଛି। ୨୦୨୦ ମାର୍ଚ୍ଚ ସୁଦ୍ଧା ୫୫୦ (ପ୍ରାୟ ୮୦%) ଆଉଟଲେଟରେ ସେବା ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକୁ ରୂପରେଖ ପ୍ରଦାନ କରିବା ଲାଗି ବିପିସିଏଲ୍ ଏବଂ ଫିନୋ ପେମେଣ୍ଟସ ବ୍ୟାଙ୍କ ଚୁକ୍ତିରେ ସାମିଲ ହୋଇଛନ୍ତି। ରିଜର୍ଭ ବ୍ୟାଙ୍କର ମଞ୍ଜୁରୀ ପରେ ଫିନୋର ଏକ ପ୍ରମୁଖ ସହଯୋଗୀ ଭାବେ ବିପିସିଏଲ୍ କାର୍ଯ୍ୟ କରୁଛି। ରାଜ୍ୟରେ 'ଗଲି ଗଲି ଫିନୋ' ଅଭିଯାନର ଶୁଭାରମ୍ଭ କରି ବ୍ୟାଙ୍କର ବିକ୍ରି ଓ ବିପଣନ ମୁଖ୍ୟ ବିପ୍ର ଭରଦ୍ୱାଜ ଏହି ସୂଚନା ଦେଇଛନ୍ତି।

## ଏମ୍‌ଏସ୍‌ଏମ୍‌ଇ ସେନ୍‌ସସ୍‌କୁ ଗୁରୁତ୍ୱ ମିଳୁ

ଭୁବନେଶ୍ୱର,୩୧-୭, (ବ୍ୟୁରୋ)

ଅଣୁ, କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନା ହେଉଛି। କେନ୍ଦ୍ର ଏବଂ ରାଜ୍ୟ ସରକାର ଏହି ଶିଳ୍ପଗୁଡିକର ବିକାଶ ଲାଗି ଉଦ୍ୟମ କରୁଥିବା କହୁଛନ୍ତି। ମାତ୍ର ପ୍ରକୃତ ସ୍ଥିତିରେ ଯୋଜନାର ରୂପାୟନ ଦେଖିଲେ ଶିଳ୍ପ ସ୍ଥିତିରେ ସେଭଳି ପରିବର୍ତ୍ତନ ଆସୁନାହିଁ। କ୍ଷୁଦ୍ର ଶିଳ୍ପ ସମସ୍ୟା ଦେଇ ଗତି କରୁଥିବା ବେଳେ ସହଯୋଗ ଅଭାବରୁ ଅନେକ ସଂସ୍ଥା ବନ୍ଦ ହେଉ ଯାଉଛି। ଏ କ୍ଷେତ୍ରରେ ଯୋଜନାର ସଠିକ୍ ରୂପାୟନ ହେବା ଜରୁରୀ ବୋଲି ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏମ୍‌ଏସ୍‌ଏମ୍‌ଇ ସମିଟ୍‌ରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇ ସ୍ଥିତି କିଭଳି ରହିଛି, ସଂସ୍ଥାଗୁଡିକ କିଭଳି କାମ କରୁଛନ୍ତି, ପ୍ରକୃତ ସଂସ୍ଥାଙ୍କ ସଂଖ୍ୟା କେତେ, ଯୋଜନାର ଲାଭ କିଭଳି ରହିଛି ତାର ପ୍ରକୃତ ହିସାବ କି ତଥ୍ୟ ଏବେ ନାହିଁ। ସରକାର ବିଭିନ୍ନ କ୍ଷେତ୍ରରେ ସର୍ଭେ କରୁଛନ୍ତି। ସେହିଭଳି ଏମ୍‌ଏସ୍‌ଏମ୍‌ଇ ଲାଗି ସେନ୍‌ସସ ହେବାର ଆବଶ୍ୟକତା ରହିଛି। ଏହା ହେଲେ କ୍ଷୁଦ୍ର ସଂସ୍ଥାଙ୍କ ଲାଗି ନିୟମ ତଥା ଯୋଜନା ପ୍ରଣୟନ କରିବାରେ ସହାୟକ ହେବ ବୋଲି ବିଶେଷଜ୍ଞ ମାନେ ଏଠାରେ ମତ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗ ଅତିରିକ୍ତ ସଚିବ ପ୍ରସନ୍ନ କୁମାର ଜେନା କହିଛନ୍ତି, ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଜମି, ଶ୍ରମ ଏବଂ ପାଣି ଭଳି ୩ ପ୍ରମୁଖ ସମସ୍ୟା ସାମ୍ନା କରୁଛନ୍ତି। ସଂସ୍ଥାଗୁଡିକ ତିଷ୍ଠି ରହିବା ଲାଗି ଉକ୍ତ ପ୍ରସଙ୍ଗଗୁଡିକୁ ବିଚାର କରିବା ଜରୁରୀ। ଇଡ୍‌କୋ ପାଖରେ ଜମି ବ୍ୟାଙ୍କ ଥିଲେ ମଧ୍ୟ ଜମି ପାଇବା ପାଇଁ କ୍ଷୁଦ୍ର ସଂସ୍ଥା ଅସୁବିଧା ସାମ୍ନା କରୁଛନ୍ତି। ସେହିଭଳି କୁଶଳୀ ଶ୍ରମ ଶକ୍ତି ଅଭାବ ଥିବାରୁ କୁଶଳୀ ଶ୍ରମଶକ୍ତି ଗଠନ ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହାବାଦ ବିଭିନ୍ନ କାରଣ ଯୋଗୁ ସରକାରୀ ଏବଂ ଘରୋଇ ବ୍ୟାଙ୍କଗୁଡିକ ଠିକ୍ ଭାବେ ଋଣ ପ୍ରଦାନ ପାଇଁ ସକ୍ଷମ ହେଉ ନ ଥିବାରୁ ଏହା କ୍ଷୁଦ୍ର ଶିଳ୍ପଗୁଡିକର ଅଭିବୃଦ୍ଧିକୁ ପ୍ରଭାବିତ କରୁଥିବା ସେ ମତ ରଖିଛନ୍ତି।

ପଛୁଆ ଅଞ୍ଚଳରେ ଶିଳ୍ପ ସଂସ୍ଥା ସ୍ଥାପନ ଦ୍ୱାରା ଉଦ୍ୟୋଗୀମାନେ ଉକ୍ତ ଅଞ୍ଚଳର ବିକାଶ ସାଧନ କରିବା ନେଇ ଆଇସିସି ଏଣ୍ଟରପ୍ରିନ୍ୟୁରଶିପ ଫୋରମ୍ ସଭାପତି ପଞ୍ଚାନନ ଦାସ କହିଛନ୍ତି। ଗତ ୪ ବର୍ଷରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୧୩.୫ରୁ ୧୪.୯ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି କ୍ଷେତ୍ରର ଅଭିବୃଦ୍ଧି ୧୩.୯% ରହିଛି। କାର୍ଯ୍ୟକ୍ରମରେ ନାବାର୍ଡ ଜିଏମ୍ ନାଗେଶ୍ୱର ରାଓ, ଏନ୍‌ଆଇଏନ୍‌ଏଲ୍ ଏମ୍‌ଡି ଏସ୍.ଏସ୍. ମହାନ୍ତି ଏବଂ ଆଇସିସି ଓଡିଶା ରାଜ୍ୟ ପରିଷଦ ଜେ.ବି. ପାଣି ପ୍ରମୁଖ ଉପସ୍ଥିତ ଥିଲେ।



"ପୃଥ୍ୱୀ ଶ' ଜଣେ ଫାଇଟର୍। ଡୋପ୍ ଟେଷ୍ଟରେ ବିଫଳ ହୋଇ ୮ ମାସ କ୍ରିକେଟ୍‌ରୁ ବାସନ୍ଦ ହୋଇଥିଲେ ମଧ୍ୟ ସେ ଦୃଢ଼ଭାବେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ମୋର ବିଶ୍ୱାସ ରହିଛି।

–ସନ୍ତୋଷ ପିଙ୍ଗୁତକର, କ୍ରିକେଟର୍ ପୃଥ୍ୱୀ ଶ'ଙ୍କ ପିଲାଦିନର କୋଚ୍



"ଯଦି ଚୟନକର୍ତ୍ତାଙ୍କ ଦୃଷ୍ଟିଶକ୍ତିର ଅଭାବ ରହିଛି, ତେବେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମ୍ରା ଟେଷ୍ଟ କ୍ରିକେଟ୍ ଖେଳିପାରି ନ ଥାନ୍ତେ।

–ଏମ୍‌ଏସ୍‌କେ ପ୍ରସାଦ, ଭାରତୀୟ ଚୟନ କମିଟି ଅଧ୍ୟକ୍ଷ

# ଆଶେସ୍ ଆଜିଠାରୁ: ବର୍ମିଂହାମରେ ପ୍ରଥମ ଟେଷ୍ଟ

## ଆର୍ଚର ଖେଳିବେନି

**ବର୍ମିଂହାମ,୩୧।୭(ଏଏଫ୍‌ପି)**

ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ହାଇପ୍ରୋଫାଇଲ ଆଶେସ୍। ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମୁହାଁମୁହିଁ ହେବେ। କିଛିଦିନ ତଳେ ବିଶ୍ୱକପ୍ ଜିତି ଘରୋଇ ତଥା କ୍ରିକେଟର ଜନକ ଇଂଲଣ୍ଡ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଏଥର ଅସେସ୍ ଜିତି ଇଂଲଣ୍ଡ ଏହି ସଫଳତାକୁ ଦ୍ୱିଗୁଣିତ କରିବାକୁ ଚାହୁଁଛି। ଅନ୍ୟପଟେ ଆସେସର ଗତ ସଂସ୍କରଣରେ ୪–୦ରେ ବିଜୟୀ ହୋଇଥିବା ଅଷ୍ଟ୍ରେଲିଆ ଏଥର ବାଜିମାରିବା ଲକ୍ଷ୍ୟରେ ରହିଛି। ୧୯ ବର୍ଷପରେ ଅଷ୍ଟ୍ରେଲିଆ ଇଂଲଣ୍ଡ ମାଟିରେ ଆଶେସ ଜିତ ଅଷ୍ଟ୍ରେଲିଆ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି। କ୍ରିକେଟର ଦୁଇ ପୁରୁଣା ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟ ଏଥର ମୁକାବିଲା ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ବିଶ୍ୱକପ୍ ଜିତିଥିବାରୁ ଇଂଲଣ୍ଡର ଆତ୍ମବିଶ୍ୱାସ ବେଶ୍ ଦୃଢ଼ ରହିଛି। ଘରୋଇ ପରିବେଶରେ ବେଶ୍ ସନ୍ତୁଳିତ ମନେ ହେଉଥିବା ଇଂଲଣ୍ଡ ଏଥର ସୁଯୋଗ ହାତଛଡ଼ା କରିବାକୁ ଚାହିଁବ ନାହିଁ ଓ ଗତ ଆସେସ୍ ପରାଜୟର ପ୍ରତିଶୋଧ ନେବାକୁ ପ୍ରୟାସ କରିବ।

ଅପରପକ୍ଷରେ ଟିମ୍ ପେନଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଆଶେସ ଜିଣି ଦକ୍ଷିଣ ଆଫ୍ରିକାରେ ହୋଇଥିବା ବଲ୍ ଟାମ୍ପରିଂ ମାମଲାକୁ ପଛରେ ପକାଇବାକୁ ଚାହିଁବ। ଦକ୍ଷିଣ ଆଫ୍ରିକା ବିପକ୍ଷ କେପ୍‌ଟାଉନ୍ ଟେଷ୍ଟରେ ବଲ୍ ଟାମ୍ପରିଂ କରି ଦୋଷୀ ସାବ୍ୟସ୍ତ ହେବା ସହ ସେତେବେଳର ଅଧିନାୟକ ଷ୍ଟିଭେନ୍ ସ୍ମିଥ୍, ଅଭିଜ୍ଞ ଓପନର ଡେଭିଡ ୱାର୍ନର ଓ କାମେରନ ବ୍ୟାଙ୍କ୍ରଫ୍ଟ ଗୋଟିଏ ବର୍ଷ ବାସନ୍ଦର ସମ୍ମୁଖୀନ ହୋଇଥିଲେ। ପ୍ରଥମ ଟେଷ୍ଟରେ ଏହି ୩ ଖେଳାଳି ଦଳ ତରଫରୁ ପ୍ରତିନିଧିତ୍ୱ କରିବା ଆଶା କରାଯାଉଛି। ସ୍ମିଥ୍ ଓ ୱାର୍ନର ବିଶ୍ୱକପ୍ ଖେଳିଥିଲେ। ତେବେ ବ୍ୟାଙ୍କ୍ରଫ୍ଟ ଏହି ସୁଯୋଗ ପାଇ ନ ଥିଲେ।

ଇଂଲଣ୍ଡରେ ଗତ ୧୯ ବର୍ଷ ହେବ ଅଷ୍ଟ୍ରେଲିଆ ଆସେସ୍ ଜିତିନାହିଁ। ଇଂଲଣ୍ଡର ପିଚ୍‌ରେ ସିମ୍ ମୁଭମେଣ୍ଟ ଅତି ଉଚ୍ଚକୋଟୀର ହେଉଥିବା ବେଳେ ଡ୍ରକ୍ ବଲ୍‌ରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନେ ସଂଘର୍ଷ କରିବା ନିଶ୍ଚିତ ମନେହେଉଛି। ତେବେ ବ୍ୟାଙ୍କ୍ରଫ୍ଟ କାଉଣ୍ଟିଦଳ ଡରହାମର ନେତୃତ୍ୱ ନେଇଥିବାରୁ ତାଙ୍କ ପାଖରେ ସ୍ଥାନୀୟ ପରିବେଶର ଅଭିଜ୍ଞତା ରହିଥିବ।

ବିଶ୍ୱକପ୍ ଜିତିବା ପରେ ଇଂଲଣ୍ଡ ଆୟର୍ଲାଣ୍ଡ ବିପକ୍ଷରେ ଏକାମାତ୍ର ଟେଷ୍ଟ ଖେଳିଥିଲା। ଦଳରେ ଏକାଧିକ ବିଶ୍ୱକପ୍ ତାରକା ରହିଥିଲେ ମଧ୍ୟ ଇଂଲଣ୍ଡ ଲର୍ଡ୍ସରେ ପ୍ରଥମ ଇନିଂସରେ ମାତ୍ର ୮୫ ରନକରି ଅଲଆଉଟ୍ ହୋଇଥିଲା। ଯଦିଓ ଇଂଲଣ୍ଡ ଏହି ଟେଷ୍ଟରେ ବିଜୟୀ ହୋଇଥିଲା ଦଳର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଥିଲା। ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ୩ ନମ୍ବରରେ ବ୍ୟାଟିଂ କରିବା ଆଶା କରାଯାଉଛି। କାଉଣ୍ଟ ଦଳ ସରେ ଓପନର ରୋରି ବର୍ନ୍ସ ଓ ଜାସନ ରଏ ଇନିଂସ ଓପନ୍ କରିବେ। ସର୍ବାଧିକ ଟେଷ୍ଟ ଉଇକେଟ ହାସଲ କରିଥିବା ଅଭିଜ୍ଞ ବୋଲର ଜେମ୍ସ ଆଣ୍ଡରସନ କାଫ୍ ଇଞ୍ଜୁରିରୁ ମୁକୁଳି ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରି ବୋଲିଂର ନେତୃତ୍ୱ ନେବେ। ତେବେ ବିଶ୍ୱକପ୍ ହିରୋ ତଥା ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ଫଳରେ ସାଇଡ ଇଞ୍ଜୁରି କାରଣରୁ ସଂଘର୍ଷ କରୁଥିବା ଆର୍ଚରଙ୍କ ଟେଷ୍ଟ ପଦାର୍ପଣ ଆଶା ଆହୁରି ବିଳମ୍ବିତ ହୋଇଛି। ଆୟର୍ଲାଣ୍ଡ ବିପକ୍ଷ ଟେଷ୍ଟ ଖେଳିଥିବା ସାମ କୁରାନ ଓ ଓଲି ଷ୍ଟୋନ୍‌ଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ଅଲରାଉଣ୍ଡର କ୍ରିସ୍ ୱୋକ୍ସ ଓ ଷ୍ଟୁଆର୍ଟ ବ୍ରଡ ସିମ୍ ବୋଲିଂରେ ଆଣ୍ଡରସନଙ୍କୁ ସହାୟତା କରିବେ।

ଅନ୍ୟପଟେ ଜେମ୍ସ ପାଟିନସନ ଓ ପ୍ୟାଟ୍ କୁମିନ୍ସଙ୍କ ଉପରେ ଅଷ୍ଟ୍ରେଲିଆର ବୋଲିଂ ବିଭାଗ ନିର୍ଭର କରିବ। ୨୦୦୧ ପରଠାରୁ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ କୌଣସି ଫର୍ମାଟ୍‌ରେ ଇଂଲଣ୍ଡକୁ ହରାଇ ପାରିନାହିଁ। ଏହି ଗ୍ରାଉଣ୍ଡରେ ଗତ ବିଶ୍ୱକପ୍ ସେମିଫାଇନାଲରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ଅତି ସହଜରେ ପରାସ୍ତ କରିଥିଲା। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଜାସନ ରୟ ୮୫ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ଅନ୍ୟପଟେ ବର୍ମିଂହାମରେ ଇଂଲଣ୍ଡ ତା'ର ଗତ ୧୧ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ତେଣୁ ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଇଂଲଣ୍ଡ ଏହି ମ୍ୟାଚ୍‌ରେ ଫେଭରାଇଟ୍ ବିବେଚିତ ହେଉଛି।



ଆଶେସ୍ ଭସ୍ମ ସହ ଜୋ ରୁଟ୍ ଓ ଟିମ୍ ପେନ୍

## ସମ୍ଭାବ୍ୟ ୩ ପ୍ରମୁଖ ଲଢ଼େଇ

**ଲଣ୍ଡନ,୩୧।୭(ଏଏଫ୍‌ପି)**

ଆସେସ ମୁକାବିଲା ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ବିଶ୍ୱଚାମ୍ପିୟନ ଇଂଲଣ୍ଡ ପୁଣି ଥରେ ଏହି ହାଇ ପ୍ରୋଫାଇଲ ସିରିଜରେ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ଅଷ୍ଟ୍ରେଲିଆ ମଧ୍ୟ ପାଖାପାଖି ୨ ଦଶନ୍ଧି ପରେ ଇଂଲଣ୍ଡ ମାଟିରେ ଆଶେସ ଜିତିବାକୁ ପ୍ରୟାସ କରିବ। ଦୁଇ ଦେଶ ମଧ୍ୟରେ ୩ଟି ପ୍ରମୁଖ ଲଢ଼େଇ ଦେଖିବାକୁ ମିଳିବ ଓ ଏହା ଉପରେ ସମସ୍ତଙ୍କ ନଜର ରହିଛି।

**ୱାର୍ନର ବନାମ ରୟ**

ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ଓ ଇଂଲଣ୍ଡ ଓପନର ଜାସନ ରୟ ବିଶ୍ୱକପ୍ ପ୍ରଦର୍ଶନ ବଜାୟ ରଖିବକୁ ଚେଷ୍ଟା କରିବେ। ବିଶ୍ୱକପ୍‌ରେ ଉଭୟ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ୩୨ ବର୍ଷୀୟ ୱାର୍ନର ଟେଷ୍ଟରେ ଏପର୍ଯ୍ୟନ୍ତ ୨୧ଟି ଶତକ ହାସଲ କରିଛନ୍ତି ଓ ଏକାଧିକ ବାର ମ୍ୟାଚ୍ ୱିନର ସାବ୍ୟସ୍ତ ହୋଇଛନ୍ତି।

ଅପରପକ୍ଷରେ ୨୯ ବର୍ଷୀୟ ରୟ ମାତ୍ର ଗୋଟିଏ ଟେଷ୍ଟ ଖେଳିଛନ୍ତି। ଗତ ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟରେ ପଦାର୍ପଣ କରିଥିଲେ। ୮୪ଟି ଦିନିକିଆ ଖେଳିବା ପରେ ତାଙ୍କୁ ଟେଷ୍ଟ ଖେଳିବାର ସୁଯୋଗ ମିଳିଛି। ଟେଷ୍ଟ ଫର୍ମାଟ ଦିନିକିଆଠାରୁ ଭିନ୍ନ ହେଇଥିବାରୁ ଜୋସ ହାଜେଲଉଡ ରୟଙ୍କୁ ସତର୍କ କାରଇଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ।

**ସ୍ମିଥ୍ ବନାମ ରୁଟ**

ଗତ ଆସେସ୍‌ରେ ଷ୍ଟିଭ୍ ସ୍ମିଥ୍ ଓ ଜେ ରୁଟ ଦୁଇ ଦଳର ନେତୃତ୍ୱ ନେଇଥିଲେ। ବଲ ଟାମ୍ପରିଂ ମାମଲାରେ ବାସନ୍ଦ ହେବା ପରେ ସ୍ମିଥ୍ ପ୍ରଥମ ଟେଷ୍ଟ ଖେଳିବାକୁ ଯାଉଛନ୍ତି। ବିଶ୍ୱକପ୍ ଅବସରରେ ଇଂଲଣ୍ଡ ପ୍ରଶଂସକ ତାଙ୍କୁ ଖରାପ୍ ବ୍ୟବହାର କରିଥିଲେ। ଫଳରେ ସ୍ମିଥ୍ କିଛି କରିଦେଖାଇବା ଲକ୍ଷ୍ୟରେ ରହିଛନ୍ତି। ଏପର୍ଯ୍ୟନ୍ତ ୬୪ଟି ଟେଷ୍ଟ ଖେଳି ୨୩ଟି ଶତକ ସହ ସ୍ମିଥ୍ ୬୧.୩୭ ହାରରେ ରନ ସଂଗ୍ରହ କରିଛନ୍ତି। ଗତ ଆସେସ୍‌ରେ ସେ ୩ଟି ଶତକ ହାସଲ କରିବା ସହ ୬୮୭ ରନ ସଂଗ୍ରହ କରିଥିଲେ।

ଅପରପକ୍ଷରେ ରୁଟ୍‌ଙ୍କ ଟେଷ୍ଟ ଆଭରେଜ ୫୦ ତଳକୁ ଖସିଥିଲେ ମଧ୍ୟ ଇଂଲଣ୍ଡର ସବୁଠାରୁ ଉପଯୋଗୀ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ସେ ୧୬ଟି ଶତକ ହାସଲ କରିଛନ୍ତି। ୩ ନମ୍ବରରେ ଅନ୍ୟବ୍ୟାଟ୍ସମ୍ୟାନ ବିଫଳ ହେବା ପରେ ସେ ଏଥର ଏହି ସ୍ଥାନରେ ବ୍ୟାଟିଂ କରିବେ। ୨୦୧୬ରେ ପାକିସ୍ତାନ ବିପକ୍ଷରେ ସେ କ୍ୟାରିୟର ଶ୍ରେଷ୍ଠ ୨୫୪ ରନ ସଂଗ୍ରହ କରିଥିଲେ।

**ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ ପେସ୍**

ବିଶ୍ୱକପ୍ ହିରୋ ତଥା ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଦଳରେ ସ୍ଥାନ ପାଇନାହାନ୍ତି। ଫଳରେ ଅଭିଜ୍ଞ ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ଇଂଲଣ୍ଡ ଦ୍ରୁତ ବୋଲିଂର ଭାର ବହନ କରିବେ। ଆଣ୍ଡରସନ ଓ ବ୍ରଡ ମିଳିତ ଭାବେ ଟେଷ୍ଟରେ ୧,୦୦୦ରୁ ଊର୍ଦ୍ଧ୍ୱ ଉଇକେଟ ହାସଲ କରିଛନ୍ତି। ଇଂଲଣ୍ଡ ଜଳବାୟୁରେ ଏହି ଦୁଇ ବୋଲର ଘାତକ ସାବ୍ୟସ୍ତ ହେବେ। ଅପରପକ୍ଷରେ ଅଷ୍ଟ୍ରେଲିଆ ପାଖରେ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ରହିଛନ୍ତି।

ଇଂଲଣ୍ଡ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟାଇବାରେ ଏମାନେ ସକ୍ଷମ। ପ୍ୟାଟ କୁମିନ୍ସ, ମିଚେଲ ଷ୍ଟାର୍କ, ଜେମ୍ସ ପାଟିନସନ ଓ ଜୋଶ ହାଜେଲଉଡ ଅଷ୍ଟ୍ରେଲିଆ ପାଇଁ ଘାତକ ସାବ୍ୟସ୍ତ ହେବେ ବୋଲି ଇଂଲଣ୍ଡ ପୂର୍ବତନ ଦ୍ରୁତ ବୋଲର ଷ୍ଟିଭ ହାର୍ମିଶନ କହିଛନ୍ତି। ତେବେ ଯଦି ଅଷ୍ଟ୍ରେଲୀୟ ବୋଲରମାନେ ଲୟ ହରାନ୍ତି ତାହାଲେ ଓଭର ପିଛା ୬ ରନ ବ୍ୟୟ କରିବେ। କିନ୍ତୁ ବ୍ରଡ ଓ ଆଣ୍ଡରସନ ଆଦୌ ମହଙ୍ଗା ସାବ୍ୟସ୍ତ ହେବେ ନାହିଁ। ଦୁଇ ଦଳର ବୋଲରଙ୍କ ମଧ୍ୟ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ ବୋଲି ହାର୍ମିଶନ ପୂର୍ବାନୁମାନ କରିଛନ୍ତି।

**ଅଷ୍ଟ୍ରେଲିଆ ଦଳ**

ଟିମ୍ ପେନ୍ (ଅଧିନାୟକ/ ଉଇକେଟକିପର), କାମେରନ ବ୍ୟାଙ୍କ୍ରଫ୍ଟ, ଉସ୍‌ମାନ ଖ୍ୱାଜା, ଷ୍ଟିଭେନ୍ ସ୍ମିଥ୍, ଟ୍ରାଭିସ୍ ହେଡ, ମାଥ୍ୟୁ ୱେଡ୍, ମାର୍ନସ ଲାବୁସେନ, ଜେମ୍ସ ପାଟିନସନ, ପ୍ୟାଟ କୁମିନ୍ସ, ନାଥନ ଲିୟନ, ମିଚେଲ ଷ୍ଟାର୍କ, ପିଟର ସିଡଲ, ଜୋସ ହାଜେଲଉଡ, ମାର୍କସ ହାରିସ୍, ମିଚେଲ ମାର୍ଶ ଓ ମିଚେଲ ନେସେର।

**ଇଂଲଣ୍ଡ ଦଳ**

ଜୋ ରୁଟ୍ (ଅଧିନାୟକ), ଜାସନ ରୟ୍, ଜୋ ଡେନଲି, ଜୋସ ବଟଲର, ବେନ୍ ଷ୍ଟୋକ୍ସ, ଜନୀ ବେୟାରଷ୍ଟୋ, ମୋଇନ ଅଲି, କ୍ରିସ୍ ୱୋକ୍ସ, ଷ୍ଟୁଆର୍ଟ ବ୍ରଡ, ଜେମ୍ସ ଆଣ୍ଡରସନ ଓ ରୋରି ବର୍ନ୍ସ।

## ସଂକ୍ଷେପରେ

### ଏଲିଜାବେଥ୍‌ଙ୍କୁ ସ୍ୱର୍ଣ୍ଣ ପଦକ



ନୂଆଦିଲ୍ଲୀ, ୩୧।୭(ପି.ଟି.): ଏଠାରେ ଚାଲିଥିବା ସର୍ଦ୍ଦାର ସିଂ ସେଠୀ ମେମୋରିଆଲ ମାଷ୍ଟର୍ସ ଶୁଟିଂ ପ୍ରତିଯୋଗିତାର ମହିଳା ୫୦ ମିଟର ରାଇଫଲ ୩ ପୋଜିଶନରେ କେରଳର ଏଲିଜାବେଥ ସୁସାନ କୋଶେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ୨ ବର୍ଷ ପୂର୍ବରୁ ଭାରତ ପକ୍ଷରୁ ନିୟମିତଭାବେ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ଆସୁଥିବା ଏଲିଜାବେଥ ଏଠାରେ ୪୬୦.୧ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ତାରକା ଶୁଟର ମହାରାଷ୍ଟ୍ରର ତେଜସ୍ୱିନୀ ସାୱନ୍ତ ୪୫୫.୬ ପଏଣ୍ଟ ସହ ରୌପ୍ୟ ଏବଂ ଗୁଜରାଟର ହେମା କେ.ସି. ୪୪୪.୫ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି। ଏୟାର ଇଣ୍ଡିଆ ଅନୁରାଜ ସିଂ ଓ ଦୀପକ ଶର୍ମା ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଟାଇଟଲ ଜିତିଥିବାବେଳେ ଓଏନଜିସିର ସ୍ୱେତା ସିଂ ଓ ଅମନପ୍ରୀତ ସିଂ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ଫାଇନାଲରେ ୧୭-୫ ପଏଣ୍ଟରେ ଅନୁରାଜ-ଦୀପକ ବାଜି ମାରିଥିଲେ। ସିନିୟର ଶୁଟର ଆର୍ମିର ଗୁରପ୍ରୀତ ସିଂ ପୁରୁଷ ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପ୍ରତିଯୋଗିତାରେ ଏହାଥିଲା ତାଙ୍କର ଦ୍ୱିତୀୟ ଟାଇଟଲ। ଗତ ମଙ୍ଗଳବାର ସେ ସେଣ୍ଟର ଫାୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିଲେ।

### ଭାରତର ଦ୍ୱିତୀୟ ପରାଜୟ

ବିଲେରିକା(ଇଂଲଣ୍ଡ),୩୧।୭(ପିଟି)- ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଯୁବ ସିରିଜ୍‌ରେ ୧୯ ବର୍ଷରୁ କମ୍ ଭାରତୀୟ ଦଳକୁ ବାଂଲାଦେଶ ୨ ଉଇକେଟରେ ହରାଇ ଦେଇଛି। ଏହା ଚଳିତ ସିରିଜ୍‌ରେ ଭାରତୀୟ ଦଳର କ୍ରମାଗତ ଦ୍ୱିତୀୟ ପରାଜୟ। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌କୁ ୧୯ ବର୍ଷରୁ କମ୍ ବାଂଲାଦେଶ ଦଳ ଡକ୍‌ୱର୍ଥ/ଲୁଇସ୍ ନିୟମରେ ଜିତିଛି। ୩୬ ଓଭରିଆ ମ୍ୟାଚ୍‌ରେ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୫ ଉଇକେଟ ହରାଇ ୨୨୧ ରନ୍ କରିଥିଲା। ଦଳ ପାଇଁ ଅଧିନାୟକ ଧ୍ରୁବ ଜୁରେଲ ୭୦ ଓ ପ୍ରଜନେଶ କାନପିଲେୱର ୫୩ ରନ୍ କରିଥିଲେ। ଏହାପରେ ଡି/ଏଲ ନିୟମ ଅନୁଯାୟୀ ବାଂଲାଦେଶ ଆଗରେ ୩୨ ଓଭରରେ ୨୧୮ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଦଳ ୩ଟି ବଲ ପୂର୍ବରୁ ୮ ଉଇକେଟ ହରାଇ ବିଜୟୀ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବିଜୟୀ ଦଳ ଲାଗି ପର୍ଭେଜ ହୋସେନ ଇମନ ୫୧ ଓ ଅଧିନାୟକ ଆକ୍‌ବର ଅଲି ୪୯ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ସୁଶାନ୍ତ ମିଶ୍ର ୩ଟି ଉଇକେଟ ନେଇଥିବାବେଳେ ପୂର୍ଣ୍ଣାଙ୍କ ତ୍ୟାଗି ଓ ରବି ବିଷ୍ଣୋଇ ୨ ଲେଖାଏ ସଫଳତା ପାଇଥିଲେ। ପୂର୍ବରୁ ୧୯ ବର୍ଷରୁ କମ୍ ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ପରାଜୟ ବରଣ କରିଥିଲା।

### ମାର୍କଣ୍ଡେଙ୍କୁ ଛାଡ଼ିଲା ମୁମ୍ବାଇ ଇଣ୍ଡିଆନ୍ସ

ମୁମ୍ବାଇ,୩୧।୭(ପିଟି)- ସର୍ବାଧିକ ୪ ଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ୱେଷ୍ଟଇଣ୍ଡିଆନ କ୍ରିକେଟର ଶେର୍ଫାନେ ରଦରଫୋର୍ଡଙ୍କ ଲାଗି ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେଙ୍କୁ ଦଳରୁ ବିଦା କରିଛି। ଫଳରେ ମାର୍କଣ୍ଡେ ଦିଲ୍ଲୀ କ୍ୟାପିଟାଲ୍ସରେ ସାମିଲ ହୋଇଛନ୍ତି। ୨୦୧୮ ସଂସ୍କରଣରେ ପଦାର୍ପଣ କରିଥିବା ମାର୍କଣ୍ଡେ ଉକ୍ତ ସିଜନରେ ୧୫ ଉଇକେଟ ନେଇ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ୩ୟ ସ୍ଥାନରେ ରହିଥିଲେ। କିନ୍ତୁ ଚଳିତ ବର୍ଷ ମାର୍କଣ୍ଡେଙ୍କ ବଦଳରେ ରାହୁଲ ଚହରଙ୍କୁ ଦଳରେ ଖେଳାଇଥିଲା। ମୟଙ୍କଙ୍କୁ ତାଙ୍କ ଭବିଷ୍ୟତ ଲାଗି ଶୁଭକାମନା। ପ୍ରତିଭାସମ୍ପନ୍ନ ମୟଙ୍କଙ୍କୁ ଆମେ ଚିହ୍ନଟ କରି ଗଠନ କରିଥିଲୁ। ତାଙ୍କୁ ଦଳରୁ ଛାଡ଼ିବା କଷ୍ଟକର ନିଷ୍ପତ୍ତି। ଆମେ ଶେର୍ଫାନେଙ୍କୁ ଦଳକୁ ସ୍ୱାଗତ କରୁଛୁ। ତାଙ୍କ ଅଲରାଉଣ୍ଡର ଦକ୍ଷତା ଆମକୁ ପ୍ରଭାବିତ କରିଛି ବୋଲି ଏମ୍‌ଆଇ ଫ୍ରାଞ୍ଚାଇଜ ମାଲିକ ଆକାଶ ଅମ୍ବାନି କହିଛନ୍ତି।

## ଦିନିକିଆ ସିରିଜ: ଶ୍ରୀଲଙ୍କାର କ୍ଲିନ୍ ସୁଇପ୍

**କଲମ୍ବୋ,୩୧।୭**

ବାଂଲାଦେଶ ବିପକ୍ଷ ଦିନିକିଆ ସିରଜ୍‌ରେ ଘରୋଇ ଶ୍ରୀଲଙ୍କା କ୍ଲିନ୍ ସୁଇପ୍ କରିଛି। ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କା ୧୨୨ ରନରେ ବାଂଲାଦେଶକୁ ହରାଇଛି। ଫଳରେ ଶ୍ରୀଲଙ୍କ ୩–୦ରେ ସିରଜ୍ ପୋଛି ନେଇଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୯୪ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲଦେଶ ୩୬ ଓଭରରେ ୧୭୨ ରନ କରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା। ୮୭ ରନର ଉପଯୋଗୀ ପାଳିଖେଳିଥିବା ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୯୫ ରନ ଟାର୍ଗେଟ୍‌ର ପିଛା କରି ବାଂଲାଦେଶ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇଥିଲା। ଦଳର ୭ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ସୌମ୍ୟ ସରକାର ସର୍ବାଧିକ ୬୯ ରନ କରିଥିବାବେଳେ ତାଇଜୁଲ ଇସ୍‌ଲାମ ୩୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଦସୁନ ସନକା ୩, କସୁନ ରଜିଥା ଓ ଲାହିରୁ କୁମାର ୨ଟି ଲେଖାଏ, ଅକିଳ ଦନଞ୍ଜୟ ଓ ୱାନିନ୍ଦୁ ହାସରଙ୍ଗା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ତରଫରୁ ମାଥ୍ୟୁସ ସର୍ବାଧିକ ୮୭, କୁଶଲ ମେଣ୍ଡିସ୍ ୫୪, କୁଶଲ ପେରେରା ୪୨, ଅଧିନାୟକ ଦିମୁଥ କରୁଣାରତ୍ନେ ୪୬, ସନକା ୩୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ସୈଫୁଲ ଇସ୍‌ଲାମ ଓ ସୌମ୍ୟ ୩ଟି ଲେଖାଏ, ରୁବେଲ ହୋସେନ ଓ ତାଇଜୁଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ପ୍ଲେୟାର ଅଫ୍ ଦି ମ୍ୟାଚ୍ ଆଞ୍ଜେଲୋ ମାଥ୍ୟୁସ୍

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୯୪/୮ (ମାଥ୍ୟୁସ– ୮୭, ମେଣ୍ଡିସ୍– ୫୪, ପେରେରା– ୪୨, କରୁଣାରତ୍ନେ– ୪୬, ସୈଫୁଲ– ୩/ ୬୮, ସୌମ୍ୟ–୩/ ୫୬)।

ବାଂଲାଦେଶ ୩୬ ଓଭରରେ ୧୭୨ ଅଲ୍‌ଆଉଟ (ସୌମ୍ୟ– ୬୯, ତାଇଜୁଲ– ୩୯*, ଶନକା– ୩/ ୨୭, ରଜିଥା– ୨/ ୧୭, ଲାହିରୁ– ୨/୨୬)।

## ବଶିଷ୍ଟଙ୍କ ଅଭିନବ ପ୍ରୟାସ




ବଶିଷ୍ଟ ଏବଂ ତାଙ୍କ ଛାତ୍ରୀ ବ୍ୟାନର ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୩୧।୭(କ୍ରୀଡ଼ା ପ୍ରତିନିଧି)**

ଜାତୀୟ ଏକତା ପାଇଁ ଇତିହାସ ଓ ଜାତୀୟ ଏକତା ପାଇଁ କ୍ରୀଡ଼ା ପରି ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ କାଲିକଟସ୍ଥିତ ମାଲାବାର କ୍ରିଷ୍ଟିଆନ କଲେଜର ଇତିହାସ ବିଭାଗ ମୁଖ୍ୟ ବଶିଷ୍ଟ ଏବଂ ତାଙ୍କ ଛାତ୍ରୀଛାତ୍ରମାନେ ଏକ ଅଭିନବ ପ୍ରୟାସ କରିଛନ୍ତି। ଏହି ବାର୍ତ୍ତା ସମ୍ବଳିତ ବ୍ୟାନର ଏବଂ ସ୍ମରଣିକା କେରଳର ବିଭିନ୍ନ କଲେଜରେ ପ୍ରଦର୍ଶିତ ହୋଇଛି। ଏହି ବାର୍ତ୍ତାକୁ ବଶିଷ୍ଟ ଭାରତର ନାରୀ ଶକ୍ତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଦେଶପାଇଁ ଜୀବନ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ସେ ଏକ ବ୍ୟାନର ମଧ୍ୟ ପ୍ରସ୍ତୁତ କରିଛନ୍ତି। ବାର୍ତ୍ତା ସମ୍ବଳିତ ପ୍ରସ୍ତୁତ ବ୍ୟାନର ଗୁଡ଼ିକୁ ବଶିଷ୍ଟ ନିକଟରେ ଅନ୍ତର୍ଜାତୀୟ ସ୍ତରରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତର ଦୁଇ ଶ୍ରେଷ୍ଠ ମହିଳା ଆଥଲେଟ୍ ଦୂତୀ ଚାନ୍ଦ ଓ ହିମା ଦାସଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

## ଓସିଏକୁ ପୂର୍ଣ୍ଣ ଅନୁମୋଦନ: ଅନୁଦାନ ପାଇଁ ବାଟ ଫିଟିଲା

**କଟକ ଅଫିସ,୩୧।୭**

ଓଡ଼ିଶାକ୍ରିକେଟଆସୋସିଏଶନ(ଓସିଏ)କୁ ପୂର୍ଣ୍ଣ ଅନୁମୋଦନ ମିଳିଛି, ଯାହା ଫଳରେ ଆଗାମୀ ଦିନରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ବିଭିନ୍ନ ଅନୁଦାନ ପାଇବା ପାଇଁ ବାଟ ଫିଟିଛି। ଦେଶର ୧୩ଟି କ୍ରିକେଟ ସଂଘକୁ ବିସିସିଆଇର କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ) ପୂର୍ଣ୍ଣ ଅନୁମୋଦନ ପ୍ରଦାନ କରିଥିବା ବେଳେ ଏହା ମଧ୍ୟରେ ଓସିଏ ସାମିଲ ଅଛି। ପୂର୍ଣ୍ଣ ଅନୁମୋଦନ ପାଇବା ନିମନ୍ତେ ଗୋଟିଏ ପାଦ ଦୂରରେ ଅଛୁ ବୋଲି ପୂର୍ବରୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ୯୯ ପ୍ରତିଶତ କାର୍ଯ୍ୟଧାରାକୁ ସିଓଏ ଅନୁମୋଦନ ପ୍ରଦାନ କରିଥିବା ବେଳେ ଗୋଟିଏ ପ୍ରତିଶତ ବାକି ରହିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଲୋଧା କମିଟି ଦ୍ୱାରା ପ୍ରଣୀତ ନିୟମଧାରା ୪୪ ଏଯାଏ ପୂରଣ ହୋଇନି ବୋଲି ଓସିଏର ଜଣେ ଅଧିକାରୀ କହିଥିଲେ। ଏପରିକି ପୂର୍ଣ୍ଣ ଅନୁମୋଦନ ପାଇବା ପାଇଁ ପୂର୍ବରୁ ୬ ଥର ସିଓଏର ଦ୍ୱାରସ୍ଥ ହୋଇଛି ଓସିଏ। ଏବେ ଓସିଏର ଅଧିକାରୀମାନେ ଆଶ୍ୱସ୍ତ ହୋଇଛନ୍ତି। ଫନୀ ବାତ୍ୟାର କ୍ଷତିପୂରଣ ସମେତ ଅନ୍ୟ ସମସ୍ତ ଅନୁଦାନ ପାଇବାକୁ ଯୋଗ୍ୟତା ହାସଲ କରିଛି ଓସିଏ। ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବା ପରେ ପୂର୍ଣ୍ଣ ଅନୁମୋଦନ ହାସଲ କରିଥିବା ସମସ୍ତ କ୍ରୀଡ଼ା ସଂଘ ଫାଇଦା ପାଇବେ।

### ବିହାରରୁ ଆସିବେ ନିର୍ବାଚନ ଅଧିକାରୀ

ଓସିଏର କର୍ମକର୍ତ୍ତା ନିର୍ବାଚନ ନିମନ୍ତେ କଣ୍ଟା ସାଜିଥିବା ନିର୍ବାଚନ ଅଧିକାରୀ ନିଯୁକ୍ତି ପ୍ରସଙ୍ଗ ସାମାନ୍ୟ ଟଳିଛି। ଓଡ଼ିଶାରୁ କୌଣସି ନିର୍ବାଚନ ଅଧିକାରୀ ନିଯୁକ୍ତ ନ କରାଯିବା ଫଳରେ ନିର୍ବାଚନ କରାଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସିଓଏର ପରାମର୍ଶ ଲୋଡାଯାଇ ପଡ଼ୋଶୀ ରାଜ୍ୟରୁ ନିର୍ବାଚନ ଅଧିକାରୀ ଅଣାଯିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକ ସ୍ତରରେ ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ସହ ଯୋଗାଯୋଗ କରାଯାଇଥିଲା। ଉକ୍ତ ୩ ରାଜ୍ୟର ନିର୍ବାଚନ କମିଶନରଙ୍କୁ ଏ ନେଇ ଇ–ମେଲ କରାଯାଇଥିଲା ବୋଲି ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ କହିଥିଲେ। ତେବେ ବିହାର ନିର୍ବାଚନ ଅଧିକାରୀ ପ୍ରଦାନ କରିବ ବୋଲି ସ୍ପଷ୍ଟ କରିଥିବା ଧୀରେନ କହିଛନ୍ତି। ସେମାନଙ୍କ ସହ ଯୋଗାଯୋଗ ଜାରି ରହିଛି। ଖୁବଶୀଘ୍ର ଏହି କାର୍ଯ୍ୟ ସମ୍ପନ୍ନ ହେବ ବୋଲି ସେ ପ୍ରକାଶ କରିଛନ୍ତି।

### ସଜାଡ଼ିବ 'ଦେବ ମସ୍କୋ', ଅର୍ଥ ଦେବ ବିସିସିଆଇ

କପିଳ ଦେବଙ୍କ କମ୍ପାନୀ 'ଦେବ ମସ୍କୋ' ଖୁବଶୀଘ୍ର କଟକରେ ପହଞ୍ଚିବ। ବାରବାଟୀ ଷ୍ଟାଡିୟମରେ ଫନୀ ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ଫ୍ଲଡ ଲାଇଟ ସଜାଡ଼ିବାକୁ ଏହି କମ୍ପାନୀ ଆଗ୍ରହ ପ୍ରକାଶ କରିଛି। ମରାମତି କରାଯିବା ପୂର୍ବରୁ ସ୍ଥିତି ଅନୁଧ୍ୟାନ କରିବାକୁ କପିଳ ଦେବ ମଧ୍ୟ ଆସିବେ। ମରାମତି ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ କପିଳଙ୍କ କମ୍ପାନୀ ଦେବ ମସ୍କୋ ଉଠାଇବ। ହେଲେ ଏଥି ନିମନ୍ତେ ଯାହା ଖର୍ଚ୍ଚ ହେବ ତାହା ବିସିସିଆଇ ପକ୍ଷରୁ ସେମାନେ ଗ୍ରହଣ କରିବାକୁ ଆଲୋଚନା ହୋଇଛି ବୋଲି ଧୀରେନ କହିଛନ୍ତି। ସୂଚନା ଥାଉକି, ୨୦୦୩ ମସିହାରେ ବାରବାଟୀ ଷ୍ଟାଡିୟମରେ ଫ୍ଲଡଲାଇଟ ଉଦ୍‌ଘାଟନ ହୋଇଥିଲା। ୨୦୦୧ ମସିହାରୁ ଫ୍ଲଡ ଲାଇଟ ଲଗାଯିବା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏଥିରେ ୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

## 'ଓଭର ଥ୍ରୋ ଚୌକାକୁ ବାତିଲ୍ କରିବାକୁ ଅମ୍ପାୟରଙ୍କୁ କହି ନ ଥିଲି'

**ଲଣ୍ଡନ, ୩୧।୭ (ପି.ଟି.)**

ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ରୋମାଞ୍ଚକ ଭରା ଆଇସିସି ବିଶ୍ୱକପ୍ ଫାଇନାଲରେ ଏକ ବିବାଦୀୟ ଘଟଣାକ୍ରମେ ବେନ୍ ଷ୍ଟୋକ୍ସଙ୍କ ବ୍ୟାଟ୍ ବାଜି ଓଭର ଥ୍ରୋ ଜରିଆରେ ଇଂଲଣ୍ଡକୁ ୪ ରନ୍ ମିଳିଥିଲା। ତେବେ ଅମ୍ପାୟରଙ୍କୁ ଏହି ୪ ରନ୍ ବାତିଲ୍ କରିବାକୁ ସେ କେବେ କହି ନ ଥିଲେ ବୋଲି ଫାଇନାଲ୍ ହିରୋ ଷ୍ଟୋକ୍ସ ସ୍ପଷ୍ଟ କରିଛନ୍ତି। ମ୍ୟାଚ୍‌ର ଅନ୍ତିମ ଓଭର ବୋଲିଂ କରୁଥିବା ଟ୍ରେଣ୍ଟ ବୋଲ୍ଟଙ୍କ ୪ର୍ଥ ବଲ୍‌ରେ ଏହି ଘଟଣା ଘଟିଥିଲା, ଯାହାକି ମ୍ୟାଚ୍‌ର ଟର୍ନିଂ ପଏଣ୍ଟ ଥିଲା। 'ମୁଁ ସେଠାରେ ସମସ୍ତ ଘଟଣା ଦେଖିଥିଲି ଏବଂ ନିଜକୁ ନିଜେ ଭାବୁଥିଲି କି କ'ଣ ମୁଁ ଏହିଭଳି କହିଛି? କିନ୍ତୁ ଛାତି ଉପରେ ହାତ ରଖି କହିବି, ମୁଁ ଅମ୍ପାୟରଙ୍କ ନିକଟକୁ ଯାଇନାହିଁ ଓ ତାଙ୍କୁ ଏହିଭଳି କୌଣସି କଥା କହିନାହିଁ' ବୋଲି ଇଂଲଣ୍ଡ ଅଲ୍‌ରାଉଣ୍ଡର ଷ୍ଟୋକ୍ସ ଏକ ସାକ୍ଷାତ୍‌କାର ଅବସରରେ ଏହା କହିଛନ୍ତି। ଏହି ଓଭର ଥ୍ରୋ'ରେ ବ୍ୟାଟ୍ ବାଜି ବଲ୍ ଯେତେବେଳେ ବାଉଣ୍ଡାରୀ ବାହାରକୁ ଚାଲିଯାଇଥିଲା ସେତେବେଳେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ଓ ଟମ୍ ଲଥାମଙ୍କୁ କ୍ଷମା ମାଗିଥିବା ଷ୍ଟୋକ୍ସ ସ୍ୱୀକାର କରିଛନ୍ତି।

> ସଚିନ ତେନ୍ଦୁଲକରଙ୍କ ସହ ଓ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବା ମୋ ସଂକ୍ଷିପ୍ତ ଅନ୍ତର୍ଜାତୀୟ କ୍ୟାରିୟରର ଉଲ୍ଲେଖନୀୟ ଘଟଣା ରହିଥିଲା ।
> –ଭେନୁଗୋପାଳ ରାୟ, ପୂର୍ବତନ ଭାରତୀୟ କ୍ରିକେଟର୍



> ବିଶ୍ୱକପ୍ ଫାଇନାଲରେ ଓଭର ଥ୍ରୋ'ରୁ ମିଳିଥିବା ୪ ରନ୍ ବାତିଲ୍ କରିବାକୁ ଅମ୍ପାୟରଙ୍କୁ କହି ନ ଥିଲି। ଏଥିଲାଗି ଟମ୍ ଲଥାମ୍ ଓ କେନ୍ ୱିଲିୟମସନଙ୍କୁ ଅନେଇ କ୍ଷମା ମାଗିଥିଲି ।
> –ବେନ୍ ଷ୍ଟୋକ୍ସ, ଇଂଲଣ୍ଡ କ୍ରିକେଟର୍



## ସଂକ୍ଷେପରେ

### ରାନ୍‌କୀ ରେଡ୍ଡୀ-ପୋନ୍ନାପାଙ୍କ ବଡ଼ ବିଜୟ

ବ୍ୟାଙ୍କକ୍,୩୧।୭(ପିଟି): ଭାରତୀୟ ମିକ୍ସଡ୍ ଡବଲ୍ସ ଖେଳାଳି ସାତ୍ୱିକ ସାଇରାଜ ରାନ୍‌କୀ ରେଡ୍ଡୀ ଓ ଅଶ୍ୱିନୀ ପୋନ୍ନାପାଙ୍କ ଯୋଡ଼ି କ୍ୟାରିୟରର ଅନ୍ୟତମ ବୃହତ୍ ବିଜୟ ହାସଲ କରିଛନ୍ତି। ଏମାନେ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚାନ ପେଙ୍ଗ ସୁନ ଓ ଗୋ ଲିଉ ୟିଙ୍ଗଙ୍କୁ ଏଠାରେ ଚାଲିଥିବା ଥାଇଲାଣ୍ଡ ଓପନ ବ୍ୟାଡ୍‌ମିଣ୍ଟନର ପ୍ରଥମ ରାଉଣ୍ଡରେ ହରାଇ ଦେଇଛନ୍ତି। ଅଣସିଡ୍ ଭାରତୀୟ ଯୋଡ଼ି ଏକ ଘଣ୍ଟା ଦୁଇ ମିନିଟ୍ ଧରି ଚାଲିଥିବା ମୁକାବିଲାକୁ ୨୧-୧୮, ୧୮-୨୧, ୨୧-୧୭ ଗେମ୍‌ରେ ଜିତି ନେଇଛନ୍ତି। ଦ୍ୱିତୀୟ ଥର ପାଇଁ ବିଶ୍ୱ ମାନ୍ୟତାର ୨୩ତମ ସ୍ଥାନରେ ଥିବା ଭାରତୀୟ ଯୋଡ଼ି ୫ମ ର୍ୟାଙ୍କ ମାଲେସିଆନ ସୁନ-ୟିଙ୍ଗଙ୍କୁ ହରାଇଛି। ରାନ୍‌କୀ ରେଡ୍ଡୀ ଓ ପୋନ୍ନାପା ଗତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମାଲେସିଆନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇଥିଲେ। ଏହି ଭାରତୀୟ ଯୋଡ଼ି ପରବର୍ତ୍ତୀ ରାଉଣ୍ଡରେ ଇଣ୍ଡୋନେସିଆର ଅଲଫିଆନ ଇକୋ ପ୍ରାସେତ୍ୟା ଓ ମାର୍ଶେଲା ଗିଶଚା ଇସଲାମିଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସ ବର୍ଗରେ ୫ମ ସିଡ୍ କିଡାମ୍ବି ଶ୍ରୀକାନ୍ତ ୨୩-୨୧, ୧୯-୨୧, ୨୧-୫ ଗେମ୍‌ରେ ଜାପାନର କେଣ୍ଟା ସୁନେୟାମାଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ଶୁଭଙ୍କର ଦେ ବିଶ୍ୱର ନଂ ୧ ର୍ୟାଙ୍କ କେଣ୍ଟୋ ମୋମୋଟାଙ୍କଠାରୁ ୱାକଓଭର ପାଇଛନ୍ତି।

### କ୍ୱାର୍ଟରରେ ଗୌରବ, ଜାଙ୍ଗ୍ରା

ନୂଆଦିଲ୍ଲୀ, ୩୧।୭ (ପି.ଟି.)- ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା ଗୌରବ ସୋଲାଙ୍କି (୫୬ କିଗ୍ରା) ଓ ପିଙ୍କି ଜାଙ୍ଗ୍ରା (୫୧ କିଗ୍ରା) ରୁଷିଆର କାସ୍‌ପିୟାସ୍କଠାରେ ଚାଲିଥିବା ମଗୋମେଦ୍ ସଲାମ୍ ଉମାଖାନୋଭ ମେମୋରିଆଲ ଇଣ୍ଟରନ୍ୟାଶନାଲ ବକ୍ସିଂ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ମହିଳା ୫୭ କିଗ୍ରା ବିଭାଗରେ ନୀରଜ ମଧ ଅନ୍ତିମ-୮ରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି। ଗତବର୍ଷ ଗୋଲ୍ଡକୋଷ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ସୋଲାଙ୍କି ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ୫-୦ରେ ରୁଷିଆର ମୁରାଦ୍ ରାବାଡାନୋଭଙ୍କୁ ହରାଇଛନ୍ତି। ସେହିଭଳି ମହିଳା ବିଭାଗରେ ବେଲାରୁଷର ବୁରିମ ୟାନାଙ୍କୁ ସମାନ ବ୍ୟବଧାନରେ ପରାସ୍ତ କରିଛନ୍ତି।

# ନୂଆ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ: ହରମନପ୍ରୀତ



**ବେଙ୍ଗାଲୁରୁ, ୩୧।୭**

୨୦୨୦ ଟୋକିଓ ଅଲିମ୍ପିକ୍ସ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟ ଅଗଷ୍ଟ ୧୭ରୁ ଜାପାନରେ ଅନୁଷ୍ଠିତ ହେବ। ଏଥିପାଇଁ ନିୟମିତ ଅଧିନାୟକ ମନପ୍ରୀତ ସିଂଙ୍କ ସମେତ କେତେଜଣ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଯୁବ ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ସିଂଙ୍କୁ ନେତୃତ୍ୱଭାର ପ୍ରଦାନ କରାଯାଇଛି। ୨୦୧୫ ମେରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାପାନ ବିପକ୍ଷ ଟେଷ୍ଟ ସିରିଜରେ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ହରମନପ୍ରୀତ ଏବେ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର/ଡ୍ରାଗ୍‌ଫ୍ଲିକର। ଏବେ ତାଙ୍କୁ ଯେଉଁ ନୂଆ ଦାୟିତ୍ୱ ମିଳିଛି ସେଥିପାଇଁ ସେ ପ୍ରସ୍ତୁତ ବୋଲି କହିଛନ୍ତି ହରମନପ୍ରୀତ।

ଅଲିମ୍ପିକ୍ସ ଟେଷ୍ଟ ଇଭେଣ୍ଟରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ମାଲେସିଆ, ନ୍ୟୁଜିଲାଣ୍ଡ ଓ ଆୟୋଜକ ଜାପାନ। ''ଭାରତୀୟ ଦଳର ନେତୃତ୍ୱ ନେବାକୁ ଯାଉଛି ବୋଲି ଯେତେବେଳେ କୁହାଗଲା ସେତେବେଳେ ମୁଁ ବିସ୍ମିତ ହୋଇ ଯାଇଥିଲି। ଏହା ମୋ ପାଇଁ ଏକ ବଡ଼ ସମ୍ମାନ ଏବଂ ଦାୟିତ୍ୱ ମଧ। ମୁଁ ଅତ୍ୟନ୍ତ ଖୁସି ଅଛି ଏବଂ ନୂଆ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ'' ବୋଲି ହରମନପ୍ରୀତ ପ୍ରକାଶ କରିଛନ୍ତି। ୨୦୧୬ ଜୁନିୟର ହକି ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ହରମନପ୍ରୀତ। ଏହା ବ୍ୟତୀତ ୨୦୧୬ ରିଓ ଅଲିମ୍ପିକ୍ସ ଖେଳିଥିବା ଭାରତୀୟ ଦଳର ସେ ଅନ୍ୟତମ ଯୁବ ଖେଳାଳି ଥିଲେ। ଏହାପରେ ଲଣ୍ଡନରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରି ସେ ଭାରତୀୟ ଦଳରେ ସ୍ଥାନ ପକ୍କା କରିଥିଲେ। ଏଫଆଇଏଚ୍ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଐତିହାସିକ ରୌପ୍ୟ ପଦକ ହାସଲ କରିଥିଲା ଏବଂ ହରମନପ୍ରୀତ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପାଇଥିଲେ। ଏହା ପରଠାରୁ ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଭାରତକୁ ଫାଇଦାରେ ରଖି ଆସିଛି। ''ଅତୀତକୁ ଦେଖିଲେ ମୁଁ ନିଜକୁ ଭାଗ୍ୟବାନ ମନେକରେ, କାରଣ ସେତେବେଳେ ଭାରତୀୟ ଦଳରେ ସର୍ଦ୍ଦାର ସିଂ ଓ ଭି.ଆର. ରଘୁନାଥଙ୍କ ପରି ଅଭିଜ୍ଞ ଖେଳାଳି ଥିଲେ। ସେମାନଙ୍କଠାରୁ ମୁଁ ଅନେକ କିଛି ଶିଖିଛି। ବିଶେଷ କରି ଚାପ ପରିସ୍ଥିତିକୁ କିପରି ହାତେଇବାକୁ ପଡ଼େ ତାହା ମୁଁ ସିନିୟରମାନଙ୍କଠାରୁ ଶିକ୍ଷାଲାଭ କରିଛି'' ବୋଲି ହରମନପ୍ରୀତ କହିଛନ୍ତି।

ଜାପାନ ଟୁର୍ନାମେଣ୍ଟରେ ବିଜୟ ହାସଲ ଭାରତର ଏକମାତ୍ର ଲକ୍ଷ୍ୟ ହେବ। ମାଲେସିଆ, ଜାପାନ ଓ ନ୍ୟୁଜିଲାଣ୍ଡ ବହୁତ ଭଲ ଦଳ। ମାତ୍ର ଆମେ ଦଳଗତ ପ୍ରଦର୍ଶନ ଭିତ୍ତିରେ ଆଗକୁ ବଢ଼ିବାକୁ ଚେଷ୍ଟା କରିବୁ। ନିକଟରେ ମାଲେସିଆ ଏକ ମ୍ୟାଚରେ ଜର୍ମାନୀକୁ ପରାସ୍ତ କରିଥିଲା। ଜାପାନର ନିକଟ ଅତୀତ ପ୍ରଦର୍ଶନ ବହୁତ ଭଲ। ସେହିପରି ଏଫଆଇଏଚ୍ ପ୍ରୋ ଲିଗ୍‌ରେ ଭଲ ଅଭିଜ୍ଞତା ଲାଭକରି ନ୍ୟୁଜିଲାଣ୍ଡ ଏହି ଇଭେଣ୍ଟ ଖେଳିବାକୁ ଯାଉଛି। ଭାରତୀୟ ଦଳରେ ଅନେକ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦିଆ ଯାଇଥିବାରୁ ଯୁବ ଖେଳାଳିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆସିଛି। ସେମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ସ୍ୱତନ୍ତ୍ରଭାବେ ଗୋଲକିପର୍ସ କ୍ୟାମ୍ପ ଏବଂ ଡିଫେଣ୍ଡର୍ସରେ ଭାଗନେଇ ନିଜକୁ ଭଲଭାବେ ପ୍ରସ୍ତୁତ କରିଛୁ। ପ୍ରତି ମ୍ୟାଚରେ ବିଜୟ ଆମର ଏକମାତ୍ର ଲକ୍ଷ୍ୟ ରହିବ ବୋଲି ହରମନପ୍ରୀତ ପ୍ରକାଶ କରିଛନ୍ତି।




# ମୁଖ୍ୟ କୋଚ୍ ଦୌଡ଼ରେ ରାଜପୁତ

**ମୁମ୍ବାଇ,୩୧।୭(ପିଟି)**



ଲାଲଚାନ୍ଦ ରାଜପୁତ

ପୂର୍ବତନ ଭାରତୀୟ ତଥା ମୁମ୍ବାଇ ଓପନର ଲାଲଚାନ୍ଦ ରାଜପୁତ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ପଦ ଲାଗି ଆବେଦନ କରିଛନ୍ତି। ତାଙ୍କ ବ୍ୟତୀତ ପୂର୍ବତନ ଅଲରାଉଣ୍ଡର ରବିନ ସିଂ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦ ଦୌଡ଼ରେ ସାମିଲ ହୋଇଛନ୍ତି। ଏମାନେ ରବିଶାସ୍ତ୍ରୀଙ୍କ ସ୍ଥାନ ନେଇପାରନ୍ତି। ବର୍ତ୍ତମାନ ଶାସ୍ତ୍ରୀ ଓ ତାଙ୍କ ଟିମ୍ ଭାରତୀୟ ଦଳର ବିଭିନ୍ନ କୋଚିଂ ଦାୟିତ୍ୱରେ ଅଛନ୍ତି। ସେମାନେ ଆଗାମୀ ୱେଷ୍ଟଇଣ୍ଡିଜ ସିରିଜ୍ ଶେଷ ହେବା ପରେ ପଦ ଛାଡ଼ିବେ। ରାଜପୁତ ପୂର୍ବରୁ ଜିମ୍ବାୱେ ଦଳର କୋଚ୍ ଥିଲେ। ସେ ଗତ ମେ'ରେ ପଦ ଛାଡ଼ିଥିଲେ। ଏବେ ସେ ଗ୍ଲୋବାଲ ଟି୨୦ ଲିଗ୍ କ୍ଲବ ୱିନିପେଗ ହାୱ୍କର କୋଚ୍ ଦାୟିତ୍ୱରେ ଅଛନ୍ତି। ଭାରତୀୟ ଦଳର କୋଚ୍ ହେବାର ସୁଯୋଗ ମିଳିଲେ ମୁଁ ଗର୍ବିତ ହେବି। ଦଳରେ ବହୁ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ସେମାନଙ୍କୁ ଉଚିତ ଦିଗରେ ପ୍ରେରିତ କରିବାକୁ ପଡ଼ିବ। ବିଭିନ୍ନ ସ୍ତରରେ ମୋର ୨୦ ବର୍ଷର କୋଚିଂ ଅଭିଜ୍ଞତା ରହିଛି। ମୁଁ ଏକମାତ୍ର ଭାରତୀୟ କୋଚ୍, ଯାହାଙ୍କ ନିକଟରେ ଅନ୍ତର୍ଜାତୀୟ ସ୍ତରର କୋଚିଂ ଦେବାର ଅଭିଜ୍ଞତା ଅଛି। ମୁଁ ଆଫଗାନିସ୍ତାନ ଓ ଜିମ୍ବାୱେ ଭଳି ଦଳର କୋଚ ଥିଲି ବୋଲି ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ)ଠାରୁ ଲିଭଲ ୩ ସାର୍ଟିଫିକେଟ ପ୍ରାପ୍ତ କୋଚ୍ କହିଛନ୍ତି। ୫୭ ବର୍ଷୀୟ ପୂର୍ବତନ କ୍ରିକେଟର ରାଜପୁତଙ୍କ ନେତୃତ୍ୱରେ ଭାରତୀୟ ଦଳ ଆଇସିସି ଟି୨୦ ବିଶ୍ୱକପ୍ ଟ୍ରଫି ଜିତିଥିଲା। ପରେ ତ୍ରିରାଷ୍ଟ୍ରୀୟ ସିବି ସିରିଜି ଜିତିଥିଲା।

## ଚର୍ଚ୍ଚାରେ ମୁଡି, ଜୟବର୍ଦ୍ଧନେ, ହେସେନ

**ନୂଆଦିଲ୍ଲୀ, ୩୧।୭**





ଟମ୍ ମୁଡି ମାହେଲା ଜୟବର୍ଦ୍ଧନେ

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ସମେତ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ କୋଚ୍ ପଦ ପାଇଁ ଆବେଦନ କରିବାର ତାରିଖ ଶେଷ ହୋଇଯାଇଛି। ସଦ୍ୟତମ ଚେହେରା ଭାବେ ବର୍ତ୍ତମାନ ଜିମ୍ବାୱେ କ୍ରିକେଟ୍ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଥିବା ଲାଲଚାନ୍ଦ ରାଜପୁତ୍ ହାଇପ୍ରୋଫାଇଲ ମୁଖ୍ୟ କୋଚ୍ ପଦ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। କୋଚ୍ ଚୟନ ପ୍ରକ୍ରିୟାର ୨ୟ ପର୍ଯ୍ୟାୟ ସ୍ୱରୂପ ଏବେ ଆବେଦନ କରିଥିବା ପାର୍ଥୀଙ୍କ ଯାଞ୍ଚ ଓ ଶର୍ଟ ଲିଷ୍ଟ କରାଯିବ। ଏହାପରେ ପୂର୍ବତନ ଅଧିନାୟକ କପିଳ ଦେବ, ବ୍ୟାଟ୍ସମ୍ୟାନ ଅଂଶୁମାନ ଗାଏକ୍ୱାଡ ଓ ମହିଳା ଦଳର ପୂର୍ବତନ ଅଧିନାୟିକା ଶାନ୍ତା ରଙ୍ଗାସ୍ୱାମୀଙ୍କୁ ନେଇ ଗଠିତ କ୍ରିକେଟ୍ ଆଡ୍‌ଭାଜରୀ କମିଟି (ସିଏସି) ଶର୍ଟଲିଷ୍ଟ ହୋଇଥିବା ପାର୍ଥୀଙ୍କ ସାକ୍ଷାତ୍କାର ନେବେ।

ମୁଖ୍ୟ କୋଚ୍ ଦୌଡ଼ରେ ଅନେକ ମହାରଥୀଙ୍କ ନାମ ରହିଥିବା ଚର୍ଚ୍ଚା ହେଉଥିଲେ ମଧ ବର୍ତ୍ତମାନ ସୁଦ୍ଧା କେବଳ ୨ଜଣ ଆବେଦନ କରିଥିବା ସ୍ପଷ୍ଟ ହୋଇଛି। ଏହି ଦୁଇଜଣ ହେଲେ ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ଫିଲ୍ଡିଂ ପ୍ରଶିକ୍ଷକ ରବିନ୍ ସିଂ ଓ ଲାଲ୍‌ଚାନ୍ଦ ରାଜପୁତ୍। ୨୦୦୧ରେ ଅବସର ନେଇଥିବା ରବିନ ପ୍ରଥମେ ୧୯ ବର୍ଷରୁ କମ୍ ଦଳର କୋଚିଂ ଦାୟିତ୍ୱ ତୁଲାଇଥିଲେ। ଏହାପରେ ସେ ୨୦୦୭ରେ ଜାତୀୟ ସିନିୟର ଦଳର ଫିଲ୍ଡିଂ କୋଚ୍ ଭାବେ ଯୋଗ ଦେଇଥିଲେ। ସେହିଭଳି ୨୦୧୧ ବିଶ୍ୱକପ୍ ବିଜୟୀ କୋଚ୍ ଦକ୍ଷିଣ ଆଫ୍ରିକା ଗ୍ୟାରୀ କ୍ରିଷ୍ଟେନ, ୬ ବର୍ଷ ଧରି ନ୍ୟୁଜିଲାଣ୍ଡ ଦଳର କୋଚ୍ ଦାୟିତ୍ୱ ତୁଲାଇଥିବା ମାଇକେଲ ହେସେନ, ପୂର୍ବତନ ଶ୍ରୀଲଙ୍କା କୋଚ୍ ଟମ୍ ମୁଡି, ଶ୍ରୀଲଙ୍କାର ପୂର୍ବତନ ମହାନ ବ୍ୟାଟ୍ସମ୍ୟାନ ମାହେଲା ଜୟବର୍ଦ୍ଧନେ ପ୍ରମୁଖ ଭାରତୀୟ ଦଳର ମୁଖ୍ୟ କୋଚ୍ ପଦ ପାଇଁ ଆବେଦନ କରିଥିବା ଖବର ଜାତୀୟ ଗଣମାଧ୍ୟରେ ରିପୋର୍ଟ ପ୍ରକାଶ ପାଇଥିଲେ ମଧ ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଅପରପକ୍ଷରେ ଫିଲ୍ଡିଂ କୋଚ୍ ପାଇଁ ଦକ୍ଷିଣ ଆଫ୍ରିକାର ଜଣାଶୁଣା ପୂର୍ବତନ ଫିଲ୍ଡର ଜଣ୍ଟି ରୋଡ୍ସ ଆବେଦନ କରିଛନ୍ତି।

# ସିନ୍ଧୁ, ସାଇନାଙ୍କ ର୍ୟାଙ୍କିଙ୍ଗ୍ ସ୍ଥିର

**ନୂଆଦିଲ୍ଲୀ,୩୧।୭(ପିଟି)**

ଦେଶର ଦୁଇ ମହିଳା ସିଙ୍ଗଲ୍ସ ଶଟଲର ପି. ଭି. ସିନ୍ଧୁ ଓ ସାଇନା ନେହ୍ୱାଲଙ୍କ ବିଶ୍ୱ ମାନ୍ୟତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହା ଦର୍ଶାଇଛି ବିଶ୍ୱ ବ୍ୟାଡ୍‌ମିଣ୍ଟନ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ବୁଧବାର ପ୍ରକାଶ ପାଇଥିବା ନୂଆ ର୍ୟାଙ୍କିଙ୍ଗ୍। ନେହ୍ୱାଲ ଆହତ ସମସ୍ୟା ଯୋଗୁ କିଛିଦିନ ହେଲା କୋର୍ଟରୁ ଦୂରେଇ ରହିବା ପରେ ଥାଇଲାଣ୍ଡ ଓପନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ସେ ଆହତ ସମସ୍ୟା ଯୋଗୁ ଇଣ୍ଡୋନେସିଆ ଓପନ ଓ ଜାପାନ ଓପନରୁ ଓହରି ଯାଇଥିଲେ। ଚଳିତ ସିଜନରେ ପ୍ରଥମ ଟାଇଟଲ ଅପେକ୍ଷାରେ ଥିବା ସିନ୍ଧୁ ଇଣ୍ଡୋନେସିଆ ଓପନରେ ଉପବିଜେତା ହୋଇ ରହିଥିଲେ। ହାଇଦ୍ରାବାଦୀ ଶଟଲର ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପକୁ ଦୃଷ୍ଟିରେ ରଖି ଥାଇଲାଣ୍ଡ ଓପନରୁ ଓହରି ଯାଇଛନ୍ତି। ଚଳିତ ବର୍ଷ ଦୁଇ ଟାଇଟଲ ଜିତିଥିବା ଜାପାନର ଆକାନେ ୟାମାଗୁଚି ଶୀର୍ଷସ୍ଥାନ ହାତେଇ ନେଇଛନ୍ତି। ସେ ଚାଇନିଜ ତାଇପେର ତାଇ ଜୁ ୟିଙ୍ଗଙ୍କୁ ପଛରେ ପକାଇ ନୂଆ ନଂ୧ ର୍ୟାଙ୍କ୍ ହୋଇପାରିଛନ୍ତି। ୟାମାଗୁଚିଙ୍କ ସାଥି ନାଜୋମି ଓକୁହାରା ୩ୟ ଓ ଚାଇନାର ଚେନ ୟୁଫେଇ ୪ର୍ଥ ସ୍ଥାନରେ ରହିଛନ୍ତି। ପୁରୁଷ ସିଙ୍ଗଲ୍ସ କେଣ୍ଟୋ ମୋମୋଟା ଶୀର୍ଷ ର୍ୟାଙ୍କରେ ନିଜ ସ୍ଥାନକୁ ଦୃଢ଼ୀଭୂତ କରିଛନ୍ତି। ଭାରତର କିଡାମ୍ବି ଶ୍ରୀକାନ୍ତ ୧୦ମ ସ୍ଥାନରେ ରହିଥିବାବେଳେ ସମୀର ବର୍ମା ୧୩ତମ ସ୍ଥାନ ଅଧିକାର କରିଛନ୍ତି।

# କୋହଲିଙ୍କର ମତ ଦେବା ଅଧିକାର ରହିଛି: ସୌରଭ

**କୋଲକାତା, ୩୧।୭(ପି.ଟି.)**

ଅଧିନାୟକ ଭାବେ ବିରାଟ କୋହଲିଙ୍କର କୋଚ୍ ଚୟନ ପ୍ରକ୍ରିୟାରେ ମତ ଦେବାର ଅଧିକାର ରହିଛି ବୋଲି ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଆଇସିସି ବିଶ୍ୱକପର ସେମିଫାଇନାଲରୁ ଭାରତର ବିଦାୟ ପରେ ଗଣମାଧ୍ୟମସହ ନିଜର ପ୍ରଥମ ଭାବ ବିନିମୟ ଅବସରରେ କୋହଲି ବର୍ତ୍ତମାନର କୋଚ୍ ରବି ଶାସ୍ତ୍ରୀଙ୍କୁ ସମର୍ଥନ କରିଥିଲେ। ଶାସ୍ତ୍ରୀ କୋଚ୍ ପଦ ବଜାୟ ରଖିଲେ ସେ ଖୁସି ହେବେ ବୋଲି କହିଥିଲେ। ଭାରତର ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତ ପରେ ଶାସ୍ତ୍ରୀଙ୍କର କାର୍ଯ୍ୟକାଳ ଶେଷ ହେଉଛି।

''ସେ ହେଉଛନ୍ତି ଅଧିନାୟକ। ତେଣୁ କୋଚ୍ ଚୟନ କ୍ଷେତ୍ରରେ ମତ ଦେବାରେ ତାଙ୍କର ପୂର୍ଣ୍ଣ ଅଧିକାର ରହିଛି'' ବୋଲି ଗାଙ୍ଗୁଲି କହିଛନ୍ତି। ୨୦୧୭ରେ ଶାସ୍ତ୍ରୀ କୋଚ୍‌ଭାବେ ମନୋନୀତ ହେବା ସମୟରେ ଗାଙ୍ଗୁଲି କ୍ରିକେଟ ପରାମର୍ଶଦାତା କମିଟି(ସିଏସି)ର ଅନ୍ୟତମ ସଦସ୍ୟ ଥିଲେ। ଏହି କମିଟିର ଅନ୍ୟ ଦୁଇ ସଦସ୍ୟ ହେଲେ ସଚିନ ତେନ୍ଦୁଲକର ଓ ଭିଭିଏସ ଲକ୍ଷ୍ମଣ। ଏବେ କୋଚ୍ ଚୟନ ପାଇଁ କପିଳ ଦେବ, ଅଂଶୁମାନ ଗାଏକ୍ୱାଡ୍ ଓ ଶାନ୍ତା ରଙ୍ଗାସ୍ୱାମୀଙ୍କୁ ନେଇ ସିଏସି ଗଠିତ ହୋଇଛି। ଆବେଦନ ପାଇଁ ମଙ୍ଗଳବାର ଶେଷ ଦିନ ଥିବାବେଳେ ବର୍ତ୍ତମାନର କୋଚ୍‌ଭାବେ ଶାସ୍ତ୍ରୀ ସ୍ୱାଭାବିକଭାବେ ଚୟନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। କପିଳଙ୍କ ନେତୃତ୍ୱାଧୀନ କମିଟି ଗତ ଡିସେମ୍ବରରେ ଡବଲ୍ୟୁ.ଭି. ରମଣଙ୍କୁ ମହିଳା ଦଳର କୋଚ୍ ଚୟନ କରିଥିଲା।



### କୋଚ୍ ଚୟନ ପ୍ରକ୍ରିୟା

ପ୍ରକାଶ ଯୋଗ୍ୟ ଯେ, କୋଚ୍ ଚୟନ ସମୟରେ କମିଟି କାହାରି କଥାକୁ ଶୁଣିବ ନାହିଁ ବୋଲି ଅନ୍ୟତମ ସଦସ୍ୟ ଗାଏକ୍ୱାଡ ପ୍ରକାଶ କରିଥିଲେ। ''କୋହଲି କ'ଣ କହୁଛନ୍ତି କିମ୍ବା ଅନ୍ୟ କିଏ କ'ଣ କହୁଛି ତା'ର କିଛି ମାନେ ନାହିଁ। ମହିଳା ଦଳର କୋଚ୍ ଚୟନ ସମୟରେ ଅନେକ ବିବାଦ ଉପୁଜିଥିଲା। ଆମେ ସେତେବେଳେ ମଧ କାହା କଥା ଶୁଣି ନ ଥିଲୁ'' ବୋଲି ଗାଏକ୍ୱାଡ କହିଥିଲେ। କୋହଲି କିମ୍ବା ଶାସ୍ତ୍ରୀ ଯାହାବି କହିଥାନ୍ତୁ ଆମେ ବିସିସିଆଇ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବୁ। ଖବରଦାତା ସମ୍ମିଳନୀରେ କୋହଲି ଓ ଶାସ୍ତ୍ରୀ ଯାହାବି କହିଛନ୍ତି ଉଭୟଙ୍କ ଉପସ୍ଥିତିରେ, ଏଥିରେ ଆମର କିଛି ଯାଏ ଆସେ ନାହିଁ। ଆମେ ସ୍ୱାଧୀନଭାବେ ମୁକ୍ତ ମନରେ କୋଚ୍ ଚୟନ କରିବୁ'' ବୋଲି ୬୬ ବର୍ଷୀୟ ଗାଏକ୍ୱାଡ ପ୍ରକାଶ କରିଥିଲେ। ତେବେ ଗାଏକ୍ୱାଡଙ୍କ ମନ୍ତବ୍ୟ ଉପରେ କିଛି ମତ ଦେବାକୁ ଗାଙ୍ଗୁଲି ମନା କରି ଦେଇଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜସ୍ୱ ମତ ରହିଛି ବୋଲି ସେ କହିଛନ୍ତି।

# ଧୋନୀ ଏକମାତ୍ର ଭାରତୀୟ ନୁହନ୍ତି

### ସେନାରେ କ୍ରିକେଟର

**ମୁମ୍ବାଇ,୩୧।୭(ପିଟି)**

ଭାରତୀୟ ଆର୍ମିରେ ସମ୍ମାନଜନକ ଲ୍ୟୁଟ୍‌ନାଣ୍ଟ କଲୋନେଲ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ବୁଧବାରଠାରୁ ଜମ୍ମୁ-କଶ୍ମୀରରେ ଭଲ୍ୟୁଣ୍ଟାରି କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ ପାଟ୍ରୋଲିଂ ମଧ କରିବେ। ତେବେ ଆର୍ମି ଯବାନ ଭାବେ ଦେଶ ସେବା କରୁଥିବା ଧୋନୀ ପ୍ରଥମ କ୍ରିକେଟର ନୁହନ୍ତି। ତାଙ୍କ ପୂର୍ବରୁ ବହୁ ଭାରତୀୟ ଟେଷ୍ଟ ଖେଳାଳି ଆର୍ମିରେ କାର୍ଯ୍ୟ କରିସାରିଛନ୍ତି। ସେମାନଙ୍କ ମଧ୍ୟରେ ସି.କେ. ନାୟୁଡୁ (୧୯୮୫-୧୯୬୭) ପ୍ରଥମ କ୍ରିକେଟର ଭାବେ ଭାରତୀୟ ଆର୍ମିରେ କାର୍ଯ୍ୟ କରିଥିଲେ। ୧୯୩୨ରେ କ୍ୟାରିୟର ଆରମ୍ଭ କରିଥିବା କ୍ରିକେଟର ମୋଟ ଉପରେ ୭ ଟେଷ୍ଟ ଖେଳି ୩୫୦ ରନ୍ କରିବା ସହ ୮ ଉଇକେଟ ନେଇଥିଲେ। ସ୍ୱାଧୀନତା ପରେ ତାଙ୍କୁ କଲୋନେଲ ପଦବୀରେ ସମ୍ମାନିତ କରାଯାଇଥିଲା।



ସଚିନ ତେନ୍ଦୁଲକର



ମହେନ୍ଦ୍ର ସିଂ ଧୋନୀ

ଲ୍ୟୁଟ୍‌ନାଣ୍ଟ କଲୋନେଲ ହେମୁ ଅଧିକାରୀ (୧୯୧୯-୨୦୦୩) ଅଲରାଉଣ୍ଡର ଓ ଦେଶର ଅନ୍ୟତମ ଶ୍ରେଷ୍ଠ ଫିଲ୍ଡର ଭାବେ ପରିଚିତ। ୧୨ ବର୍ଷର ଲମ୍ବା ଟେଷ୍ଟ କ୍ୟାରିୟରରେ ୨୧ ମ୍ୟାଚ୍ ଖେଳିଥିଲେ। ଗୋଟିଏ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇଥିଲେ। ୧୯୭୧ ଇଂଲଣ୍ଡରେ ପ୍ରଥମ ବିଜୟ ହାସଲ କରିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ମେଜର ଭେଙ୍କେଟରମଣ ନାରାୟଣ ସ୍ୱାମୀ (୧୯୨୪-୧୯୮୩) ଜଣେ ମିଡିୟମ ପେସର ଥିଲେ। ସେ ୧୯୬୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ କ୍ୟାରିୟରର ଏକମାତ୍ର ଟେଷ୍ଟ ଖେଳିଥିଲେ। ଲ୍ୟୁଟ୍‌ନାଣ୍ଟ କଲୋନେଲ ଅଲରାଉଣ୍ଡର ଚନ୍ଦ୍ରଶେଖର ଗଡ୍‌କରୀ (୧୯୮୨-୧୯୯୮) ୧୯୫୩ରେ ୬ ଟେଷ୍ଟ ଖେଳିଥିଲେ। ୱିଙ୍ଗ କମାଣ୍ଡର ଭି.ଏମ୍. ମୁଦ୍ଦିହ (୧୯୨୯-୨୦୦୯) ଅଫ ସ୍ପିନର ୨ ଟେଷ୍ଟ ଖେଳି ୧୯୬୦ରେ ପାକିସ୍ତାନ ବିପକ୍ଷରେ ୩ ଉଇକେଟ ନେଇଥିଲେ। ଲ୍ୟୁଟ୍‌ନାଣ୍ଟ କଲୋନେଲ ରମଣ ସୁରେନ୍ଦ୍ରନାଥ (୧୯୩୭-୨୦୧୨) ସୁଇଂ ବୋଲର ଭାବେ ୧୧ ଟେଷ୍ଟରୁ ୨୬ ଉଇକେଟ ନେଇଥିଲେ। ଦୁଇ ଥର ଇନିଂସରେ ୫ ଉଇକେଟ ହାତେଇଥିଲେ। ଲ୍ୟୁଟନାଣ୍ଟ ଜେନେରାଲ ଅପୂର୍ବ ସେନଗୁପ୍ତା (୧୯୩୮-୨୦୧୩) ଏକମାତ୍ର ଟେଷ୍ଟ ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୯୫୯ରେ ଖେଳିଥିଲେ। ଏହି ତାଲିକାରେ ରହିଛନ୍ତି କ୍ରିକେଟର ପ୍ରାୟ ସମସ୍ତ ବ୍ୟାଟିଂ ରେକର୍ଡର ଅଧିକାରୀ ସଚିନ ତେନ୍ଦୁଲକର। ତାଙ୍କୁ ୨୦୧୦ ଇଣ୍ଡିଆନ ଏୟାର ଫୋର୍ସର ଗ୍ରୁପ କ୍ୟାପଟେନ ପଦବୀରେ ସମ୍ମାନିତ କରାଯାଇଥିଲା। ୧୦୦ ଅନ୍ତର୍ଜାତୀୟ ଶତକ ଲଗାଇଥିବା ଏକମାତ୍ର କ୍ରିକେଟର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଦିନିକିଆ ମ୍ୟାଚ୍‌ରେ ୨୦୦ ରନ୍ କରିଥିଲେ।

# ପ୍ରୋ କବାଡ଼ି: ଷ୍ଟିଲର୍ସଙ୍କୁ ହରାଇଲା ପାନ୍ଥର୍ସ

**ମୁମ୍ବାଇ, ୩୧।୭(ପି.ଟି.)**

ଅଧିନାୟକ ଦୀପକ ହୁଡାଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଜୟପୁର ପିଙ୍କ୍ ପାନ୍ଥର୍ସ ଚଳିତ ପ୍ରୋ କବାଡ଼ି ଲିଗ୍‌ରେ ବିଜୟ ଅଭିଯାନ ଜାରି ରଖିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ହରିୟାଣା ଷ୍ଟିଲର୍ସଙ୍କୁ ୩୭-୨୧ ପଏଣ୍ଟରେ ପରାସ୍ତ କରିଛି। ଚଳିତ ଲିଗ୍‌ରେ ଜୟପୁର ଦଳର ୩ ମ୍ୟାଚରୁ ଏହା ୩ୟ ବିଜୟ। ଦ୍ୱିତୀୟାର୍ଦ୍ଧରେ ପ୍ରତିପକ୍ଷ ଦଳକୁ ୨ ଥର ଅଲ୍-ଆଉଟ କରି ପାନ୍ଥର୍ସ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲା। ତାରକା ପ୍ରଦର୍ଶନକାରୀଭାବେ ହୁଡା ସର୍ବାଧିକ ୧୪ ପଏଣ୍ଟ ହାସଲ କରିଥିଲେ। ସନ୍ଦିପ ଧୁଲ ୬ ଓ ବିଶାଲ ୪ ପଏଣ୍ଟ ସଂଗ୍ରହ କରିଥିଲେ। ଦ୍ୱିତୀୟ ମ୍ୟାଚରେ ୟୁ ମୁମ୍ବା ୨୩-୨୭ ପଏଣ୍ଟରେ ୟୁପି ଯୋଦ୍ଧା ନିକଟରୁ ପରାଜିତ ହୋଇଛି।



ପ୍ରୋ କବାଡ଼ି ଲିଗ୍‌ରେ ବୁଧବାର ହରିୟାଣା ଷ୍ଟିଲର୍ସ ଓ ଜୟପୁର ପିଙ୍କ ପାନ୍ଥର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଅଗଷ୍ଟ ୧/୨୦୧୯ Balasore, Thursday, August 1/2019

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଛାତ୍ରୀ ମୃତ

**ସିମୁଳିଆ,୩୧।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ ଅଧୀନ ସାଲୋ ନିକଟରେ ବୁଧବାର ଅପରାହ୍ନରେ ଏକ ବାଇକ୍ ଧକ୍କାରେ ମଧୁସ୍ମିତା ବିଶ୍ୱାଳ(୧୬) ନାମ୍ନୀ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ଗରସଙ୍ଗ ଅଞ୍ଚଳର ଜାମ୍ବେଶ୍ୱର କଲେଜରେ ପଢୁଥିଲେ। ତାଙ୍କ ଘର କଳାଶୁଣୀ ନିକଟସ୍ଥ ନରସିଂହପୁର ଅଞ୍ଚଳରେ। ସେ ସନାତନ ବିଶ୍ୱାଳଙ୍କ କନ୍ୟା । ମଧୁସ୍ମିତା ନିଜ ସହପାଠୀମାନଙ୍କ ସହିତ କଲେଜରୁ ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ତାଙ୍କ ପଛପଟୁ ଆସୁଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍‌ରେ ଥିବା ୩ଜଣ ଆରୋହୀଙ୍କ ମଧ୍ୟରୁ ଭୀମ ସିଂ (୩୨) ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ସିମୁଳିଆ ଡାକ୍ତରଖାନା ନିଆଯାଇ ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ଦୁର୍ଘଟଣାରେ ଯୁବକଙ୍କ ଜୀବନ ଗଲା

**ଭଣ୍ଡାରିପୋଖରୀ, ୩୧।୭ (ସ୍ୱ.ପ୍ର.):** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନଲାଙ୍ଗ ନିକଟ ଜାତୀୟ ରାଜପଥରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ୪୦୭ ଗାଡ଼ି (ନଂ. ଓଆର୍ ୦୪ ଏମ୍ ୦୨୬୦) ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ରାସ୍ତା ପାର୍ ହେଉଥିବା ଉକ୍ତ ଯୁବକଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ଲୁଟେରାଙ୍କୁ ୫ ବର୍ଷ ଜେଲ

**କେନ୍ଦୁଝର, ୩୧।୭ (ସ୍ୱ.ପ୍ର.):** କେନ୍ଦୁଝର ଜିଲା କାଞ୍ଜିପାଣି ଘାଟିରେ ୨୦୧୧ ମସିହା ଜୁଲାଇ ମାସ ୨୬ ତାରିଖ ସକାଳେ ଜଣେ ଟ୍ରକ ଚାଳକଙ୍କୁ ଅଟକାଇ ଲୁଟ କରିଥିବା ୩ଜଣ ଲୁଟେରାଙ୍କୁ ସ୍ଥାନୀୟ ସିଜେଏମ କୋର୍ଟର ବିଚାରପତି ତୀରଞ୍ଜନ ବାରିକ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲ ଦଣ୍ଡ ସହ ୩୦୦୦ ଟଙ୍କା ଜରିମାନା ଆଦେଶ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଅନ୍ୟ ୩ଅଭିଯୁକ୍ତଙ୍କ ଗିରଫ ପାଇଁ ପରୱାନା ଜାରି କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ମାନେ ହେଲେ କୁସୁମିତା ଗ୍ରାମର ସୁଦାମ ଦେହୁରୀ(୩୫), କୁଅଁର ଗ୍ରାମର ବଣ୍ଡଲ ସନ୍ଦଗି (୪୦), ଲକ୍ଷ୍ମଣ ସନ୍ଦଗୀ (୩୮) ବୋଲି ଜଣାପଡିଛି। ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ସିଜେଏମ କୋର୍ଟ ଏହି ଦଣ୍ଡାଦେଶ କରିଥିବା ସରକାରୀ ଓକିଲ ଅଶୋକ ଦାସ କହିଛନ୍ତି।

## ଢାବାରେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ହସ୍ତକ୍ଷେପ

**ବାଲେଶ୍ୱର ଅଫିସ,୩୧।୭**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଇଡ଼କୋ ଛକ ସ୍ଥିତ ରାଜଧାନୀ ଢ଼ାବାରେ ଗତ ୨୬ ତାରିଖରେ ଜଣେ ନାବାଳକ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଅଞ୍ଚଳବାସୀ ଏବଂ ପୋଲିସ ମଧ୍ୟରେ ଘଟିଥିବା ଗଣ୍ଡଗୋଳ ନେଇ ଉଚ୍ଚସ୍ତରୀୟ ତଦନ୍ତ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ମଧ୍ୟାହ୍ନ ସମୟରେ ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ରାଜ୍ୟସଭାପତି ସସ୍ମିତା ଦାସ ଏକ ୪ଜଣିଆ ଟିମ୍ ସହିତ ବାଲେଶ୍ୱର ଆସି ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କୁ ସାକ୍ଷାତ କରିଛନ୍ତି। କାର୍ଯ୍ୟରତ ଅବସ୍ଥାରେ ପୋଲିସକୁ ଆକ୍ରମଣ କରି ଲୋକେ ଆଇନ୍‌କୁ ହାତକୁ ନେବା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ପରିଷଦ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଉଲ୍ଲେଖନୀୟ ଯେ, ରାଜଧାନୀ ଢ଼ାବାରେ ଗତ ୨୬ ତାରିଖରେ ନାବାଳକ କର୍ମଚାରୀ ଭୋଗରାଇ ବ୍ଲକ ଉଲୁଡ଼ା ଗ୍ରାମର ଦେବେନ୍ଦ୍ର ଦଳେଇଙ୍କ ପୁତ୍ର ବିଜୟ (୧୫)ଙ୍କ ଝୁଲନ୍ତା ଶବ ଉଦ୍ଧାର ପରେ ଏହା ଏକ ହତ୍ୟା ଘଟଣା ବୋଲି ଗ୍ରାମବାସୀ ଓ ନାବାଳକଙ୍କ ପରିବାର ଅଭିଯୋଗ କରିଥିଲେ। ପୋଲିସ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି କହିବାରୁ ଲୋକେ ଉତ୍ୟକ୍ତ ହୋଇ ଢ଼ାବାରେ ଭଙ୍ଗାରୁଜା କରି ନିଆଁ ଲଗାଇଦେବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ବାଲିଆପାଳ ଥାନାଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ ପ୍ରତିବାଦ କରିବାରୁ ଲୋକେ ତାଙ୍କୁ ଗୋଡ଼ାଇ ମାଡ଼ ମାରିବା ପରେ ପୁଣି ରାସ୍ତାରୋକୋ କରିଥିଲେ। ପୋଲିସ ଫୋର୍ସ ସହ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର ପହଞ୍ଚି ଲୋକଙ୍କ ଦାବିକୁ ସ୍ୱୀକାର କରିବାରୁ ୭ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ଏହାମଧ୍ୟରେ ଢ଼ାବା ମାଲିକଙ୍କ ଘରକୁ ମଧ୍ୟ ପୋଡ଼ି ଦିଆଯାଇଥିଲା। ମୃତ ବିଜୟଙ୍କ ମା' ଶାନ୍ତିଲତା ଦଳାଇ ଢାବା ମାଲିକ ଓ ଅନ୍ୟ କର୍ମଚାରୀ ତାଙ୍କ ପୁଅ ବିଜୟଙ୍କୁ ମାରିଦେଇ ଆତ୍ମହତ୍ୟା ରୂପ ଦେଇଥିବା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା (ନଂ. ୧୪୭।୧୯) ରୁଜୁ କରିଥିଲା। ମୃତ ବିଜୟ ନାବାଳକ ହୋଇଥିବାରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ବାଲିଆପାଳ ଚାଇଲ୍ଡଲାଇନ ଅଧିକାରୀ ପହଞ୍ଚି ତଦନ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପରିବାର ଲୋକଙ୍କ ଅନୁପସ୍ଥିତିରେ ରାତିରେ ବ୍ୟବଚ୍ଛେଦ କରାଇବାରୁ ଗ୍ରାମବାସୀ ଏହାକୁ ବିରୋଧ କରି ରାସ୍ତାରୋକୋ କରିବା ସହ ପୋଲିସ ଏବଂ ଆମ୍ବୁଲାନ୍ସକୁ ଅଟକାଇଥିଲେ। ଏହି ପରିପ୍ରେକ୍ଷୀରେ ଏଚ୍‌ଆର୍‌ପିସି, କଟକ ଘଟଣାର ତଦନ୍ତ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଡିଏସ୍‌ପି ରଣଜିତ୍ ନାୟକ ଏବଂ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍.ଏନ୍. ଦାସଙ୍କ ତତ୍ତ୍ୱାବଧାନରେ ଏଚ୍‌ଆର୍‌ପିସି ୫ଜଣିଆ ଟିମ୍ ଗତ ୨୮ ତାରିଖରେ ବାଲିଆପାଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସେମାନେ ୨୯ ତାରିଖ ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ମୁଖ୍ୟ ଚିକିତ୍ସାଧିକାରୀ ଓ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ ସରିବା ପରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସେତେବେଳେ ସୂଚନା ଦେଇଥିଲେ। ଥାନା ଆଇଆଇସି ଆଚାର୍ଯ୍ୟଙ୍କୁ ବାଲିଆପାଳରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷେ ପୋଲିସକୁ ଆଇନଗତ ସୁରକ୍ଷା ଦେବାକୁ ଦାବିକରି ସଂଘର ଜଣେ କର୍ମକର୍ତ୍ତାଙ୍କୁ ନିଲମ୍ବିତ ହେବାକୁ ପଡ଼ିଛି। ଏହି ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ରାଜ୍ୟ ପ୍ରତିନିଧି ଦଳ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦାବି ଉପସ୍ଥାପନ କରିବା ଚର୍ଚ୍ଚାର ବିଷୟ ହୋଇଛି।


ବାଲେଶ୍ୱର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଅଫିସ୍ ସମ୍ମୁଖରେ ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦ ରାଜ୍ୟ ସଭାପତି ସସ୍ମିତା ଦାସଙ୍କ ସହ ୪ଜଣିଆ ଟିମ୍।

### ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ/ଧାମନଗର, ୩୧।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଫତେପୁର ଗ୍ରାମର ଚନ୍ଦ୍ରକାନ୍ତ ଥାଟେଇଙ୍କ ୯ ବର୍ଷର ଝିଅ ତଥା ଚତୁର୍ଥ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେ ମଙ୍ଗଳବାର ସନ୍ଧ୍ୟାରେ ଶୌଚ ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ବୁଧବାର ସକାଳୁ କଟକ ନିଆଯାଉଥିବା ବେଳେ ଭଣ୍ଡାରିପୋଖରୀଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆମ୍ବୁଲାନ୍ସ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତା ଶୁଭଶ୍ରୀଙ୍କ ଦାଦା ରମା ଥାଟେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୮/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

## ଗୋରୁ ବୋଝେଇ ୨ ପିକ୍‌ଅପ୍ ଭ୍ୟାନ ଜବତ, ୩ ଗିରଫ


ଜବତ ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ ।

**ବାହାନଗା,୩୧।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ୍ ଗୋପାଳପୁର ଫାଣ୍ଡି ପୋଲିସ ବୁଧବାର ୨ଟି ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କରି ସେଥିରେ ଚୋରା ଚାଲାଣ ହେଉଥିବା ୧୬ ଗୋରୁଙ୍କୁ ଉଦ୍ଧାର କରିଛି। ଗାଡିରେ ଥିବା ୨ ଡ୍ରାଇଭର ଓ ଜଣେ ହେଲପରଙ୍କୁ ଗିରଫ କରାଯାଇଛି। ତାଳପଦା ଅଞ୍ଚଳରୁ ଏହି ଗୋରୁଙ୍କୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା। ଓଡି-୧୩ସି ୧୭୯୩ ନମ୍ବର ବିଶିଷ୍ଟ ଟାଟା ଏସି ପିକ୍‌ଅପ୍ ଭ୍ୟାନରେ ୬ ଏବଂ ଓଡି-୦୧ଏ-୭୦୮୬ ନମ୍ବର ମହିନ୍ଦ୍ରା ପିକ୍‌ଅପ୍ ଗାଡିରେ ୧୦ ଗୋରୁ ରହିଥିଲେ। ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ ଓ ଏଏସଆଇ ପି.ଆର. ଜେନା ସଦଳବଳ ଚଢାଉ କରି ଗାଡି ଦୁଇଟିକୁ ଅଟକାଇଥିଲେ। ପରେ ଗାଡି ଯାଞ୍ଚ କରାଯିବାରୁ ସେଥିରେ ଗୋରୁ ବୋଝେଇ ହୋଇଥିବା ଜଣାପଡିଥିଲା। ଏଥିନେଇ ଖନ୍ତପଡା ଥାନାରେ ମାମଲା ରୁଜୁ କରାଯାଇଛି। ଗିରଫ ଗାଡି ଡ୍ରାଇଭର ସୁନହଟର ସେକ୍ ରାଜାକଙ୍କ ସମେତ ବାଲେଶ୍ୱର ଅଞ୍ଚଳର ଅନ୍ୟଜଣେ ଡ୍ରାଇଭର ସେକ୍ କନ୍‌ୱାର ମହମ୍ମଦ ଓ ହେଲପର ନୂଆପୁର ଗ୍ରାମର ଗଣପତି ମହାଳିକଙ୍କୁ ପୋଲିସ ଗିରଫ କରି ଏହି ଗୋ ଚାଲାଣ ପଛରେ ଆଉ କାହାର ହାତ ଅଛି, ସେ ନେଇ ତନାଘନା ଆରମ୍ଭ କରିଛି । ଉଲ୍ଲେଖନୀୟ ଯେ, ଗତ ମଙ୍ଗଳବାର ଖନ୍ତପଡା ଥାନା ଅଧୀନ ଶ୍ରୀଜଙ୍ଗ ଛକଠାରେ କେତେକ ବ୍ୟକ୍ତି ଗୋ ଚାଲାଣ ହେଉଥିବା ଦେଖି ଗାଡିକୁ ଅଟକାଇ ଡ୍ରାଇଭରଙ୍କୁ ମାଡ ମାରି ସବୁ ଗୋରୁଙ୍କୁ ଅଟାସପୁର ସମଦ୍ରଆଡିଆ ଅଞ୍ଚଳକୁ ନେଇଯାଇଥିଲେ। ଏ ବାବଦରେ ଖନ୍ତପଡା ଥାନା କିମ୍ବା ଗୋପାଳପୁର ଫାଣ୍ଡି ଅଞ୍ଚଳରେ କୌଣସି ଅଭିଯୋଗ ହୋଇ ନ ଥିଲା । ଏହି ଘଟଣାକୁ ଦୃଷ୍ଟିରେ ରଖି ପୋଲିସ ସଲ୍ଟରୋଡ ରାସ୍ତା ଉପରେ କଡା ନଜର ରଖି କାର୍ଯ୍ୟ କରୁଥିବା କହିଛି।

**୧୬ ଗୋରୁଙ୍କୁ ଉଦ୍ଧାର କରାଗଲା**

### ସାପ କାମୁଡ଼ାରେ ଜୀବନ ଗଲା

**ପାଟଣା,୩୧।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଡୁରୁମୁଙ୍ଗା ଥାନା ମଲାରପଦା ପଞ୍ଚାୟତ ମୟୁରପଙ୍ଖା ଗ୍ରାମରେ ସାପ କାମୁଡ଼ାରେ ଜଣେ ବିବାହିତା ମହିଳାଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଉକ୍ତ ଗ୍ରାମର ନେପା ମୁଣ୍ଡାଙ୍କ ସ୍ତ୍ରୀ ମଲ୍ଲି ମୁଣ୍ଡା(୨୨)। ସେ ନିଜ ବାଡ଼ିରେ କାମ କରୁଥିବା ସମୟରେ କୌଣସି ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଡ଼ସାହି,୩୧।୭(ସ୍ୱ.ପ୍ର)**

ବଡ଼ସାହି ଥାନା ଅଧୀନ କଉଡିଖେଣି ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ବୁଧବାର ପୋଲିସ ଉଦ୍ଧାର କରିଛି। ଯୁବକ ଜଣକ ହେଲେ ରାମେଶ୍ୱର ହାଁସଦା (୨୩)। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୪/୧୯) ରୁଜୁ ହୋଇଛି । ରାମେଶ୍ୱର କଟକରେ ପାଠ ପଢୁଥିଲେ। ଘରକୁ ଆସି ମଙ୍ଗଳବାର ରାତିରେ ଖାଇପିଇ ଶୋଇବା ପରେ ବୁଧବାର ସକାଳେ ତାଙ୍କର ମୃତଦେହ ଝୁଲୁଥିବା ଦେଖି ପରିବାର ଲୋକେ ପୋଲିସକୁ ଜଣାଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ।

## ତାଡିଲେ ମହିଳା, ଭାଙ୍ଗିଲେ ମଦ ଦୋକାନ


ନୀଳଗିରି ଥାନା ସମ୍ମୁଖରେ ମଦ ବିରୋଧୀ ମହିଳା।

**ସଜନାଗଡ଼,୩୧।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ମିତ୍ରପୁର କାଠପାଳ ଅଞ୍ଚଳରେ ଚୋରା ମଦ କାରବାର ବିରୋଧରେ ମହିଳାମାନଙ୍କ ଆନ୍ଦୋଳନ ତେଜିବାରେ ଲାଗିଛି। ଚୋରାମଦ କାରବାର ବୃଦ୍ଧି ଯୋଗୁ ନାନା ବିଶୃଙ୍ଖଳା ଓ ଗଣ୍ଡଗୋଳ ଘଟୁଥିବା ମହିଳାମାନେ ଅଭିଯୋଗ କରି ମଦ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ ମଧ୍ୟ ଅବକାରୀ ଓ ପୋଲିସ ବିଭାଗ କୌଣସି ପଦକ୍ଷେପ ନେଉ ନାହିଁ। କାଠପାଳ ଇଟାଭାଟି ଛକରେ ଜଣେ ବ୍ୟକ୍ତି ଚୋରା ମଦ ବେପାର କରୁଥିବାରୁ ଗରିବ ଖଟିଖିଆ ଲୋକେ ସେଠାରୁ ମଦ ପିଇ ଘରେ ସ୍ତ୍ରୀ ପିଲାଛୁଆମାନଙ୍କୁ ମାଡ଼ ମାରୁଥିବା ଏବଂ ଏଭଳି ହିଂସା ଘଟଣାକୁ ନେଇ ଆଦିବାସୀ ଶ୍ରମିକ ଓ ଗରିବ ଲୋକଙ୍କ ଘରେ ଚୁଲି ଜଳୁ ନ ଥିବା ପଦାକୁ ଆସିବା ପରେ ବୁଧବାର ସକାଳେ ଶତାଧିକ ମହିଳା ହାତରେ ଝାଡୁ ଓ ଠେଙ୍ଗା ଧରି ସେଠାକାର ମଦ ଦୋକାନକୁ ଭାଙ୍ଗିଦେବା ସହ ବହୁ ମଦକୁ ଫିଙ୍ଗି ନଷ୍ଟ କରିଦେଇଛନ୍ତି। ଦୀର୍ଘ ସମୟ ଧରି ମହିଳା ଗୋଷ୍ଠୀ ସେଠାରେ ଭଙ୍ଗାରୁଜା କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ମଦ ବିରୋଧୀ ଅଭିଯାନ ଚଳାଇଥିଲେ। ସେମାନେ ମଧ୍ୟ ନୀଳଗିରି ଥାନାକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଆନ୍ଦୋଳନକାରୀ ମହିଳା ଦର୍ଶାଇଛନ୍ତି ଯେ, ଘଟଣାସ୍ଥଳରୁ ମାତ୍ର ୩ କି.ମି. ଦୂରରେ ଅଯୋଧ୍ୟା ଫାଣ୍ଡି ଥିବା ସତ୍ତ୍ୱେ ପୋଲିସ ଘଟଣାସ୍ଥଳକୁ ଆସି ନ ଥିଲା। ଏ ନେଇ ଉତ୍ୟକ୍ତ ମହିଳା ନୀଳଗିରି ଥାନାକୁ ଯାଇ ଚୋରା ମଦ ବେପାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କାଠପାଳ ଅଞ୍ଚଳକୁ ଚୋରା ମଦମୁକ୍ତ କରିବା ଲାଗି ଲିଖିତ ଅଭିଯୋଗ କରିଥିଲେ। ରୁକ୍ମିଣୀ ମହାଳିକ, ସୁକାନ୍ତି ମହାଳିକ, ପ୍ରମିଳା ଚୌଧୁରୀ, ଶାନ୍ତିଲତା ଚୌଧୁରୀ, ଗୌରୀମଣି ଚୌଧୁରୀ, ଶକୁନ୍ତଳା ଦଣ୍ଡପାଟ, ଯମୁନା ପାତ୍ର, ଗୀତାଞ୍ଜଳି ମହାଳିକ, ଶୁଭଲକ୍ଷ୍ମୀ ମହାଳିକ, ସୀମା ମହାଳିକ, ଜୟନ୍ତୀ ମହାଳିକ ପ୍ରମୁଖ ଥାନା ଆଗରେ ବିକ୍ଷୋଭ କରି ଦାବି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳା ଦଣ୍ଡପାଟ, ମଞ୍ଜୁଲତା ଦଣ୍ଡପାଟ, ସୁମତୀ ଦାସ, ନିନି ଦଳେଇ, ସସ୍ମିତା ନାୟକ, ରଞ୍ଜିତା ବେହେରା, ଭାନୁମତି ଖଣ୍ଡେଇ ସମେତ ବହୁ ମହିଳା ଉପସ୍ଥିତ ଥିଲେ।

## ଅଟୋକୁ ପିଟିଲା ଡମ୍ଫର: ୧ ମୃତ, ୨ଗୁରୁତର


ଦୁର୍ଘଟଣା ପରେ ଉତ୍ତେଜିତ ଲୋକଙ୍କ ରାସ୍ତାରୋକୋ।

**ବସ୍ତା,୩୧।୭(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ୬୦ ନଂ ଜାତୀୟ ରାଜପଥର ପୁନସୀତା ଗ୍ରାମ ନିକଟରେ ଡମ୍ଫର ଏକ ଅଟୋ ରିକ୍ସାକୁ ଧକ୍କା ଦେବାରୁ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଘଟାଇ ଡମ୍ଫର ଖସି ପଳାଇ ଯାଇଛି। ଏ ନେଇ ଦୁର୍ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତା ରୋକୋ କରିବାରୁ ଶତାଧିକ ଗାଡ଼ିମଟର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ବସ୍ତା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଦୁର୍ଘଟଣାଗ୍ରସ୍ତ ଅଟୋକୁ ପୋଲିସ ଜବତ କରି ଅଧିକ ତଦନ୍ତ ଚଳାଇଛି। ବୁଧବାର ଅପରାହ୍ନରେ ଓଡ଼ି୦୧ଏସ-୯୩୦୦ ନମ୍ବର କାହ୍ନା ନାମକ ଏକ ଅଟୋରିକ୍ସା ଯାତ୍ରୀ ନେଇ ବାଲେଶ୍ୱରରୁ ସିଂଲା ଅଭିମୁଖେ ଆସୁଥିବାବେଳେ ସାମ୍ନାପଟୁ ଏକ ଡମ୍ଫର ଏହାକୁ ଧକ୍କା ଦେଇଥିଲା। ସେଠାରେ ଅଟୋ ଓଲଟି ପଡ଼ି ଭାଙ୍ଗି ଚୁର୍‌ମାର୍ ହୋଇଯାଇଥିଲା। ଏଥିରେ ଡ୍ରାଇଭର ସମେତ ୩ ଜଣ ଗୁରୁତର ଆହତ ହୋଇଥିଲେ। ଜାତୀୟ ରାଜପଥ ଆମ୍ବୁଲାନ୍ସ ଗୁରୁତରମାନଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲା। ଆହତ ୩ଜଣ ହେଲେ ସିଂଲା ଥାନା ଅନ୍ତର୍ଗତ ସିତାଡ଼ିହା ଗ୍ରାମର ବିବେକାନନ୍ଦ ବେହେରା, ମନ୍ମଥ ସାହୁ ଓ କଷାଫଳ ଗ୍ରାମର ସୁକୁମାର ମାଝି । ସେଠାରେ ଡାକ୍ତର ସୁକୁମାର ମାଝିଙ୍କୁ ମୃତ ଘୋଷଣା କରିଥିଲେ। ଅଟୋରିକ୍ସାର ମାଲିକ ବିବେକାନନ୍ଦ ଅଟୋ ଚଳାଉଥିଲେ।

**ଦୁର୍ଘଟଣାକୁ ନେଇ ଉତ୍ତେଜନା, ରାସ୍ତାରୋକୋ**






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ